


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-5 ♦BHUBANESWAR ♦SATURDAY ♦29 JUNE 2024 ♦PAGE-16 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୫ ♦ଭୁବନେଶ୍ୱର ♦ଶନିବାର ♦୨୯ ଜୁନ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦

# ସଂସଦରେ 'ନିଟ୍' ଝଡ଼

## ସୋମବାର ଯାଏ ଉଭୟ ଗୃହ ମୁଲତବୀ





■ ନୂଆଦିଲ୍ଲୀ, ୨୮।୬ (ଏଜେନ୍ସି): ସାରା ଦେଶରେ ବୋହୁଥିବା 'ନିଟ୍' ଓ 'ନେଟ୍' ଝଡ଼ ସଂସଦରେ ସୃଷ୍ଟି କରିଛି ତାଣ୍ଡବ। ବିରୋଧୀଙ୍କ ଗର୍ଜନ, ଗୃହର ମଧ୍ୟଭାଗରେ ବିରୋଧ, ଜଣେ ସାଂସଦଙ୍କ ଅସୁସ୍ଥତା, ବାଚସ୍ପତିଙ୍କ ତାଗିଦ୍ ମଧ୍ୟରେ ସଂସଦ ଅଧିବେଶନର ୫ମ ଦିନ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛି। ଲୋକସଭା ବାଚସ୍ପତି ଓ ରାଜ୍ୟସଭା ଅଧ୍ୟକ୍ଷ ଆସନ୍ତା ସୋମବାର ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଛନ୍ତି।

ଶୁକ୍ରବାର ସକାଳେ ନିଟ୍ ବିଭ୍ରାଟ ଉପରେ ଚର୍ଚ୍ଚା ଓ ବିମର୍ଷ ପାଇଁ ବିରୋଧୀଦଳ ଲୋକସଭାରେ ଦାବି କରିଥିଲେ। ଏଥିପାଇଁ ବିରୋଧୀ ଦଳର ୨୨ ସାଂସଦଙ୍କ ପକ୍ଷରୁ ଏକ ପ୍ରସ୍ତାବ ମଧ୍ୟ ଆଗତ କରାଯାଇଥିଲା। ମାତ୍ର ବାଚସ୍ପତି ଏହି ପ୍ରସ୍ତାବକୁ ଖାରଜ କରି ଦେଇଥିଲେ ଓ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ମଧ୍ୟରେ ଏହି ଚର୍ଚ୍ଚା ହୋଇ ପାରିବ ନାହିଁ ବୋଲି ଘୋଷଣା କରିବା ପରେ ଆରମ୍ଭ ହୋଇଥିଲା ହଙ୍ଗାମା। ବିରୋଧୀ ଦଳର ସଦସ୍ୟମାନେ ଏହି ପ୍ରସଙ୍ଗ ଦେଶର ଲକ୍ଷଲକ୍ଷ ଛାତ୍ରଙ୍କ ଭବିଷ୍ୟତ ସହ ଜଡ଼ିତ ଥିବା ଉଲ୍ଲେଖ କରି ଏ ସମ୍ପର୍କରେ ଆଲୋଚନା ପାଇଁ ଅଡ଼ି ବସିଥିଲେ। ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିଟ୍ ଆଲୋଚନାରେ ଭାଗ ନେବାକୁ ଗୃହରେ ଅନୁରୋଧ କରିଥିଲେ; ▶ପୃଷ୍ଠା-୯

**ବିରୋଧୀଙ୍କ ଆଲୋଚନା ଦାବିକୁ ବାଚସ୍ପତିଙ୍କ ପ୍ରତ୍ୟାଖ୍ୟାନ**

**କହିବା ବେଳେ ବନ୍ଦ କରି ଦିଆଗଲା ରାହୁଲ୍ ଗାନ୍ଧୀଙ୍କ ମାଇକ୍**

**ରାଜ୍ୟସଭା ମଧ୍ୟଭାଗରେ ବିଜେଡି ସମେତ ବିରୋଧୀ ଦଳଙ୍କ ବିକ୍ଷୋଭ**

### ଆଲୋଚନା ପାଇଁ ପ୍ରସ୍ତୁତ: ଧର୍ମେନ୍ଦ୍ର



'ନିଟ୍' ପ୍ରସଙ୍ଗରେ ସଂସଦରେ ଅଚଳାବସ୍ଥା ସୃଷ୍ଟି ହୋଇ ଗୃହକୁ ସୋମବାର ପର୍ଯ୍ୟନ୍ତ ମୁଲତବୀ କରାଯାଇଛି। ଏହା ମଧ୍ୟରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଟ୍ ପ୍ରସଙ୍ଗରେ ଚର୍ଚ୍ଚା ପାଇଁ ସରକାର ପ୍ରସ୍ତୁତ ବୋଲି କହିଛନ୍ତି। ସେ କହିଛନ୍ତି ଏହି ପ୍ରସଙ୍ଗରେ ସରକାର ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି, ମାତ୍ର ସବୁକିଛି ପରମ୍ପରା ଓ ମର୍ଯ୍ୟାଦା ମଧ୍ୟରେ ହେବା ଆବଶ୍ୟକ। ଗତକାଲି ରାଷ୍ଟ୍ରପତି ନିଜ ଅଭିଭାଷଣରେ ନିଟ୍ ପରୀକ୍ଷା ପ୍ରସଙ୍ଗ ଉଲ୍ଲେଖ କରିଛନ୍ତି। ସରକାର ଏହି ପ୍ରସଙ୍ଗରେ ନିଜ ପକ୍ଷ ରଖିବାକୁ ମଧ୍ୟ ସରକାର ପ୍ରସ୍ତୁତ ଅଛନ୍ତି। ଏହାର ସିବିଆଇ ତଦନ୍ତ ଆରମ୍ଭ ହୋଇଛି ଏବଂ ଏକ ଉଚ୍ଚସ୍ତରୀୟ କମିଟି ମଧ୍ୟ ଗଠନ ହୋଇଛି। ରାଜନୀତିରୁ ବାହାରକୁ ଆସି ବିରୋଧୀ ଆଲୋଚନାରେ ସାମିଲ ହୁଅନ୍ତୁ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

# ନିଟ୍ ଘୋଟାଲା: ଆଉ ୩ ଗିରଫ

### ୫ ରାଜ୍ୟରୁ ଗିରଫ ହେଲେଣି ୨୭

■ ନୂଆଦିଲ୍ଲୀ, ୨୮।୬ (ଏଜେନ୍ସି): ନିଟ୍ ପେପର ଲିକ୍ ଘଟଣାରେ ଝଡ଼ଖଣ୍ଡର ହଜାରିବାଗ ଅଞ୍ଚଳରୁ ଓଏସିସ୍ ସ୍କୁଲର ଅଧ୍ୟକ୍ଷ ଏହସାନ ଉଲ୍ ହକ୍, ଉପାଧ୍ୟକ୍ଷ ଇମ୍ତିଆଜ ଓ ଜଣେ ସାମ୍ବାଦିକ ଜମାଲୁଦ୍ଦିନଙ୍କୁ ଗିରଫ କରିଛି ସିବିଆଇ। ଗିରଫ ପରେ ଏହି ୩ ଜଣଙ୍କୁ ଝାଡ଼ଖଣ୍ଡରୁ ବିହାର ଅଣାଯାଇଛି। ସିବିଆଇ ଓ ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ୩ ମଇରେ ନିଟ୍ ପ୍ରଶ୍ନପତ୍ରକୁ ବ୍ଲୁ ଡ଼ାର୍ଟ କୋରିଅର ଯୋଗେ ହଜାରିବାଗ ନୂତନ ନଗର କେନ୍ଦ୍ରରୁ ବ୍ୟାଙ୍କ ଚେଷ୍ଟରେ ରଖାଯିବା ନିମନ୍ତେ ନେବା ପରିବର୍ତ୍ତେ ପ୍ରଥମେ ଓଏସିସ୍ ସ୍କୁଲକୁ ଅଣା ଯାଇଥିଲା। ଏହା ପରେ ସେଠାରୁ ବ୍ୟାଙ୍କ ପଠା ଯାଇଥିଲା। ଏହି ପ୍ରଶ୍ନ ପତ୍ର ପ୍ୟାକେଟ୍ ସ୍କୁଲରେ ଖୋଲାଯାଇଥିବା ସିବିଆଇ ସନ୍ଦେହ କରୁଛି। ▶ପୃଷ୍ଠା-୯

# ମନୋଜ ଆହୁଜା ନୂଆ ମୁଖ୍ୟ ଶାସନ ସଚିବ



■ ଭୁବନେଶ୍ୱର, ୨୮।୬ (ସମିସ): ମନୋଜ ଆହୁଜା ହେବେ ରାଜ୍ୟର ନୂଆ ମୁଖ୍ୟ ଶାସନ ସଚିବ। ଆସନ୍ତା ୩୦ ତାରିଖରେ ବର୍ତ୍ତମାନର ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଯାଉଛି। ଏହା ପୂର୍ବରୁ ଶ୍ରୀ ଆହୁଜାଙ୍କୁ ରାଜ୍ୟ ସରକାର ନୂଆ ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତି ଦେଇଛନ୍ତି। ଏ ସଂପର୍କରେ ଶୁକ୍ରବାର ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଶ୍ରୀ ଆହୁଜା ୪୬ ତମ ମୁଖ୍ୟ ଶାସନ ସଚିବ ସହିତ ରାଜ୍ୟର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ସଚିବ ଭାବେ ମଧ୍ୟ ଦାୟିତ୍ୱ ଗ୍ରହଣ କରିବେ ବୋଲି ଉକ୍ତ ବିଜ୍ଞପ୍ତିରେ ଦର୍ଶାଯାଇଛି। ୧୯୯୦ ବ୍ୟାଚ୍‌ର ବରିଷ୍ଠ ଆଇଏଏସ୍ ଶ୍ରୀ ଆହୁଜା କେନ୍ଦ୍ରୀୟ ଡେପୁଟେସନ୍‌ରେ ▶ପୃଷ୍ଠା-୯

**ଜୁନ୍ ୩୦ରେ ଅବସର ନେବେ ପ୍ରଦୀପ ଜେନା**

**୫ ମାସ ପରେ ମୁକୁଳିଲେ ହେମନ୍ତ**

# ଦୁର୍ନୀତିର ପ୍ରମାଣ ନାହିଁ: ହାଇକୋର୍ଟ



■ ରାଞ୍ଚି, ୨୮।୬ (ଏଜେନ୍ସି): ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଶୁକ୍ରବାର ଝାଡ଼ଖଣ୍ଡ ହାଇକୋର୍ଟ ଜାମିନ ପ୍ରଦାନ କରିଛନ୍ତି। ଜମି ଦୁର୍ନୀତି ଓ ମନି ଲଣ୍ଡରିଂ ମାମଲାରେ ତାଙ୍କୁ ଗତ ଜାନୁଆରୀ ୩୧ରେ କେନ୍ଦ୍ରୀୟ ଯାଞ୍ଚ ଏଜେନ୍ସି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରିଥିଲା। ସୋରେନ ମୁଖ୍ୟମନ୍ତ୍ରୀ ଥିବା ବେଳେ କ୍ଷମତାର ଦୁରୁପଯୋଗ କରି ରାଞ୍ଚିରେ ୮.୮୬ ଏକର ମୂଲ୍ୟବାନ ଜମି ହାତେଇ ନେଇଥିବା ଇଡି ଅଭିଯୋଗ କରିଥିଲା। ଝାଡ଼ଖଣ୍ଡ ହାଇକୋର୍ଟ ସୋରେନଙ୍କ ଜାମିନ ଆବେଦନର ଶୁଣାଣି ଗତ ୧୩ ତାରିଖରେ ସାରି ରାୟ ସଂରକ୍ଷିତ ରଖିଥିଲେ। ହାଇକୋର୍ଟ ତାଙ୍କ ରାୟରେ ଲେଖିଛନ୍ତି, ସୋରେନ କୌଣସି ବେଆଇନ କାର୍ଯ୍ୟ ▶ପୃଷ୍ଠା-୯

**'ଯୋଜନାବଦ୍ଧ ଭାବେ ସ୍ୱର ଚପାଇ ଦିଆଯାଉଛି'**

**ସୃଷ୍ଟି ହେଲା ଲଘୁଚାପ**

# ଆଜି ୬ ଜିଲ୍ଲାରେ ପ୍ରବଳ ବର୍ଷା ଆଶଙ୍କା



■ ଭୁବନେଶ୍ୱର,୨୮।୬(ସମିସ): ଗତ ୩ଦିନ ହେବ ସକ୍ରିୟ ଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହୋଇଛି। ଯଦିଓ ଏହି ଲଘୁଚାପର ପ୍ରଭାବ ବିଶେଷ ଅଧିକ ରହିବ ନାହିଁ; ତଥାପି ଏହାର ପ୍ରଭାବରେ ଶନିବାର କିଛି ଜିଲ୍ଲାରେ ବର୍ଷା ହୋଇପାରେ। ବର୍ତ୍ତମାନ ରାଜ୍ୟରେ ମୌସୁମୀ ସକ୍ରିୟ ଥିବାବେଳେ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହୋଇଥିବାରୁ କିଛି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହାକୁ ଦୃଷ୍ଟିରେ ରଖି ୨୯ ତାରିଖ ପାଇଁ ରାଜ୍ୟର କିଛି ଜିଲ୍ଲା ପାଇଁ ଆଲର୍ଟ ଜାରି ହୋଇଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସୂଚନା ଅନୁସାରେ, ଶନିବାର ଝାରସୁଗଡ଼ା, ସମ୍ବଲପୁର, ବରଗଡ଼, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ ଆଦି ଜିଲ୍ଲାରେ ପ୍ରବଳ ▶ପୃଷ୍ଠା-୯

## ଲୋକକଥା



ମଦ ବନ୍ଦ ଚର୍ଚ୍ଚା ଜୋର୍ ଚାଲିଛି
ମନ୍ତ୍ରୀଙ୍କ ବୟାନ ପାଇଁ,
ଏଣେ ପୁଣି ମଦ ଦୋକାନ ଖୋଲିବ
ବିଜ୍ଞାପନ ଦେଲେ ଥୋଇ !
ରହସ୍ୟ କି ଅଛି ରହି,
ଅବା ନୂଆ ନୂଆ ସର୍କାର ହେବାରୁ
କହୁ କହୁ ଦେଲେ କହି !!

**ମୁଖ୍ୟ ସଚିବ ନିଯୁକ୍ତି**

# ଭାଙ୍ଗିଲା ୪୪ ବର୍ଷର ପରମ୍ପରା

■ ଭୁବନେଶ୍ୱର, ୨୮।୬ (ସମିସ): ଦୀର୍ଘ ୪୪ ବର୍ଷ ପରେ ଓଡ଼ିଶା ପ୍ରଶାସନର ମୁଖ୍ୟ ହେବେ ଜଣେ ଅଣ ଓଡ଼ିଆ ଆଇଏଏସ୍। ୧୯୮୦ ମସିହାଠାରୁ ୨୦୨୪ ପର୍ଯ୍ୟନ୍ତ ରାଜ୍ୟ ପ୍ରଶାସନର ଏହି ମୁଖ୍ୟ ପଦବୀରେ ଓଡ଼ିଆ ଆଇଏଏସ୍‌ମାନଙ୍କୁ ହିଁ ନିଯୁକ୍ତି ମିଳି ଆସୁଥିଲା। ୪୪ ବର୍ଷ ପରେ ଏହି ପରମ୍ପରା ଭାଙ୍ଗିଛି ଏବଂ ୧୯୯୦ ବ୍ୟାଚ୍‌ର ଆଇଏଏସ୍ ମନୋଜ ଆହୁଜାଙ୍କୁ ରାଜ୍ୟ ମୁଖ୍ୟ ସଚିବ ଭାବରେ ନିଯୁକ୍ତି ମିଳିଛି। ୧୯୮୦ ମସିହାରେ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି ସମୟରେ ପ୍ରଥମଥର ଓଡ଼ିଆ ଆଇଏଏସ୍ ସୁଧାଂଶୁ ମୋହନ ପଟ୍ଟନାୟକଙ୍କୁ ମୁଖ୍ୟ ସଚିବ ଭାବରେ ଅବସ୍ଥାପିତ କରାଯାଇଥିଲା। ୧୯୮୦ରୁ ୨୦୨୪ ମଧ୍ୟରେ ଜାନକୀ ବଲ୍ଲଭ ପଟ୍ଟନାୟକ, ବିଜୁ ପଟ୍ଟନାୟକ, ହେମାନନ୍ଦ ବିଶ୍ୱାଳ, ଗିରିଧର ଗମାଙ୍ଗ, ନବୀନ ପଟ୍ଟନାୟକ ସରକାରରେ ଏହି ପରମ୍ପରା ଧାରା ବଜାୟ ରଖାଯାଇଛି। ଏବେ ନବ ନିର୍ବାଚିତ ବିଜେପି ସରକାର ଏହି ପରମ୍ପରାକୁ ଭାଙ୍ଗି ଶ୍ରୀ ଆହୁଜାଙ୍କୁ ନିଯୁକ୍ତି ଦିଆଯାଇଛି। ▶ପୃଷ୍ଠା-୯


**୧୯୮୦ରେ ପ୍ରଥମ ଓଡ଼ିଆ ମୁଖ୍ୟ ସଚିବ ହୋଇଥିଲେ ସୁଧାଂଶୁମୋହନ**

**ରାଜ୍ୟରେ ରାଷ୍ଟ୍ରପତି ଶାସନ କାଳରେ ସୁଧାଂଶୁଙ୍କୁ ଦିଆଯାଇଥିଲା ନିଯୁକ୍ତି**

**ସେବେଠାରୁ ଓଡ଼ିଆ ଆଇଏଏସ୍ ହୋଇଛନ୍ତି ରାଜ୍ୟର ମୁଖ୍ୟ ଶାସନ ସଚିବ**

**ଜାନକୀ, ବିଜୁ, ହେମାନନ୍ଦ, ଗିରିଧର, ନବୀନ ସରକାରରେ ଥିଲେ ଓଡ଼ିଆ ମୁଖ୍ୟ ସଚିବ**

# ଭୁଶୁଡ଼ିଲା ଦିଲ୍ଲୀ ବିମାନବନ୍ଦର ଛାତ; ୧ ମୃତ




## ମାର୍ଚ୍ଚରେ ଉଦ୍‌ଘାଟନ କରିଥିଲେ ପ୍ରଧାନମନ୍ତ୍ରୀ

■ ନୂଆଦିଲ୍ଲୀ, ୨୮।୬ (ଏଜେନ୍ସି): ମଧ୍ୟପ୍ରଦେଶର ଡୁମନା ବିମାନବନ୍ଦର ପରେ ଶୁକ୍ରବାର ସକାଳ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର (ଆଇଜିଆଇ) ରେ ବଡ଼ ଦୁର୍ଘଟଣା ଘଟିଛି। ଦିଲ୍ଲୀ-ଏନ୍‌ସିଆରରେ ବର୍ଷା ଯୋଗୁଁ ବିମାନବନ୍ଦରର ଟର୍ମିନାଲ-୧ର ପାର୍କିଂ ଛାତ ଭୁଶୁଡ଼ିପଡ଼ିଛି। ଏହି ଦୁର୍ଘଟଣାରେ କାର୍‌ରେ ବସିଥିବା କ୍ୟାବ୍ ଡ୍ରାଇଭର ରମେଶ କୁମାର (୪୫)ଙ୍କ ମୃତ୍ୟୁ ହୋଇଛି। ୮ ଜଣ ମଧ୍ୟ ଆହତ ହୋଇଛନ୍ତି। ମେଦାନ୍ତ ହସ୍ପିଟାଲରେ ଆହତଙ୍କ ଚିକିତ୍ସା ଜାରି ରହିଛି। ଅନେକ ଗାଡ଼ି ଅବଶେଷ ତଳେ ଦବି ରହିଛି। ଏହି ଦୁର୍ଘଟଣାକୁ ନେଇ ଯାତ୍ରୀ ଭୟଭିତ ହୋଇଯାଇଛନ୍ତି। ଏକ ନମ୍ବର ଟର୍ମିନାଲରୁ ବିମାନ ପରିଚାଳନାକୁ ବନ୍ଦ କରିଦିଆଯାଇଛି। ଏହାର ସୂଚନା ପାଇବା ପରେ ଦିଲ୍ଲୀ ଦମକଳ ▶ପୃଷ୍ଠା-୯

**ଦବି ରହିଛି ଅନେକ କାର୍**

**ବିମାନ ଉଡ଼ାଣ ସ୍ଥଗିତ**

**ବିରୋଧୀ-ଶାସକ ଦୋଷ ଲଦାଲଦି** | **ସବୁ ବିମାନବନ୍ଦରର ସମୀକ୍ଷା ହେବ: ମନ୍ତ୍ରୀ**



# ଜାତୀୟ ପରିସଂଖ୍ୟାନ ଦିବସ



ଦୈନନ୍ଦିନ ଜୀବନରେ ପରିସଂଖ୍ୟାନର ବ୍ୟବହାରକୁ ଲୋକପ୍ରିୟ କରିବା ପାଇଁ ଏବଂ ଯୋଜନା ପ୍ରଣୟନ କ୍ଷେତ୍ରରେ ଏହାର ଭୂମିକା କିପରି ରହିଛି, ସେ ସମ୍ବନ୍ଧରେ ଜନସାଧାରଣଙ୍କୁ ଅବଗତ କରିବା ପାଇଁ ପ୍ରତିବର୍ଷ ଜୁନ୍ ୨୯ ତାରିଖକୁ ଭାରତ ସରକାର ଜାତୀୟ ପରିସଂଖ୍ୟାନ ଦିବସ ଭାବେ ପାଳନ କରୁଛନ୍ତି । ଜାତୀୟ ପରିସଂଖ୍ୟାନ ପଦ୍ଧତିକୁ ପ୍ରଫେସର ପ୍ରଶାନ୍ତ ଚନ୍ଦ୍ର ମହାଲନୋବିସଙ୍କ ମହତ୍ତ୍ୱପୂର୍ଣ୍ଣ ଯୋଗଦାନର ସ୍ୱୀକୃତି ସ୍ୱରୂପ ପ୍ରତିବର୍ଷ ତାଙ୍କ ଜୟନ୍ତୀ ଜୁନ୍ ୨୯ ଅବସରରେ ପରିସଂଖ୍ୟାନ ଦିବସ ପାଳନ କରାଯାଏ । ସେ ୧୮୯୩ ମସିହା ଜୁନ୍ ୨୯ ତାରିଖରେ କଲିକତା ସହରରେ ଜନ୍ମଗ୍ରହଣ କରିଥିଲେ । ୨୦୦୭ରେ ପ୍ରଥମ ଥର ପାଇଁ ଏହି ଦିବସ ପାଳନ କରାଯାଇଥିଲା । ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ସ୍ଲୋଗାନ୍ ନେଇ ଏହି ଦିବସ ପାଳନ କରାଯାଇ ଆସୁଅଛି । ମହାଲନୋବିସଙ୍କ କହିବା ଅନୁସାରେ, ସବୁ କ୍ଷେତ୍ରରେ ପରିସଂଖ୍ୟାନର ଉପଯୋଗ ଆର୍ଥିକ ଓ ସାମାଜିକ ବିକାଶକୁ ତ୍ୱରାନ୍ୱିତ କରିବ । ସେଥିପାଇଁ ସେ ଇଣ୍ଡିଆନ୍ ଷ୍ଟାଟିଷ୍ଟିକ୍ସ ଇନ୍‌ଷ୍ଟିଚ୍ୟୁଟ୍ ବା ଭାରତୀୟ ପରିସଂଖ୍ୟାନ ସଂସ୍ଥାର ପ୍ରତିଷ୍ଠା କରିଥିଲେ । ଏହି ଦିବସ ଅବସରରେ ଜାତୀୟ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ, ଆଲୋଚନାଚକ୍ର ଓ ପ୍ରତିଯୋଗିତାମାନ ଆୟୋଜନ କରାଯାଏ । ତାଙ୍କୁ ଭାରତ ସରକାର ୧୯୬୮ ମସିହାରେ ପଦ୍ମବିଭୂଷଣ ସମ୍ମାନରେ ସମ୍ମାନିତ କରିଥିଲେ । ତାଙ୍କର ମୃତ୍ୟୁ ୭୯ ବର୍ଷ ବୟସରେ ନିଜ ଜନ୍ମଦିନର ଠିକ୍ ପୂର୍ବଦିନ ଅର୍ଥାତ୍ ୨୮ ଜୁନ୍ ୧୯୭୨ ମସିହାରେ ହୋଇଥିଲା ।

# ବିରଳ ରୋଗରେ ଆକ୍ରାନ୍ତ ଅନୁଷ୍କା

## ବନ୍ଦ ହେଉନି ହସ



ସାଉଥ୍ ଇଣ୍ଡଷ୍ଟ୍ରୀର ଲୋକପ୍ରିୟ ଅଭିନେତ୍ରୀ ଅନୁଷ୍କା ସେଟ୍ଟୀଙ୍କୁ ନେଇ ଏବେ ଏକ ଖବର ଆସିଛି । 'ବାହୁବଳି'ରେ 'ଦେବସେନା' ଭୂମିକାରେ ଅଭିନୟ କରିଥିବା ଅନୁଷ୍କା ଏକ ବିରଳ ରୋଗରେ ପୀଡ଼ିତ ଥିବାର ଜଣାପଡ଼ିଛି । 'ଲାଫିଂ ଡିଜ୍‌ଅର୍ଡର'ରେ ସେ ଆକ୍ରାନ୍ତ । ଏହି ରୋଗ ଯୋଗୁ ସେ ଥରେ ହସିବା ମାତ୍ରେ ୧୦-୧୫ ମିନିଟ୍ ହସକୁ ରୋକି ପାରନ୍ତି ନାହିଁ । ନିକଟରେ ଏକ ସାକ୍ଷାତକାରରେ ଅନୁଷ୍କା କହିଛନ୍ତି ଯେ- 'ମୋତେ ହସିବା ରୋଗ ହୋଇଛି, ଏହାଶୁଣି ହସିବା କ'ଣ ରୋଗ ହୋଇପାରେ ବୋଲି ଅନେକ ଭାବୁଥିବେ । କିନ୍ତୁ ମୋ ପାଇଁ ଏହା ଏକ ସମସ୍ୟା । ମୁଁ ଥରେ ହସିବା ଆରମ୍ଭ କରିବା ମାତ୍ରେ ୧୫-୨୦ ମିନିଟ୍ ହସିଥାଏ । କମେଡି ସିନ୍ ଦେଖିବା ମାତ୍ରେ କିମ୍ବା ସୁଟ୍ କରିବା ସମୟରେ ମୁଁ ହସିହସି ପୂରା ଫ୍ଲୋର୍‌ରେ ଗଡ଼ିଯାଏ । ବେଳେବେଳେ ଏଥିପାଇଁ ସୁଟିଂ ରୋକିବାକୁ ହୁଏ ।' ଅନୁଷ୍କା ଏଯାବତ୍ ୪୦ରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ କାମ କରିଛନ୍ତି । ଶେଷଥର ପାଇଁ ଅନୁଷ୍କା 'ମିସ୍ ସେଟ୍ଟି ମିଷ୍ଟର ପୋଲିସେଟ୍ଟି'ରେ ଦେଖାଯାଇଥିଲେ ।

## ଆଜିର ଇତିହାସ

- ୧୮୭୪- କାନାଡ଼ାରେ ଏକ ରେଳ ଦୁର୍ଘଟଣାରେ ୯୦ ଜଣଙ୍କ ମୃତ୍ୟୁ ।
- ୧୯୦୫- ସଂଯୁକ୍ତରାଷ୍ଟ୍ରରେ ଅଟୋମୋବାଇଲ ଆସୋସିଏସନ୍‌ର ସ୍ଥାପନା ।
- ୧୯୩୨- ସୋଭିଏତ୍ ସଂଘ ଓ ଚୀନ୍ ଅନାକ୍ରମଣ ସନ୍ଧିରେ ସ୍ୱାକ୍ଷର କଲେ ।
- ୨୦୦୦- ଆଇବିଏମ୍ ବିଶ୍ୱର ସବୁଠୁ ଦ୍ରୁତ କାର୍ଯ୍ୟକ୍ରମ କମ୍ପ୍ୟୁଟର ନିର୍ମାଣ କଲା ।
- ୨୦୦୭- 'ଆପଲ୍' ତା'ର ପ୍ରଥମ ମୋବାଇଲ୍ ଫୋନ୍ ଓ ଆଇଫୋନ୍ ଜାରି କରିଥିଲା ।
- ୨୦୧୩- କାଲିଫର୍ଣ୍ଣିଆ ସରକାର ସମଲିଙ୍ଗୀ ବିବାହ କଟକଣାକୁ ଉଠାଇ ଦେଲେ ।

# ଚାକିରି ଚାଲିଯିବାରୁ ସ୍କୁଲ୍ ବସ୍‌ରେ ଘର

ଦିନକୁଦିନ ଯେଭଳି ଦରଦାମ୍ ବୃଦ୍ଧି ପାଉଛି ସେଥିରେ ଭଡ଼ାରେ ରହିବା ବେଶ୍ ବାଧୁଛି । ବିଶେଷକରି ମେଟ୍ରୋ ସହରଗୁଡ଼ିକରେ ଘରଭଡ଼ା ପାଇଁ ଲୋକେ ବେଶ୍ ଖର୍ଚ୍ଚାନ୍ତ ହେଉଛନ୍ତି । ଏହି କ୍ରମରେ ଜାପାନର ମ୍ୟାଣ୍ଡି ଓ ରିଟୋମୋ ଘରଭଡ଼ାରୁ ମୁକ୍ତ ପାଇବା ପାଇଁ ଏକ ସ୍କୁଲ୍ ବସ୍‌କୁ ଘର କରିଛନ୍ତି । ଏବେ ଏହି ଦମ୍ପତି କାନାଡ଼ାରେ ରହୁଛନ୍ତି । କରୋନା ମହାମାରୀ ସମୟରେ ଉଭୟଙ୍କର ଚାକିରି ଚାଲି ଯାଇଥିଲା । ସେହି ସମୟରେ ସେମାନେ ଘରଭଡ଼ା ବାବଦରେ ୧.୮ ଲକ୍ଷ ଟଙ୍କା ଦେଉଥିଲେ । ଏଥିରୁ ମୁକ୍ତି ପାଇବା ପାଇଁ ସେମାନେ ଏକ ପୁରୁଣା ସ୍କୁଲ୍ ବସ୍‌କୁ କିଣି ତାକୁ ନିଜ ମନମୁତାବିକ ଡିଜାଇନ୍ କରିଥିଲେ । ଅବଶ୍ୟ ବସ୍‌କୁ ଘର ରୂପ ଦେବା ପାଇଁ ଏହି ଦମ୍ପତିଙ୍କୁ ଦୁଇବର୍ଷ ଲାଗି ଯାଇଥିଲା । ଏଥିପାଇଁ ସେମାନେ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ । ସେମାନେ ତିନିବର୍ଷ ହେଲାଣି ବସ୍‌କୁ ଘର କରିଛନ୍ତି । ରୋଷେଇ ଘରଠାରୁ ଆରମ୍ଭ କରି ଶୌଚାଳୟ ସବୁ ସୁବିଧା ବସ୍‌ରେ ରହିଛି । କେବଳ ସେମାନେ ବସ୍‌ରେ ଗାଧୋଇ ପାରନ୍ତି ନାହିଁ । କାରଣ କାନଡ଼ାରେ ଅଧିକ ଥଣ୍ଡା ଅନୁଭୂତ ହେଉଥିବାରୁ ସେ ବସ୍ ଉପରେ ପାଣିଟାଙ୍କି ଲାଗାଇ ପାରିବେ ନାହିଁ । ଥଣ୍ଡା ଯୋଗୁ ଟାଙ୍କି ପାଣି ବରଫ ହୋଇଯିବ । ସେଥିପାଇଁ ସେ ଜଙ୍ଗଲିଆ ଅଞ୍ଚଳରେ ଗାଡ଼ି ପାର୍କିଂ କରାଇ ଗାଧୋଇଥାନ୍ତି । ଏତେଦିନ ବସ୍‌ରେ ରହିବା ପରେ ଏହି ଦମ୍ପତି ଏବେ ଏକ ଭ୍ୟାନ୍ କିଣିଛନ୍ତି । ଏହାକୁ ସେମାନେ ଘର ଭଳି ଡିଜାଇନ୍ କରିବେ । ଏବେ ଏହି ଦମ୍ପତି ଆମେରିକା ବୁଲିଯିବାକୁ ଚାହୁଁଛନ୍ତି । ପର୍ଯ୍ୟଟନସ୍ଥଳଗୁଡ଼ିକରେ ଗାଡ଼ି ରଖିବା ପାଇଁ ଅସୁବିଧା ହେବ ଭାବି ସେମାନେ ଏହି ଭ୍ୟାନ୍‌ଟିକୁ କିଣିଛନ୍ତି । ଅନ୍ୟପଟେ ସେମାନେ ଘର କରିଥିବା ବସ୍‌କୁ ୪୦ ଲକ୍ଷରେ ବିକ୍ରି କରିବା ପାଇଁ ବିଜ୍ଞାପନ ମଧ୍ୟ ଦେଇଛନ୍ତି ।



# ବ୍ଲେଡ୍‌ରେ କଳାକୃତି



ପଶ୍ଚିମବଙ୍ଗ ଦକ୍ଷିଣ ୨୪ ପ୍ରଗଣାର କାକଦ୍ୱୀପ ସହରରେ ରୁହନ୍ତି ୨୫ ବର୍ଷୀୟ ସାୟନ ମିଦ୍ୟା । ସେ ପରିତ୍ୟକ୍ତ ତଥା ଭଙ୍ଗା ବ୍ଲେଡ୍ ଉପଯୋଗରେ ସୁନ୍ଦର ଚିତ୍ରକଳା ତିଆରି କରିଛନ୍ତି । ଯାହାକି ଇଣ୍ଡିଆ ବୁକ୍ ରେକର୍ଡର ଅଧିକାରୀ ହୋଇଛି । ସେହିପରି ସେ ମହିଳା ଶକ୍ତି ପ୍ରସଙ୍ଗକୁ ନେଇ ବ୍ଲେଡ୍ ମାଧ୍ୟମରେ ଏହି ସୁନ୍ଦର କଳାକୃତି କରିଛନ୍ତି । ସାୟନଙ୍କର ପିଲାଟିବେଳୁ ଚିତ୍ରକଳା ପ୍ରତି ରୁଚି ଥିଲା । ସେ ମୁଖ୍ୟତଃ ଅସାଧାରଣ ଜିନିଷକୁ ଉପଯୋଗ କରି କଳାକୃତି କରିଥାନ୍ତି । ଅବଶ୍ୟ ପୂର୍ବରୁ ସେ ଅବ୍ୟବହୃତ କାଗଜ ଏବଂ ବର୍ଜ୍ୟ ସାମଗ୍ରୀରେ କଳାକୃତି କରିଥିବା କଥା କହିଛନ୍ତି । କହିବାକୁ ଗଲେ ସେ ତାଙ୍କର ଏହି କାର୍ଯ୍ୟ ମାଧ୍ୟମରେ ଆର୍ବଜନାକୁ କଳାକୃତି ଭଣ୍ଡାରରେ ପରିଣତ କରିବାରେ ସକ୍ଷମ ହୋଇପାରିଛନ୍ତି । ତେବେ ଏଥର ସେ କିଛି ଭିନ୍ନ କରିବା ଲକ୍ଷ୍ୟରେ ବ୍ଲେଡ୍ ପାତକୁ ଉପଯୋଗ କରିବାକୁ ଚାହିଁଲେ । ଏହି କଳାକୃତି ପାଇଁ ସେ ପ୍ରାୟ ୭୦ ପରିତ୍ୟକ୍ତ ଭଙ୍ଗା ବ୍ଲେଡ୍ ପାତକୁ ବ୍ୟବହାର କରିଛନ୍ତି । ସେହିପରି ବିଶ୍ରାମ ନ ନେଇ ସାୟନ ଲଗାତାର ୫ ଘଣ୍ଟା ଏହି କାମରେ ନିଜକୁ ନିୟୋଜିତ କରିଥିଲେ । ପ୍ରଥମ ଥର ପାଇଁ ବ୍ଲେଡ୍ କଳାକୃତି ଦ୍ୱାରା ତାଙ୍କୁ ସଫଳତା ଓ ସମ୍ମାନ ମିଳିଛି । ଯାହାକୁ ନେଇ ସେ ବେଶ୍ ଖୁସି ଅଛନ୍ତି । ସେ ତାଙ୍କ ସଫଳତାର ଶ୍ରେୟ ତାଙ୍କ ମାଉସୀ ଲକ୍ଷ୍ମୀ ପଲ୍‌ଙ୍କୁ ପ୍ରଦାନ କରିଛନ୍ତି । ଲକ୍ଷ୍ମୀ ହିଁ ତାଙ୍କୁ ପାଳିପୋଷି ବଡ଼ କରିଛନ୍ତି । ଅନ୍ୟପଟେ ସାୟନ ମାଗଣାରେ ତାଙ୍କ ଅଞ୍ଚଳର ୭୦-୮୦ ପିଲାଙ୍କୁ ଚିତ୍ରକଳା ଶିକ୍ଷା ପ୍ରଦାନ କରୁଛନ୍ତି । ଏହି କାର୍ଯ୍ୟ ତାଙ୍କର କେବଳ ପଶ୍ଚିମବଙ୍ଗରେ ସୀମିତ ନାହିଁ, ବିହାର, ପଞ୍ଜାବରେ ସେ ଏନେଇ ପିଲାଙ୍କୁ ତାଲିମ ପ୍ରଦାନ କରୁଛନ୍ତ । ଏହାବାଦ୍ ଅନ୍‌ଲାଇନ୍ ମାଧ୍ୟମରେ ଆମେରିକାରେ ପିଲାଙ୍କୁ ଏ ଲାଗି ଶିକ୍ଷା ପ୍ରଦାନ କରୁଛନ୍ତି । ତେବେ ସାୟନ ତାଙ୍କର ଏହି ସୃଜନକୌଶଳ କେବଳ ଭାରତ ନୁହେଁ, ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବା ଲକ୍ଷ୍ୟ ରଖିଛନ୍ତି ।

# ର୍ୟାମ୍ପ୍‌ରେ ୭୧ ବର୍ଷୀୟା

## "ବୟସ ନୁହେଁ ସୌନ୍ଦର୍ଯ୍ୟର ମାପକାଠି"

ବୟସ ବଢ଼ିଲେ ମୁହଁରେ ଏହାର ଛାପ ଦେଖାଯାଏ । ଚର୍ମ ସବୁ ଲୋଚାକୋଚା ହୋଇଯାଏ, ତେଣୁ ନିଜ ଚେହେରାରେ ଏହି ବୟସ ଛାପକୁ ଲୁଚାଇବାକୁ ଅନେକ ମହିଳା ସ୍ୱତନ୍ତ୍ର ଭାବେ ନିଜ ତ୍ୱଚାର ଦେଖାଶୁଣା କରନ୍ତି । ସୁସ୍ଥ ଜୀବନଶୈଳୀ କାରଣରୁ ଏମାନେ ଅଧିକ ବୟସରେ ବି କମ୍ ବୟସ୍କାଙ୍କ ପରି ଦିଶିଥାନ୍ତି । ଏହି କ୍ରମରେ ଆମେରିକାର ଜଣେ ମହିଳା ସୁନ୍ଦରତା ପାଇଁ ବୟସ ବାଧକ ସାଜେନାହିଁ କି ସୁନ୍ଦରତାକୁ ବୟସରେ କେବେ ମପାଯାଉନଥିବା କଥାକୁ ପ୍ରମାଣିତ କରିଛନ୍ତି । ଟେକ୍ସାସର ରହୁଥିବା ମାରିସା ଟିଜୋ ନାମକ ମହିଳା ୭୧ ବର୍ଷ ବୟସରେ 'ମିସ୍ ଟେକ୍ସାସ' ପ୍ରତିଯୋଗିତାରେ ଭାଗ ନେଇ ସବୁଠୁ ବୟସ୍କ ପ୍ରତିଯୋଗୀ ପାଲଟି ଯାଇଛନ୍ତି । ସେ ୭୪ଜଣ ଅନ୍ୟ ମହିଳାଙ୍କ ସହ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଯଦିଓ ଏଥିରେ ଏରିଆନା ୱେୟର ନାମ୍ନୀ ମହିଳା ବିଜେତା ହୋଇଥିଲେ, ହେଲେ ଟିଜୋଙ୍କ ଚର୍ଚ୍ଚା ଅଧିକ ହୋଇଥିଲା । ବୟସ ଅପରାହ୍ନରେ ମହିଳାମାନେ କିପରି ନିଜ ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟକୁ ଧ୍ୟାନ ଦେଇପାରିବେ ସେମାନଙ୍କୁ ପ୍ରେରଣା ଯୋଗାଇବାକୁ ସେ ଏହି ପ୍ରତିଯୋଗିତାରେ ସାମିଲ ହୋଇଥିବା କଥା କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି, ବୟସ ନୁହେଁ ସୌନ୍ଦର୍ଯ୍ୟର ମାପକାଠି । ତେବେ ମିସ୍ ଟେକ୍ସାସ ପ୍ରତିଯୋଗିତାରେ ଜଣେ ପ୍ରତିଯୋଗୀ ଭାବେ ସାମିଲ ହୋଇ ସେ ବହୁତ ଖୁସି ବୋଲି କହିଥିଲେ । ତେବେ ପୂର୍ବବର୍ଷ ବ୍ରହ୍ମାଣ୍ଡ ସୁନ୍ଦରୀ ପ୍ରତିଯୋଗିତାର ନିୟମରେ କିଛି ପରିବର୍ତ୍ତନ କରାଯାଇଥିଲା । ଏଥିରେ ୧୯୫୮ରୁ ଥିବା ବୟସ ସୀମାକୁ ହଟେଇ ଦିଆଯାଇଥିଲା । ତେଣୁ ଚଳିତବର୍ଷ କେବଳ ୧୮ରୁ ୨୮ ବର୍ଷ ବୟସ ନୁହେଁ, ବରଂ ସମସ୍ତେ ଏହି ପ୍ରତିଯୋଗିତାରେ ଭାଗ ନେବାର ସୁବିଧା ଥିବାରୁ ଟିଜୋ ୭୧ ବର୍ଷ ବୟସରେ ଏହି ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ଭାଗନେଇ ଚର୍ଚ୍ଚାରେ ରହିଛନ୍ତି ।




# ବର୍ଷାରୁ ରକ୍ଷା ପାଇଁ ବାଇକ୍‌ରେ ପ୍ଲାଷ୍ଟିକ୍ ସେଡ୍



ବର୍ଷାଦିନେ ଜଣେ ବାଇକ୍ ଚାଳକ ନିଜକୁ ଓ ନିଜ ବାଇକ୍‌କୁ କିଭଳି ସୁରକ୍ଷା ପ୍ରଦାନ କରିବେ, ସେନେଇ ଜଣେ ଯୁବକ ଏକ ନିଆରା ଉପାୟ ଖୋଜିଛନ୍ତି । ସେ ତାଙ୍କ ବାଇକ୍‌କୁ ମୋଡିଫାଏ କରିଛନ୍ତି । ଅର୍ଥାତ୍ ବାଇକ୍‌ରେ କିଛିଟା ଏଭଳି ପରିବର୍ତ୍ତନ ଆଣିଛନ୍ତି, ଯଦ୍ୱାରା ସେ ଓ ତାଙ୍କ ବାଇକ୍ କିଛି ମାତ୍ରାରେ ବର୍ଷାଦାଉରୁ ରକ୍ଷା ପାଇପାରିବେ । ସମ୍ପୃକ୍ତ ଯୁବକ ଜଣକ ବାଇକ୍ ଉପରେ ଗୋଟିଏ ଗୋଲାକୃତି କଭର୍ ଲଗାଇଛନ୍ତି । ଏହା ହେଉଛି ଏକ ପ୍ଲାଷ୍ଟିକ୍ ସେଡ୍ । ଯାହାକି ବାଇକ୍‌କୁ ସମ୍ପୂର୍ଣ୍ଣ ଭାବେ ଘୋଡ଼ାଇ ରଖେ । ଏହି ସେଡ୍‌କୁ ଟେକି ବାଇକ୍‌ରେ ବସିବା ପରେ ତାହା ଚାଳକଙ୍କୁ ଆବୃତ୍ତ କରି ରଖିଥାଏ । ଅବଶ୍ୟ ଏହା ଚାଳକଙ୍କୁ ସମ୍ପୂର୍ଣ୍ଣ ବର୍ଷା ଦାଉରୁ ସୁରକ୍ଷା ଦେବ ତାହା ନୁହେଁ, ଏହି ସେଡ୍ କେବଳ ମୁଣ୍ଡରୁ ଅଣ୍ଟା ପର୍ଯ୍ୟନ୍ତ ବର୍ଷାରୁ ସୁରକ୍ଷା ଦେବ ଏବଂ ଅଣ୍ଟାରୁ ପାଦ ପର୍ଯ୍ୟନ୍ତ ଓଦା ହେବା ଥୟ । ଅନ୍ୟପଟେ ପ୍ଲାଷ୍ଟିକ୍ ସେଡ୍ ଉପରେ ବର୍ଷାପାଣି ସଫା କରିବା ପାଇଁ ସେ କୌଣସି ୱାଇପର ଲଗାଇ ନାହାନ୍ତି । ସେହିପରି ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ କରାଯିବା ପରେ ସମସ୍ତଙ୍କ ନଜରକୁ ଆସିଛି । ଏଥିରୁ ଦେଖାଯାଇଛି, ଯୁବକ ଜଣକ ବାଇକ୍ ସେଡ୍‌କୁ ଟେକି ବାଇକ୍‌ରେ ବସୁଛନ୍ତି ଏବଂ ସେଡ୍ ଦ୍ୱାରା ଆବୃତ୍ତ ହୋଇଯାଇଛନ୍ତି । ବର୍ଷା ପଡୁଛି ଏବଂ ସେ ଏହାକୁ ଚଳାଇ ଯାଉଛନ୍ତି । ଅନ୍ୟପକ୍ଷରେ ଯୁବକଙ୍କର ଏହି ବ୍ୟବସ୍ଥାକୁ ଲୋକେ ଖୁବ୍ ପସନ୍ଦ କରିଥିବା ଦେଖାଯାଇଛି ।

# ଚା'କୁ ଅଧିକ ଫୁଟାଉଥିଲେ...



ଅଧିକାଂଶ ଭାରତୀୟଙ୍କର ସକାଳ ଆରମ୍ଭ ହୁଏ କପେ ଚା'ରୁ । ଅନେକ ଲୋକ ଦିନ ଆରମ୍ଭରୁ ରାତି ପର୍ଯ୍ୟନ୍ତ ଚା' ପିଉଥାନ୍ତି । ସେହିଭଳି ଲୋକେ ନିଜ ପସନ୍ଦ ମୁତାବିକ ଗ୍ରୀନ୍ ଟି, ରେଡ୍ ଟି, ଲେମନ୍ ଟି' ଆଦି ପିଇବାକୁ ପସନ୍ଦ କରିଥାନ୍ତି । ଆଉ କିଛି ଜଣ ଚା'କୁ ଅଧିକ ଫୁଟାଇ ପିଇବାକୁ ପସନ୍ଦ କରନ୍ତି । ଏଥିଯୋଗୁ ଚା' କଷାଳିଆ ଲାଗିଥାଏ । ତେବେ ଚା'କୁ ଅଧିକ ଫୁଟାଇ ପିଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ । ଚା'ରେ ସବୁ ସାମଗ୍ରୀ ପକାଇବା ପରେ ଏହାକୁ ୪ରୁ ୫ ମିନିଟ୍ ଫୁଟାଇବା ଦରକାର । ଚା' ଅଧିକ ସମୟ ଫୁଟାଇବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ ଏହାର ଗଭୀର ପ୍ରଭାବ ପକାଇଥାଏ । କ୍ଷୀର ଚା'କୁ ମାତ୍ରାଧିକ ଫୁଟାଇବା ଦ୍ୱାରା ଏଥିରେ ଟେନିନ୍ ମାତ୍ରା ବଢ଼ିଯାଏ । ଏହାଦ୍ୱାରା ଶରୀରରେ ଆଇରନ୍‌ର ଅଭାବ ଦେଖାଯାଏ । ଏଥିଯୋଗୁଁ ଜଣେ ଏନିମିଆରେ ଆକ୍ରାନ୍ତ ହୋଇଥାନ୍ତି । କେବଳ ସେତିକି ନୁହେଁ, କ୍ଷୀର ଚାକୁ ଅଧିକ ଫୁଟାଇବା ଦ୍ୱାରା ଏହାର ପିଏଚ୍ ମାନ ବୃଦ୍ଧିପାଏ । ଏହାକୁ ପିଇବା ଦ୍ୱାରା ଏସିଡିଟି ସମସ୍ୟା ଦେଖାଯାଏ । ଅଧିକ ସମୟ ଫୁଟାଯାଇଥିବା ଚା' ପିଇବା ଦ୍ୱାରା ପାଚନ ସମସ୍ୟା ମଧ୍ୟ ଦେଖାଯାଏ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଯଦି ପୂର୍ବରୁ ପ୍ରସ୍ତୁତ ହୋଇଥିବା ଚା'କୁ ଆଉଥରେ ଜଣେ ଗରମ କରି ପିଉଛନ୍ତି, ଏଥିରେ ଟେନିନ୍ ମାତ୍ରା ବୃଦ୍ଧି ପାଇ ରକ୍ତଚାପ ବୃଦ୍ଧି ହେବା ସମସ୍ୟା ଦେଖାଯାଏ । ଏହାବାଦ୍ ଚା'କୁ ଅଧିକ ସମୟ ଫୁଟାଇଲେ କ୍ଷୀରରେ ଥିବା ପୌଷ୍ଟିକ ତତ୍ତ୍ୱଗୁଡ଼ିକ ନଷ୍ଟ ହୋଇଯାଏ ।

## ଆଜିର ରାଶିଫଳ

**ମେଷ:** ଅଫିସ୍ କାର୍ଯ୍ୟ ପ୍ରଭାବିତ ହେବ । ଆର୍ଥିକ ସମସ୍ୟା ଦେଖାଦେବ । ଖାଦ୍ୟପାନୀୟ ପ୍ରତି ଧ୍ୟାନ ରଖିବେ । ମହିଳାଙ୍କଠାରେ ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେବ । ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ ।

**ବୃଷ:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ । ବ୍ୟବସାୟରେ ସମସ୍ୟାକୁ ସାମ୍ନା କରିବେ । ଆର୍ଥିକ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ । ମନ ପ୍ରସନ୍ନ ରହିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ମିଥୁନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ନୂଆ କାର୍ଯ୍ୟ ଆରମ୍ଭ କରିବେ । ବିଦେଶ ଯାତ୍ରା ଯୋଗ ରହିଛି । ପରିବାର ସହିତ ହସଖୁସିରେ ସମୟ ଅତିବାହିତ କରିବେ ।

**କର୍କଟ:** ଶାନ୍ତ ଓ ଖୁସି ମନରେ ସମସ୍ତ କାମ ପୂରା କରିବେ । ନିବେଶରୁ ଲାଭ ମିଳିବ । ବ୍ୟବହାରରେ ସଂଯମତା ରକ୍ଷା କରିବେ । ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ । ଆଇଟି କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

**ସିଂହ:** ବ୍ୟବସାୟରେ ବିରୋଧୀଙ୍କୁ ସାମ୍ନା କରିବେ । ନୂଆ କାମରେ ବନ୍ଧୁ ତଥା ପରିବାର ସଦସ୍ୟଙ୍କ ସହଯୋଗ ମିଳିବ । ବିବାହ ପ୍ରସ୍ତାବ ସ୍ଥିର ହେବ । ଦେବ କାର୍ଯ୍ୟରେ ମନୋଯୋଗ ଦେବେ ।

**କନ୍ୟା:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି । ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ । ବାପାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ । ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ ।

**ତୁଳା:** କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ । ପାରିବାରିକ ବିବାଦ ଦେଖା ଦେବ । ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ । ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ ।

**ବିଛା:** ଅନଲାଇନ୍ ବ୍ୟବସାୟୀଙ୍କୁ ଲାଭ ମିଳିବ । ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ । ଭାଇ-ଭଉଣୀଙ୍କ ସମ୍ପର୍କ ମଜଭୁତ ହେବ । ଦାମ୍ପତ୍ୟ ଜୀବନ ଅଶାନ୍ତି ଭିତରେ ଗତି କରିବ ।

**ଧନୁ:** କର୍ମ ଚଞ୍ଚଳ ରହିବେ । ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ । ଅଫିସ୍ କାର୍ଯ୍ୟରେ ସମସ୍ୟା ଆସିବ । ସମୟ ପୂର୍ବରୁ କାମ ଶେଷ କରିବେ । ଆୟର ନୂତନ ମାର୍ଗ ଉନ୍ମୋଚନ ହେବ ।

**ମକର:** ଆୟଠୁ ଅଧିକ ବ୍ୟୟ ହେବ । ପରିବାର ସଦସ୍ୟଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ । ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବେ । ଅଯଥା ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ ।

**କୁମ୍ଭ:** ଧାର କରଜରୁ ଦୂରେଇ ରହିବେ । ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳ ହେବେ । ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ । ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ ।

**ମୀନ:** ଦିନଟି ବ୍ୟସ୍ତତା ଭିତରେ କଟିବ । ପରିବାରରେ ହସଖୁସିର ପରିବେଶ ରହିବ । ଖେଳାଳୀଙ୍କ ପାଇଁ ଅନୁକୂଳ ସମୟ । ଧନଲାଭ ଯୋଗ ଅଛି । ଆର୍ଥିକ ସ୍ଥିତି ମଜଭୁତ୍ ହେବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ନିଟ୍ ପ୍ରଶ୍ନପତ୍ର ଜାଲିଆତି ମାମଲା**

# ରାଜ୍ୟସଭାରେ ଗର୍ଜିଲା ବିଜେଡି



**ସ୍ୱର ମିଳାଇଲେ ସମସ୍ତ ବିରୋଧୀ ସାଂସଦ**

**ପ୍ରତିବାଦ ଜଣାଇ ଅଚେତ ହେଲେ ମହିଳା ସାଂସଦ**

**ସମସ୍ତଙ୍କ ସହ କଲେ କକ୍ଷ ତ୍ୟାଗ**

**ଦାୟିତ୍ୱ ସମ୍ପନ୍ନ ବିରୋଧୀ ଦଳ ଭାବେ କେନ୍ଦ୍ର ସରକାରଙ୍କୁ ଉତ୍ତରଦାୟୀ କରୁଛି ଦଳ**

ଭୁବନେଶ୍ୱର, ୨୮।୬ (ସମିସ): ଏକ ପ୍ରଭାବୀ ଏକ ଦାୟିତ୍ୱସମ୍ପନ୍ନ ବିରୋଧୀ ଦଳ ଭାବେ ବିଜୁ ଜନତା ଦଳ (ବିଜେଡି) ଆଜି ରାଜ୍ୟସଭାରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ନିଟ୍ ପ୍ରଶ୍ନପତ୍ର ଜାଲିଆତି ମାମଲାରେ କେନ୍ଦ୍ର ସରକାରଙ୍କୁ ଜବାବ୍ ତଲବ କରିଛି ବିଜେଡି। ଆଜି ଏହି ମାମଲାରେ ବିଜେଡି ସାଂସଦମାନେ ସଂସଦରେ ତୀବ୍ର ପ୍ରତିବାଦ ଜଣାଇଥିଲେ। ଏପରି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ ଗୃହରେ ଆଲୋଚନା ହେଉ ବୋଲି ସେମାନେ ଦାବି ଜଣାଇଥିଲେ। ଏଥିରେ ସୁଫଳ ନମିଳିବାରୁ ସେମାନେ ନିଜ ନିଜ ଆସନରେ ଛିଡ଼ା ହୋଇ ପୁନର୍ବାର ଦାବି କରିଥିଲେ। କିନ୍ତୁ ଏଥିପ୍ରତି କର୍ଣ୍ଣପାତ କରାନଯିବାରୁ ଗୃହର ମଧ୍ୟଭାଗକୁ ଆସି ପ୍ରତିବାଦ କରିଥିଲେ। ନିଟ୍ ପ୍ରଶ୍ନପତ୍ର ଲିକ୍ ଏବଂ ଅନିୟମିତତା ଘଟଣାରେ ଓଡ଼ିଶା ସମେତ ଦେଶର ଲକ୍ଷଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳ ଖେଳାଯାଉଥିବାରୁ ଏହା ଉପରେ ସଂସଦରେ ଆଲୋଚନା ହେଉ ବୋଲି ବିଜେଡି ସାଂସଦମାନେ ଯୁକ୍ତି ବାଢ଼ିଥିଲେ। ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଏତେ ବଡ଼ ଘଟଣା ଉପରେ ସ୍ପଷ୍ଟୀକରଣ ରଖିବା ଜରୁରୀ ବୋଲି ସେମାନେ କହିଥିଲେ। ବିଜେଡି ରାଜ୍ୟସଭା ସାଂସଦ ଡ. ସସ୍ମିତ ପାତ୍ର ନିଜ ସାମାଜିକ ଗଣମାଧ୍ୟମ ହ୍ୟାଣ୍ଡେଲରେ ଏହି ସୂଚନା ଦେଇଛନ୍ତି।

ବିଜେଡି ସାଂସଦମାନେ ଦୁଇ ଦୁଇ ଥର ଗୃହର ମଧ୍ୟଭାଗକୁ ଯାଇ ଆଲୋଚନା ପାଇଁ ଦାବି କରିବା ସତ୍ତ୍ୱେ ସେଥିପାଇଁ ଅନୁମତି ମିଳି ନଥିଲା। ତେବେ ଏହା ପରେ ପରେ ରାଜ୍ୟ ସଭାରେ ସମସ୍ତ ବିରୋଧୀ ଦଳର ସାଂସଦମାନେ ବିଜେଡି ସାଂସଦଙ୍କ ସମର୍ଥନରେ ବାହାରିଥିଲେ। ଏପରି ଏକ ଜଘନ୍ୟ କାଣ୍ଡରେ କେବଳ ଛାତ୍ରଛାତ୍ରୀ ନୁହଁନ୍ତି, ସେମାନଙ୍କ ପରିବାର ସଦସ୍ୟମାନେ ବି ମାନସିକ ଦୁଃଶ୍ଚିନ୍ତା ଦେଇ ଗତି କରୁଛନ୍ତି। ସେମାନଙ୍କ ଭବିଷ୍ୟତ ସହ କେନ୍ଦ୍ର ସରକାର ଖେଳୁଛନ୍ତି। ତେଣୁ ଏହି ପ୍ରସଙ୍ଗରେ ଆଲୋଚନା ହେବା ଜରୁରୀ ବୋଲି ବିରୋଧୀ ଦଳର ସଦସ୍ୟମାନେ ଦାବି କରିଥିଲେ। ଏହି ପ୍ରତିବାଦ ଭିତରେ ସାଂସଦ ଫୁଲୋ ଦେବୀ ନେତାମ୍ ଗୃହର ମଧ୍ୟ ଭାଗରେ ଅଚେତ ମଧ୍ୟ ହୋଇଯାଇଥିଲେ। ଏହା ସତ୍ତ୍ୱେ ଆଲୋଚନା ନ ହେବାରୁ ସେମାନେ ଗୃହ ମୁଲତବୀ ପାଇଁ ଦାବି ଜଣାଇଥିଲେ। ଶେଷରେ କ୍ଷୋଭ ପ୍ରକାଶ କରି ବିଜେଡି ସହିତ ସମସ୍ତ ବିରୋଧୀ ଦଳର ସାଂସଦମାନେ କକ୍ଷ ତ୍ୟାଗ କରି ପ୍ରତିବାଦ ଜଣାଇଥିଲେ।

ଗତ ୨୪ ତାରିଖରେ ବିଜେଡି ସଂସଦୀୟ ଦଳ ବୈଠକରେ ଦଳର ସଭାପତି ନବୀନ ପଟ୍ଟନାୟକ କହିଥିଲେ ଯେ ସଂସଦରେ ବିଜୁ ଜନତା ଦଳ ଏଥର ଏକ ଦାୟିତ୍ୱସମ୍ପନ୍ନ ବିରୋଧୀ ଦଳର ଭୂମିକା ନିର୍ବାହ କରିବ। ବିଜେଡି ଏକ ଶକ୍ତିଶାଳୀ ଓ ଉତ୍ତରଦାୟୀ ଦଳ ଭାବେ ସମସ୍ତ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ଉତ୍ତରଦାୟୀ କରିବ। ଓଡ଼ିଶା ଏବଂ ଓଡ଼ିଶାବାସୀଙ୍କ ସ୍ୱାର୍ଥ ପାଇଁ ବିଜୁ ଜନତା ଦଳ ଦିଲ୍ଲୀ ଦରବାରରେ ଲଢ଼େଇ କରି ଆସୁଛି ଏବଂ ଆଗକୁ ମଧ୍ୟ ଦୁର୍ବାର ଲଢ଼େଇ ଜାରି ରହିବ।

ଆଗାମୀ ଦିନରେ ସଂସଦରେ ବିଜେଡି ସାଢ଼େ ଚାରି କୋଟି ଲୋକଙ୍କ ସ୍ୱର ହେବ। ବିଜେଡି ଏକ ଶକ୍ତିଶାଳୀ ଓ ବିରୋଧୀ ଦଳର ଦାୟିତ୍ୱ ନିର୍ବାହ କରିବାରେ ସାମାନ୍ୟତମ ଅବହେଳା କରିବ ନାହିଁ। ଆଜି ବି ଓଡ଼ିଶା ଅନେକ ନ୍ୟାୟସଂଗତ ଓ ଯଥାର୍ଥ ଦାବି ପୂରଣ ପାଇଁ ଲଢ଼େଇ କରୁଛି। ଏହି ଦାବିଗୁଡ଼ିକ କେନ୍ଦ୍ର ସରକାର ଯେପରି ଶୀଘ୍ର ପୂରଣ କରିବେ, ତାହା ବିଜେଡି ସାଂସଦମାନେ ସୁନିଶ୍ଚିତ କରିବେ ବୋଲି ବିଜେଡି ସୁପ୍ରିମୋ ଦଳର ସାଂସଦମାନଙ୍କୁ ଆହ୍ୱାନ ଜଣାଇଥିଲେ। ଏହି କ୍ରମରେ ବିଜେଡି ଆଜି ନିଟ୍ ପ୍ରଶ୍ନପତ୍ର ଦୁର୍ନୀତି ମାମଲାରେ କେନ୍ଦ୍ର ସରକାରଙ୍କଠାରୁ ଜବାବ୍ ମାଗିଥିଲା।

**ମୂଳଚାଲ ବେଳେ ୩ଜଣଙ୍କୁ ମାଡ଼ି ବସିଲା ବନ ବିଭାଗ**

## ହାତୀଦାନ୍ତ, ସମ୍ବର ଶିଙ୍ଘ ଓ ବଜ୍ରକାପ୍ତା କାତି ଜବତ

ବାଲେଶ୍ୱର/ନୀଳଗିରି, ୨୮।୬ (ସମିସ): ବାଲେଶ୍ୱର ଜିଲ୍ଲା ଦେଇ ଯାଇଥିବା ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱ ଦହିସଡ଼ା ନିକଟରେ ବିଭିନ୍ନ ବନ୍ୟଜନ୍ତୁଙ୍କ ମୂଲ୍ୟବାନ ଅଙ୍ଗପ୍ରତ୍ୟଙ୍ଗ ପାଇଁ ବେଆଇନ ମୂଳଚାଲ ଚାଲିଥିବା ବେଳେ ବନବିଭାଗ ଚଢ଼ଉ କରି ମୋଟ ୩ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ବନ ବିଭାଗ ହାତୀଦାନ୍ତ, କିଛି ବଜ୍ରକାପ୍ତା କାତି ଏବଂ ତିନୋଟି ସମ୍ବର ଶିଙ୍ଘ ଜବତ କରିଛି। ତେବେ ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ ଗଣମାଧ୍ୟମକୁ ଏ ସଂପର୍କିତ ସବିଶେଷ ତଥ୍ୟ ପ୍ରଦାନ କରିନାହିଁ। କୁଲଡିହା ଓ ଚାନ୍ଦିପୁର ରେଞ୍ଜର ବନ ବିଭାଗ କର୍ମଚାରୀମାନେ ଆଜି ମିଳିତ ଭାବେ ଏହି ଚଢ଼ଉ କରିଥିଲେ।

ବାଲେଶ୍ୱର ଜିଲ୍ଲାର କୁଲଡିହାକୁ ଅଭୟାରଣ୍ୟର ମାନ୍ୟତା ମିଳିଥିବା ବେଳେ ଏଥିପାଇଁ ସ୍ୱତନ୍ତ୍ର ବିଭାଗ ସୃଷ୍ଟି କରାଯାଇ ରେଞ୍ଜ ଅଧିକାରୀଙ୍କଠାରୁ ଆରମ୍ଭ କରି ବିଭିନ୍ନ ପଦପଦବୀରେ କର୍ମଚାରୀ ନିଯୁକ୍ତି ଦିଆଯାଇ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏତଦ୍ ଭିନ୍ନ ବନ୍ୟଜନ୍ତୁ ସୁରକ୍ଷା, ସଂରକ୍ଷଣ ପାଇଁ ମଧ୍ୟ ରାଜସ୍ୱ ଖର୍ଚ୍ଚ କରାଯାଉଛି। ମାତ୍ର ସମସ୍ତ ବନ୍ଦୋବସ୍ତ ଥାଇ ଶିକାରୀଙ୍କ କବଳରୁ ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେବାରେ ବିଭାଗ ବିଫଳ ହେଉଥିବା ଅଭିଯୋଗ ହେଉଛି।

**ସମ୍ଭାବ୍ୟ ବର୍ଷା ଓ ଚାଷର ସ୍ଥିତି ସମ୍ପର୍କରେ ସମୀକ୍ଷା**

## ରାଜ୍ୟରେ ବର୍ଷାର ସ୍ଥିତି ଖୁବ୍ ଉଦ୍‌ବେଗଜନକ

ଭୁବନେଶ୍ୱର, ୨୮।୬(ସମିସ): ରାଜ୍ୟରେ ନିଅଣ୍ଟିଆ ବର୍ଷା ଯୋଗୁ ଧାନର ତଳି ପଡ଼ି ପାରୁ ନାହିଁ। ଏହି ସମୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ମେଗା ଜଳସେଚନ ପ୍ରକଳ୍ପ ଓ ଉଠା ଜଳସେଚନ ପ୍ରକଳ୍ପରେ ଜଳ ମଧ୍ୟ ଅଭାବ ରହିଛି। ପଶ୍ଚିମ ଓଡ଼ିଶାର ଅନେକ ଜଳସେଚନ ପ୍ରକଳ୍ପ କାର୍ଯ୍ୟ କରୁ ନଥିବା ବେଳେ ସେ ସବୁର କାର୍ଯ୍ୟକାରିତା ସମ୍ପର୍କରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ରାଜ୍ୟରେ ସମ୍ଭାବ୍ୟ ବର୍ଷା ଓ ଚାଷର ସ୍ଥିତି ସମ୍ପର୍କରେ ମନ୍ତ୍ରୀ ଶ୍ରୀ ପୂଜାରୀ ସମୀକ୍ଷା କରି ପାଣିପାଗ ବିଭାଗର ପୂର୍ବାନୁମାନ ସମ୍ପର୍କିତ ସତର୍କ ସୂଚନା ଜନସାଧାରଣ ତଥା କୃଷକମାନଙ୍କ ନିକଟରେ କିପରି ଏହାର ବିଶ୍ୱସନୀୟତା ବୃଦ୍ଧି କରାଯାଇପାରିବ ତାହା ଉପରେ ଗୁରୁତ୍ୱ ଦେଇଛନ୍ତି। ପାଣିପାଗର ପୂର୍ବାନୁମାନ ସମ୍ପର୍କରେ ଚାଷୀମାନେ ଅବଗତ ହେଉଛନ୍ତି ନା ନାହିଁ। ଏହା ଦ୍ୱାରା କେତେ ଚାଷୀ ଉପକୃତ ହେଉଛନ୍ତି, ସେ ଦିଗରେ ଦୃଷ୍ଟିଦେବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସେହିପରି କୃଷି ବିଭାଗ, ଜଳସମ୍ପଦ ବିଭାଗ ଓ ସମବାୟ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ଦ୍ୱାରା ହିଁ ଚାଷ ଓ ଚାଷୀକୁଳର ଉନ୍ନତି ହୋଇପାରିବ ବୋଲି ମନ୍ତ୍ରୀ ମତପ୍ରକାଶ କରିଛନ୍ତି। ସାର ଓ ବିହନସବୁ କିପରି ସୁବ୍ୟବସ୍ଥିତ ଭାବରେ ଚାଷୀମାନଙ୍କ ନିକଟରେ ପହଞ୍ଚାଯାଇ ପାରିବ ସେ ସମ୍ପର୍କରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏବେ ରାଜ୍ୟର ୩୧୪ଟି ବ୍ଲକରେ ବୃଷ୍ଟି ମାପକ ଯନ୍ତ୍ର ରହିଥିବାବେଳେ ଆଗାମୀ ଦିନରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ଏହି ବ୍ୟବସ୍ଥା କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, କୃଷି ନିର୍ଦ୍ଦେଶକ ଓ ଭାରତୀୟ ପାଣିପାଗ କେନ୍ଦ୍ରର ରାଜ୍ୟ ନିର୍ଦ୍ଦେଶିକା ପ୍ରମୁଖ ଉପସ୍ଥିତ ଥିଲେ।

**ମେଗା ଜଳସେଚନ ପ୍ରକଳ୍ପଗୁଡ଼ିକର ପୁନରୁଦ୍ଧାର ଉପରେ ମନ୍ତ୍ରୀଙ୍କ ଗୁରୁତ୍ୱ**

## ବିଶ୍ୱକପ୍ ମ୍ୟାଚ୍‌ରେ ବେଟିଂ; ୨ ଗିରଫ

ଦିଗପହଣ୍ଡି,୨୮।୬(ସମିସ): ଚଳିତ 'ଟି-୨୦' ବିଶ୍ୱକପ୍ କ୍ରିକେଟ୍ ମ୍ୟାଚ୍‌ରେ ଅନ୍‌ଲାଇନ୍ ବେଟିଂ କରିବା ଅଭିଯୋଗରେ ଦିଗପହଣ୍ଡି ପୁଲିସ ଶୁକ୍ରବାର ୨ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୩୨ ହଜାର ଟଙ୍କା ଓ ୩ଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଗିରଫଦ୍ୱୟ ହେଲେ, ଦିଗପହଣ୍ଡି ରାଣୀସାହିର କୃଷ୍ଣ ସେଠୀ ଏବଂ ଦିଗପହଣ୍ଡି ଥାନା ନରେନ୍ଦ୍ରପୁର ଗ୍ରାମର ଶିବ ଓରଫ କେ.ସବିନୟ ରେଡ୍ଡି। ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ତେବେ ଅନ୍ୟ ଜଣେ ଯୁବକ କୌଶଳକ୍ରମେ ଘଟଣା ସ୍ଥଳରୁ ଫେରାର ହେବାରେ ସକ୍ଷମ ହୋଇଥିବା ପୁଲିସ କହିଛି। ଗୁରୁବାର ଦିଗପହଣ୍ଡି ଜନତା ଲେନ୍‌ରେ ଚାଲିଥିବା ଏହି ଆଡ୍ଡାରେ ଆଇଆଇସି ବାବାଶଙ୍କର ସରାଫଙ୍କ ନେତୃତ୍ୱରେ ପୁଲିସ ଚଢ଼ଉ କରିଥିଲା।

**ଭୁବନେଶ୍ୱର ଏୟାରପୋର୍ଟର ଘରୋଇକରଣ**

## ରାଜ୍ୟବାସୀଙ୍କୁ ଡବଲ୍ ଇଞ୍ଜିନ୍ ସରକାରର ପ୍ରଥମ ଭେଟି: ଦାସବର୍ମା

ଭୁବନେଶ୍ୱର,୨୮।୬(ସମିସ): ଅହମ୍ମଦାବାଦ, ଲକ୍ଷ୍ନୌ, ମାଙ୍ଗାଲୋର, ଜୟପୁର, ଗୌହାଟୀ ଓ ତିରୁଅନନ୍ତପୁରମ୍; ଏହି ୬ଟି ବିମାନବନ୍ଦରର ଘରୋଇକରଣ ସରିଛି। ଆଦାନୀ ଗ୍ରୁପ୍ ୬ଟି ଯାକ ବିମାନବନ୍ଦର ପରିଚାଳନା କରୁଛି। ଏବେ ଦ୍ୱିତୀୟ ପର୍ଯ୍ୟାୟରେ ଭୁବନେଶ୍ୱର, ଇନ୍ଦୋର, ବାରାଣସୀ, ଅମୃତସର, ରାୟପୁର ଓ ତିରୁଚିରାପାଲୀ ସହରରେ ଥିବା ବିମାନବନ୍ଦର ଘରୋଇକରଣ ମୁହାଁ। କୁହାଯାଉଛି ଯେ ନିର୍ବାଚନ ପୂର୍ବରୁ ମୋଦି ସରକାର ଏନେଇ ନିଷ୍ପତ୍ତି ନେଇଥିଲେ। ଖୁବ୍ ଶୀଘ୍ର ସେହି ନିଷ୍ପତ୍ତିରେ କେନ୍ଦ୍ର କ୍ୟାବିନେଟ ମୋହର ବାଜିବ। ଏହା ଉପରେ ପ୍ରତିକ୍ରିୟା ଦେଇ ବିଜେଡି ମୁଖପାତ୍ର ତଥା ଦଳର ରାଜ୍ୟ ସାଧାରଣ ସମ୍ପାଦକ (ମୁଖ୍ୟାଳୟ) ସଞ୍ଜୟ କୁମାର ଦାସବର୍ମା କହିଛନ୍ତି, ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦରର ଘରୋଇକରଣ ଖବର ରାଜ୍ୟବାସୀଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। କାରଣ ଦ୍ୱିତୀୟ ପର୍ଯ୍ୟାୟରେ ଘରୋଇକରଣ ହେବାକୁ ଥିବା ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦର ଦେଶର ଶ୍ରେଷ୍ଠ ୨୦ ଲାଭଦାୟକ ବିମାନବନ୍ଦର ମଧ୍ୟରେ ଅନ୍ୟତମ। ଘରୋଇକରଣ ପରେ ବିମାନ ଭଡ଼ା ବଢ଼ିବା ସ୍ୱାଭାବିକ। ଲାଭରେ ଚାଲୁଥିବା ଏକ ବିମାନବନ୍ଦରର ପରିଚାଳନା ଭାର ଘରୋଇ ସଂସ୍ଥା ହାତକୁ ଟେକି ଦିଆଯିବା କେତେଦୂର ଯୁକ୍ତିସଂଗତ ତଥା ଏହା ଦ୍ୱାରା ରାଜ୍ୟର କି ସ୍ୱାର୍ଥ ସାଧିତ ହେବ, ତାହା ବାସ୍ତବିକ ଚିନ୍ତାର ବିଷୟ। ଓଡ଼ିଶାର ଜନସାଧାରଣ ନୂଆ ସରକାରଙ୍କ ଉପରେ ଖୁବ୍ ଆସ୍ଥା ପ୍ରକଟ କରିବା ପରେ ଏକ ଲାଭଦାୟକ ଏୟାରପୋର୍ଟକୁ ପିପିପି ମୋଡ୍‌ରେ ଚଳାଇବା ଅର୍ଥାତ୍ ପରୋକ୍ଷରେ ଏହାକୁ ଘରୋଇ କମ୍ପାନୀକୁ ବିକିଦେବା ନିଷ୍ପତ୍ତି ରାଜ୍ୟବାସୀଙ୍କୁ ଡବଲ୍ ଇଂଜିନ୍ ସରକାରର ପ୍ରଥମ ଭେଟି ବୋଲି ବୁଝିବାକୁ ହେବ।



**ମହିଳାଙ୍କୁ ମାଡ଼ ଘଟଣା**

## ଏଏସ୍ଆଇ ଓ କନଷ୍ଟେବଳ ନିଲମ୍ବିତ

ଭଦ୍ରକ, ୨୮।୬(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ସମ୍ମୁଖରେ ଜଣେ ଦଳିତ ମହିଳାଙ୍କୁ ଘୋଷାରି ଘୋଷାରି ମାଡ଼ ମାରିବା ଘଟଣାରେ ଗତକାଲି ୩ ଜଣ ପୁଲିସ କର୍ମଚାରୀଙ୍କ ବିରୁଦ୍ଧରେ ମାମଲା ରୁଜୁ ସହ ଜିଲ୍ଲା କାର୍ଯ୍ୟାଳୟକୁ ବଦଳି କରାଯାଇଥିଲା। ଆଜି ଭଦ୍ରକ ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କ ନିର୍ଦ୍ଦେଶକ୍ରମେ ଚାନ୍ଦବାଲି ଥାନା ଏଏସ୍ଆଇ ନେପାଳ ସାହା ଓ କନଷ୍ଟେବଳ ରବୀନ୍ଦ୍ର ସେଠୀଙ୍କୁ ନିଲମ୍ବନ କରାଯାଇଥିବା ଏସ୍‌ଡିପିଓ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ ସୂଚନା ଦେଇଛନ୍ତି।

ସୂଚନା ଥାଉକି, ନିଜ ସ୍ୱାମୀକୁ ଦେଖା କରିବାକୁ ନିଜ ଦୁଇ ଛୋଟ ଛୁଆଙ୍କ ସହ ଚାନ୍ଦବାଲି ଥାନାକୁ ଯାଇଥିଲେ ଏନଏସି ଅଞ୍ଚଳର ମିତା ସେଠୀ। ସେଠାରେ ପଡ଼ିଥିବା ଏକ ଚପଲ ଖୋଳକୁ ନେଇ ପୁଲିସ କନଷ୍ଟେବଳ ରବୀନ୍ଦ୍ର ସେଠୀଙ୍କ ସହ ମିତାଙ୍କର ଯୁକ୍ତିତର୍କ ହୋଇଥିଲା। ତା'ପରେ ୩ଜଣ ପୁଲିସ କର୍ମଚାରୀ ଅତ୍ୟନ୍ତ ଅମାନୁଷିକ ଭାବେ ଉକ୍ତ ମହିଳାଙ୍କୁ ଘୋଷାରି ଘୋଷାରି ମାଡ଼ ମାରିଥିଲେ। ଉକ୍ତ ଘଟଣାର ଭିଡିଓ ବିଭିନ୍ନ ଗଣମାଧ୍ୟମରେ ପ୍ରସାରଣ ହୋଇଥିଲା। ମିତା ସେଠୀ ମଧ୍ୟ ୩ଜଣ ପୁଲିସ କର୍ମଚାରୀ ଏଏସ୍ଆଇ ନେପାଳ ସାହା, କନଷ୍ଟେବଳ ରବୀନ୍ଦ୍ର ସେଠୀ ଏବଂ ଜଣେ ହୋମଗାର୍ଡଙ୍କ ନାମରେ ଚାନ୍ଦବାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ।

**■ ମୃତ୍ୟୁକାଳୀନ ସହାୟତା ରାଶି ବାଟମାରଣା ପ୍ରସଙ୍ଗ**

## ଜିଲ୍ଲା ଶ୍ରମ ଅଧିକାରିଣୀ ଜସ୍ମିନ ସାହୁ ନିଲମ୍ବିତ



ରାୟଗଡ଼ା, ୨୮।୬ (ସମିସ): ମୃତ୍ୟୁକାଳୀନ ସହାୟତା ରାଶି ବାଟମାରଣା ପ୍ରସଙ୍ଗରେ ରାୟଗଡ଼ା ଜିଲ୍ଲା ଶ୍ରମ ଅଧିକାରିଣୀ ଜସ୍ମିନ୍ ସାହୁଙ୍କୁ ନିଲମ୍ବିତ କରାଯାଇଛି। ରାଜ୍ୟ ଶ୍ରମ ବିଭାଗର ଦୁଇ ଜଣିଆ ଟିମ୍ ଖୋଳତାଡ଼ କରିବା ପରେ ଶ୍ରମ କମିସନରଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ନିଲମ୍ବିତ କରାଯାଇଥିବା ଜଣାଯାଇଛି। ରାଜ୍ୟ ଶ୍ରମ ମୁଖ୍ୟାଳୟରେ ରହିବା ପାଇଁ ତାଙ୍କୁ ନିର୍ଦ୍ଦେଶ ହୋଇଛି।

ଶୁକ୍ରବାର ରାୟଗଡ଼ା ଉପଖଣ୍ଡ ଦୁର୍ନୀତି ନିବାରଣ ବିଭାଗ ଇନ୍ସପେକ୍ଟର ତରୁଲତା ବେହେରାଙ୍କ ନେତୃତ୍ୱରେ ଏଏସଆଇ କେ.ଲୋକନାଥ ଦୋରା, ଭିଏସ ଏସ.ଶର୍ମା ଓ ଆନନ୍ଦ ବେହେରା ୪ ଜଣିଆ ଭିଜିଲାନ୍ସ ଟିମ୍ ରାୟଗଡ଼ା ଜିଲ୍ଲା ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ନିର୍ମାଣ ଶ୍ରମିକଙ୍କ ପଞ୍ଜୀକରଣଠାରୁ ଆରମ୍ଭ କରି ମିଳୁଥିବା ବିଭିନ୍ନ ସହାୟତା ରାଶି କେଉଁସବୁ ପଦ୍ଧତିରେ ପ୍ରଦାନ କରାଯାଉଛି, ସେ ସଂପର୍କରେ ଜିଲ୍ଲା ଶ୍ରମ ଅଧିକାରୀ ଗୋପାଳକୃଷ୍ଣ ମଙ୍ଗରାଜ ଏବଂ ଅନ୍ୟ ଅଧିକାରୀମାନଙ୍କୁ ପଚାରି ବୁଝିଥିଲେ। ପୂର୍ବାହ୍ଣ ୧୧ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଦୀର୍ଘ ୩ ଘଣ୍ଟା ସମୟ ପର୍ଯ୍ୟନ୍ତ ଶ୍ରମ କାର୍ଯ୍ୟାଳୟରେ ଭିଜିଲାନ୍ସ ଟିମ୍ ଉପସ୍ଥିତ ରହିଥିଲେ।

**ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ୪ ଜଣିଆ ଭିଜିଲାନ୍ସ ଟିମ୍**

**ବହୁଚର୍ଚ୍ଚିତ ଗତିକୃଷ୍ଣ ହତ୍ୟା ମାମଲାର ରାୟ ପ୍ରକାଶ**

## ପତ୍ନୀ ଓ ପ୍ରେମିକଙ୍କୁ ଆଜୀବନ

ସୁନ୍ଦରଗଡ଼, ୨୮।୬(ସମିସ): ୨୦୧୩ରେ ସୁନ୍ଦରଗଡ଼ ଟାଉନ ଥାନା ଅଞ୍ଚଳରେ ଘଟିଥିବା ବହୁଚର୍ଚ୍ଚିତ ଗତିକୃଷ୍ଣ ପୁରୋହିତ ହତ୍ୟା ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ସୁନ୍ଦରଗଡ଼ ଜିଲ୍ଲା ଦୌରାଜଜ୍ ଶୁଭଦର୍ଶୀ ପଟ୍ଟନାୟକ ମାମଲାର ବିଚାର କରି ଗତିକୃଷ୍ଣଙ୍କ ପତ୍ନୀ ସିତୁ ପଣ୍ଡା (୩୭) ଓ ସିତୁଙ୍କ ପ୍ରେମିକ ବିଶ୍ୱରଞ୍ଜନ ଗୁପ୍ତା (୪୩)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଉଭୟଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୫ ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ସେହିପରି ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଗତିକୃଷ୍ଣଙ୍କ ଝିଅଙ୍କୁ ୧୦ ଲକ୍ଷ ଟଙ୍କା ଅନୁକମ୍ପା ସହାୟତା ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ରାହ୍ମଣପଡ଼ାର ଗତିକୃଷ୍ଣଙ୍କ ପତ୍ନୀ ସିତୁ ଓ ବିଶ୍ୱରଞ୍ଜନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା। ଗତିକୃଷ୍ଣ ଏହାକୁ ବିରୋଧ କରିବାରୁ ସିତୁ ଓ ବିଶ୍ୱରଞ୍ଜନ ତାଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ୨୦୧୩ ଅକ୍ଟୋବର ୧୯ ରେ ସେମାନେ ଗତିକୃଷ୍ଣଙ୍କୁ ଭେଡ଼ାବାହଲ ଛକକୁ ନେଇ ଛୁରି ଭୁସି ହତ୍ୟା କରିଥିଲେ। ପରେ ସେମାନେ ଗତିକୃଷ୍ଣଙ୍କ ମୃତଦେହ ନେଇ ହେମଗିରି ଥାନା ଅନ୍ତର୍ଗତ ଧନୁ ବାଉଁଶ ଜଙ୍ଗଲରେ ପୋତି ଦେଇଥିଲେ। ଘଟଣାକୁ ଭିନ୍ନ ରୂପ ଦେବାକୁ ଯାଇ ସିତୁ ତାଙ୍କ ସ୍ୱାମୀ ନିଖୋଜ ଥିବା ନେଇ ଟାଉନ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ କଲ୍-ଡିଟେଲ୍ସ ରେକର୍ଡରୁ ମାମଲାର ପର୍ଦ୍ଦାଫାସ କରିବାରେ ସକ୍ଷମ ହୋଇଥିଲା ପୁଲିସ। ସରକାରୀ ଓକିଲ ଦିଲୀପ କୁମାର ମୁର୍ମୁ ମାମଲା ପରିଚାଳନା କରୁଥିଲେ।




# ଅଦା ଚାଷରୁ ମୁହଁ ଫେରାଉଛନ୍ତି ମୟୂରଭଞ୍ଜ ଚାଷୀ



■ ମିଳୁନି ସଠିକ ବଜାର ଦର

■ ମୌସୁମୀ ଅନିୟମିତତା ବି ସାଜୁଛି ବାଧକ

■ କ୍ଷେତରେ ଅଦା ନଷ୍ଟ ଯୋଗୁଁ ୫ବର୍ଷ ହେଲା ବିହନ ରଖିପାରୁନାହାନ୍ତି ଚାଷୀ

■ ପ୍ରଶାସନର ନାହିଁ ପ୍ରୋତ୍ସାହନ: ତାଲିମ୍ ନାହିଁ କି ନାହିଁ ବିହନ ଯୋଗାଣ

ବାରିପଦା, ୨୮।୬ (ସମିସ): ଅଦା ଚାଷରୁ ମୁହଁ ଫେରାଉଛନ୍ତି ମୟୂରଭଞ୍ଜ ଚାଷୀ। ବଜାରରେ ଅଦାର ଆକାଶଛୁଆଁ ଦର ହୋଇଥିଲେ ହେଁ ଏଠାକାର ଚାଷୀଙ୍କୁ ଉଚିତ ପ୍ରାପ୍ୟ ମିଳୁ ନଥିବାରୁ ଗତ କିଛି ବର୍ଷ ହେବ ଆଉ ଅଦା ଚାଷ କରିବାକୁ ବେଶୀ ଚାଷୀ ମଙ୍ଗୁନାହାନ୍ତି। ସେମାନଙ୍କ କହିବା କଥା, ଲାଭ ତ ଦୂରର କଥା, ମୂଳ ବି ଉଠୁନି। ତେଣୁ ଘରେ ଖାଇ ଘୋଡ଼ା ଆଗେ ଡେଇଁବା ଅପେକ୍ଷା ମୂଳରୁ ଅଦା ଚାଷ ନକଲେ ଭଲ। ତେବେ ଏହାର ଆଉ ଏକ କାରଣ ହେଲା, ଜଳବାୟୁ ପରିବର୍ତ୍ତନ ଯୋଗୁଁ ମୌସୁମୀର ଆଗମନରେ ଅନିୟମିତତା ଓ କମ୍ ବର୍ଷା। ଏବର୍ଷ ମଧ୍ୟ ବିଳମ୍ବିତ ମୌସୁମୀ ପାଇଁ ବର୍ଷା ଅଭାବରୁ ଅଦା ଚାଷୀ ଚିନ୍ତାରେ ପଡ଼ିଛନ୍ତି। ସଠିକ୍ ସମୟରେ ଅଦା ବିହନ ରୋପଣ ନହେଲେ ଚାଷ କ୍ଷତିଗ୍ରସ୍ତ ହୋଇଥାଏ। ଏଥରକ ଏପରି ଆଶଙ୍କା ଥିବାରୁ ଅନେକ ଚାଷୀ ଅଦା ଚାଷ କରିନାହାନ୍ତି।

ପୂର୍ବେ ମୟୂରଭଞ୍ଜ ଦେଶୀ ଅଦାର ଚାହିଦା ରାଜ୍ୟ ତଥା ରାଜ୍ୟ ବାହାରେ ଥିଲା। ମାତ୍ର ବର୍ତ୍ତମାନ ଆନ୍ଧ୍ରପ୍ରଦେଶ ପରି ଅନ୍ୟ ରାଜ୍ୟର ଉନ୍ନତ ପ୍ରଣାଳୀରେ ଚାଷ ହେଉଥିବା ଅଦା କମ ଦରରେ ବହୁଳ ଆମଦାନୀ ପାଇଁ ସ୍ଥାନୀୟ ବଜାରକୁ ଆସୁଛି। ଏହା କମ୍ ମୂଲ୍ୟରେ ବିକ୍ରି ହେଉଥିବାରୁ ଅଧିକ ମୂଲ୍ୟ ଦେଇ ଦେଶୀ ଅଦା ନେବାକୁ କେହି ଆଗ୍ରହ ପ୍ରକାଶ କରୁନାହାନ୍ତି।

କୁହାଯାଏ, ଅଦା ଏକ ଅଳସୁଆଙ୍କ ଚାଷ। ଏଥିପାଇଁ ଖର୍ଚ୍ଚ ଓ ପରିଶ୍ରମ ଯଥେଷ୍ଟ କମ୍। ତତ୍‌ସହିତ ଜମିର ଛାଇ ସ୍ଥାନରେ ଯେଉଁଠାରେ ଅନ୍ୟ ଚାଷ ହୋଇ ନଥାଏ, ଚାଷୀ ଉକ୍ତ ସ୍ଥାନ ବା ଜମିର ଉପଯୋଗ କରି ଦି ପଇସା ପାଇଥାଏ। ମୌସୁମୀ ବର୍ଷାର ଆଗମନକୁ ନେଇ ବୈଶାଖ ମାସର ଶେଷ ଓ ଜ୍ୟେଷ୍ଠ ମାସର ପ୍ରାରମ୍ଭରେ କ୍ଷେତକୁ ପ୍ରସ୍ତୁତି କରି ପ୍ରାୟତଃ ରଜ ସଂକ୍ରାନ୍ତି ପୂର୍ବରୁ ଅଦା ଲଗାଯାଇଥାଏ। କିନ୍ତୁ ଉଚିତ ମୂଲ୍ୟ ଓ ବିକ୍ରୟ ବଜାର(ମଣ୍ଡି) ସାଙ୍ଗକୁ ପ୍ରଶାସନ ପକ୍ଷରୁ ପ୍ରୋତ୍ସାହନ ନଥିବାରୁ ଚାଷ ପାଇଁ ଚାଷୀମାନଙ୍କ ଆଗ୍ରହ କମୁଛି।

ଅପରପକ୍ଷେ, ବିଗତ ୫ବର୍ଷ ଧରି କ୍ଷେତରେ ଅଦା ନଷ୍ଟ ହେଉଥିବାରୁ ଅନେକ ଚାଷୀ ବିହନ ମଧ୍ୟ ରଖିପାରୁ ନାହାନ୍ତି। ବଡ଼ସାହି ବ୍ଲକ ସିଂହଟିଆ ଗ୍ରାମର ଅଦା ଚାଷୀ ମୁରଲୀ ଘୋଷ କୁହନ୍ତି, ଗତ ୫ବର୍ଷ ଧରି କ୍ଷତି ସହିବା ପରେ ଚଳିତ ବର୍ଷ ଅଦା ଚାଷ କରିନାହିଁ। କିଛି ବର୍ଷ ହେଲା ଗଛଗୁଡ଼ିକ ହଳଦିଆ ହେବା ସହିତ ପତ୍ରଗୁଡିକ ପୋଡ଼ିଯିବା ଭଳି ହୋଇ ଗଛଗୁଡ଼ିକ ଭଲ ଭାବେ ବଢ଼ିପାରିଲା ନାହିଁ। ଉନ୍ନତ ପ୍ରଣାଳୀରେ ଅଦା ଚାଷ ପାଇଁ ପ୍ରଶାସନ ତରଫରୁ ବିହନ ଯୋଗାଣ କିମ୍ବା କୌଣସି ତାଲିମ ମଧ୍ୟ ପ୍ରଦାନ କରାଯାଉନାହିଁ। ଏଣୁ ପାରମ୍ପରିକ ଚାଷ କରି ଆମେ କ୍ଷତି ସହୁଛୁ।

ପୂର୍ବେ ଅଦାର ମୂଲ୍ୟ ୫୦ରୁ ୮୦ ଟଙ୍କା ରହୁଥିବା ବେଳେ ୨ବର୍ଷ ଧରି ମୂଲ୍ୟ ବୃଦ୍ଧିରେ ବିକ୍ରି ହେଉଛି। ଏହା ସତ୍ତ୍ୱେ ପ୍ରୋତ୍ସାହନ ଅଭାବରୁ ଏହି ଚାଷ ପ୍ରତି କାହାରି ଆନ୍ତରିକତା ନାହିଁ। ଫଳରେ ଚାଷୀ ଚାଷ ଛାଡ଼ି ଜମିକୁ ପଡ଼ିଆ ପକାଇ ଅନ୍ୟ ବୃତ୍ତି ଆପଣାଇ ନେଉଛନ୍ତି। ତେବେ ଉନ୍ନତମାନର ବିଶୋଧିତ ବିହନ, ଉନ୍ନତ ଚାଷ ପ୍ରଣାଳୀରେ ଚାଷ ପାଇଁ ଚାଷୀଙ୍କୁ ତାଲିମ ପ୍ରଦାନ କରିବା ସହ ଅଦା ପାଇଁ ସ୍ୱତନ୍ତ୍ର ବଜାର ସୃଷ୍ଟି କରାଗଲେ, ଏହି ଲାଭଦାୟକ ଚାଷ ମୟୂରଭଞ୍ଜ ଚାଷୀଙ୍କ ପାଇଁ ଉତ୍ତମ ରୋଜଗାରର ବିକଳ୍ପ ହୋଇପାରିବ ବୋଲି ଚାଷୀମାନେ ମତବ୍ୟକ୍ତ କରିଛନ୍ତି।

ଏହାକୁ ନେଇ ଆୟୁଷ ଡାକ୍ତର ସନତ କୁମାର ଦାଶ କହନ୍ତି, ବିଭିନ୍ନ ସ୍ୱାସ୍ଥ୍ୟ ଜନିତ ସମସ୍ୟାରୁ ଉପଶମ ପାଇବା ପାଇଁ ଅଦାର ଅତି ଦରକାରୀ ଔଷଧ ଭାବେ କାର୍ଯ୍ୟରେ ଲାଗିଥାଏ।

ଉବୁଟୁବୁ ରାଜଧାନୀ

# ପ୍ରଥମ ବର୍ଷାରେ ଦିଲ୍ଲୀ ବେହାଲ

ନୂଆଦିଲ୍ଲୀ, ୨୮।୬ (ଏଜେନ୍ସି)





ଦିଲ୍ଲୀ-ଏନ୍‌ସିଆର୍‌ରେ ଗୁରୁବାର ସକାଳୁ ପ୍ରବଳ ବର୍ଷା ଜାରି ରହିଛି। ଏହି ବର୍ଷାରେ ରାଷ୍ଟ୍ରୀୟ ରାଜଧାନୀ ବେହାଲ ହୋଇଯାଇଛି। ଦିଲ୍ଲୀ ଜଳପୂର୍ଣ୍ଣ ହୋଇଯାଇଛି। ପ୍ରଚଣ୍ଡ ଖରାରୁ ମୁକ୍ତି ପାଇଁ ଆଉଟପାଉଟୁ ହେଉଥିବା ରାଜଧାନୀବାସୀ ଅସରାଏ ବର୍ଷାରେ ବନ୍ଦୀ ଜୀବନଯାପନ କରିବାକୁ ବାଧ ହୋଇଛନ୍ତି। ରାସ୍ତାଘାଟରେ ୪-୫ ଫୁଟ ପାଣି ଜମା ହୋଇ ରହିଛି। ଏଥିଯୋଗୁଁ ବନ୍ୟାଭଳି ସ୍ଥିତି ସୃଷ୍ଟି ହୋଇଛି। ରାସ୍ତାରେ ଡଙ୍ଗା ଚାଲିଛି। ଅନେକ ଅଞ୍ଚଳରେ ଟ୍ରାଫିକ ପ୍ରଭାବିତ ହୋଇଛି, ଫଳରେ ହଜାର ହଜାର ଗାଡ଼ି ରାସ୍ତାରେ ଅଟକି ରହିଛି। ମେଟ୍ରୋ ଷ୍ଟେସନକୁ ବନ୍ଦ କରିଦିଆଯାଇଛି। ଗୁରୁବାର ସକାଳ ୮ଟା୩୦ରୁ ଶୁକ୍ରବାର ସକାଳ ପର୍ଯ୍ୟନ୍ତ ୨୨୮ ଏମ୍‌ଏମ୍ ବର୍ଷା ହୋଇଛି। ଗତ ୮୮ ବର୍ଷର ରେକର୍ଡ ଭାଙ୍ଗି ଦେଇଛି। ଦିଲ୍ଲୀ ଜଳମନ୍ତ୍ରୀ ଆତିଶୀ ମାର୍ଲେନାଙ୍କ କଲୋନୀ ମଧ ଏଥିରୁ ବର୍ତ୍ତି ପାରିନାହିଁ। ତାଙ୍କ କଲୋନୀ ଜଳମୟ ହୋଇଯାଇଛି। ଏହି ବର୍ଷା ବିକାଶର ଅସଲ ଚିତ୍ରକୁ ପଦାରେ ପକାଇ ଦେଇଛି। ସହରର ଭିତ୍ତିଭୂମିର ଚିତ୍ରକୁ ଏହି ବର୍ଷା ଛାରଖାର କରିଦେଇଛି। ମଣ୍ଡି ହାଉସରେ ୩ ଫୁଟ ପାଣି ଜମି ଥିବା ଯୋଗୁଁ ରାସ୍ତା ବନ୍ଦ ରହିଛି। ସେହିପରି ଅଶୋକା ରୋଡ, ଫିରୋଜ ଶାହା ରୋଡ, କନଟପ୍ଲେସ, ମୁଲଚାନ୍ଦ ଏବଂ ଦିଲ୍ଲୀର ଅନ୍ୟ ସ୍ଥାନରେ ପାଣି ଜମି ରହିଛି। ଆଜାଦ ନଗରରେ ବେକେ ପାଣି ଜମିଛି। ଏଥିଯୋଗୁଁ ରଶିରେ ବାନ୍ଧି ଲୋକଙ୍କୁ ବାହାର କରାଯାଇଥିଲା। ଦିଲ୍ଲୀର ସଫଦରଜଙ୍ଗ ଅଞ୍ଚଳରେ ପାଣି ଭର୍ତ୍ତି ହୋଇଯିବା ଯୋଗୁଁ ସ୍କୁଲ୍ ବସ୍ ଫସି ଯାଇଥିଲା। ପରେ ସମସ୍ତଙ୍କୁ ଉଦ୍ଧାର କରାଯାଇଥିଲା। ସେହିପରି ମିଣ୍ଟୋ ରୋଡ୍ ଅଣ୍ଡରପାସ୍‌ରେ ଯିବା ସମୟରେ ଏକ ଟ୍ରକ୍ ଫସି ଯାଇଥିଲା। ଏଥିରେ ଯାଉଥିବା ଡ୍ରାଇଭର ଏବଂ ହେଲ୍‌ପର ଟ୍ରକ୍ ଛାତ ଦେଇ ବାହାରି ଜୀବନ ବଞ୍ଚାଇ ଥିଲେ। ସେହିପରି ଉତ୍ତରପ୍ରଦେଶର ନୋଏଡ଼ାରେ ମଧ ସମାନ ସ୍ଥିତି ଲାଗି ରହିଛି। ସେକ୍ଟର-୬୨ର ସବୁ ରାସ୍ତାରେ ଶୁକ୍ରବାର ସକାଳ ପର୍ଯ୍ୟନ୍ତ ପାଣି ଜମି ରହିଥିଲା। ଏହାକୁ ନେଇ ଲୋକେ ନାହିଁ ନ ଥିବା ସ୍ଥିତିର ସମ୍ମୁଖୀନ ହୋଇଥିଲେ। କେହି ଘରୁ ବାହାରି ପାରୁ ନ ଥିଲେ। ଏହାର ଫଟୋ ଏବଂ ଭିଡିଓ ଭାଇରାଲ ହେବାରେ ଲାଗିଛି। ଦିଲ୍ଲୀ ସ୍ଥିତିକୁ ନେଇ ଲୋକେ ପରିହାସ କରୁଛନ୍ତି।



- ଜଳମନ୍ତ୍ରୀ ଆତିଶୀଙ୍କ କଲୋନୀ ଜଳମୟ

● ୧୧ ଦିନରେ ଭୁଶୁଡ଼ିଲା ୫ମ ଡବଲ ଇଞ୍ଜିନ ପୋଲ

# ୪ ବର୍ଷ ହେଲା ଚାଲିଥିଲା ନିର୍ମାଣ

ପାଟନା, ୨୮।୬ (ଏଜେନ୍ସି): ପୋଲ ଭୁଶୁଡ଼ିବା ଘଟଣା ବିହାରର ପିଛା ଛାଡୁନାହିଁ। ଶୁକ୍ରବାର ମଧୁବନୀ କ୍ଷେତ୍ରର ମାଧେପୁର ଗ୍ରାମରେ ଏକ ନିର୍ମାଣାଧୀନ ପୋଲ ଭୁଶୁଡ଼ି ଯାଇଛି। ଏହାକୁ ମିଶାଇ ଗତ ୧୧ ଦିନ ମଧରେ ୫ଟି ପୋଲ ଭୁଶୁଡ଼ିଲାଣି। ରାଜ୍ୟରେ ଏବଂ କେନ୍ଦ୍ରରେ ମିଳିତ ସରକାର ଥିବାରୁ ପୋଲ ଭୁଶୁଡ଼ିବା ଘଟଣାକୁ ନେଇ ଲୋକେ ସରକାରଙ୍କୁ ସମାଲୋଚନା କରୁଛନ୍ତି। ଡବଲ ଇଞ୍ଜିନର ଦୁର୍ବଳ ପୋଲ ଭୁଶୁଡ଼ି ପଡ଼ିଲା ବୋଲି କହୁଛନ୍ତି। ସୂଚନା ଅନୁଯାୟୀ ମାଧେପୁରରେ ଏହି ନିର୍ମାଣାଧୀନ ପୋଲର ଲମ୍ବ ୭୫ ମିଟର। ଏଥିପାଇଁ ୩ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ଚାରି ବର୍ଷ ହେଲା ଏହାର ନିର୍ମାଣକାର୍ଯ୍ୟ ଜାରି ରହିଛି। ଭୁତହୀ ନଦୀର ଜଳସ୍ତର ବୃଦ୍ଧି ପାଇବାରୁ ଏହାର ଖମ୍ବ ଭୁଶୁଡି ଯାଇଥିଲା। ନିର୍ମାଣକାରୀ ସଂସ୍ଥା ଏହାକୁ ଜରିପାଲରେ ଘୋଡ଼ାଇ ଦେଇଛି। ଆରଜେଡି ନେତା ତେଜସ୍ୱୀ ଯାଦବ ଏହି ଘଟଣାକୁ ନେଇ ତୀବ୍ର ସମାଲୋଚନା କରିଛନ୍ତି। ଏହା ପୂର୍ବରୁ ଗତ ଗୁରୁବାର କିଶନଗଞ୍ଜରେ, ୨୩ରେ ପୂର୍ବ ଚମ୍ପାରଣରେ, ୨୨ରେ ସିୱାନରେ ଏବଂ ୧୯ରେ ଅରରିଆରେ ପୋଲ ଭୁଶୁଡ଼ି ଥିଲା।



● ନକଲି ମହିଳା ଏସ୍‌ଆଇ

## ପରୀକ୍ଷା ପାସ୍ ନ କରି ନେଉଥିଲେ ପ୍ରଶିକ୍ଷଣ



ଜୟପୁର, ୨୮।୬ (ଏଜେନ୍ସି): ନିଟ୍ ଏବଂ ନେଟ୍ ପ୍ରଶ୍ନପତ୍ର ପ୍ରଘଟକୁ ନେଇ ଦେଶରେ ହଙ୍ଗାମା ଜାରି ରହିଥିବାବେଳେ ରାଜସ୍ଥାନରୁ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି। ପ୍ରତିଯୋଗିତାମୂଳକ ପରୀକ୍ଷାରେ ପାସ୍ ନ କରି ସବ୍-ଇନ୍ସପେକ୍ଟର (ଏସ୍‌ଆଇ) ଭାବେ ରାଜସ୍ଥାନ ପୁଲିସ ଏକାଡେମି (ଆରପିଏ)ରେ ପ୍ରଶିକ୍ଷଣ ନେଉଥିବା ମୋନା ବୁଗାଲିଆ ଓରଫ ମୁଳିଙ୍କୁ ଚିହ୍ନଟ କରାଯାଇଛି। ଏହା ଜଣାପଡ଼ିବା ପରଠାରୁ ନାଗୌର ଜିଲ୍ଲା 'ନିମ୍ବା କେ ବାସ୍'ର ବାସିନ୍ଦା ମୋନା ଫେରାର ଅଛନ୍ତି। ପୁଲିସ ଗୁରୁବାର ବିଳମ୍ବିତ ରାତିରେ ତାଙ୍କ ଘରେ ଚଢ଼ଉ କରିଛି। ଏହି ସମୟରେ ପୁଲିସ ପୋଷାକ, ପରୀକ୍ଷା ପ୍ରଶ୍ନପତ୍ର ଏବଂ ୭ ଲକ୍ଷ ଟଙ୍କା ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଡିସିପି (ଉତ୍ତର) ରାଶି ଡୁଡି ଏହି ସୂଚନା ଦେଇଛନ୍ତି।

## ୟୁଜିସି-ନେଟ୍ ପାଇଁ ନୂଆ ତାରିଖ

ନୂଆଦିଲ୍ଲୀ, ୨୮।୬ (ଏଜେନ୍ସି): ଦେଶରେ ନେଟ ଏବଂ ନିଟ୍ ପରୀକ୍ଷା ବିଭ୍ରାଟକୁ ନେଇ ହଙ୍ଗାମା ଜାରି ରହିଛି। ଏହା ମଧରେ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ) ଖାତା କଲମ ପରୀକ୍ଷା ପରିବର୍ତ୍ତେ କମ୍ପ୍ୟୁଟର ଆଧାରିତ ପରୀକ୍ଷା (ସିବିଟି)କୁ ଲମ୍ଫ ମାରିଛି। ୟୁଜିସି-ନେଟ୍ ପରୀକ୍ଷା ପାଇଁ ନୂଆ ତାରିଖ ଘୋଷଣା କରିଛି। ପରବର୍ତ୍ତୀ ପରୀକ୍ଷା ଅଗଷ୍ଟ ୨୧ରୁ ସେପ୍ଟେମ୍ବର ୪ ମଧରେ ହେବ ବୋଲି କୁହାଯାଇଛି। ସେହିପରି ସିଏସଆଇଆର ନେଟ୍ ପରୀକ୍ଷା ଜୁଲାଇ ୨୫-୨୭ରେ ହେବ ବୋଲି ସୂଚନା ଦିଆଯାଇଛି। ଭାରତୀୟ ବିଶ୍ୱବିଦ୍ୟାଳୟ ଏବଂ ଶିକ୍ଷା ପ୍ରତିଷ୍ଠାନ ଗୁଡ଼ିକରେ ନାମ ଲେଖାଇବା ପାଇଁ ଏହି ପରୀକ୍ଷା ଗୁରୁତ୍ୱପୂର୍ଣ୍ଣ।

## ଜାଫରକୁ ଗିରଫ କଲା ଇଡି

ନୂଆଦିଲ୍ଲୀ, ୨୮।୬ (ଏଜେନ୍ସି): ଡ୍ରଗ୍ସ ସମ୍ବନ୍ଧିତ ମନି ଲଣ୍ଡରିଂ ମାମଲାରେ ପୂର୍ବତନ ଡିଏମକେ ନେତା ଜାଫର ସାଦିକଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରିଛି। ତିହାର ଜେଲ୍‌ରେ ସାଦିକଙ୍କୁ ଜେରା କରାଯାଇଛି। ଏଠାରେ ସେ ଏନ୍‌ଡିପିଏସ୍ ମାମଲାରେ ବନ୍ଦୀ ଅଛି। କୋର୍ଟରେ ଉପସ୍ଥାପନ କରିବା ପରେ ଇଡି ତାକୁ ରିମାଣ୍ଡରେ ନେବ। ସୂଚନା ଅନୁଯାୟୀ ୨ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରାୟ ୩,୫୦୦ କେଜିର ସ୍ୟୁଡୋଏଫେଡ୍ରିନ ଚୋରାଚାଲାଣ ମାମଲାରେ ଏନ୍‌ସିବି ମାର୍ଚ୍ଚରେ ସାଦିକଙ୍କୁ ଗିରଫ କରିଥିଲା। ସେ ଏକ ଅନ୍ତର୍ଜାତୀୟ ଡ୍ରଗ୍ସ ଚୋରାଚାଲାଣ ର୍ୟାକେଟର ମାଷ୍ଟରମାଇଣ୍ଡ ବୋଲି ଇଡି ପକ୍ଷରୁ ଦାବି କରାଯାଇଛି। ସେ ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡକୁ ଡ୍ରଗ୍ସ ଚୋରାଚାଲାଣ କରୁଥିବା ଜଣାପଡ଼ିଛି।

## ଟ୍ରକ୍‌କୁ ଧକ୍କାଦେଲା ଭ୍ୟାନ୍; ୧୩ ମୃତ

ବେଙ୍ଗାଲୁରୁ, ୨୮।୬ (ଏଜେନ୍ସି): କର୍ଣ୍ଣାଟକ ହାଭେରି ଜିଲ୍ଲା ବ୍ୟାଦାଗି ହାଇୱେ ନିକଟରେ ଶୁକ୍ରବାର ବଡ଼ି ଭୋରରେ ଭୟଙ୍କର ଦୁର୍ଘଟଣା ଘଟିଛି। ଏଠାରେ ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଏକ ଟ୍ରକ୍‌କୁ ଭ୍ୟାନ୍ ଧକ୍କା ହୋଇଛି। ଏଥିରେ ୧୩ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ଭ୍ୟାନ୍‌ରେ ମୋଟ ୧୭ ଜଣ ଯାତ୍ରୀ ଯାତ୍ରା କରୁଥିଲେ। ଡ୍ରାଇଭରର ଆଖି ଲାଖିଯିବା ଯୋଗୁଁ ଦୁର୍ଘଟଣା ଘଟିଥିଲା ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ଏହି ଦୁର୍ଘଟଣାକୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ଅମରନାଥ ଯାତ୍ରା ଶୁଭାରମ୍ଭ

ଜମ୍ମୁ, ୨୮।୬(ଏଜେନ୍ସି): ଅମରନାଥ ଯାତ୍ରା ଆରମ୍ଭ ହୋଇଛି। ଆଜି ଜମ୍ମୁ-କାଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ଜମ୍ମୁ ବେସ୍ କ୍ୟାମ୍ପ ପହଞ୍ଚି ପତାକା ଦେଖାଇ ପ୍ରଥମ ବ୍ୟାଚ୍ ତୀର୍ଥଯାତ୍ରୀଙ୍କୁ ଯାତ୍ରାରେ ଛାଡ଼ିଛନ୍ତି। ଯାତ୍ରୀଙ୍କ ପାଇଁ କଡ଼ା ସୁରକ୍ଷାର ବ୍ୟବସ୍ଥା ସାଙ୍ଗକୁ ଯାତ୍ରା ପଥରେ ଶ୍ରଦ୍ଧାଳୁମାନେ ଯେପରି କୌଣସି ଅସୁବିଧା ନ ଭୋଗିବେ ତାହା ଜମ୍ମୁ-କାଶ୍ମୀର ପ୍ରଶାସନ ସୁନିଶ୍ଚିତ କରିଛି। ଯାତ୍ରୀମାନେ ପ୍ରଥମେ ପହେଲଗାଁରେ ପହଞ୍ଚି ସେଠାରୁ ଅମରନାଥ ଯିବେ।

## ଚୌବେଙ୍କ ମନ୍ତବ୍ୟକୁ ନେଇ ବଢୁଛି ବିବାଦ | ପୁଣି ପଲଟିବେ ପଲଟୁରାମ !



ପାଟନା, ୨୮।୬ (ଏଜେନ୍ସି): ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିହାର ବିଜେପିର ବରିଷ୍ଠ ନେତା ଅଶ୍ୱିନ ଚୌବେଙ୍କ ମନ୍ତବ୍ୟକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇ ଉଠିଛି। ଏହା ମଧରେ ଜେଡିୟୁର ଜାତୀୟ କାର୍ଯ୍ୟକାରିଣୀ ବୈଠକ ପାଇଁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଦିଲ୍ଲୀରେ ପହଞ୍ଚିଛନ୍ତି। ଏହି ବୈଠକରେ କୌଣସି ବଡ଼ ନିଷ୍ପତ୍ତି ନିଆଯିବ ବୋଲି ଆଶା କରାଯାଉଛି। ନୀତୀଶ ପୁଣି ଏନ୍ଡିଏ ଛାଡ଼ି ବିରୋଧୀଙ୍କ ସହ ମିଶିପାରନ୍ତି ବୋଲି କୁହାଯାଉଛି। ଏହା ପୂର୍ବରୁ ଅଶ୍ୱିନ ଚୌବେ କହିଥିଲେ ଯେ ଚଳିତ ଥର ବିହାରରେ ଏନ୍‌ଡିଏ ବିଜେପି ନେତୃତ୍ୱରେ ନିର୍ବାଚନ ଲଢ଼ିବା ଉଚିତ। ବିଜେପି ନେତୃତ୍ୱରେ ଏନ୍‌ଡିଏ ସରକାର ଗଠନ ହେବା ଉଚିତ। ବିଜେପି ପୂର୍ଣ୍ଣ ବହୁମତର ସହ ଏକାକୀ ଆଗକୁ ଆସି ଏନ୍‌ଡିଏକୁ ଆଗକୁ ବଢ଼ାଉ। ଦଳ ନୀତୀଶ କୁମାରଙ୍କୁ ନେଇ ଆଗକୁ ଚାଲିଛି ଏବଂ ଚାଲିବା ଜାରି ରଖିବ ମଧ। ମୁଖ୍ୟମନ୍ତ୍ରୀ ଚେହେରା କେନ୍ଦ୍ର ଧାର୍ଯ୍ୟ କରିବ। ପ୍ରଦେଶ ହେଉ କିମ୍ବା ଜିଲ୍ଲା କେଉଁଠି ବି ଆମଦାନୀ ହୋଇଥିବା ନେତାଙ୍କୁ ଅଧକ୍ଷ କରା ନ ଯିବା ଉଚିତ। ବିଜେପିକୁ ଅନ୍ୟ ଦଳର ସାଂସଦ ଏବଂ ବିଧାୟକ ଆସୁଛନ୍ତି। ଏମାନେ ନିଜକୁ ଦଳ ଅନୁଯାୟୀ ବଦଳାଇବା ଉଚିତ। ଚୌବେଙ୍କ ଏହି ମନ୍ତବ୍ୟ ବିଜେପି ଏବଂ ଜେଡିୟୁ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଏହାକୁ ନେଇ ମେଣ୍ଟରେ କୌଣସି ଫରକ ପଡ଼ିବ ନାହିଁ ବୋଲି କୁହାଯାଉଥିବାବେଳେ ସ୍ଥିତି ଭିନ୍ନ ଥିବା ସୂଚନା ମିଳିଛି। ଜେଡିୟୁ ପ୍ରବକ୍ତା ଅଭିଷେକ ଝା କହିଛନ୍ତି ଯେ ଚୌବେ ବିଜେପିର ଅଧକ୍ଷ ନୁହଁନ୍ତି। କାହା ନେତୃତ୍ୱରେ ନିର୍ବାଚନ ଲଢ଼ାଯିବ ତାହା ଦଳୀୟ ଅଧକ୍ଷ ସ୍ପଷ୍ଟ କରିଦେଇଛନ୍ତି। ସେହିପରି ସମ୍ରାଟ ଚୌଧୁରୀ ବିଜେପି ଅଧକ୍ଷ ଅଛନ୍ତି। ନୀତୀଶ କୁମାରଙ୍କ ନେତୃତ୍ୱରେ ନିର୍ବାଚନ ଲଢ଼ାଯିବ ବୋଲି ସେ ସ୍ପଷ୍ଟ କରିସାରିଛନ୍ତି।

ରୁଷ୍-ଭାରତ ଦ୍ୱିପାକ୍ଷିକ ଶୀର୍ଷ ସମ୍ମିଳନୀ

## ଜୁଲାଇରେ ଦୁଇଦିନିଆ ରୁଷ ଗସ୍ତରେ ଯିବେ ମୋଦୀ

ନୂଆଦିଲ୍ଲୀ,୨୮।୬(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୁଲାଇ ୮ ଓ ୯-ଦୁଇ ଦିନିଆ ମସ୍କୋ ଗସ୍ତରେ ଯାଇ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମୀର ପୁତିନଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିବେ। ୟୁକ୍ରେନ ସହ ରୁଷର ଯୁଦ୍ଧ ଘନଘଟା ବଢ଼ିବ, କାରଣ ପାଶ୍ଚାତ୍ୟ ରାଷ୍ଟ୍ରମାନେ ଇଟାଲୀରେ ସଦ୍ୟ ସମାପ୍ତ ଜି-୭ ଶୀର୍ଷ ସମ୍ମିଳନୀରେ ୟୁକ୍ରେନକୁ ୫୦ ବିଲିଅନ୍ ଡଲାର ମୂଲ୍ୟର ଯୁଦ୍ଧାସ୍ତ୍ର, କ୍ଷେପଣାସ୍ତ୍ର ଓ ଯୁଦ୍ଧ ସରଞ୍ଜାମ ଯୋଗାଇବାକୁ ନିଷ୍ପତ୍ତି ନେଇଛନ୍ତି। ଇସ୍ରାଏଲ-ହମାସ ଯୁଦ୍ଧ ମଧ ଥମିବାର ସମ୍ଭାବନା ନାହିଁ। ୨୦୨୫ ଜାନୁଆରୀରେ ପାକିସ୍ତାନ ହେବ ଜାତିସଂଘ ନିରାପତ୍ତା ପରିଷଦର ସଦସ୍ୟ। ତା'ର ସଦସ୍ୟତା ଦୁଇବର୍ଷ ପାଇଁ ରହିବ। ସେତେବେଳେ ପାକିସ୍ତାନ ଓ ଚୀନ ମିଶି ଜମ୍ମୁ-କାଶ୍ମୀରକୁ ନେଇ ଭାରତ ବିରୋଧରେ ନିରାପତ୍ତା ପରିଷଦରେ କିଛି ପ୍ରସ୍ତାବ ପାସ୍ କରାଇବାକୁ ଉଦ୍ୟତ ହୋଇପାରନ୍ତି। ପୁଣି ଜେନେଭାସ୍ଥିତ ଅନ୍ତର୍ଜାତୀୟ ମାନବାଧିକାର ପରିଷଦରୁ ଭାରତ ବାହାରିଯିବାକୁ ଥିବାରୁ ଭାରତରେ ମାନବାଧିକାର କ୍ଷୁଣ୍ଣ ହେଉଥିବା ଅଭିଯୋଗ ମଧ ଚୀନ ଓ ପାକିସ୍ତାନ ଉଠାଇପାରନ୍ତି। ଏସବୁ ସମ୍ଭାବ୍ୟ ଅନ୍ତରାୟର ମୁକାବିଲା ପାଇଁ ରଣକୌଶଳ କ'ଣ ହେବା ଆବଶ୍ୟକ ଓ ରୁଷଠାରୁ ଭାରତକୁ କେଉଁ ପ୍ରକାର ସହଯୋଗ ଓ ସହାୟତା ମିଳିପାରିବ ସେ ସମ୍ପର୍କରେ ପ୍ରଧାନମନ୍ତ୍ରୀ ମୋଦୀ ରାଷ୍ଟ୍ରପତି ପୁତିନଙ୍କ ସହ ବିସ୍ତୃତ ଆଲୋଚନା କରିବେ।

## ବିକ୍ରମ ମିଶ୍ରି ହେବେ ନୂଆ ବିଦେଶ ସଚିବ

ନୂଆଦିଲ୍ଲୀ, ୨୮।୬(ଏଜେନ୍ସି): ବିକ୍ରମ ମିଶ୍ରି ହେବେ ବୈଦେଶିକ ବ୍ୟାପାର ବିଭାଗର ନୂଆ ସଚିବ। ସେ ୧୯୮୯ ବ୍ୟାଚ୍ ଆଇଏଫ୍‌ଏସ୍ ଅଫିସର। କେନ୍ଦ୍ର କ୍ୟାବିନେଟ୍‌ର ଏପଏଣ୍ଟମେଣ୍ଟସ୍ କମିଟି ମିଶ୍ରିଙ୍କ ନିଯୁକ୍ତିକୁ ଅନୁମୋଦନ ଦେଇଛି। ମିଶ୍ରି ଏବେ ଡେପୁଟି ଏନ୍‌ଏସ୍‌ଏ ଅଛନ୍ତି। ମିଶ୍ରି ହେଉଛନ୍ତି ବୈଦେଶିକ ବ୍ୟାପାର ବିଭାଗର ଚୀନ ବିଶେଷଜ୍ଞ। ସେ ୩ ଜଣ ପ୍ରଧାନମନ୍ତ୍ରୀ ଇନ୍ଦ୍ର କୁମାର ଗୁଜରାଲ, ଡ. ମନମୋହନ ସିଂହ ଓ ନରେନ୍ଦ୍ର ମୋଦୀଙ୍କ ବ୍ୟକ୍ତିଗତ ସଚିବ ଭାବେ କାର୍ଯ୍ୟ କରିଛନ୍ତି। ସେ ଭାରତର ରାଷ୍ଟ୍ରଦୂତ ଭାବେ ଚୀନରେ ନିଯୁକ୍ତ ହୋଇଥିଲେ। ଜାନୁଆରୀ ୨୦୨୨ରେ ତାଙ୍କୁ ଡେପୁଟି ଏନ୍‌ଏସ୍‌ଏ ଭାବେ ନିଯୁକ୍ତି ମିଳିଥିଲା। ବର୍ତ୍ତମାନର ବୈଦେଶିକ ବ୍ୟାପାର ସଚିବ ବିନୟ କ୍ୱାତ୍ରାଙ୍କ ସ୍ଥାନରେ ମିଶ୍ରି ଜୁଲାଇ ୧୫ ତାରିଖରେ ନିଯୁକ୍ତ ହେବେ।

ମହାରାଷ୍ଟ୍ରର ନିର୍ବାଚନୀ ବଜେଟ

## ମହିଳାଙ୍କୁ ମାସକୁ ୧୫୦୦ ଟଙ୍କା; ମାଗଣାରେ ୩ ସିଲିଣ୍ଡର

ମୁମ୍ବାଇ, ୨୮।୬(ଏଜେନ୍ସି): ମହାରାଷ୍ଟ୍ର ଅର୍ଥମନ୍ତ୍ରୀ ଅଜିତ ପାୱାର ଶୁକ୍ରବାର ବିଧାନ ଭବନରେ ରାଜ୍ୟର ନିର୍ବାଚନୀ ବଜେଟ୍ ଉପସ୍ଥାପନ କରିଛନ୍ତି। ନଭେମ୍ବର ୮ରେ ବିଧାନସଭା କାର୍ଯ୍ୟକାଳ ଶେଷ ହେଉଥିବାବେଳେ ଅକ୍ଟୋବରେ ନିର୍ବାଚନ ହେବାର ସମ୍ଭାବନା ରହିଛି, ଏହାକୁ ଦୃଷ୍ଟିରେ ରଖି ବଜେଟରେ ସବୁ ବର୍ଗଙ୍କ ଖୁସି କରିବାକୁ ମେଣ୍ଟ (ଶିବସେନା, ଏନ୍‌ସିପି ଏବଂ ବିଜେପି) ସରକାର ଉଦ୍ୟମ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମାଗଣା ଘୋଷଣା (ଫ୍ରିବିଜ)କୁ ନେଇ ବିରୋଧୀ ଏବଂ କ୍ଷମତାସୀନ ବିରୋଧୀଦଳର ସରକାରଙ୍କୁ କ୍ରମାଗତ ଭାବେ ସମାଲୋଚନା କରି ଆସୁଛନ୍ତି। ନିଜେ ମଧ ଏପରି କରିବେ ନାହିଁ ବୋଲି ବିଭିନ୍ନ ମଞ୍ଚରେ କହିଛନ୍ତି। କିନ୍ତୁ ବିଜେପି କିମ୍ବା ବିଜେପି ସହଯୋଗୀ ଥିବା ମେଣ୍ଟ ସରକାର ଖୋଦ୍ ପ୍ରଧାନମନ୍ତ୍ରୀଙ୍କ କଥା ମାନୁନାହାନ୍ତି। ମାଗଣା ଘୋଷଣା ପରେ ଘୋଷଣା କରିଚାଲିଛନ୍ତି। ମଧ୍ୟପ୍ରଦେଶ, ଗୋଆ ପରେ ଏବେ ମହାରାଷ୍ଟ୍ର ବଜେଟ୍ ମଧ ଏଥିରୁ ବାଦ୍ ପଡ଼ିନାହିଁ। ୬,୧୨, ୨୯୩ କୋଟି ଟଙ୍କାର ଏହି ବଜେଟରେ ରାଜସ୍ୱ ନିଅଣ୍ଟ ୨୦, ୧୫୧ କୋଟି ଟଙ୍କା ରହିଥିବା ବେଳେ ବିତ୍ତୀୟ ନିଅଣ୍ଟ ରହିଛି ୧,୧୦,୩୫୫ କୋଟି ଟଙ୍କା ଅଛି। ମାତ୍ର ଅଧିକ ମାଗଣା ଘୋଷଣା ରହିଛି। ବଜେଟରେ ୨୧ରୁ ୬୦ ବର୍ଷ ବୟସର ମହିଳାଙ୍କୁ ମାସକୁ ୧୫୦୦ ଟଙ୍କା ସହାୟତା ରାଶି ଆକାରରେ ମିଳିବା ପାଇଁ ବ୍ୟବସ୍ଥା କରାଯାଇଛି। ୫୨ ଲକ୍ଷ ପରିବାରକୁ ବର୍ଷକୁ ୩ଟି ଏଲପିଜି ସିଲିଣ୍ଡର ମାଗଣା ମିଳିବ। ରାଜ୍ୟର ୧୭ଟି ସହରରେ ୧୦ହଜାର ମହିଳାଙ୍କୁ ଇ-ରିକ୍ସା କିଣିବାକୁ ସରକାର ଆର୍ଥିକ ସହାୟତା ଦେବେ। ୨ ଲକ୍ଷ ୫ହଜାର ଛାତ୍ରଛାତ୍ରୀଙ୍କୁ ସରକାର ଉଚ୍ଚଶିକ୍ଷା ନିମନ୍ତେ ଆର୍ଥିକ ସହାୟତା ଦେବେ। ରାଜ୍ୟର ୪୪ଲକ୍ଷ ୬ ହଜାର କୃଷକଙ୍କୁ ମାଗଣା ବିଜୁଳି ଦେବେ। କପା ଏବଂ ସୋୟାବିନ ଚାଷ ପାଇଁ ହେକ୍ଟର ପିଛା ୫ ହଜାର ଟଙ୍କା ବୋନସ୍, କ୍ଷୀର ଚାଷୀଙ୍କୁ ଲିଟର ପିଛା ୫ ଟଙ୍କା ବୋନସ ଦିଆଯିବ। ୪୪ ଲକ୍ଷ ଚାଷୀଙ୍କ ବକେୟା ବିଜୁଳି ବିଲ୍ ଛାଡ଼ କରାଯିବ। ପଶୁ ଆକ୍ରମଣରେ ପ୍ରାଣ ହରାଉଥିବା ଚାଷୀଙ୍କ ପରିବାରକୁ ଦିଆଯାଉଥିବା କ୍ଷତିପୂରଣ ରାଶି ୫ ଲକ୍ଷ ଟଙ୍କା ବୃଦ୍ଧି କରି ୨୫ ଲକ୍ଷ କରାଯାଇଛି। ସେହିପରି ଶିକ୍ଷାନବୀଶ ଯୋଜନାରେ ୧୦ ଲକ୍ଷ ଯୁବକଯୁବତୀଙ୍କୁ ମାସକୁ ୧୦ହଜାର ଟଙ୍କା ଦିଆଯିବ। ଏହା ବ୍ୟତୀତ ପେଟ୍ରୋଲ ଓ ଡିଜେଲ ଉପରେ ଭାଟ ଯଥାକ୍ରମେ ୧ ଓ ୩ ପ୍ରତିଶତ କମାଇ ଦିଆଯାଇଛି। ଫଳରେ ପେଟ୍ରୋଲ ଦର ଲିଟର ପିଛା ୬୫ ପଇସା ଓ ଡିଜେଲ ଦର ଲିଟର ପିଛା ୨ଟଙ୍କା ୭ପଇସା କମିବ।

- ପ୍ରଧାନମନ୍ତ୍ରୀଙ୍କ କଥା ମାନୁନାହାନ୍ତି ନିଜ ରାଜ୍ୟ ସରକାର
- କରିଚାଲିଛନ୍ତି ମାଗଣା ଘୋଷଣା ପରେ ଘୋଷଣା



## କାରଖାନାରେ ବିସ୍ଫୋରଣ; ୫ ମୃତ

ହାଇଦରାବାଦ, ୨୮।୬ (ଏଜେନ୍ସି): ତେଲଙ୍ଗାନା ରଙ୍ଗାରେଡ୍ଡୀ ଜିଲ୍ଲା ସାଦନଗର ଅଞ୍ଚଳ ସ୍ଥିତ ଗ୍ଲାସ୍ କାରଖାନାରେ ଶୁକ୍ରବାର ସନ୍ଧ୍ୟାରେ ଭୟଙ୍କର ବିସ୍ଫୋରଣ ହୋଇଛି। ଏହି ଦୁର୍ଘଟଣାରେ ୫ ଜଣଙ୍କ ମୃତ୍ୟୁ ହୋଇଛି। ୧୫ ଜଣ ମଧ ଆହତ ହୋଇଛନ୍ତି। ସମସ୍ତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏ ପର୍ଯ୍ୟନ୍ତ ବିସ୍ଫୋରଣ କାରଣ ଜଣାପଡ଼ି ନାହିଁ। ମାମଲାର ତଦନ୍ତ ଜାରି ରହିଛି ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## ହିନା ଖାନ୍‌ଙ୍କୁ ସ୍ତନ କର୍କଟ



ମୁମ୍ବାଇ, ୨୮।୬(ଏଜେନ୍ସି): ଅଭିନେତ୍ରୀ ହିନା ଖାନ୍‌ଙ୍କୁ ସ୍ତନ କର୍କଟ ହୋଇଛି। ଏହି ରୋଗ ତୃତୀୟ ପର୍ଯ୍ୟାୟରେ ପହଞ୍ଚି ଯାଇଛି। ଅଭିନେତ୍ରୀ ନିଜେ ଶୁକ୍ରବାର ଏହି ସୂଚନା ଦେଇଛନ୍ତି। ତାଙ୍କର ଚିକିତ୍ସା ଆରମ୍ଭ ହୋଇଯାଇଛି। ଏବେ ସେ ଠିକ୍ ଅଛନ୍ତି। ଏହି ରୋଗକୁ ନିୟନ୍ତ୍ରଣ କରିବାକୁ ପ୍ରୟାସ କରୁଛନ୍ତି। ସେ ଗୋପନୀୟତା ଚାହୁଁଛନ୍ତି। ଅଭିନେତ୍ରୀ କହିଛନ୍ତି ଯେ ସେ ପ୍ରଶଂସକଙ୍କଠାରୁ ସମ୍ମାନ ଏବଂ ଗୋପନୀୟତା ଚାହୁଁଛନ୍ତି। ଭଲ ପାଇବା ଏବଂ ଆରୋଗ୍ୟ ପାଇଁ ନିବେଦନ କରିଥିବାରୁ ହିନା ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି। ଭଗବାନଙ୍କ କୃପାରୁ ଏହି ଆହ୍ୱାନକୁ ପାର୍ କରି ସୁସ୍ଥ ହୋଇଯିବେ ବୋଲି ସେ କହିଛନ୍ତି। ହିନାଙ୍କ ରୋଗ ବିଷୟରେ ଜାଣିବା ପରେ ଅଙ୍କିତା ଲୋଖଣ୍ଡେ, ଗୌହର ଖାନ, ଅଦା ଖାନ ଭଳି ସେଲିବ୍ରିଟି ତାଙ୍କର ଆଶୁଆରୋଗ୍ୟ କାମନା କରିଛନ୍ତି।

ଆମେରିକା ପ୍ରେସିଡେନ୍‌ସିଆଲ ଡିବେଟ୍

# ବାଇଡେନ୍‌ଙ୍କୁ ହରାଇଲେ ଟ୍ରମ୍ପ

ୱାଶିଂଟନ, ୨୮।୬ (ଏଜେନ୍ସି)



- ବାଇଡେନ୍‌ଙ୍କୁ ମଞ୍ଚୁରିଆନ କହିଲେ ଟ୍ରମ୍ପ
- ପର୍ଣ୍ଣଷ୍ଟାର ସହ ସମ୍ବନ୍ଧ ରଖିଥିଲେ ଟ୍ରମ୍ପ: ବାଇଡେନ

ନଭେମ୍ବରରେ ଆମେରିକା ରାଷ୍ଟ୍ରପତି ନିର୍ବାଚନ ହେବାକୁ ଯାଉଛି। ଏହାର ୫ ମାସ ପୂର୍ବରୁ ଶୁକ୍ରବାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ରାଷ୍ଟ୍ରପତି ଜୋ ବାଇଡେନଙ୍କ ମଧରେ ପ୍ରେସିଡେନ୍‌ସିଆଲ ଡିବେଟ ହୋଇଛି। ଏହା ସକାଳ (ଭାରତୀୟ ସମୟ) ୬ଟାରେ ଆରମ୍ଭ ହୋଇ ୮ଟାରେ ସରିଥିଲା। ଏହି ସମୟରେ ଉଭୟ ନେତା ୭୫ ମିନିଟ ପର୍ଯ୍ୟନ୍ତ ପରସ୍ପର ବିରୋଧରେ ଗୁରୁତର ଅଭିଯୋଗ ଲଗାଇ ଥିଲେ ଏବଂ ବ୍ୟକ୍ତିଗତ ଆକ୍ରମଣ କରିଥିଲେ। ଟ୍ରମ୍ପ ବାଇଡେନଙ୍କୁ ମଞ୍ଚୁରିଆନ କହିଥିଲେ ଏବଂ ଚୀନ୍‌ଠାରୁ ଟଙ୍କା ନେଉଥିବା ଅଭିଯୋଗ କରିଥିଲେ। ସେହିପରି ରାଷ୍ଟ୍ରପତି ବାଇଡେନ ବେଆଇନ ଟଙ୍କା ମାମଲାରେ ଟ୍ରମ୍ପଙ୍କୁ ଘେରିଥିଲେ। ପତ୍ନୀ ଗର୍ଭବତୀ ଥିବା ସମୟରେ ଟ୍ରମ୍ପ ପର୍ଣ୍ଣଷ୍ଟାରଙ୍କ ସହ ସମ୍ବନ୍ଧ ରଖିଥିବା ଅଭିଯୋଗ କରିଥିଲେ। ଏହି ବିତର୍କ ପରେ ବିଜୟ ପରାଜୟ ବିତର୍କ ଆରମ୍ଭ ହୋଇଯାଇଥିଲା। ଏଥିରେ ରାଷ୍ଟ୍ରପତି ବାଇଡେନ ପୂର୍ବତନ ରାଷ୍ଟ୍ରପତି ଟ୍ରମ୍ପଙ୍କଠାରୁ ହାରି ଯାଇଥିଲେ। ସିଏନଏନ, ନ୍ୟୁୟର୍କ ଟାଇମ୍ସ, ବିବିସି, ଅଲଜଜିରା ଏବଂ ୱାଶିଂଟନ ପୋଷ୍ଟ ଟ୍ରମ୍ପଙ୍କୁ ବିଜେତା ଘୋଷଣା କରିଥିଲେ। ଏହା ସହିତ ଟ୍ରମ୍ପ ୪ ବର୍ଷ ତଳର ପ୍ରତିଶୋଧ ନେଇଥିଲେ।

ରପବ୍ଲିକାନ ପାର୍ଟିର ପ୍ରାର୍ଥୀ ଟ୍ରମ୍ପ ଏବଂ ଡେମୋକ୍ରାଟ୍ସ ବାଇଡେନଙ୍କ ମଧରେ ୪ ବର୍ଷରେ ଦ୍ୱିତୀୟ ଥର ପାଇଁ ଏହି ମୁକାବିଲା ହୋଇଛି। ବିତର୍କ ଆରମ୍ଭ ହେବା ପୂର୍ବରୁ ଉଭୟେ ପରସ୍ପର ସହ ହାତ ମଧ ମିଶାଇ ନ ଥିଲେ। ଉଭୟେ ନିଜ ସ୍ଥାନକୁ ଯାଇ ବିତର୍କ ଆରମ୍ଭ କରିଥିଲେ। ସିଏନ୍‌ଏନ୍ ଷ୍ଟୁଡିଓରେ ପ୍ରବେଶ କରିବା ସମୟରେ ବାଇଡେନ ଟ୍ରମ୍ପଙ୍କୁ ଦେଖି ହାତ ହଲାଇ ଥିଲେ ଏବଂ କେମିତି ଅଛ ବୋଲି ପଚାରି ଥିଲେ। ମାତ୍ର ଟ୍ରମ୍ପ କିଛି ନ କହି ଚୁପ୍‌ଚାପ୍ ନିଜ ସ୍ଥାନରେ ଯାଇ ଛିଡ଼ା ହୋଇଥିଲେ। ସିଏନ୍‌ଏନ୍‌ର ୨ ଜଣ ଉପସ୍ଥାପକ ଜେକ ଟେପର ଏବଂ ଡାନା ବୈସ ଏହାର ନେତୃତ୍ୱ ନେଇଥିଲେ। ଉଭୟେ ଟ୍ରମ୍ପ ଏବଂ ବାଇଡେନଙ୍କୁ ବିଭିନ୍ନ ପ୍ରସଙ୍ଗରେ ପ୍ରଶ୍ନ ପଚାରି ଥିଲେ। ଜବାବ ଦେବା ପାଇଁ ଉଭୟଙ୍କୁ ୨ ମିନିଟ ଲେଖାଏଁ ସମୟ ଦେଇଥିଲେ। ନିଜ ପକ୍ଷ ରଖି ଅନ୍ୟକୁ ପ୍ରଶ୍ନ ପଚାରିବା ପାଇଁ ଗୋଟିଏ ମିନିଟ ଲେଖାଏଁ ସମୟ ମିଳିଥିଲା। ବିତର୍କ ସମୟରେ ବାଇଡେନ କାଶି କାଶି ଟ୍ରମ୍ପଙ୍କଠାରୁ ହାରି ଯାଇଥିଲେ।

# କଟକ ସିଟି



## ମା’ ପାଇଁ ଗଛଟିଏ ଅଭିଯାନ




**କଟକ,୨୮ ।୬(ସମିସ):** ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅଭିଯାନ ଅଧୀନରେ ଆଜି ଅପରାହ୍ନରେ କଟକ ସିଲଭର ସିଟି ବୋଟ କ୍ଲବ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ ଏହି ଅବସରରେ କହିଥିଲେ, “ବୃକ୍ଷ ବଞ୍ଚି ରହିଲେ ବିଶ୍ୱ ତିଷ୍ଠି ରହିବ ।” ଏଣୁ ପ୍ରକୃତିର ସୁରକ୍ଷା ଆମର ଦାୟିତ୍ୱ । ଏହି କାର୍ଯ୍ୟକ୍ରମକୁ ବ୍ୟାପକ କରିବା ନିମନ୍ତେ ସମସ୍ତେ ନିଜ ମା’ଙ୍କ ନାମରେ ଗୋଟିଏ ଗୋଟିଏ ଗଛ ଲଗାଇବାକୁ ସେ ନିବେଦନ କରିଛନ୍ତି । ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳଙ୍କ ସମେତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଉପନିର୍ଦ୍ଦେଶକ, ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ସୁଜାତା ପଟ୍ଟନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ପାନ୍ଥ ନିବାସ କଟକର ମ୍ୟାନେଜର ବିଜୟ ଜେନା, ସିଲଭର ସିଟି ବୋଟ କ୍ଲବ ମ୍ୟାନେଜର ଦିଲୀପ ସାହୁ ପ୍ରମୁଖ ଚାରାରୋପଣ କରିଥିଲେ ।

# କଟକଣା ପାଇଁ ବାଲି ଦର ଆକାଶଛୁଆଁ

### ରାତିଅଧିଆ ଚାଲିଛି ଚୋରା ଚାଲାଣ !

କଟକ,୨୮ ।୬(ସମିସ)

ରାସ୍ତାଗୁଡିକ ବାଲିମୁକ୍ତ ନ ହେବା ପର୍ଯ୍ୟନ୍ତ ବାଲି ପରିବହନ ଉପରେ ଜିଲ୍ଲାପାଳ ଗତ ୨୨ ତାରିଖରେ ନିଷେଧାଦେଶ ଜାରି କରିଥିଲେ । ରାସ୍ତାରୁ ବାଲି ନ ଉଠାଇବା ପର୍ଯ୍ୟନ୍ତ ନିଷେଧାଦେଶ ବଳବତ୍ତର ରହିବ ବୋଲି ମଧ୍ୟ ଆଦେଶ ଦିଆଯାଇଥିଲା । ତେବେ ଗତ ଏକ ସପ୍ତାହ ଧରି ବାଲି ପରିବହନ ନେଇ ଏକ ପ୍ରକାର ଅଚଳାବସ୍ଥା ଦେଖାଦେଇଛି । ହେଲେ ବାଲି ମାଫିଆମାନେ କିଭଳି ଚଢା ଦରରେ ବାଲି ବିକ୍ରି କରୁଛନ୍ତି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବାଲି ନେଇ ଯେଉଁ ହାଇୱା, ଟ୍ରକ, ଟ୍ରାକ୍ଟର ଗୁଡ଼ିକ ରାସ୍ତାରେ ଯାତାୟତ କରୁଛି, ସେହି ଗାଡି ଗୁଡ଼ିକର ଡାଲାକୁ ଆଦୌ ପାଲରେ ଘୋଡା ଯାଉ ନାହିଁ । ଏପରିକି ଜିଲ୍ଲାପାଳଙ୍କ ତାଗିଦ ପରେ ବି ଖଣି ବିଭାଗ ଅଧିକାରୀ ଉପଯୁକ୍ତ କାର୍ଯ୍ୟପନ୍ଥା ଗ୍ରହଣ କରିପାରିନାହାଁନ୍ତି । ଏଣୁ ବାଲି ତଥା ଲଘୁ ଖଣିଜ ଦ୍ରବ୍ୟ ପରିବହନ ଉପରେ ଜିଲ୍ଲାପାଳ ଅରିନ୍ଦମ ଡାକୁଆ ନିଷେଧାଦେଶ ଜାରି କରିଥିଲେ । ସମ୍ପୃକ୍ତ ଲିଜଧାରୀମାନେ ନିଜ ଅଞ୍ଚଳର ରାସ୍ତାଘାଟକୁ ବାଲିମୁକ୍ତ କରି ଏହାର ଜିଓ ଟ୍ୟାଗ ସହ ଭିଡିଓ ଚିତ୍ର ଉତ୍ତୋଳନ କରିଲେ ପରିବହନ ଅନୁମତି ତହସିଲରୁ ମିଳିବା କଥା । ହେଲେ ଏହି ସୁଯୋଗରେ ବାଲି ମାଫିଆମାନେ ବେଶ୍ ସକ୍ରିୟ ହୋଇପଡିଛନ୍ତି । ବିଶେଷକରି ରାତିଅଧିଆ ବାଲି ମାଫିଆମାନେ ବେଆଇନ ବାଲି ଚାଲାଣ କରିଆସୁଛନ୍ତି । ଆଗକୁ ବର୍ଷା ଋତୁ ଆସୁଥିବାରୁ ବିଭିନ୍ନ ସ୍ଥାନରେ ବାଲି ଗଚ୍ଛିତ ରଖି ବ୍ୟବସାୟ କରିବାକୁ ଅସାଧୁ ବ୍ୟବସାୟୀମାନେ ବେଧଡକ ଭାବେ ବାଲି ଉତ୍ତୋଳନ କରୁଛନ୍ତି । ମାନବ ସମ୍ବଳ ଅଭାବରୁ ଚୋରା ବାଲି ଚାଲାଣ ରୋକିବାକୁ ପ୍ରଶାସନ ସକ୍ଷମ ହୋଇନାହିଁ । ଏପରିକି ହାଇକୋର୍ଟଙ୍କ କଡା ନିର୍ଦ୍ଦେଶ ସତ୍ତ୍ୱେବି ବହୁ ବାଲିଘାଟରେ ନିୟମ ଅନୁପାଳନ ହେଉ ନ ଥିବା ଜଣାପଡିଛି । କଟକଣା ସତ୍ତ୍ୱେ କଟକ ଜିଲ୍ଲା ଦେଇ ପ୍ରବାହିତ ହେଉଥିବା ବିଭିନ୍ନ ନଦୀରୁ ଦୈନିକ ଶହ ଶହ ଟ୍ରିପ ବାଲି ଚୋରା ଚାଲାଣ କରାଯାଉଥିବା ଜଣାପଡିଛି । ଜିଲ୍ଲାରେ ସମୁଦାୟ ୧୫ଟି ତହସିଲ୍ ଅଧୀନରେ ମୋଟ ୧୦୭ଟି ବାଲିଘାଟ ରହିଛି । କିନ୍ତୁ ନିଲାମ ହୋଇ ନ ଥିବା ବାଲିଘାଟ ସହ ଅନ୍ୟାନ୍ୟ ଅଘୋଷିତ ବାଲିଘାଟକୁ ବାଲି ମାଫିଆମାନେ ବ୍ୟବହାର କରି ବାଲି ଚୋରା ଚାଲାଣ କରୁଛନ୍ତି । ଜିଲ୍ଲା ଦେଇ ପ୍ରବାହିତ ହେଉଥିବା ମହାନଦୀ, କାଠଯୋଡି, ଦେବୀ, ବିରୂପା, ଲୁଣା, ଚିତ୍ରୋତ୍ପଳା ଆଦି କେତେକ ନଦୀରେ ୫୦ରୁ ଅଧିକ ଅଘୋଷିତ ଘାଟ ଚାଲୁଛି । କଟକଣା ଜାରି ପୂର୍ବରୁ ୧ ହଜାରରୁ ୧୨ଶହ ଟଙ୍କାରେ ମିଳୁଥିବା ବାଲି ବର୍ତ୍ତମାନ ଗୋଟିଏ ଟ୍ରାକ୍ଟର ଟ୍ରିପ ବାଲିର ଦାମ ଏବେ ୧୫୦୦ରୁ ୧୮୦୦ଟଙ୍କା ହୋଇଛି । ଚୋରା ବାଲିକୁ ବିଭିନ୍ନ ସ୍ଥାନରେ ଜମା କରି ଏହାକୁ ବିକ୍ରି କରାଯାଉଛି । ଯାହା ଖଣିଜ ନିୟମର ଉଲ୍ଲଙ୍ଘନ ଅଟେ ।



### ଜୁଲାଇ ୨୫ ପର୍ଯ୍ୟନ୍ତ ଜଳହାରପୁର-ପହଙ୍ଗା ରାସ୍ତାରେ କଟକଣା

କଟକ ଜିଲ୍ଲାର ଜଳହାରପୁର ପହଙ୍ଗା ରାସ୍ତାରେ ଭାରିଯାନ ମାଧ୍ୟମରେ ବାଲି ପରିବହନ କରାଯାଉଥିବାରୁ ଗତ ୫ ମାସ ହେବ ଏହି ରାସ୍ତାର ସଂପ୍ରସାରଣ ଓ ସୁଦୃଢୀକରଣ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ଯାହାଫଳରେ ରାସ୍ତା ଦିନକୁ ଦିନ ଖରାପ ହେବାରେ ଲାଗିଛି । ସ୍ଥାନୀୟ ଜନସାଧାରଣଙ୍କ ଯୋଗାଯୋଗ ସୁବିଧା ଦୃଷ୍ଟିରୁ ଏହି ରାସ୍ତାର ମରାମତି ତଥା ସଂପ୍ରସାରଣ କାର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ ହୋଇପଡିଛି । ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଅରିନ୍ଦମ ଡାକୁଆ କଟକ ଜିଲ୍ଲା ପରିସୀମା ଅନ୍ତର୍ଗତ ଜଳହାରପୁର ପହଙ୍ଗା ରାସ୍ତାରେ ଲଘୁ ଖଣିଜ ପଦାର୍ଥ ପରିବହନ କରୁଥିବା ଭାରି ଯାନବାହନ ଗୁଡିକର ଚଳାଚଳ ଉପରେ କଟକଣା ଲାଗୁ କରିଛନ୍ତି । ଜୁଲାଇ ୨୫ ତାରିଖ ସୁଦ୍ଧା ଏହି ରାସ୍ତାର ସଂପ୍ରସାରଣ ଓ ମରାମତି କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ ।

## ୩୦ରେ କଟକରେ ବୈଷ୍ଣବ ସମ୍ମିଳନୀ




**କଟକ,୨୮ ।୬(ସମିସ):** ଶ୍ରୀଳ ପ୍ରଭୁପାଦଙ୍କ ୧୫୦ ତମ ଆବିର୍ଭାବ ତିଥି ଅବସରରେ ଗୌଡିୟ ମିଶନ ଓ କଟକ ଓଡ଼ିଆ ବଜାର ସଚ୍ଚିଦାନନ୍ଦ ମଠ ପକ୍ଷରୁ ୩ ଦିନ ଧରି ଏକ ବିଶାଳ ବୈଷ୍ଣବ ସମ୍ମିଳନୀ ଅନୁଷ୍ଠିତ ହେବ । ୨୮ ଓ ୨୯ ତାରିଖରେ ଭାଗବତ କଥା ଏବଂ ୩୦ ତାରିଖରେ କଟକ ସାରଳା ଭବନରେ ବୈଷ୍ଣବ ସମ୍ମିଳନୀରେ ଓଡ଼ିଶାର ବାଚସ୍ପତି ସୁରମା ପାଢ଼ୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହି କାର୍ଯ୍ୟକ୍ରମରେ ଭାରତ ବର୍ଷର ବିଭିନ୍ନ ପ୍ରାନ୍ତରୁ ସାଧୁ, ସନ୍ୟାସୀ ଯୋଗଦେବାର ମଧ୍ୟ କାର୍ଯ୍ୟକ୍ରମ ରହିଛି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଗୌଡିୟ ମିଶନର କାର୍ଯ୍ୟକର୍ତ୍ତା ।

## ଡାକ୍ତରଙ୍କ ଅନୁପସ୍ଥିତିରେ ଅସ୍ତ୍ରୋପଚାର ନ କରିବାକୁ ବିଜ୍ଞପ୍ତି

**କଟକ,୨୮ ।୬(ସମିସ):** ସର୍ଜରୀ, ଅସ୍ଥିଶଲ୍ୟ, ନ୍ୟୁରୋସର୍ଜରୀ, ନିଶ୍ଚେତକ ବିଭାଗର ବରିଷ୍ଠ ଡାକ୍ତରଙ୍କ ଅନୁପସ୍ଥିତିରେ ଟ୍ରମା ଓଟିରେ କୌଣସି ଅସ୍ତ୍ରୋପଚାର ନ କରିବାକୁ ଏସ୍‌ସିବି ଅଧୀକ୍ଷକ ଆଜି ବିଜ୍ଞପ୍ତି ଜାରି କରିଛନ୍ତି । ପିଜି ଡାକ୍ତର ଟ୍ରମା ଓଟିରେ ଅସ୍ତ୍ରୋପଚାର କରୁଥିବା ଓ ବରିଷ୍ଠ ଡାକ୍ତରମାନେ ସଂପୃକ୍ତ ବିଭାଗର ଅନୁପସ୍ଥିତ ରହୁଥିବା ସମ୍ପର୍କରେ ଅଧୀକ୍ଷକଙ୍କ ଦୃଷ୍ଟିକୁ ଆସିବା ପରେ ଏଭଳି ନିର୍ଦ୍ଦେଶନାମା ଜାରୀ କରିଛନ୍ତି । ପୂର୍ବରୁ ପାଖାପାଖି ବର୍ଷକ ତଳେ ଏସ୍‌ସିବି ଅଧୀକ୍ଷକ ପ୍ରଫେସର ଡାକ୍ତର ସୁଧାଂଶୁ ଶେଖର ମିଶ୍ର ବରିଷ୍ଠ ଡାକ୍ତରଙ୍କ ଅନୁପସ୍ଥିତିରେ ଏସ୍‌ସିବିରେ ଅସ୍ତ୍ରୋପଚାର ହୋଇପାରିବ ନାହିଁ ବୋଲି ନିର୍ଦ୍ଦେଶନାମା ଜାରି କରିଥିଲେ । ତା’ ସତ୍ତ୍ୱେ ନିର୍ଦ୍ଦିଷ୍ଟ କେତେକ ବିଭାଗର ବରିଷ୍ଠ ଡାକ୍ତରଙ୍କ ଅନୁପସ୍ଥିତିରେ ଟ୍ରମା ଓଟିରେ ଅସ୍ତ୍ରୋପଚାର କରାଯାଉଥିବା ଅଭିଯୋଗ ଆସିଥିଲା । ଏହା ପରେ ପୁଣି ଥରେ ନିର୍ଦ୍ଦେଶନାମା ଜାରୀ କରିଛନ୍ତି ଅଧୀକ୍ଷକ । ଆସିଷ୍ଟାଣ୍ଟ ପ୍ରଫେସର, ସିନିୟର ରେସିଡେଣ୍ଟଙ୍କ ଅନୁପସ୍ଥିତିରେ କୌଣସି ଅସ୍ତ୍ରୋପଚାର ହୋଇପାରିବ ନାହିଁ ବୋଲି ନିର୍ଦ୍ଦେଶନାମା ଜାରି କରିଛନ୍ତି ।

## ରେଲ୍‌ୱେ କେବୁଲ୍ ଚୋରି

**କଟକ,୨୮ ।୬(ସମିସ):** ଜଣେ ପେସାଦାର ଚୋରକୁ କଟକ ଆରପିଏଫ ଗିରଫ କରିଛି । ଅଭିଯୁକ୍ତ ଜଣକ ହେଉଛି ଜଗତସିଂହପୁର ଜିଲ୍ଲା ମାର୍କଣ୍ଡପୁର ଗାଁର ଆଲୋକ କୁମାର ବେହେରା(୨୨) । ତା’ ପାଖରୁ ଦୁଇଟି ଆର୍ଥ ରିଟର୍ଣ୍ଣ କେବୁଲ ଜବତ ହୋଇଛି ।

ଗୁରୁବାର ବିଳମ୍ବିତ ରାତିରେ ଆରପିଏଫ ପକ୍ଷରୁ କଟକ ନିର୍ଗୁଣ୍ଡି ରେଳ ଷ୍ଟେସନ ଲାଇନରେ ପାଟ୍ରୋଲିଂ କରାଯାଉଥିଲା । ଏହି ସମୟରେ ମଙ୍ଗୁଳି ଷ୍ଟେସନ ପାଖରେ ଅଭିଯୁକ୍ତ ଆଲୋକ ସନ୍ଦିଗ୍ଧଙ୍କ ଭଳି ବୁଲାବୁଲି କରୁଥିବା ନଜରରେ ପଡଥିଲା । ତେବେ ସେ ଆରପିଏଫ କର୍ମଚାରୀଙ୍କୁ ଦେଖି ଖସି ପଳାଇବାକୁ ଉଦ୍ୟମ କରି ବିଫଳ ହୋଇଥିଲା । ତାକୁ ଧରିଆଣି ଯାଞ୍ଚ କରିବାରୁ ତା’ ପାଖରୁ ଦୁଇଟି ଆର୍ଥ ରିଟର୍ଣ୍ଣ କେବୁଲ ମିଳିଥିଲା । ଯାହାକି ରେଳ ଇଞ୍ଜିନରେ ବ୍ୟବହୃତ ହୋଇଥାଏ । ଏହା ବେଶୀ ମୂଲ୍ୟବାନ ଏବଂ ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରାଂଶ ଭାବେ କାମ କରିଥାଏ । ଅଧିକ ତଦନ୍ତରୁ ଜଣାପଡିଛିଯେ, ଆଲୋକ ଜଣେ ପେସାଦାର ଚୋର ସହିତ ନିଶା ବେପାରୀ । ପ୍ରାୟତଃ ସମୟ ସେ ବିଭିନ୍ନ ମାଧ୍ୟମରେ ନିର୍ଗୁଣ୍ଡି ଷ୍ଟେସନକୁ ଆସିଥାଏ । ଆଉ ସେଠାରେ ସୁଯୋଗ ଦେଖି ଷ୍ଟେସନରେ ଅଟକୁଥିବା ମାଲବାହୀ ଟ୍ରେନରୁ ଉକ୍ତ ସରଞ୍ଜାମ କାଟି ନେଉଥିଲା । ପରେ ତାହାକୁ ଅଧିକ ଦାମରେ ବିକ୍ରି କରିଦେଉଥିଲା । ପୂର୍ବରୁ ମଧ୍ୟ ତା ଅଭିଯୁକ୍ତ ଆଲୋକ ନାଁରେ ଜଗତସିଂହପୁର ଥାରେ ୩ଟି ଚୋରି ଓ ଗଞ୍ଜେଇ ବେପାରୀ ନେଇ ମାମଲା ରହିଛି । ଶୁକ୍ରବାର ତାକୁ କୋର୍ଟ ଚାଲାଣ କରାଯାଇଛି । ତେବେ ସେ କାହାକୁ ଓ କେତେ ଟଙ୍କା ଉକ୍ତ କେବୁଲ ବିକ୍ରି କରୁଥିଲା ଏବଂ କିଣିଥିବା ବ୍ୟକ୍ତି ଏହାକୁ ନେଇ କଣ କରୁଥିଲେ ସେନେଇ ତଦନ୍ତ ଜାରି ରହିଥିବା ଆରପିଏଫ ଅଧିକାରୀ ଅନିଲ ସିଂହ ସୂଚନା ଦେଇଛନ୍ତି ।

# ସର୍ଟସର୍କିଟ୍‌ରୁ ଜଳିଗଲା ମୋ ବସ୍

### ଅଳ୍ପକେ ବର୍ତ୍ତିଲେ ଚାଳକ ଓ ଯାତ୍ରୀ

କଟକ,୨୮ ।୬(ସମିସ)



ମର୍କତନଗର ସେକ୍ଟର-୯ ଅଞ୍ଚଳରେ ଯାତ୍ରୀ ନେଇ ଯାଉଥିବା ଏକ ମୋ ବସ୍‌ରେ ନିଆଁ ଲାଗିଯାଇଛି । ଅଗ୍ନିକାଣ୍ଡ ଘଟି ବସଟି ସମ୍ପୂର୍ଣ୍ଣ ଜଳି ନଷ୍ଟ ହୋଇଯାଇଛି । ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବାରୁ ଏକ ବଡ ଅଘଟଣ ଟଳିଥିଲା । ଏଥିରେ କେହି ମୃତାହତ ହୋଇନଥିବା ଜଣାପଡ଼ିଛି ।

ସୂଚନା ଅନୁସାରେ, ଆଜି ସକାଳ ପ୍ରାୟ ସାଢେ ୮ଟାରେ ଏକ ମିନି ମୋ’ ବସ ବିଜୁ ପଟ୍ଟନାୟକ ପାର୍କ ପାଖ ପାର୍କିଂରୁ ବାହାରି ଭୁବନେଶ୍ୱର ଅଭିମୁଖେ ବାହାରିଥିଲା । ବସଟି ସେକ୍ଟର-୧୦ ଅତିକ୍ରମ କରି ସେକ୍ଟର-୯ ସରସ୍ୱତୀ ଶିଶୁ ମନ୍ଦିର ସ୍କୁଲ ରାସ୍ତା ଦେଇ ଯାଉଥିଲା । ଏହି ସମୟରେ ବସରେ ୨ ଜଣ ଯାତ୍ରୀ ଥିଲେ । ଶିଶୁ ମନ୍ଦିର ସ୍କୁଲ ଛକ ନିକଟରେ ଆଉ କିଛି ଯାତ୍ରୀ ଏହି ବସ ଅପେକ୍ଷାରେ ଛିଡା ହୋଇଥିଲେ । ଏହା ପୂର୍ବରୁ ଡ୍ରାଇଭର ଦେଖିଲେଯେ, ଗାଡିର ଷ୍ଟିୟରିଂ ପାଖରୁ ଧୂଆଁ ବାହାରୁଛି । ଘଟଣା କଣ ଜାଣିବା ଆଗରୁ ନିଆଁ ହୁଳା ବାହାରିଥିଲା । ଏହା ଦେଖି ଡ୍ରାଇଭର ତୁରନ୍ତ ବସକୁ ମଝି ରାସ୍ତାରେ ଅଟକାଇ ଦେଇଥିଲେ । ଏହାପରେ ସେ ନିଜେ ବାହାରିଯିବା ସହ କଣ୍ଡକ୍ଟର ଓ ୨ ଯାତ୍ରୀଙ୍କୁ ଓହ୍ଲାପଡିବାକୁ କହିଥିଲେ । ଚାହୁଁ ଚାହୁଁ ବସର ଭିତର ପାୱାର୍ ଇଞ୍ଜିନରେ ନିଆଁ ଧରିନେଇଥିଲା । କ୍ଷଣିକରେ ନିଆଁ ସମ୍ପୂର୍ଣ୍ଣ ବସ୍‌ରେ ବ୍ୟାପି ଯାଇଥିଲା । ଖବର ପାଇ ବିଡାନାସୀ ଅଗ୍ନିଶମ କେନ୍ଦ୍ରରୁ ଗୋଟିଏ ଟିମ୍ ଦମକଳ ଗାଡ଼ି ସହ ସେଠାରେ ପହଞ୍ଚିଥିଲା । ମାତ୍ର ସେତେବେଳକୁ ନିଆଁ ପୂରା ବସକୁ କବଳିତ କରିସାରିଥିଲା । ପାଣି ମାଡ କରାଯିବା ସତ୍ତ୍ୱେନିଆଁ ଆୟତ୍ତକୁ ଆସିନଥିଲା । ଏଣୁ ବକ୍ସିବଜାର କେନ୍ଦ୍ରରୁ ଆଉ ଗୋଟିଏ ଦମକଳ ଆସି ପହଞ୍ଚିଥିଲା । ଏଏଫଓ ସଞ୍ଜୀବ ବେହେରାଙ୍କ ନେତୃତ୍ୱରେ ମୋଟ ୧୨ ଜଣ ଅଗ୍ନିଶମ କର୍ମଚାରୀ ନିଆଁ ଲିଭାରେ ନିୟୋଜିତ ହୋଇଥିଲେ । ତେବେ ଜଳନ୍ତା ବସ ଉପରେ ବିଦ୍ୟୁତ ତାର ଥିବାରୁ କୌଣସି ବଡ ଅଘଟଣ ଆଶଙ୍କାରେ ସମଗ୍ର ଅଞ୍ଚଳରେ ବିଦ୍ୟୁତ ସଂଯୋଗ କାଟି ଦିଆଯାଇଥିଲା । ବିଦ୍ୟୁତ କର୍ମଚାରୀଙ୍କ ସହିତ ମର୍କତନଗର ଥାନା ପୁଲିସ ମଧ୍ୟ ପହଞ୍ଚି ସ୍ଥିତି ଉପରେ ନଜର ରଖିଥିଲେ । ପ୍ରାୟ ଏକ ଘଣ୍ଟା ଧରି ଅନବରତ ପାଣି ମାଡ କରାଯିବା ପରେ ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରାଯାଇଥିଲା । ଅଗ୍ନିକାଣ୍ଡରେ ବସଟି ସମ୍ପୂର୍ଣ୍ଣ ଜଳି ଯାଇଛି । କେବଳ ଲୁହା ଅଂଶକୁ ଛାଡିଦେଲେ ବାକି ସବୁ ସରଞ୍ଜାମ ନଷ୍ଟ ହୋଇଯାଇଛି । ସୌଭାଗ୍ୟବଶତଃ ଅଗ୍ନିକାଣ୍ଡରେ କେହି ମୃତାହତ ହୋଇନାହାନ୍ତି । ମାତ୍ର ନିଆଁ ଲିଭା ବେଳକୁ ଉକ୍ତ ବସର ଡ୍ରାଇଭର ଓ କଣ୍ଡକ୍ଟର ଘଟଣାସ୍ଥଳରୁ ଚାଲିଯାଇଥିଲେ । ଏଣୁ ଅଘଟଣଜନିତ ଅଧିକ ତଥ୍ୟ ମିଳିପାରିନାହିଁ । ପ୍ରାଥମିକ ତଦନ୍ତରୁ ସଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି ବୋଲି ଅଗ୍ନିଶମ ଅଧିକାରୀ ଶ୍ରୀ ବେହେରା ସୂଚନା ଦେଇଛନ୍ତି ।

### ବଦଳିଲା ସରକାର

# ଆଶଙ୍କାରେ ପଡିକାର୍ଡଧାରୀ; ଚିନ୍ତାରେ ଖୁଚୁରା ବିକ୍ରେତା

କଟକ,୨୮ ।୬(ସମିସ)





ରାଜ୍ୟରେ ଶାସନ ବ୍ୟବସ୍ଥାର ପରିବର୍ତ୍ତନ ଘଟିଛି । ରାଜ୍ୟରେ ଡବଲ ଇଞ୍ଜିନ ସରକାର ଶାସନ କରୁଛି । ବର୍ତ୍ତମାନ କିନ୍ତୁ ଗରିବ ପଡିକାର୍ଡଧାରୀ ସେମାନଙ୍କ ସାମଗ୍ରୀ ପାଇବା ନେଇ ଆଶଙ୍କାରେ ଥିବା ବେଳେ ଖୁଚୁରା ବିକ୍ରେତାମାନେ ଚିନ୍ତାରେ ପଡିଯାଇଛନ୍ତି । ଏଠାରେ ସୂଚନାଯୋଗ୍ୟ ରାଜ୍ୟରେ ଗରିବ ସୀମା ରେଖା ତଳେ ଥିବା ଲୋକଙ୍କୁ ଦୁଇଭାଗରେ ବିଭକ୍ତ କରାଯାଇ ଗୋଟିଏ ଭାଗ ଲୋକଙ୍କୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମଗ୍ରୀ ଯୋଗାଇ ଦିଆଯାଉଥିବା ବେଳେ ଆଉ ଗୋଟିଏ ଭାଗ ଲୋକଙ୍କୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଜରିଆରେ ସାମଗ୍ରୀ ଦିଆଯାଉଥିଲା । ଯାହାକି ବିଜେଡି ସରକାର ଏହି ଯୋଜନା କରି ନିଜସ୍ୱ ପାଣ୍ଠିରୁ ଏହା କରିଥିଲେ । ସରକାର ପରିବର୍ତ୍ତନ ହେବା ପରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ପଡିକାର୍ଡଧାରୀ ଏବେ ଆଶଙ୍କାରେ ପଡ଼ିଯାଇଛନ୍ତି ବର୍ତ୍ତମାନର ସରକାର ଏହି ବ୍ୟବସ୍ଥା ଅପରିବର୍ତ୍ତିତ ରଖିବେ ନା ବନ୍ଦ କରିଦେବେ । କଟକ ମହାନଗର ନିଗମ ଅଞ୍ଚଳ କଥା ଯଦି ବିଚାରକୁ ନେବା ତେବେ କଟକ ମହାନଗର ନିଗମ ଅଞ୍ଚଳର ୫୯ଟି ୱାର୍ଡରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାର ପଡିକାର୍ଡ ସଂଖ୍ୟା ୬୭,୬୦୯, ଅନ୍ତ୍ୟୋଦୟ ଅନ୍ନ ଯୋଜନା ପଡିକାର୍ଡ ସଂଖ୍ୟା ୬୨୪୮, ସେହିପରି ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ପଡିକାର୍ଡ ସଂଖ୍ୟା ୨୭୦୪ ରହିଛି । ଏହି ପଡିକାର୍ଡଧାରୀଙ୍କୁ ସାମଗ୍ରୀ ବଣ୍ଟନ ପାଇଁ ୧୫୮ଜଣ ଖୁଚୁରା ବିକ୍ରେତା ନିଯୁକ୍ତ ହୋଇଛନ୍ତି । କଟକ ମହାନଗର ନିଗମ ଅଞ୍ଚଳର ନିଯୁକ୍ତ ଖୁଚୁରା ବିକ୍ରେତାମାନେ ଗତ କରୋନା ମହାମାରୀ ସମୟରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ସାମଗ୍ରୀ ବଣ୍ଟନ କରିଥିଲେ ଓ ବର୍ତ୍ତମାନ ଜାନୁଆରୀ ୨୦୨୩ ଠାରୁ ମଧ୍ୟ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଅନ୍ତର୍ଗତ ସାମଗ୍ରୀ ବଣ୍ଟନ କରୁଛନ୍ତି । ମାତ୍ର ସେମାନଙ୍କ ପାରିଶ୍ରମିକ ଠିକ୍ ଭାବରେ ପାଇ ପାରୁନାହାନ୍ତି । ଯାହାକୁ ନେଇ ସେମାନେ ବାରମ୍ବାର ଆନ୍ଦୋଳନ କରିଛନ୍ତି । ଏପରିକି ସେମାନେ ପ୍ରତିବାଦରେ ପିଓଏସ ମେସିନ୍ ଯୋଗାଣ ଅଧିକାରୀଙ୍କୁ ଫେରାଇବା ଭଳି ପନ୍ଥା ମଧ୍ୟ ଅବଲମ୍ବନ କରିଥିଲେ । ଖୁଚୁରା ବିକ୍ରେତାଙ୍କ ଏହି ଆନ୍ଦୋଳନ ଫଳରେ ଗତ ସରକାର ଗତ ମେ ମାସ ପତ୍ର ସଂଖ୍ୟା ୬୨୬୪/୨୮.୦୫.୨୪ ଅନୁଯାୟୀ ପୂର୍ବ ବଣ୍ଟନ ବାବଦ ବକେୟାର ୨୨ ମାସ ବକେୟାରୁ ୧୬ ମାସର ଓ ଚଳିତ ୬ମାସ ବକେୟାର ଅଧା ପାରିଶ୍ରମିକ ଦେବାର ଆଦେଶ କରିଛନ୍ତି । ପୂର୍ବ ଛଅ ମାସର ବକେୟା ସଂପୂର୍ଣ୍ଣ ପାରିଶ୍ରମିକ ଓ ଜାନୁଆରୀ ଠାରୁ ମାର୍ଚ୍ଚ ୨୦୨୩ ତିନି ମାସ ଓ ଚଳିତ ବର୍ଷ ଜାନୁଆରୀ ଠାରୁ ଜୁନ ଛଅ ମାସର ସାମଗ୍ରୀ ବଣ୍ଟନ ସରିଥିଲେ ମଧ୍ୟ ମାତ୍ର ଅଧା ପାରିଶ୍ରମିକ ପ୍ରଦାନ କରାଯାଇଛି । ଯାହାକୁ ନେଇ କାର୍ଯ୍ୟରତ ଖୁଚୁରା ବିକ୍ରେତାମାନେ ଚିନ୍ତାରେ ପଡିଯାଇଛନ୍ତି । କଟକ ମହାନଗର ନିଗମ ଅଞ୍ଚଳରେ କାର୍ଯ୍ୟରତ ଖୁଚୁରା ବିକ୍ରେତାମାନେ ସାମଗ୍ରୀ ବଣ୍ଟନ ବାବଦକୁ କ୍ୱିଣ୍ଟାଲ ପିଛା ଏକ ଶହ ଚାରି ଟଙ୍କା ପାରିଶ୍ରମିକ ପାଇଥାଆନ୍ତି ଯେଉଁ ପାରିଶ୍ରମିକରୁ ସେମାନଙ୍କୁ ଦୋକାନ ଗୃହ ଭଡ଼ା, ବିଦ୍ୟୁତ ଖର୍ଚ୍ଚ, ଇଣ୍ଟରନେଟ ଖର୍ଚ୍ଚ, ମେସିନ୍ ପେପର ରୋଲ୍, ସାମଗ୍ରୀ ପଡିକାର୍ଡ ଧାରୀଙ୍କୁ ଓଜନ ମାପ କରିଦେବା ପାଇଁ ନିଯୁକ୍ତ ସହାୟକ/ସହାୟିକାଙ୍କୁ ଓ ସେମାନଙ୍କ ପ୍ରାପ୍ୟ, ପରିବହନ ଠିକାଦାରଙ୍କ ବାଟମାରଣାରୁ ନିଅଣ୍ଟ ହେଉଥିବା ସାମଗ୍ରୀ ଭରଣା ବାବଦ ଖର୍ଚ୍ଚ ସହ ଅନ୍ୟାନ୍ୟ ଖର୍ଚ୍ଚ ବହନ କରିବା ପାଇଁ ପଡ଼ିଥାଏ । ଏପରି ସ୍ଥଳେ ସେମାନଙ୍କୁ ପୂରା ପାରିଶ୍ରମିକ ବଦଳରେ ଯଦି ଅଧା ଅର୍ଥାତ୍ କ୍ୱିଣ୍ଟାଲ ପିଛା ମାତ୍ର ୫୨ଟଙ୍କା ପାରିଶ୍ରମିକ ପ୍ରଦାନ କରାଯିବ ଏବଂ ବକେୟା କେବେ ପ୍ରଦାନ କରାଯିବ ତାହାକୁ ନେଇ ଯୋଗାଣ ବିଭାଗ କୌଣସି ସନ୍ତୋଷଜନକ ଉତ୍ତର ଦେଉ ନ ଥିବା ଫଳରେ ଖୁଚୁରା ବିକ୍ରେତାମାନେ ଏବେ ଚିନ୍ତାରେ ପଡିଯାଇଛନ୍ତି । ଯଦି ହିସାବ କରି ଦେଖାଯାଏ କଟକ ମହାନଗର ନିଗମ ଅଞ୍ଚଳର ୫୯ଟି ୱାର୍ଡର କାର୍ଯ୍ୟରତ ଖୁଚୁରା ବିକ୍ରେତାଙ୍କ ନଅ ମାସର ବକେୟା ଅଧା ପାରିଶ୍ରମିକର ପରିମାଣ ପ୍ରାୟ ୬୦ ଲକ୍ଷ ୮୩ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ହେବ । ଏଣେ ଯୋଗାଣ ବିଭାଗ ଜୁଲାଇ ୨୦୨୪ ଠାରୁ ସେପ୍ଟେମ୍ବର ୨୦୨୪ ପର୍ଯ୍ୟନ୍ତ ପୁନଶ୍ଚ ସାମଗ୍ରୀ ବଣ୍ଟନ ପାଇଁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଏପରି ସ୍ଥଳେ ଖୁଚୁରା ବିକ୍ରେତା କିଭଳି ସୁଚାରୁରୂପେ ସାମଗ୍ରୀ ବଣ୍ଟନ କରିବ ତାହାକୁ ନେଇ ଆଶା ଆଶଙ୍କା ସୃଷ୍ଟି ହୋଇଛି, ତେଣୁ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗୀୟ ମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରି କାର୍ଯ୍ୟରତ ଖୁଚୁରା ବିକ୍ରେତାଙ୍କ ସାମଗ୍ରୀ ବଣ୍ଟନ ବାବଦକୁ ବକେୟା ସମସ୍ତ ପାରିଶ୍ରମିକ ଏକକାଳୀନ ପ୍ରଦାନ ପାଇଁ ବିଭାଗକୁ ନିର୍ଦ୍ଦେଶ ଦେବା ପାଇଁ ଅଲ୍ ଇଣ୍ଡିଆ ଫେୟାର ପ୍ରାଇସ୍ ସପ୍ ଡିଲର୍ସ ଫେଡେରେସନ ଓଡିଶା ଶାଖାର ସାଧାରଣ ସଂପାଦକ ତଥା କଟକ ରିଟେଲ ଡିଲର୍ସ ଆସୋସିଏସନ୍‌ର କାର୍ଯ୍ୟକାରୀ ସଭାପତି ସୈୟଦ ଏକ୍ରାମ ହୁସେନ ଦୃଢ଼ ଦାବି କରିଛନ୍ତି ।

## ରେଳଯାତ୍ରୀଙ୍କୁ ବ୍ୟାଗ୍ ହସ୍ତାନ୍ତର

**କଟକ,୨୮ ।୬(ସମିସ):** ଟ୍ରେନରେ ଛାଡି ଆସିଥିବା ଲଗେଜ ଓ ମୋବାଇଲ ଫେରିପାଇଛନ୍ତି ଜଣେ ମହିଳା ଯାତ୍ରୀ । କଟକ ଆରପିଏଫ ଉକ୍ତ ସାମଗ୍ରୀକୁ ପାଇ ମହିଳାଙ୍କୁ ଫେରସ୍ତ କରିଛି । ଶୁକ୍ରବାର ଦିନ ସମୟରେ ଆରପିଏଫର ଏକ ଟିମ ବାଙ୍ଗିରିପୋଷୀ ଏକ୍ସପ୍ରେସରେ ଯାଞ୍ଚ କରୁଥିଲା । ଏହି ସମୟରେ ଟ୍ରେନର କୋଚ ନଂ ଡି-୨ରେ ସନ୍ଦିଗ୍ଧ ଅବସ୍ଥାରେ ପଡିଥିବା ଏକ ଲଗେଜ ଉପରେ ନଜର ପଡିଥିଲା । ଉକ୍ତ ଲଗେଜ ବ୍ୟାଗକୁ ଆଣି ଯାଞ୍ଚ କରିବାରୁ ସେଥିରେ ଗୋଟିଏ ମୋବାଇଲ ସହିତ ବହୁ ବ୍ୟବହାର ସାମଗ୍ରୀ ରହିଥିଲା । ଏହାପରେ ଆରପିଏଫ ଏଏସଆଇ ଦେବରାଜ ମହାପାତ୍ର ଉକ୍ତ ମୋବାଇଲକୁ ଅନ କରିବାରୁ ମହିଳା ଯାତ୍ରୀଙ୍କ ସହ ଯୋଗାଯୋଗ ହୋଇଥିଲା । ମହିଳା ଯାତ୍ରୀ ଜ୍ୟୋତ୍ସ୍ନାରାଣୀ ଦାସଙ୍କ କହିବାନୁସାରେ ସେ ବାଲେଶ୍ୱରରେ ସପରିବାର ରହୁନ୍ତି । ଶୁକ୍ରବାର ନିଜ ପରିବାର ସହିତ ବାଲେଶ୍ୱରରୁ ଟ୍ରେନ ଯୋଗେ ଶାଶୁ ଘର ଯାଜପୁର ଆସିଥିଲେ । ତେବେ ଯାଜପୁର ରୋଡ ଷ୍ଟେସନରେ ସେ ତରବରିଆ ଭାବେ ଟ୍ରେନରୁ ଓହ୍ଲାଇବା ସମୟରେ ଲଗେଜକୁ ଛାଡି ଆସିଥିଲେ । ସୂଚନା ପାଇ ଅପରାହ୍ନରେ ସେ କଟକ ଆରପିଏଫ ପୋଷ୍ଟରେ ପହଞ୍ଚିଥିଲେ । ଏହାପରେ ତାଙ୍କୁ ତାଙ୍କର ଲଗେଜ ଓ ମୋବାଇଲ ହସ୍ତାନ୍ତର କରାଯାଇଛି । ନିଜର ସାମଗ୍ରୀ ଫେରିପାଇଥିବାରୁ ଜ୍ୟୋତ୍ସ୍ନାରାଣୀ ଆରପିଏଫ କର୍ମଚାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ବରିଷ୍ଠ ସମ୍ବାଦପତ୍ର ବିକ୍ରେତାଙ୍କ ପରଲୋକ



**କଟକ,୨୮ ।୬(ସମିସ):** ବରିଷ୍ଠ ସମ୍ବାଦପତ୍ର ବିକ୍ରେତା ଦୀନବନ୍ଧୁ ମହାନ୍ତିଙ୍କର ସିଡିଏ ସେକ୍ଟର-୭ସ୍ଥିତ ବାସଭବନରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୭୯ବର୍ଷ ହୋଇଥିଲା । ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତୀ ଓ ନାତୁଣୀ ଉପସ୍ଥିତ ଥିଲେ । ବଡ଼ପୁଅ ଉଦୟ ଉଦୟ ମହାନ୍ତି ମୁଖାଗ୍ନି ଦେଇଥିଲେ ଦୀନବନ୍ଧୁ ଜଣେ ପରୋପକାରୀ ଓ ମିଷ୍ଟଭାଷୀ ବ୍ୟକ୍ତି ଥିଲେ । ସେ ୫୦ବର୍ଷ ଧରି ସମ୍ବାଦପତ୍ର ବିକ୍ରୟ କରୁଥିଲେ । ସମ୍ବାଦପତ୍ର ବିକ୍ରେତା ସଂଘର ସଭାପତି ବିଜୟ କୁମାର ପଢ଼ିହାରୀ, ଉପସଭାପତି ପିତାମ୍ବର ବେହେରା, ସାଧାରଣ ସମ୍ପାଦକ ରତ୍ନାକର ପ୍ରଧାନ, ସହ ସମ୍ପାଦକ ପ୍ରଶାନ୍ତ ସାହୁ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, ପ୍ରଭାସ ପ୍ରଧାନ, ସଭ୍ୟ ମନୋଜ ପାଲ୍, ହାଡ଼ିବନ୍ଧୁ ବେହେରା, କେ.ବେଣୁ ରାଓ, କାର୍ତ୍ତିକ ବେହେରା, ବିଷ୍ଣୁଚରଣ ଦାସ, ଦୁର୍ଗାପ୍ରସାଦ ଛାଟୋଇ, ସନ୍ତୋଷ ମହାନ୍ତି, ବିଶ୍ୱନାଥ ସାହୁ, ଦୀନବନ୍ଧୁ ସାହୁ, ନବଘନ ସାହୁ, ଦୀପ୍ତିରଞ୍ଜନ ପଟ୍ଟନାୟକ, ଉତ୍ତମ ଦାସ ପ୍ରମୁଖ ଦୀନବନ୍ଧୁଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି ।





ନୂଆଦିଲ୍ଲୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା (ବାମରୁ) ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହ ମନ୍ତ୍ରୀ ଅମିତ ଶାହ ଓ କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ସାକ୍ଷାତ କରୁଛନ୍ତି

# ଓଏଭିରେ +୨ ନାମଲେଖା ପାଇଁ ଆବେଦନ ଆରମ୍ଭ

**୧୫ ତାରିଖରେ ପ୍ରକାଶ ପାଇବ ମେଧା ତାଲିକା**

**ଜୁଲାଇ ୩୧ ସୁଦ୍ଧା ସରିବ ନାମଲେଖା ପ୍ରକ୍ରିୟା**

ଭୁବନେଶ୍ୱର, ୨୭।୬(ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି)ରେ +୨ ପ୍ରଥମ ବର୍ଷ ବା ଏକାଦଶ ଶ୍ରେଣୀରେ ନାମଲେଖା ପାଇଁ ଆବେଦନ ଆରମ୍ଭ ହୋଇଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ (ଓଏଭିଏସ୍) ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଆଶାୟୀ ଛାତ୍ରଛାତ୍ରୀମାନେ ଅଫଲାଇନ୍‌ରେ ଜୁଲାଇ ୧୨ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ। ୧୫ତାରିଖରେ ମେଧା ତାଲିକା ପ୍ରକାଶ ପାଇବ। ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ୧୬ରୁ ୨୧ତାରିଖ ମଧ୍ୟରେ ନାମ ଲେଖାଇବେ। ଏହାପରେ ୨୨ ତାରିଖରେ ୱେଟିଂଲିଷ୍ଟ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ ଓ ୨୩ରୁ ୩୦ତାରିଖ ମଧ୍ୟରେ ନାମଲେଖା ହେବ। ସମସ୍ତ ନାମଲେଖା ପ୍ରକ୍ରିୟା ଜୁଲାଇ ୩୧ ତାରିଖରେ ସରିବ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି।

ରାଜ୍ୟର ୨୧୪ଟି ଓଏଭିରେ +୨ ରହିଛି। ଏ ସବୁରେ ଉଭୟ ବିଜ୍ଞାନ ଓ ବାଣିଜ୍ୟ ପାଇଁ ୮୦ଟି ଲେଖାଏଁ ସିଟ୍ ରହିଛି। ବିଜ୍ଞାନରେ ଆବେଦନ କରିବାକୁ ହେଲେ, ସାଧାରଣ ଓ ପଛୁଆ ବର୍ଗର ଛାତ୍ରଛାତ୍ରୀମାନେ ଦଶମରେ ସମୁଦାୟ ୫୫ପ୍ରତିଶତ ବା ଅଧିକ ମାର୍କ ରଖିଥିବା ଆବଶ୍ୟକ। ଏହାସହ ବିଜ୍ଞାନ ଓ ଗଣିତରେ ମିଳିତ ଭାବେ ୫୦ପ୍ରତିଶତ ନମ୍ବର ରଖିଥିଲେ ଆବେଦନ କରିବାକୁ ଯୋଗ୍ୟ ବିବେଚିତ ହେବେ। ଅନୁରୂପ ଭାବେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀମାନେ ସମୁଦାୟ ୫୦ପ୍ରତିଶତ ଏବଂ ଗଣିତ ଓ ବିଜ୍ଞାନରେ ମିଳିତ ଭାବେ ୪୫ପ୍ରତିଶତ ନମ୍ବର ରଖିଥିଲେ ଆବେଦନ କରିପାରିବେ। ବାଣିଜ୍ୟରେ ଆବେଦନ କରିବାକୁ ହେଲେ କେବଳ ଦଶମ ପାସ୍ କରିଥିବା ଆବଶ୍ୟକ ବୋଲି ଦର୍ଶାଯାଇଛି। ଛାତ୍ରଛାତ୍ରୀଙ୍କ ଚୟନ କରିବାର ପ୍ରକ୍ରିୟା ମଧ୍ୟ ସମସ୍ତ ଓଏଭିକୁ ଅବଗତ କରାଯାଇଛି। ପ୍ରଥମେ ସେହି ସ୍କୁଲର ଛାତ୍ରଛାତ୍ରୀଙ୍କୁ ପ୍ରାଥମିକତା ଦିଆଯିବ। ପରେ ସେହି ଜିଲ୍ଲା ଓ ତା’ ପରେ ଅନ୍ୟ ଜିଲ୍ଲା ଓଏଭି ଛାତ୍ରଛାତ୍ରୀଙ୍କୁ ବିଚାରକୁ ନିଆଯିବ। ଏହାପରେ ଯଥାକ୍ରମେ ସେହି ବ୍ଲକ, ସେହି ଜିଲ୍ଲା ଓ ଅନ୍ୟ ଜିଲ୍ଲାର ସରକାରୀ ଓ ବେସରକାରୀ ବିଦ୍ୟାଳୟର ପିଲାଙ୍କୁ ଆଗ୍ରାଧିକାର ଦିଆଯିବ ବୋଲି ଗାଇଡଲାଇନ୍‌ରେ ଦର୍ଶାଯାଇଛି।

ସୂଚନାଯୋଗ୍ୟ, ସମସ୍ତ ଓଏଭିରେ ସିବିଏସ୍‌ଇ ପାଠ୍ୟକ୍ରମ ପଢ଼ାଯାଉଛି। ୧୩୧ଟି ଓଏଭିରେ ବାଳିକା ହଷ୍ଟେଲ୍ ଉପଲବ୍ଧ ରହିଛି।

## ସମ୍ବଲପୁର ବିଜେପିରେ ବିବାଦ ତୀବ୍ର

# ଗିରୀଶଙ୍କ ପ୍ରକୋଷ୍ଠ ଅକ୍ତିଆର କଲେ ଜୟଙ୍କ ଝିଅ

**ତାଲା ଭାଙ୍ଗି ପଶିଲେ, ବୈଠକ କଲେ ଶୁଭଶ୍ରୀ**

**ରାଜ୍ୟ ସଭାପତିଙ୍କୁ ଅବଗତ କରାଇଲେ ଗିରୀଶ**



ସମ୍ବଲପୁର, ୨୮।୬(ସମିସ): ନିର୍ବାଚନ ପରେ ବି ସମ୍ବଲପୁର ବିଜେପିରେ ଲାଗି ରହିଥିବା ଗୋଷ୍ଠୀ ବିବାଦ ଥମିବାର ନାଁ ଧରୁନି। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଓ ଜିଲ୍ଲା ସଭାପତି ଗିରୀଶ ପଟେଲଙ୍କ ମଧ୍ୟରେ ରହିଥିବା ବିବାଦ ଆଜି ନୂଆ ମୋଡ଼ ନେଇଛି। କଚେରୀ ରୋଡ୍ ବିଜେପି କାର୍ଯ୍ୟାଳୟ ପରିସରରେ ଥିବା ଗିରୀଶଙ୍କ ପ୍ରକୋଷ୍ଠକୁ ଜୟନାରାୟଣଙ୍କ ଝିଅ ଶୁଭଶ୍ରୀ ନିଜ ଅକ୍ତିଆରକୁ ନେଇ ଏହି ନିଆଁରେ ଘିଅ ଢାଳିଛନ୍ତି।

ସୂଚନାନୁଯାୟୀ, ବିଜେପି କାର୍ଯ୍ୟାଳୟରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଏକ କାର୍ଯ୍ୟକ୍ରମ ରହିଥିଲା। କାର୍ଯ୍ୟକ୍ରମ ସରିବା ପରେ ସଭାପତି ଗିରୀଶ ନିଜ ପ୍ରକୋଷ୍ଠକୁ ତାଲା ମାରି ଚାଲିଯାଇଥିଲେ। ଅଫିସ୍‌ର ଅନ୍ୟ ଏକ କୋଠରିରେ ବିଧାୟକ ଶ୍ରୀ ମିଶ୍ର ବସିଥିଲେ। କିଛି ସମୟ ପରେ ବିଧାୟକଙ୍କ ଝିଅ ଶୁଭଶ୍ରୀ ନିଜ ସମର୍ଥକଙ୍କ ସହ ଆସି ସଭାପତିଙ୍କ ପ୍ରକୋଷ୍ଠରେ ଲାଗିଥିବା ତାଲା ଭାଙ୍ଗି ପ୍ରକୋଷ୍ଠ ଭିତରକୁ ପ୍ରବେଶ କରି ବୈଠକ କରିଥିଲେ ଏବଂ ଗଲା ବେଳେ ଆଉ ଏକ ତାଲା ମାରି ଚାବି ନେଇଯାଇଥିବା ଜଣାଯାଇଛି।

ଗିରୀଶ ଏହି ଘଟଣା ସଂପର୍କରେ ରାଜ୍ୟ ସଭାପତିଙ୍କୁ ଜଣାଇ ଦେଇଛନ୍ତି। ସେ କହିଛନ୍ତି ଯେ ଏହା ମୋର ବ୍ୟକ୍ତିଗତ ସମ୍ପତ୍ତି ନୁହେଁ। ଏହା ଦଳୀୟ କାର୍ଯ୍ୟାଳୟ। ସଭାପତିଙ୍କ ପାଇଁ ସ୍ୱତନ୍ତ୍ର ଚାମ୍ବର ରହିଥିଲା। ହେଲେ ମୋର ଅନୁପସ୍ଥିତିରେ ବିଧାୟକଙ୍କ ଝିଅ ଶୁଭଶ୍ରୀ ତାଲା ଭାଙ୍ଗି ଦେଇ ନିଜେ ତାଲା ମାରି ଦେଇଥିବା ଜାଣିବାକୁ ପାଇଲି। ଏହା ଦଳ ପାଇଁ ଆଦୌ ଗ୍ରହଣୀୟ ନୁହେଁ। ବିଶୃଙ୍ଖଳା ସୃଷ୍ଟି କରାଯାଉଛି। ତେବେ ଏହି ଘଟଣାକୁ ନେଇ ଖାଲି ଗିରୀଶ ନୁହେଁ, ଦଳ ପାଇଁ କାମ କରି ଆସୁଥିବା ଅନେକ ବରିଷ୍ଠ, ଯୁବ, ମହିଳା କର୍ମକର୍ତ୍ତା ମଧ୍ୟ ଅସନ୍ତୋଷ ପ୍ରକାଶ କରିଥିବା ଦେଖାଯାଇଛି।

## ■ ସ୍ୱାସ୍ଥ୍ୟ ସଂକଟକୁ ନେଇ ଚିନ୍ତା ବ୍ୟକ୍ତ କଲେ ଶିଶୁ ସୁରକ୍ଷା ଆୟୋଗ

# ପିଲାଙ୍କ ପାଇଁ ସ୍ୱତନ୍ତ୍ର ୱାର୍ଡ ଖୋଲ, ଜୀବନ ରକ୍ଷା କର

**ଜେଇ, ଡେଙ୍ଗୁ, ଡିପଥେରିଆ, ଡାଇରିଆ, ଜଣ୍ଡିସ୍ ଆତଙ୍କ**

**ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ୱାସ୍ଥ୍ୟ ବିଭାଗ ଓ ସିଡିଏମ୍‌ଓଙ୍କୁ ନିର୍ଦ୍ଦେଶ**

ଭୁବନେଶ୍ୱର, ୨୮।୬ (ସମିସ): କିଛି ଦିନ ହେଲା ରାଜ୍ୟରେ ଜଣ୍ଡିସ୍, ଡିପଥେରିଆ, ଡାଇରିଆ, ଜାପାନୀ ଜ୍ୱର ଏବଂ ଡେଙ୍ଗୁ ବ୍ୟାପିବାରେ ଲାଗିଛି। ଏଥିରେ ମୁଖ୍ୟତଃ ୧୪ ବର୍ଷରୁ କମ୍ ପିଲା ଆକ୍ରାନ୍ତ ହେଉଛନ୍ତି। କିଛି ପିଲାଙ୍କ ଜୀବନ ମଧ୍ୟ ଗଲାଣି। ଏହାକୁ ନେଇ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଚିନ୍ତାବ୍ୟକ୍ତ କରିବା ସହିତ ବିହିତ ପଦକ୍ଷେପ ନେବା ପାଇଁ ରାଜ୍ୟ ସରକାରଙ୍କୁ କହିଛନ୍ତି।

ଆୟୋଗର ଅଧ୍ୟକ୍ଷା ମନ୍ଦାକିନୀ କର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବଙ୍କୁ ପତ୍ର ଲେଖି କହିଛନ୍ତି ଯେ ପିଲାମାନେ ବିଭିନ୍ନ ପ୍ରାଣଘାତକ ରୋଗରେ ଆକ୍ରାନ୍ତ ହେବା ଚିନ୍ତାର ବିଷୟ। ତେଣୁ ଏହାକୁ ଦୃଷ୍ଟିରେ ରଖି ସବୁ ପିଲାମାନଙ୍କର ଟିକାକରଣ ସୁନିଶ୍ଚିତ କରିବା ଏକାନ୍ତ ଆବଶ୍ୟକ। ଏଥିସହ ଲୋକମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଏବଂ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ପଦକ୍ଷେପ ନେବା ମଧ୍ୟ ଜରୁରୀ। ଅପରପକ୍ଷେ ଶ୍ରୀମତୀ କର ରାଜ୍ୟର ସମସ୍ତ ମୁଖ୍ୟ ମେଡିକାଲ ଅଫିସରମାନଙ୍କୁ ପତ୍ର ଲେଖି କହିଛନ୍ତି ଯେ ଅନୁଗୁଳ, ସମ୍ବଲପୁର ଏବଂ ରାୟଗଡ଼ାରେ ପିଲାମାନେ ଯେପରି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି, ତାହା ଉଦ୍‌ବେଗଜନକ। ଏପରିସ୍ଥଳେ ଜିଲ୍ଲା ପ୍ରଶାସନ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ରୋଗ ସଂକ୍ରମଣକୁ ରୋକିବା ଏବଂ ପ୍ରତିକାର ବ୍ୟବସ୍ଥା ପାଇଁ ପଦକ୍ଷେପ ନେବା ଜରୁରୀ। ବିଭିନ୍ନ ସ୍ଥାନରେ ବିକ୍ରି ହେଉଥିବା ଅସ୍ୱାସ୍ଥ୍ୟକର ଖାଦ୍ୟ ଉପରେ ଅଙ୍କୁଶ ଲଗାଇବା ପାଇଁ ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ନେଉ। ସବୁ ପିଲାଙ୍କର ଟିକାକରଣ, ବିଶୁଦ୍ଧ ପାନୀୟ ଜଳଯୋଗାଣ ବ୍ୟବସ୍ଥା କରାଯାଉ। ପ୍ରଭାବିତ ପିଲାମାନଙ୍କର ଚିକିତ୍ସା ପାଇଁ ଡାକ୍ତରଖାନାରେ ସ୍ୱତନ୍ତ୍ର ୱାର୍ଡ ଖୋଲିବା ସହିତ ଉପଯୁକ୍ତ ବ୍ୟବସ୍ଥା କରିବା ପାଇଁ ଆୟୋଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ଚାର୍ଟାର୍ଡ ଆକାଉଣ୍ଟାଣ୍ଟ୍ ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ




କଟକ,୨୮।୬(ସମିସ): ଭାରତୀୟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ୍ ଅନୁଷ୍ଠାନର କଟକ ଶାଖା ପକ୍ଷରୁ ୨ଦିନିଆ ଜାତୀୟ ସମ୍ମିଳନୀ ପାଲ୍-ହାଇଟ୍ ମନ୍ତ୍ରାର ସମ୍ମିଳନୀ କକ୍ଷରେ ଉଦ୍‌ଘାଟିତ ହୋଇଯାଇଛି। ଆଇନମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଭାରତୀୟ ତୈଳ ନିଗମର ଅର୍ଥ ନିର୍ଦ୍ଦେଶକ ଅଞ୍ଜୁ ଜୈନ୍, ଭାରତୀୟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ୍ ଅନୁଷ୍ଠାନର ସଭାପତି ରଞ୍ଜିତ୍ କୁମାର ଅଗ୍ରୱାଲ୍, କାର୍ଯ୍ୟକ୍ରମ ନିର୍ଦ୍ଦେଶକ ସୁଶୀଲ୍ କୁମାର ଗୋୟଲ୍, ପୂର୍ବାଞ୍ଚଳ ପରିଷଦର ସଭାପତି ସଞ୍ଜିବ୍ ସାଂଘି, କଟକ ଶାଖାର ସଭାପତି ରତ୍ନା ରଚିତା ମହାନ୍ତି, ଆୟୋଜକ କମିଟିର ସଭାପତି ସୌର୍ଯ୍ୟପ୍ରକାଶ ମହାପାତ୍ର, କଟକ ଶାଖାର ସମ୍ପାଦକ ଶିବା ଅଗ୍ରୱାଲ୍ ଯୋଗଦେଇଥିଲେ। ଓଡ଼ିଶା ଓ ଅନ୍ୟ ରାଜ୍ୟର ପ୍ରାୟ ୬୦୦ରୁ ଅଧିକ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ୍ ଯୋଗ ଦେଇଥିଲେ। ଆୟକର ଆଇନ୍, ଦ୍ରବ୍ୟ ଓ ସେବା ଆଇନ୍, କମ୍ପାନୀ ଆଇନ୍, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଆଇନ୍, ଅଡିଟ୍‌ର ନୂତନ ପ୍ରଣାଳୀ, କୃତିମ ବୁଦ୍ଧିମତାର ଉପଯୋଗ ଓ ସେୟାର୍ ମାର୍କେଟ ଉପରେ ଆଲୋଚନା କରାଯାଇଛି।

# ମାଗଣା ଚିକିତ୍ସା ଶିବିର ଖାଉଟି ସୁରକ୍ଷା ପରିସରଭୁକ୍ତ ନୁହେଁ

କଟକ, ୨୮।୬(ସମିସ): ମାଗଣା ଚିକିତ୍ସା ଶିବିର ଖାଉଟି ସୁରକ୍ଷା ଆଇନ ପରିସରଭୁକ୍ତ ନୁହେଁ ବୋଲି ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିରରେ ଅସ୍ତ୍ରୋପଚାର ପରେ ଦୃଷ୍ଟିଶକ୍ତି ହରାଇଥିବା ବ୍ୟକ୍ତିଙ୍କୁ କ୍ଷତିପୂରଣ ପ୍ରଦାନ ସପକ୍ଷରେ ଦେବଗଡ଼ ଜିଲ୍ଲା ଖାଉଟି ଅଦାଲତ ପ୍ରଦାନ କରିଥିବା ରାୟକୁ ହାଇକୋର୍ଟ ରଦ୍ଦ କରିବା ସହ ଏହା କହିଛନ୍ତି। କଳିଙ୍ଗ ଆଇ ହସ୍ପିଟାଲ ପକ୍ଷରୁ ଦାୟର ମାମଲାର ଶୁଣାଣି କରି ଡକ୍ଟର ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଚିକିତ୍ସାରେ ଅବହେଳା ଲାଗି ଅଭିଯୋଗକାରୀଙ୍କୁ ୨ଲକ୍ଷ ଟଙ୍କା କ୍ଷତିପୂରଣ ଓ ମକଦ୍ଦମା ଖର୍ଚ୍ଚ ବାବଦରେ ୨ ହଜାର ଟଙ୍କା ପ୍ରଦାନ ପାଇଁ କଳିଙ୍ଗ ଆଇ ହସ୍ପିଟାଲ ଓ ରିସର୍ଚ୍ଚ ସେଣ୍ଟରକୁ ଦେବଗଡ଼ ଜିଲ୍ଲା ଖାଉଟି ଅଦାଲତ ଗତ ୨୦୧୨, ଜୁଲାଇ ୪ରେ ନିର୍ଦ୍ଦେଶ ଦେଇଥିଲେ।

## ଜିଲ୍ଲା ଜଜ୍ ସମ୍ମିଳନୀ ଉଦଘାଟିତ

# ସମସ୍ତଙ୍କୁ ମିଳୁ ସ୍ୱଚ୍ଛ ଓ ନ୍ୟାୟସଂଗତ ବିଚାର: ମୁଖ୍ୟ ବିଚାରପତି

କଟକ, ୨୮।୬(ସମିସ): ଜିଲ୍ଲା ଜଜ୍‌ମାନେ ସମାଜରେ ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ ବହନ କରିଥା’ନ୍ତି। ପ୍ରତ୍ୟେକଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ସେମାନଙ୍କର ଉତ୍ତରଦାୟିତ୍ୱ ରହିଛି। ସମସ୍ତଙ୍କ ପାଇଁ ସ୍ୱଚ୍ଛ ଓ ନ୍ୟାୟସଙ୍ଗତ ବିଚାର ସୁନିଶ୍ଚିତ କରିବା କ୍ଷେତ୍ରରେ ଜିଲ୍ଲା ଜଜ୍‌ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଛନ୍ତି ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ। ଓଡ଼ିଶା ଜୁଡିସିଆଲ ଏକାଡେମି ସମ୍ମିଳନୀ କକ୍ଷଠାରେ ଜିଲ୍ଲା ଜଜ୍ ସମ୍ମିଳନୀ-୨୦୨୪ ଓ ହାଇକୋର୍ଟ ପକ୍ଷରୁ ବାର୍ଷିକ ରିପୋର୍ଟ-୨୦୨୩ର ଉନ୍ମୋଚନ କରିବା ଅବସରରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ବିଚାରପତି ଜଷ୍ଟିସ ଶରଣ ସିଂହ ଯୋଗଦେଇ ଏହା କହିଛନ୍ତି।

ଏହି ସମ୍ମିଳନୀ ବିଚାର ବ୍ୟବସ୍ଥାକୁ ଆହୁରି ବିକଶିତ କରିବା ପାଇଁ ସହାୟକ ହୋଇପାରିବ। ଏହାଦ୍ୱାରା ପରସ୍ପର ମଧ୍ୟରେ ଭାବ ଓ ଅଭିଜ୍ଞତାର ଆଦାନପ୍ରଦାନ ହୋଇପାରିବ। ସମାଜରେ ନିଜର ଭୂମିକା ପ୍ରତିଫଳନ କରିବା ସହ ନ୍ୟାୟିକ ସିଦ୍ଧାନ୍ତ ବଜାୟ ରଖିବାକୁ ଜିଲ୍ଲା ଜଜ ମାନଙ୍କୁ ଆହ୍ୱାନ ଦେଇଛନ୍ତି ମୁଖ୍ୟ ବିଚାରପତି। ସେହିପରି ହାଇକୋର୍ଟର ବାର୍ଷିକ ରିପୋର୍ଟରେ ବିଚାର ବ୍ୟବସ୍ଥାର ସଫଳତା ଓ ବିଫଳତା ମଧ୍ୟ ରହିଥାଏ। ଏହା ବିଚାର ବ୍ୟବସ୍ଥାକୁ ଆହୁରି ଅଧିକ କ୍ରିୟାଶୀଳ କରିବା ପାଇଁ ପ୍ରେରଣା ଦେଇଥାଏ ବୋଲି ସେ କହିଥିଲେ।

ଏହି ସମ୍ମିଳନୀରେ ବିଚାରପତି ତଥା ଜିଲ୍ଲା ଜଜ୍ ସମ୍ମିଳନୀ କମିଟିର ଅଧ୍ୟକ୍ଷ ଜଷ୍ଟିସ ବିଭୁ ପ୍ରସାଦ ରାଉତରାୟ, ବାର୍ଷିକ ରିପୋର୍ଟ କମିଟିର ଅଧ୍ୟକ୍ଷ ଜଷ୍ଟିସ କୃଷ୍ଣରାମ ମହାପାତ୍ର, ଜଷ୍ଟିସ ଶଶିକାନ୍ତ ମିଶ୍ର, ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ପ୍ରମୁଖ ଉଦ୍‌ବୋଧନ ଦେଇ ଜିଲ୍ଲାଜଜ୍ ସମ୍ମିଳନୀର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ଜଷ୍ଟିସ ସାବିତ୍ରୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

ହାଇକୋର୍ଟ ରେଜିଷ୍ଟ୍ରି ଜେନେରାଲ ପ୍ରତାପ କୁମାର ପାତ୍ର, ଜୁଡିସିଆଲ ଏକାଡେମୀର ଅତିରିକ୍ତ ନିର୍ଦ୍ଦେଶକ ବଦ୍ରିନାରାୟଣ ନନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ସମ୍ମିଳନୀ ୩ଦିନ ଧରି ଚାଲିବାକୁ ଥିବା ବେଳେ ଜିଲ୍ଲା ଜଜ୍‌ମାନେ ବିଚାର ବ୍ୟବସ୍ଥାରେ ଥିବା ବିଭିନ୍ନ ଆହ୍ୱାନ ଓ ସମସ୍ୟା ସମ୍ପର୍କରେ ଅବଗତ ହେବେ। ଏହି ସମ୍ମିଳନୀରେ ୩୦ଟି ଜିଲ୍ଲାର ଜଜ୍‌ମାନେ ଯୋଗ ଦେଇଛନ୍ତି। ଏହି ସମ୍ମିଳନୀ ଅବସରରେ ଆସନ୍ତା ଦୁଇ ଦିନ ୭ ଗୋଟି ସେସନରେ ଜିଲ୍ଲା ଜଜ୍‌ମାନେ ଆଲୋଚନା ପର୍ଯ୍ୟାଲୋଚନା କରିବେ। ପ୍ରଥମ ସେସନ୍‌ରେ ଜିଲ୍ଲା ବିଚାର ବ୍ୟବସ୍ଥାରେ ସୂଚନା ଓ ପ୍ରଯୁକ୍ତିବିଦ୍ୟାର ବ୍ୟବହାର, ଦ୍ୱିତୀୟ ସେସନ୍‌ରେ ଲାଗୁ ହେବାକୁ ଥିବା ନୂତନ ଫୌଜଦାରୀ ଆଇନର ବିଭିନ୍ନ ଦିଗ, ତୃତୀୟ ସେସନରେ ଜିଲ୍ଲା ବିଚାର ବ୍ୟବସ୍ଥାରେ ସିସିଆର ପ୍ରସ୍ତୁତର ମାର୍ଗଦର୍ଶିକା, ଚତୁର୍ଥ ସେସନ୍‌ରେ ନିଯୁକ୍ତି ନିୟମାବଳୀ, ପଞ୍ଚମ ସେସନ୍‌ରେ ବିଚାର ବ୍ୟବସ୍ଥାର କାର୍ଯ୍ୟ ପ୍ରଣାଳୀ ଓ ଚାଲେଞ୍ଜ, ଷଷ୍ଠ ଓ ସପ୍ତମ ସେସନରେ ଆର୍ଥିକ ବ୍ୟୟବରାଦ ଓ ନ୍ୟାୟିକ ଭିତ୍ତିଭୂମି ସମ୍ପର୍କରେ ଆଲୋଚନା ହେବ।

## ଥାନା ସମ୍ମୁଖରେ ମହିଳା ଓ ଶିଶୁଙ୍କ ମାଡ଼ ମାରିବା ଘଟଣା

# ଭଦ୍ରକ ଏସ୍‌ପିଙ୍କୁ ଓଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

ଭୁବନେଶ୍ୱର, ୨୮।୬(ସମିସ): ମହିଳା ଓ ଶିଶୁଙ୍କ ଉପରେ ଚାନ୍ଦବାଲି ଥାନା ପୁଲିସର ଦବଙ୍ଗଗିରି ଘଟଣାରେ ଅଡୁଆରେ ପଡ଼ିଛନ୍ତି ଭଦ୍ରକ ଏସ୍‌ପି। ଏହି ଘଟଣାରେ ରାଜ୍ୟ ମାନବାଧିକାର କମିସନ୍ (ଓଏଚ୍‌ଆର୍‌ସି) ହସ୍ତକ୍ଷେପ କରି ଭଦ୍ରକ ଏସ୍‌ପିଙ୍କୁ ରିପୋର୍ଟ ତଲବ କରିଛନ୍ତି। ଆସନ୍ତା ଜୁଲାଇ ୩୦ ସୁଦ୍ଧା ଏଟିଆର୍ ରିପୋର୍ଟ ଦେବାକୁ କୁହାଯାଇଛି। ଏହାର ନିରପେକ୍ଷ ତଦନ୍ତ କର ଏବଂ କ’ଣ କାର୍ଯ୍ୟାନୁଷ୍ଠାନ ନେଇଛ, ତାହା ଜଣାଇବାକୁ ମଧ୍ୟ କୁହାଯାଇଛି। ଏହି ଘଟଣା ପଦାକୁ ଆସିବା ପରେ ମାନବାଧିକାର କର୍ମୀ ପ୍ରଦୀପ୍ତ କୁମାର ନାୟକ ଓଏଚ୍‌ଆରସିଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଆଧାରରେ ଆୟୋଗ ଏହି ନିର୍ଦ୍ଦେଶ ଦେଇଛନ୍ତି।

# ‘ନୂଆ ଅପରାଧିକ ଆଇନ ଜନତାଙ୍କ ଅଧିକାର ସୁନିଶ୍ଚିତ କରିବ’



ଭୁବନେଶ୍ୱର, ୨୮।୬(ସମିସ): ଆସନ୍ତା ଜୁଲାଇ ୧ରୁ ସମଗ୍ର ଦେଶରେ ଲାଗୁ ହେବ ତିନିଟି ନୂଆ ଅପରାଧିକ ଆଇନ। ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ କାର୍ଯ୍ୟକାରୀ ହେବ। ବ୍ରିଟିଶ୍ ଅମଳର ଆଇନକୁ ପରିବର୍ତ୍ତନ କରି ଭାରତ ସରକାର ନୂଆ ଆଇନ କାର୍ଯ୍ୟକାରୀ କରିବେ। କିନ୍ତୁ ନୂଆ ଆଇନ ଜନସାଧାରଣଙ୍କ ପାଇଁ ହାନିକାରକ ନୁହେଁ ବରଂ ସେମାନଙ୍କ ଅଧିକାରର ସୁରକ୍ଷା କରିବା ପାଇଁ ଉଦ୍ଦିଷ୍ଟ। ବିଭିନ୍ନ ଦିଗରୁ ବିଚାର କରି ସରକାର ନୂଆ ଆଇନ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଏହାକୁ ନେଇ ଭୟଭୀତ ନୁହେଁ ବରଂ ଏହାର କାର୍ଯ୍ୟକାରୀତା ସମ୍ପର୍କରେ ସମସ୍ତେ ଅବଗତ ହେବା ଜରୁରୀ। ଆଜି ଭୁବନେଶ୍ୱରରେ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ପକ୍ଷରୁ ଆୟୋଜିତ କର୍ମଶାଳା ‘ବାର୍ତ୍ତାଳାପ’ରେ ଯୋଗଦେଇ ଅଗ୍ନିଶମ ମହାନିର୍ଦ୍ଦେଶକ ଡ. ସୁଧାଂଶୁ ଷଡ଼ଙ୍ଗୀ ଏହା କହିଛନ୍ତି।

ଡ. ଷଡ଼ଙ୍ଗୀ କହିଥିଲେ ଯେ ଏଥିରେ ଦୁଇଟି ଭଲ ଦିଗ ରହିଛି। ତାହା ହେଉଛି, ତଦନ୍ତ ଓ ନ୍ୟାୟ ପ୍ରଦାନ ପ୍ରକ୍ରିୟାରେ ବୈଷୟିକ କୌଶଳର ବ୍ୟାପକ ଉପଯୋଗ। ଜନସାଧାରଣ ଏହାର ସୁଫଳ ପାଇବେ। ଦ୍ୱିତୀୟରେ ବିଭିନ୍ନ ମାମଲାର ସମାଧାନ ପାଇଁ ସମୟସୀମା ଧାର୍ଯ୍ୟ ହେବ। ପ୍ରଚଳିତ ବ୍ୟବସ୍ଥାରେ ନ୍ୟାୟ ପାଇବା ସମୟସାପେକ୍ଷ ହେଉଥିଲା। ମାମଲାର ତଦନ୍ତ ପ୍ରକ୍ରିୟାର ଭିଡିଓ ରେକର୍ଡିଂ କରାଯିବ। ଫରେନସିକ୍ ବିଶେଷଜ୍ଞଙ୍କ ସମ୍ପୃକ୍ତି ରହିବ। ଯଦ୍ୱାରା ପ୍ରକୃତ ଦୋଷୀ ଦଣ୍ଡିତ ହେବେ ଆଉ ନିର୍ଦ୍ଦୋଷଙ୍କୁ ସୁରକ୍ଷା ମିଳିବ। ମହିଳା, ଶିଶୁ ଓ ମାନବଚାଲାଣ ଭଳି ଅପରାଧ ଉପରେ ଅଙ୍କୁଶ ଲାଗିବ।

ଡ. ଷଡ଼ଙ୍ଗୀ କହିଥିଲେ ଯେ ନୂଆ ଆଇନରେ ସାତ ବର୍ଷରୁ କମ୍ ଦଣ୍ଡବିଧାନ ବ୍ୟବସ୍ଥା ଥିବା ଛୋଟମୋଟ ମାମଲାରେ ଦୋଷୀ ନିଜ ଦୋଷ ସ୍ୱୀକାର କଲେ ଜେଲ ଦଣ୍ଡ ହ୍ରାସ କରିବା ପ୍ରାବଧାନ ଅଛି। ଏହା ଦ୍ୱାରା ପ୍ରଥମଥର ଅପରାଧ କରିଥିବା ଦୋଷୀ ଉପକୃତ ହେବେ ଏବଂ ତ୍ୱରିତ ନ୍ୟାୟ ପ୍ରଦାନ ଲକ୍ଷ୍ୟ ସାଧିତ ହୋଇପାରିବ। ବାଲି ଓ ପଥର ମାଫିଆ, ଏସିଡ୍ ଆକ୍ରମଣ, ଛିନତାଇ, ସାଇବର ଅପରାଧ, ଯୌନ ନିର୍ଯାତନା, ମହିଳା ଓ ଶିଶୁ ଚାଲାଣ ଭଳି ସଂଗଠିତ ଅପରାଧ ଉପରେ ଅଙ୍କୁଶ ଲଗାଇବା ପାଇଁ ନୂଆ ଆଇନରେ କଠୋର ବ୍ୟବସ୍ଥା ରହିଛି। ପୂର୍ବରୁ ସିଆରପିସିରେ ୪୮୪ଟି ଧାରା ରହିଥିବା ବେଳେ ଭାରତୀୟ ନାଗରିକ ସୁରକ୍ଷା ସଂହିତାରେ ଧାରା ସଂଖ୍ୟା ୫୩୧କୁ ବୃଦ୍ଧି ପାଇଛି। ଆଇପିସିରେ ୫୧୧ଟି ଧାରା ରହିଥିବା ବେଳେ ଭାରତୀୟ ନ୍ୟାୟ ସଂହିତାରେ ୩୫୮ ଧାରା ଏବଂ ପୁରୁଣା ଭାରତୀୟ ସାକ୍ଷ୍ୟ ଆଇନ୍‌ରେ ୧୬୦ଟି ଧାରା ରହିଥିବା ବେଳେ ଭାରତୀୟ ସାକ୍ଷ୍ୟ ଅଧିନିୟମରେ ୧୬୭ ଧାରା ରହିଛି। କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ ଏବଂ ପିଆଇବି ନିର୍ଦ୍ଦେଶକ ଡ. ଗିରୀଶ ଚନ୍ଦ୍ର ଦାଶ ସଭାପତିତ୍ୱ କରିଥିବା ବେଳେ ଯୋଗାଯୋଗ ଅଧିକାରୀ ପ୍ରଦୀପ କୁମାର ଚୌଧୁରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ପିଆଇବି ଉପନିର୍ଦ୍ଦେଶକ ମନୋଜ କୁମାର ଜାଲି ଧନ୍ୟବାଦ ଦେଇଥିଲେ।

# ଡିସେମ୍ବର ସୁଦ୍ଧା ସବୁ ସରକାରୀ କାର୍ଯ୍ୟାଳୟ ଛାତ ଉପରେ ସୌରଶକ୍ତି ପ୍ଲାଣ୍ଟ

**ସବୁ ବିଭାଗୀୟ ମୁଖ୍ୟଙ୍କୁ ଶକ୍ତି ବିଭାଗ ପ୍ରମୁଖ ସଚିବଙ୍କ ପତ୍ର**

ଭୁବନେଶ୍ୱର, ୨୮।୬ (ସମିସ): ଚଳିତ ବର୍ଷ ଡିସେମ୍ବର ସୁଦ୍ଧା ରାଜ୍ୟର ସମସ୍ତ ସରକାରୀ ଦପ୍ତରର ଛାତ ଉପରେ ସୌର ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ। ମିଶନ ମୋଡ୍‌ରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବା ନିମନ୍ତେ ପଦକ୍ଷେପ ନେବା ଲାଗି ଶକ୍ତି ବିଭାଗର ପ୍ରମୁଖ ସଚିବ ବିଶାଲ କୁମାର ଦେବ ସବୁ ବିଭାଗର ପ୍ରମୁଖ ସଚିବ, ଶାସନ ସଚିବ ଏବଂ ସଚିବମାନଙ୍କୁ ପତ୍ର ଲେଖି କହିଛନ୍ତି। ଏଥିରେ କୁହାଯାଇଛି ଯେ ସରକାରୀ କାର୍ଯ୍ୟାଳୟରେ ରୁଫ୍ ଟପ୍ ସୋଲାର୍ ସିଷ୍ଟମ୍ (ଆରଟିଏସ୍) ପ୍ରକଳ୍ପ କାର୍ଯ୍ୟକାରୀ କରିବା ନିମନ୍ତେ କେନ୍ଦ୍ର ନୂତନ ଓ ନବୀକରଣୀୟ ଶକ୍ତି ମନ୍ତ୍ରାଳ ରାଜ୍ୟ ଶକ୍ତି ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ଅନୁସାରେ ୨୦୨୪ ଡିସେମ୍ବର ସୁଦ୍ଧା ସବୁ ସରକାରୀ ବିଭାଗ, ଅନୁ ବିଭାଗର ଏବଂ ଶାଖା କାର୍ଯ୍ୟାଳୟରେ ଆରଟିଏସ୍ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ଜରୁରୀ। ଯେଉଁ କୋଠାରେ ୨୦୦ କିଲୋ ୱାଟ୍ କିମ୍ବା ତଦୁର୍ଦ୍ଧ୍ୱ ଶକ୍ତି ଉପଯୋଗ ହେଉଛି ସେଠାରେ ଅଗ୍ରାଧିକାର ଭିତ୍ତିରେ ଆରଟିଏସ୍ ପ୍ରକଳ୍ପ ହେବା ଆବଶ୍ୟକ। ନବୀକରଣୀୟ ଶକ୍ତି ସେବା କମ୍ପାନୀ (ରେସ୍କୋ) ଜରିଆରେ ରାଜ୍ୟ ସରକାରଙ୍କ ଓରେଡା ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବ ବୋଲି ନିଷ୍ପତ୍ତି ହୋଇଛି। ଏହି ଯୋଜନାରେ ଆରଟିଏସ୍ ପ୍ଲାଣ୍ଟ ସ୍ଥାପନ ପାଇଁ ସମ୍ପୃକ୍ତ ବିଭାଗକୁ ଅର୍ଥ ବ୍ୟୟ କରିବାକୁ ପଡ଼ିବ ନାହିଁ। ରେସ୍କୋ ଡେଭଲପର୍ ପ୍ଲାଣ୍ଟ ସ୍ଥାପନ, କାର୍ଯ୍ୟକାରୀ ଏବଂ ଆଗାମୀ ୨୫ ବର୍ଷ ନିମନ୍ତେ ମରାମତିର ସମସ୍ତ ଖର୍ଚ୍ଚ ବହନ କରିବ। ଏହି ପ୍ରକଳ୍ପ ବସାଇବା ପାଇଁ କୋଠାର ସର୍ଭେ କରି ରିପୋର୍ଟ ଦାଖଲ କରିବା ପାଇଁ ଓରେଡାକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏପରିସ୍ଥଳେ ସମ୍ପୃକ୍ତ ବିଭାଗ ସର୍ଭେ କାର୍ଯ୍ୟରେ ଓରେଡାକୁ ସହଯୋଗ କରିବା ପାଇଁ ଅନୁରୋଧ କରାଯାଇଛି। ସେହି ଅନୁସାରେ ନିଜ ବିଭାଗ ଅଧୀନରେ ଥିବା ଦପ୍ତର ଗୁଡିକୁ ଆବଶ୍ୟକୀୟ ନିର୍ଦ୍ଦେଶନାମା ଜାରି କରିବା ଜରୁରୀ। ଏହାକୁ ଜରୁରୀ ଦାୟିତ୍ୱ ଭାବେ ଗ୍ରହଣ କରି ବିହିତ ପଦକ୍ଷେପ ନେବା ପାଇଁ ଶ୍ରୀ ଦେବ ବିଭାଗୀୟ ମୁଖ୍ୟଙ୍କୁ ପତ୍ର ଲେଖି ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ ପୂର୍ବ ସରକାର ସମୟରେ ମଧ୍ୟ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିଲା। ରାଜ୍ୟର ପ୍ରମୁଖ କାର୍ଯ୍ୟାଳୟ, ବିଭାଗୀୟ ମୁଖ୍ୟ ଦପ୍ତର ଆଦିରେ ଆରଟିଏସ୍ କାର୍ଯ୍ୟକାରୀ କରାଯାଇଛି। ଆହୁରି ଅନେକ କାର୍ଯ୍ୟାଳୟରେ ସୌର ପ୍ଲାଣ୍ଟ ବସାଇବା କାର୍ଯ୍ୟ ବାକି ଅଛି।

## ଓଷୁଆ ଲାଗି ହେଲେ ମହାପ୍ରଭୁ

ପୁରୀ, ୨୮ ।୬(ସମିସ): ଅଣସରରେ ଏବେ ଚତୁର୍ଦ୍ଧାବିଗ୍ରହ । ଅତ୍ୟଧିକ ସ୍ନାନ ଯୋଗୁ ଜ୍ୱରରେ ପୀଡ଼ିତ ମହାପ୍ରଭୁଙ୍କ ଉପଚାର ପାଇଁ ଚାଲିଛି ଗୁପ୍ତସେବା । ଭିତର ଅଣସର ପିଣ୍ଡିରେ ଠାକୁରଙ୍କ ସେବା କରୁଛନ୍ତି ଶ୍ରୀଅଙ୍ଗଲାଗି ସେବକ ଦଇତାପତି । ଏହି ଗୁପ୍ତ ସେବାରେ ଗୁରୁବାର ଫୁଲରି ତେଲ ଲାଗି ହେବା ପରେ ସାମାନ୍ୟ ସୁସ୍ଥ ହୋଇଛନ୍ତି ମହାପ୍ରଭୁ । ତେବେ ଶୁକ୍ରବାର ଦାରୁଦିଅଁଙ୍କୁ ଓଷୁଅ ଲାଗି କରାଯାଇଛି ।

ସୂଚନାଥାଉ କି, ଅଣସର ସମୟରେ ମହାପ୍ରଭୁଙ୍କୁ ଷଷ୍ଠୀରୁ ନବମୀ ପର୍ଯ୍ୟନ୍ତ ଓଷୁଅ ଲାଗି କରାଯାଇଥାଏ । ଏହି ଚାରିଦିନ ମଧ୍ୟାହ୍ନ ଧୂପ ସରିବା ପରେ ଅଣସର ଘର ଖୋଲିଥାଏ । ଅଣ ଶୁଦ୍ଧସୁଆର ଝୁଣା, ରାଶି ତେଲରେ ପ୍ରସ୍ତୁତ କରିଥିବା ଓଷୁଅ ଦଇତାପତିମାନେ ନେଇ ଶ୍ରୀଅଙ୍ଗରେ ଲେପ ଦିଅନ୍ତି । ଏହାପରେ ଠାକୁରଙ୍କ ପାଖରେ ଚକଟା ଭୋଗ, ପଣା ଭୋଗ ହୋଇ ଅନ୍ୟାନ୍ୟ ନୀତି କରାଯାଇଥାଏ ।

# ରଥରେ ଘୋଡ଼ା ରୁହନ୍ତି କାହିଁକି?




ପାଖେଇ ଆସୁଛି ରଥଯାତ୍ରା । ରଥଖଳାରେ ତିଆରି ଚାଲିଛି ତିନିରଥ । ରଥରେ ବସି ଆଡ଼ପମଣ୍ଡପକୁ ବିଜେ କରିବେ ଚତୁର୍ଦ୍ଧା ବିଗ୍ରହ । ମହାପ୍ରଭୁଙ୍କ ରଥରେ ପାର୍ଶ୍ୱ ଦେବଦେବୀଙ୍କ ସହିତ ରୁହନ୍ତି ଘୋଡ଼ା । ରଥ ଗଡ଼ିବା ପୂର୍ବରୁ ଘୋଡ଼ାମାନଙ୍କୁ ସଂଯୋଗ କରାଯାଇଥାଏ । ତେବେ ଏହି ଘୋଡ଼ାମାନଙ୍କ ବିଷୟରେ ଜାଣିବାକୁ ଅନେକଙ୍କ ମନରେ ବିଶେଷ ଆଗ୍ରହ ଥାଏ । ପ୍ରତି ରଥରେ ୪ଟି ଲେଖାଏଁ ଘୋଡ଼ା ରହିଥା'ନ୍ତି । ତିନି ରଥରେ ରହୁଥିବା ଅଶ୍ୱମାନଙ୍କ ଭିନ୍ନଭିନ୍ନ ନାମ ରହିଛି । ନନ୍ଦିଘୋଷ ରଥରେ ଲାଗୁଥିବା ଅଶ୍ୱମାନେ ହେଲେ ଶଙ୍ଖ, ବଳାହକ, ଶ୍ୱେତ ଓ ହରିଦାଶ୍ୱ । ସେହିପରି ତାଳଧ୍ୱଜ ରଥର ଅଶ୍ୱଗୁଡ଼ିକ ହେଲେ, ଶଙ୍ଖ, ସୁଚିତ୍ର, ଅଙ୍ଗଦ ଓ ମେଘନାଦ । ଦର୍ପଦଳନ ରଥର ଅଶ୍ୱଗୁଡ଼ିକ ହେଲେ, ରୋଚିକା, ମୋଚିକା, ଜିତା ଓ ଅପରାଜିତା । ତାଳଧ୍ୱଜ ଓ ନନ୍ଦିଘୋଷ ରଥର ଘୋଡ଼ା ଅଣ୍ଡିରା ହୋଇଥିବା ବେଳେ ସୁଭଦ୍ରାଙ୍କ ରଥର ଘୋଡ଼ା ମାଈ ।

ଘୋଡ଼ାଗୁଡ଼ିକୁ ରଥରେ ସଂଯୋଗ କରିବା ପୂର୍ବରୁ ଏମାନଙ୍କୁ ଚିତ୍ରିତ କରାଯାଏ । ସେହି ଚିତ୍ର ଅନୁଯାୟୀ, ନନ୍ଦିଘୋଷ ରଥ ଘୋଡ଼ାର ରଙ୍ଗ ଧଳା, ବଡ଼ଠାକୁରଙ୍କର କଳା ଏବଂ ସୁଭଦ୍ରାଙ୍କ ରଥର ଘୋଡାର ରଙ୍ଗ ନାଲି । ରଥରୁ ଓହ୍ଲାଇବା ପରେ ଏମାନଙ୍କୁ ସ୍ୱତନ୍ତ୍ର ଭବେ ରଖାଯାଇ ପୂଜା କରିବାର ବିଧି ରହିଛି । ଘୋଡ଼ାଗୁଡ଼ିକୁ ବିସର୍ଜନ କରାଯାଏ ନାହିଁ । ନବକଳେବର ସମୟରେ ଏମାନେ ନିର୍ମିତ ହୋଇ ପ୍ରତିଷ୍ଠା ପାଇଥାନ୍ତି । ପରବର୍ତ୍ତୀ ନବକଳେବର ପର୍ଯ୍ୟନ୍ତ ଏମାନେ ରଥରେ ସଂଯୋଜିତ ହୋଇଥାନ୍ତି ।

ନବକଳେବର ପଡ଼ିଲେ ଏମାନଙ୍କୁ କୋଇଲି ବୈକୁଣ୍ଠରେ ସମାଧି ଦିଆଯାଏ । ପୁଣି ନୂତନ ଘୋଡ଼ା ନିର୍ମାଣ କରିଥାନ୍ତି ରୂପକାର ସେବକ ।

ରଥରେ ଘୋଡ଼ା ସଂଯୋଗ ହେବା ନେଇ ବିଭିନ୍ନ ପ୍ରକାର ଜନଶ୍ରୁତି ରହିଛି । ଏହି ଜନଶ୍ରୁତି ଅନୁଯାୟୀ, ପୂର୍ବରୁ ରଥକୁ ଘୋଡ଼ାମାନେ ଟାଣୁଥିଲେ । ସେହି ସ୍ମୃତିରେ ରଥରେ କାଠ ନିର୍ମିତ ଘୋଡ଼ାଙ୍କୁ ସଂଯୋଗ କରାଯାଉଛି । ଅନ୍ୟପକ୍ଷରେ ଏହି ଅଶ୍ୱଙ୍କୁ ଇନ୍ଦ୍ରୀୟ ସହିତ ମଧ ତୁଳନା କରାଯାଏ । ଶରୀର ହେଉଛି ରଥ, ଇନ୍ଦ୍ରୀୟ ହେଉଛନ୍ତି ଘୋଡ଼ା । ଅର୍ଥାତ୍ ମହାପ୍ରଭୁଙ୍କ ରଥରେ ଅଶ୍ୱ ସଂଯୋଜିତ ହେବାର ରହସ୍ୟ ହେଉଛି ଶରୀର ରୂପକ ରଥକୁ ଇନ୍ଦ୍ରୀୟମାନେ ଯେପରି ଠିକ୍ ମାର୍ଗରେ ନେଇଯାନ୍ତି, ସେହିଭଳି ଅଶ୍ୱମାନେ ତିନିରଥକୁ ଠିକ୍ ମାର୍ଗରେ ନେଇ ଲକ୍ଷ୍ୟସ୍ଥଳରେ ପହଞ୍ଚାଇଦିଅନ୍ତି । ତେଣୁ ଆମ ସନାତନ ପରମ୍ପରାରେ ଅଶ୍ୱମେଧ ଯଜ୍ଞର ପରିକଳ୍ପନା କରାଯାଇଛି । ଅଶ୍ୱମେଧ ଯଜ୍ଞର ରହସ୍ୟ ହେଉଛି ଇନ୍ଦ୍ରୀୟମାନଙ୍କୁ ନିୟନ୍ତ୍ରଣ କରିବା ।



■ ଅଣସରରେ ହୁଅନ୍ତି ନୂଆ ଦଇତାପତି

## ଶ୍ରୀୟାନ ହେଲେ ଦଇତାପତି ଭାଗାରୀ



ଦଇତାପତି । ଶ୍ରୀମନ୍ଦିରର ସେବକ । ବର୍ଷର ବିଭିନ୍ନ ସମୟରେ ମହାପ୍ରଭୁଙ୍କ ସେବା ଥିଲେ ମଧ ଏମାନଙ୍କ ମୁଖ୍ୟ ସେବା ଜ୍ୟେଷ୍ଠ ଶୁକ୍ଳ ତ୍ରୟୋଦଶୀରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ରହିଥାଏ । ଏହି ସମୟରେ ଦେବସ୍ନାନ ପୂର୍ଣ୍ଣିମା, ଅଣସର, ରଥଯାତ୍ରା, ବାହୁଡ଼ା, ସୁନାବେଶ, ଅଧରପଣା, ନୀଳାଦ୍ରିବିଜେ ପ୍ରଭୃତି ଦଇତାପତିମାନେ ସମ୍ପନ୍ନ କରିଥାନ୍ତି । ଏହି ପର୍ବପର୍ବାଣିରେ ନିଷ୍ଠା ଏବଂ ଶୁଦ୍ଧପୁତ ଭାବେ ରହି ଏମାନେ ଦାରୁଦିଅଁଙ୍କ ସେବା କରିଥାନ୍ତି । ବର୍ତ୍ତମାନ ଚତୁର୍ଦ୍ଧାବିଗ୍ରହ ଅଣସର ଘରେ ରହିଛନ୍ତି । ଶ୍ରୀଅଙ୍ଗ ଲାଗି ସେବକ ଦଇତାପତିମାନେ ମହାପ୍ରଭୁଙ୍କ ଗୁପ୍ତସେବା କରୁଛନ୍ତି । ତେବେ ଏହି ଅଣସର ସମୟରେ ହିଁ ନୂଆ ଦଇତାପତି ଭାବେ ମାନ୍ୟତା ଦିଆଯିବାର ବିଧି ରହିଛି । ଶୁକ୍ରବାର ବରିଷ୍ଠ ସେବାୟତ ରବୀନ୍ଦ୍ର ଦାସମହାପାତ୍ରଙ୍କ ନାତି ଶ୍ରୀୟାନ ଦାସମହାପାତ୍ର (୩ମାସ) ଦଇତାପତି ଭାଗାରୀ ଭାବେ ଗଣ୍ୟ ହୋଇଛନ୍ତି । ଏହି ଅବସରରେ ସେ ଅଣସର ତାଟି ଗୃହରେ ପ୍ରବେଶ କରି ମହାପ୍ରଭୁଙ୍କ ସେବାପୂଜାରେ ଆନୁଷ୍ଠାନିକ ଭାବେ ସାମିଲ ହୋଇଛନ୍ତି ।



ନୂଆ ଦଇତାପତି ବା ଦଇତାପତି ଭାଗାରୀ ଭାବେ ଗଣ୍ୟ ହେବାର ବିଧି ସମ୍ପର୍କରେ ରାମଚନ୍ଦ୍ର ଦାସମହାପାତ୍ର କହିଛନ୍ତି, ଯଦି କୌଣସି ଦଇତାପତି ପରିବାରରେ ପିଲାଟିଏ ଜନ୍ମ ହୋଇଥାଏ ଏବଂ ଅଣସର ସମୟକୁ ଏକୋଇଶିଆ ଛୁଆଁ ଯାଇଥାଏ ତେବେ ସେ ଦଇତାପତି ଭାଗାରୀ ଭାବେ ଗଣ୍ୟ ହୁଅନ୍ତି । ସେହି କୁନିପିଲାଙ୍କୁ ଅଣସର ଘରେ ପ୍ରବେଶ କରିବା ପରେ ଦଇତାପତିର ମାନ୍ୟତା ପାଇଥାନ୍ତି ।

## ଅଣସର ଘରେ ଜଳେ ରାଶି ତେଲର ଦୀପ

ଅଣସରରେ ଏବେ ଚତୁର୍ଦ୍ଧାବିଗ୍ରହ । ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡୁ ଜଳରେ ପ୍ରତ୍ୟକ୍ଷ ସ୍ନାନ ପରେ ଜ୍ୱରରେ ପଡ଼ିଛନ୍ତି ମହାପ୍ରଭୁ । ଅଣସର ଘରେ ଚାଲିଛି ଗୁପ୍ତ ସେବା । ମହାପ୍ରଭୁଙ୍କ ସେବାରେ ଲାଗିଛନ୍ତି ଶ୍ରୀଅଙ୍ଗଲାଗି ସେବକ ଦଇତାପତି । ତେବେ ଏହି ଗୁପ୍ତସେବାରେ ରହିଛି କେତୋଟି ନିଷିଦ୍ଧ ନିୟମ । ଏ ସମ୍ପର୍କରେ ବରିଷ୍ଠ ଦଇତାପତି ସେବକ ରାମଚନ୍ଦ୍ର ଦାସମହାପାତ୍ର କୁହନ୍ତି, ସ୍ନାନ ନୀତି ପରେ ରତ୍ନବେଦୀ ସମ୍ମୁଖରେ ବାଉଁଶ ତାଟିର ଏକ ଅସ୍ଥାୟୀ ଗୃହ କରାଯାଏ । ସେଠାରେ ଦାରୁବିଗ୍ରହମାନଙ୍କ ଗୁପ୍ତ ସେବା ହୁଏ । ଏହି ଅସ୍ଥାୟୀ ଗୃହକୁ ଅଣସର ଗୃହ ଏବଂ ଗୃହ ଚାରିପଟେ ପରିବେଷ୍ଟିତ ତାଟିକୁ ଅଣସର ତାଟି କୁହାଯାଏ । ତାଟିରେ ଏକ ଦ୍ୱାର ଥାଏ । ଏହି ଦ୍ୱାର ଦେଇ ଦଇତାପତି ସେବକ ପ୍ରବେଶ କରନ୍ତି । ଅଣସର ଘରେ ସମ୍ପାଦିତ ନୀତିକୁ ଅଣସର ନୀତି କୁହାଯାଏ । ଦଇତା ଓ ପତିମହାପାତ୍ର ସେବକମାନେ ଅଣସର ଗୃହକୁ ପ୍ରବେଶ କରିଥାନ୍ତି । ଏଠାକୁ ଅନ୍ୟ କେହି ପ୍ରବେଶ କରିପାରିବେ ନାହିଁ । ଅଣସର ଘରେ ରାଶି ତେଲ ଦୀପ ବ୍ୟତୀତ ଅନ୍ୟ କୌଣସି ଆଲୋକ ବ୍ୟବହାର କରାଯାଏ ନାହିଁ । ଅଣସର ପିଣ୍ଡିରେ କେବଳ ଧଳାଫୁଲ ବ୍ୟତୀତ ଅନ୍ୟ କୌଣସି ଫୁଲ ପ୍ରବେଶ କରିପାରିବ ନାହିଁ ।

**ଅଣସରରେ ଲାଗି ହୁଏନି ରନ୍ଧା ଭୋଗ**

ଅଣସର ସମୟରେ ବ୍ୟବହାର ହେଉଥିବା ଫଳ ଚୋପା ମଧ ବାହାରକୁ ଆସେ ନାହିଁ । ଏପରିକି, ବ୍ୟବହୃତ ପାତ୍ର ମଧ ପଦାକୁ ଅଣାଯାଏ ନାହିଁ । ଅଣସର ଶେଷ ପର୍ଯ୍ୟନ୍ତ ସମସ୍ତ ଉଗୁରା ଫୁଲ, ଫଳଚୋପା, ବ୍ୟବହୃତ ପାତ୍ର ଆଦି ଗୃହର ଏକ କୋଣରେ ରଖାଯାଇଥାଏ । ଏହି ସମୟରେ ମହାପ୍ରଭୁଙ୍କୁ ରନ୍ଧା ଭୋଗ ଲାଗି ହୁଏ ନାହିଁ । ଅଣସର ସମୟରେ ପଣା ଓ ଚକଟା ଭୋଗ ଲାଗି କରାଯାଏ । ଏହାସହ ଛେନା, ପଣସ, ଆମ୍ବ, ସପୁରୀ ଆଦି ଠାକୁରଙ୍କୁ ସମର୍ପଣ କରାଯିବାର ବିଧି ରହିଛି । ଅଣସର ସେବାକୁ ଯାଉଥିବା ଦଇତାପତିମାନେ ମଧ ସମ୍ପୂର୍ଣ୍ଣ ଭାବେ ନୀତି ନିୟମରେ ରହିଥାନ୍ତି । କେବଳ ମହାପ୍ରଭୁଙ୍କ ସମର୍ପିତ ଭୋଗ ଗ୍ରହଣ କରିଥାନ୍ତି । ଏଥିପାଇଁ ଯେଉଁ ପତ୍ର ଓ ପାତ୍ର ବ୍ୟବହାର କରାଯାଏ, ତାହା ମଧ ଅଣସର ଘରୁ ବାହାରକୁ ଆସି ନ ଥାଏ । ଅଣସର ପିଣ୍ଡିରେ ଭୋଗ ସମର୍ପଣ ବେଳେ ବିଶେଷ ନୀତି ନିୟମ ପ୍ରତି ଗୁରୁତ୍ୱ ଦିଆଯାଏ । କୌଣସି ଘଣ୍ଟି ବାଜି ନ ଥାଏ । ଦଶମୀ ପର୍ଯ୍ୟନ୍ତ କୌଣସି ଶବ୍ଦ କରାଯାଏ ନାହିଁ । ସେବା ସମୟରେ ପରସ୍ପର ମଧ୍ୟରେ କଥାବାର୍ତ୍ତା କରି ନ ଥାନ୍ତି । ଏହି ସମୟରେ ଶ୍ରୀମନ୍ଦିର ଭିତରେ କୌଣସି ନିର୍ମାଣ କିମ୍ବା ଶବ୍ଦ ହୋଇ ନ ଥାଏ ବୋଲି ଦଇତାପତି ସେବକ ଦାସମହାପାତ୍ର କହିଛନ୍ତି ।

## ସର୍ବଭାରତୀୟ ହାକାଥନ୍‌ରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପ୍ରଥମ

କଟକ, ୨୮ ।୬(ସମିସ): ସର୍ବଭାରତୀୟ ହାକାଥନ୍‌ରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଛି । ଡିପ୍ରପୋଜ୍ ଫାଉଣ୍ଡେସନ୍ ପକ୍ଷରୁ ଚେନ୍ନାଇସ୍ଥିତ ଆନ୍ନା ବିଶ୍ୱବିଦ୍ୟାଳୟଠାରେ ଆୟୋଜିତ ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ଇଏନ୍‌ଟିସି ବିଭାଗର ପ୍ରଥମ ବର୍ଷ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଇନ୍‌ଟିସି ବିଭାଗର ସହକାରୀ ପ୍ରଫେସର୍ ଶୁଭ୍ରାଂଶୁ କୁମାର ସିଂହ, ଡ. ବଜ୍ରପଞ୍ଜର ମିଶ୍ରଙ୍କ ମାର୍ଗଦର୍ଶନରେ ଛାତ୍ର ଚିତ୍ତରଞ୍ଜନ ବେହେରା (ଟିମ୍ ଲିଡର), ସାଗରିକା ସ୍ୱାଇଁ, ରଶ୍ମିରଞ୍ଜନ ସାହୁ ଏବଂ ସାଜନ୍ କୁମାର ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରିଥିବା ଦଳରେ ସାମିଲ ଥିଲେ । ପୁରସ୍କାର ସ୍ୱରୂପ ଏକ ଲକ୍ଷ ଟଙ୍କାର ଚେକ୍ ଓ ପ୍ରମାଣପତ୍ର ବିଜୟୀ ଦଳକୁ ପ୍ରଦାନ କରାଯାଇଥିଲା ।



ସୂଚନାଯୋଗ୍ୟ ଏହି ସର୍ବଭାରତୀୟ ପ୍ରତିଯୋଗିତାରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ୩ଟି ଟିମ୍ ଭାଗ ନେଇଥିଲେ । ଗୋଟିଏ ଟିମ୍ ପ୍ରଥମ ସ୍ଥାନ ଏବଂ ଅନ୍ୟ ଦୁଇଟି ଟିମ୍ ମଧ ଉଲ୍ଲେଖନୀୟ ପ୍ରଦର୍ଶନ କରି ବିଚାରପତିଙ୍କ ପ୍ରଶଂସାଭାଜନ ହୋଇଥିଲେ ।

ପ୍ରକାଶଥାଉକି ଏହି ପ୍ରତିଯୋଗିତାରେ ଦେଶର ପ୍ରମୁଖ ବୈଷୟିକ ଶିକ୍ଷାନୁଷ୍ଠାନରୁ ୮,୫୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲା ବେଳେ ୧୦୦ଜଣ ଫାଇନାଲ ରାଉଣ୍ଡକୁ ଉନ୍ନୀତ ହୋଇଥିଲେ । ଛାତ୍ରଛାତ୍ରୀଙ୍କ ଏଭଳି ଗୌରବମୟ କୃତିତ୍ୱ ପାଇଁ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, କୁଳପତି ପ୍ରଫେସର ଡ. ପ୍ରକାଶ ହୋତା, ରେଜିଷ୍ଟ୍ରାର୍ ଡ. ଭକ୍ତଚରଣ ପ୍ରଧାନ, ପ୍ରାଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ସହ ଅଧ୍ୟକ୍ଷ ଇଂ ଦୁର୍ଗାପ୍ରସାଦ ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, 'ଡିନ୍' ଡ. ନୟନ ରଞ୍ଜନ ସାମଲ, ଇଏନ୍‌ଟିସି ବିଭାଗର ମୁଖ୍ୟ ପ୍ରଫେସର ଡ. ଜୀବନାନନ୍ଦ ମେହେନା ଏବଂ ବିଭାଗର ଅଧ୍ୟାପକ, ଅଧ୍ୟାପିକା ସେମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ଏହି ସଫଳତା ପାଇଁ ବିଶ୍ୱବିଦ୍ୟାଳର ଛାତ୍ରଛାତ୍ରୀଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି ।

■ ସାମାନ୍ୟ ବଚସାରୁ ଅଘଟଣ

## ଶ୍ରେଣୀଗୃହରେ ସହପାଠୀକୁ ଛୁରି ଭୁସିଦେଲା

ସାନଖେମୁଣ୍ଡି, ୨୮ ।୬(ସମିସ): ଗଞ୍ଜାମ ଜିଲ୍ଲା ପାଟପୁର ଥାନା ଅନ୍ତର୍ଗତ ପାଇକ ରାମଚନ୍ଦ୍ରପୁର ପଞ୍ଚାୟତ ରଘୁନାଥ ବିଦ୍ୟାଳୟରେ ଏକ ଅଘଟଣ ଘଟିଛି । ସାମାନ୍ୟ ବଚସାରୁ ଜଣେ ନବମ ଶ୍ରେଣୀ ଛାତ୍ର ସହପାଠୀକୁ ଛୁରି ଭୁସିଛି । ଆହତ ଛାତ୍ରଜଣକ ହେଲେ ଓମ୍ ପ୍ରଧାନ । ତାଙ୍କ ଛାତିରେ ଆଘାତ ଲାଗିଛି ।



ଗୁରୁବାର ସନ୍ଧ୍ୟାରେ ଗ୍ରାମର ଘରୋଇ ଟ୍ୟୁସନ୍‌ରେ ଉଭୟଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଝଗଡ଼ା ହୋଇଥିଲା । ଏଥିରେ ଉତ୍ତେଜିତ ହୋଇ ଛାତ୍ରଜଣକ ଓମ୍‌ଙ୍କୁ ଧମକ ଦେଇଥିଲେ । ଶୁକ୍ରବାର ବିଦ୍ୟାଳୟ ଖୋଲିବା ପରେ ଦୁଇଜଣଙ୍କ ମଧ୍ୟରେ ପୁଣି ଝଗଡ଼ା ହୋଇଥିଲା । ଏଥିରେ ଉତ୍ୟକ୍ତ ହୋଇ ଛାତ୍ରଜଣଙ୍କ ସାଙ୍ଗରେ ଆଣିଥିବା ଏକ ଛୁରିରେ ସହପାଠୀ ଓମ୍‌ଙ୍କ ଛାତିକୁ ଭୁଷି ଦେଇଥିଲା । ଖବର ପାଇ ଶିକ୍ଷକମାନେ ଆହତ ଓମ୍‌ଙ୍କୁ ଶେରଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଇବା ସହ ପରିବାରଲୋକଙ୍କୁ ଖବର ଦେଇଥିଲେ । କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବ୍ରହ୍ମପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ପାଟପୁର ଆଇଆଇସି ଅଜୟ କୁମାର ସ୍ୱାଇଁ ସଦଳବଳେ ସ୍କୁଲରେ ପହଞ୍ଚି ସହକାରୀ ଶିକ୍ଷକଙ୍କ ସହ ଆଲୋଚନା କରିବା ସହ ଆହତ ଛାତ୍ରଙ୍କ ପରିବାରଲୋକଙ୍କୁ ପଚରାଉଚରା କରିଛନ୍ତି । ଆକ୍ରମଣ କରିଥିବା ସମ୍ପୃକ୍ତ ଛାତ୍ରଙ୍କୁ ପୁଲିସ ଥାନାକୁ ଆଣି ତଦନ୍ତ ଚଳାଇଛି ।

## ରଥଯାତ୍ରା ପାଇଁ ପୁରୀକୁ ଗଡ଼ିବ ୩୧୫ ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର, ୨୮ ।୬(ସମିସ): ରଥଯାତ୍ରା ଉପଲକ୍ଷେ ଆସନ୍ତା ଜୁଲାଇ ୬ରୁ ୧୯ତାରିଖ ପର୍ଯ୍ୟନ୍ତ ପୁରୀକୁ ୩୧୫ଟି ସ୍ୱତନ୍ତ୍ର ଟ୍ରେନ୍ ଗଡ଼ିବ । ତୀର୍ଥଯାତ୍ରୀମାନଙ୍କ ସୁବିଧା ଉଦ୍ଦେଶ୍ୟରେ ରେଳ ମନ୍ତ୍ରଣାଳୟ ପକ୍ଷରୁ ଏପରି ଯୋଜନା କରାଯାଇଛି । ଚଳିତବର୍ଷ ଗୁଣ୍ଡିଚା ଯାତ୍ରା ଦୁଇ ଦିନ ଧରି ପାଳନ କରାଯିବ । ପୂର୍ବ ରଥଯାତ୍ରା ଉତ୍ସବର ଅଭିଜ୍ଞତାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ଓଡ଼ିଶାର ବିଭିନ୍ନ ସ୍ଥାନ ସହ ପଡ଼ୋଶୀ ରାଜ୍ୟରୁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଇବାକୁ ଯୋଜନା କରିଛି ।

**୧୫ ହଜାର ଯାତ୍ରୀଙ୍କ ପାଇଁ ଶେଡ୍ ବ୍ୟବସ୍ଥା**

**ଯାତ୍ରୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେବାକୁ ରେଳ ମନ୍ତ୍ରୀଙ୍କ ପରାମର୍ଶ**

ଚଳିତ ବର୍ଷ ଜୁନାଗଡ଼ ରୋଡ୍, ସମ୍ବଲପୁର, କେନ୍ଦୁଝରଗଡ଼, ପାରାଦୀପ, ଭଦ୍ରକ, ଅନୁଗୁଳ, ଗୁଣୁପୁର, ବାଙ୍ଗିରିପୋଷି ବ୍ୟତୀତ ନୂତନ ଭାବେ ବାଦାମପାହାଡ଼, ରାଉରକେଲା, ବାଲେଶ୍ୱର, ସୋନପୁର ଏବଂ ଦଶପଲ୍ଲାଠାରୁ ସ୍ୱତନ୍ତ୍ର ଟ୍ରେନ୍ ପୁରୀକୁ ଚଳାଚଳ କରିବ । ଏହାବ୍ୟତୀତ ସାନ୍ଧ୍ୟା ଦର୍ଶନ, ବାହୁଡ଼ା ଯାତ୍ରା ଏବଂ ସୁନାବେଶ ପାଇଁ ମଧ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ପାଇଁ ଯୋଜନା କରାଯାଇଛି । ଚଳିତବର୍ଷ ରଥଯାତ୍ରାର ଅଧରପଣା ଉତ୍ସବ ପାଇଁ ମଧ ସ୍ୱତନ୍ତ୍ର ଟ୍ରେନ ଚଳାଇବାକୁ ପୂର୍ବତଟ ରେଳପଥ ଯୋଜନା କରିଛି । ଏତଦବ୍ୟତୀତ ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ରେଳପଥ ପକ୍ଷରୁ ଅଧିକ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବାକୁ ମଧ ବ୍ୟବସ୍ଥା କରାଯିବ ।

ରଥଯାତ୍ରା ସମୟରେ ଯାତ୍ରୀଙ୍କ ଯାତାୟାତ ସୁବିଧା ବ୍ୟତୀତ ଯାତ୍ରୀ ପରିସେବା ସୁଦୃଢ଼ କରିବା ଉପରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗୁରୁତ୍ୱାରୋପ କରିଥିବା ବେଳେ ତୀର୍ଥଯାତ୍ରୀ ତଥା ଭକ୍ତଙ୍କ ପାଇଁ ଉତ୍ତମ ସୁବିଧା ଯୋଗାଇଦେବାକୁ ପୂର୍ବତଟ ରେଳପଥକୁ ପରାମର୍ଶ ଦେଇଛନ୍ତି । ଭକ୍ତମାନଙ୍କୁ ସମସ୍ତ ସୁବିଧା ଯୋଗାଇବା ପାଇଁ ରେଳମନ୍ତ୍ରୀଙ୍କ ପ୍ରତିବଦ୍ଧତାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ଯାତ୍ରୀ ଭିଡ଼ ପରିଚାଳନା, ଟ୍ରେନ୍ ସୂଚନା ପ୍ରଣାଳୀ/ ଅନୁସନ୍ଧାନ କାଉଣ୍ଟର, ଭିଡିଓ ୱାଲ୍ ପ୍ରଦର୍ଶନ, ଅତିରିକ୍ତ ଟିକେଟ୍ ବୁକିଂ କାଉଣ୍ଟର ଏବଂ ମୋବାଇଲ୍ ଟିକେଟ୍ କାଉଣ୍ଟର, ୧୫ହଜାର ତୀର୍ଥଯାତ୍ରୀ ବିଶ୍ରାମ ନେବା ଭଳି ତୀର୍ଥଯାତ୍ରୀ ଅପେକ୍ଷା କ୍ଷେତ୍ର/ ଶେଡ୍ ପାଇଁ ମଧ ପୂର୍ବତଟ ରେଳପଥ ପଦକ୍ଷେପ ନେଇଛି । ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଆଜି ପୁରୀ ରେଳ ଷ୍ଟେସନ୍‌ରେ ରଥଯାତ୍ରା ବ୍ୟବସ୍ଥା ଯାଞ୍ଚ କରି ତୀର୍ଥଯାତ୍ରୀଙ୍କୁ ଦିଆଯାଉଥିବା ସୁବିଧାଗୁଡ଼ିକ ସମ୍ବନ୍ଧରେ ଅବଗତ ହେବା ସହ ରଥଯାତ୍ରାର କାର୍ଯ୍ୟସୂଚୀର ବହୁ ପୂର୍ବରୁ ଯାତ୍ରୀ ସୁବିଧା ଉପଲବ୍ଧ କରାଇବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ସ୍କୁଲ ପାଣି ଟାଙ୍କି ଭୁଶୁଡ଼ି ଛାତ୍ର ମୃତ

ବାଲେଶ୍ୱର, ୨୮ ।୬(ସମିସ): ବାଲେଶ୍ୱର ଜିଲ୍ଲା ଚାନ୍ଦିପୁର ଥାନା ଅନ୍ତର୍ଗତ ପଦମପୁର ଗ୍ରାମରେ ଥିବା ବାଞ୍ଛାନିଧି ଇଂରାଜୀ ମାଧ୍ୟମ ଆବାସିକ ବିଦ୍ୟାଳୟର ପାଣିଟାଙ୍କି ଭୁଶୁଡ଼ି ପଡ଼ିବାରୁ ଜଣେ ୧୦ ବର୍ଷର ଛାତ୍ରଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ, ନାରାୟଣ ଟୁଡୁ ।

ଶୁକ୍ରବାର ସକାଳ ୭ଟାରେ ନାରାୟଣ ଜଳଖିଆ ଖାଇ ସାରି ହାତ ଧୋଇବାକୁ ଯାଇଥିଲେ । ଏହି ସମୟରେ ଛାତ ଉପରେ ଥିବା ପାଣିଟାଙ୍କିଟି ନାରାୟଣଙ୍କ ଉପରେ ଭୁଶୁଡ଼ି ପଡ଼ିଥିଲା । ତାଙ୍କୁ ସଂକଟାପନ୍ନ ଅବସ୍ଥାରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ । ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ପଦ୍ମପୁର ଗ୍ରାମକୁ ଯାଇଥିବା ଡ୍ରେନ୍‌କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଜବରଦଖଲ କରି ରଖିଛନ୍ତି । ଏହି ଡ୍ରେନ ଉପରେ ପାଣି ଟାଙ୍କି ବସାଇଥିଲେ । ପାଣିଟାଙ୍କି ଯେଉଁ ପିଲ୍‌ର ଉପରେ ବସିଥିଲା, ତାହା ଭାଙ୍ଗି ଯାଇଥିଲା । ବିଦ୍ୟାଳୟ କର୍ତ୍ତୃପକ୍ଷ ଏ ବାବଦରେ ଜାଣିଥିଲେ ବି ପାଣିଟାଙ୍କି ପିଲର୍ ମରାମତି କରିନଥିଲେ, ଯେଉଁଥିପାଇଁ ଆଜି ଏତେ ବଡ଼ ଅଘଟଣ ଘଟିଗଲା ବୋଲି ଅଭିଭାବକମହଲରେ ଅଭିଯୋଗ ହୋଇଛି । ଏହି ଦୁର୍ଘଟଣା ପରେ ସ୍କୁଲର ମୁଖ୍ୟ ପରିଚାଳକ ରବୀନ୍ଦ୍ର ବାରିକ ଅସୁସ୍ଥ ହୋଇ ପଡ଼ିଛନ୍ତି । ତାଙ୍କୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ଆଇସିୟୁରେ ଭର୍ତ୍ତି କରାଯାଇଛି । ଅପରପକ୍ଷେ ମୃତ ଛାତ୍ରଙ୍କ ପରିବାରଲୋକେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ପହଞ୍ଚିଥିଲେ । ଚାନ୍ଦିପୁର ଥାନା ପୁଲିସ ସ୍କୁଲରେ ପହଞ୍ଚି ପ୍ରାଥମିକ ତଦନ୍ତ କରିବା ସହିତ ମୃତ ଛାତ୍ରର ଶବ ବ୍ୟବଚ୍ଛେଦ ପାଇଁ ନେଇଥିଲେ ।

**ସ୍ତନ ଓ ଗର୍ଭାଶୟ କର୍କଟ ରୋଗୀଙ୍କ ସଂଖ୍ୟା ଓଡ଼ିଶାରେ ଅଧିକ**

# କର୍କଟ ପାଇଁ ବରଦାନ ସାଜିଛି ବିଏସ୍‌କେୱାଇ କାର୍ଡ

ଭୁବନେଶ୍ୱର, ୨୮ ।୬(ସମିସ): ରାଜ୍ୟରେ ଗତ କିଛି ବର୍ଷ ଭିତରେ କର୍କଟ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇଛି । ଏପରି ସ୍ଥିତିରେ ନବୀନ ସରକାରଙ୍କ ପ୍ରଚଳିତ 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ' ଯୋଜନା(ବିଏସ୍‌କେୱାଇ) କର୍କଟ ରୋଗୀଙ୍କ ପାଇଁ ବରଦାନ ପାଲଟିଛି । ଏହି ସ୍ୱାସ୍ଥ୍ୟ ସେବା କାର୍ଯ୍ୟକ୍ରମ ଦ୍ୱାରା ରାଜ୍ୟରେ କର୍କଟ ରୋଗଜନିତ ମୃତ୍ୟୁ ଉପରେ ଅଙ୍କୁଶ ଲଗାଯିବା ସମ୍ଭବ ହୋଇ ପାରିଛି । 'ପାର୍ଟନରସିପ ଟୁ ଫାଇଟ୍ କ୍ରୋନିକ୍ ଡିଜିଜ୍' (ପିଏଫ୍‌ସିଡି) ପକ୍ଷରୁ ଓଡ଼ିଶାରେ ବୃଦ୍ଧି ପାଉଥିବା କ୍ୟାନ୍‌ସର ରୋଗର ମୁକାବିଲା ସଂକ୍ରାନ୍ତ ଏକ ବୈଠକରେ ବରିଷ୍ଠ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଅନୁରୂପ ମତ ପ୍ରକାଶ କରିଛନ୍ତି ।

ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶାରେ କ୍ୟାନ୍‌ସର ମାମଲା ସଂକ୍ରାନ୍ତରେ ଏକ ସନ୍ଦର୍ଭ ଉପସ୍ଥାପନ କରାଯାଇଥିଲା । ରାଜ୍ୟରେ ଗତ ଏକ ଦଶନ୍ଧି ମଧ୍ୟରେ କର୍କଟ ରୋଗୀଙ୍କ ସଂଖ୍ୟା ୨୨.୫ ପ୍ରତିଶତ ଓ ମୃତ୍ୟୁହାର ୨୨.୬ ପ୍ରତିଶତ ବୃଦ୍ଧି ପାଇଛି । ସମଗ୍ର ଦେଶରେ ଦ୍ରୁତଗତିରେ କର୍କଟ ବୃଦ୍ଧି ପାଉଥିବା ୧୨ଟି ରାଜ୍ୟ ମଧ୍ୟରୁ ଓଡ଼ିଶା ଅନ୍ୟତମ । ଏ ସଂକ୍ରାନ୍ତରେ ଡାକ୍ତର ସଞ୍ଜୀବ କୁମାର ମିଶ୍ର କହିଛନ୍ତି ଯେ ଓଡ଼ିଶା କ୍ୟାନ୍‌ସର ଚିକିତ୍ସା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନର ସମ୍ମୁଖୀନ ହେଉଛି । ଜାତୀୟସ୍ତରର ତଥ୍ୟ ଏକ ଚିନ୍ତାଜନକ ବୃଦ୍ଧିକୁ ଦର୍ଶାଉଥିବା ବେଳେ ଓଡ଼ିଶା ବିଶେଷ କରି ସ୍ତନ ଓ ଗର୍ଭାଶୟ କର୍କଟ କ୍ଷେତ୍ରରେ ଅଧିକ ବୋଝର ସମ୍ମୁଖୀନ ହେଉଛି । ରୋଗୀଙ୍କ ଚିକିତ୍ସା ଫଳାଫଳକୁ ଉନ୍ନତ କରିବା ପାଇଁ ଶୀଘ୍ର ଚିହ୍ନଟ ଓ ଆଡ୍‌ଭାନ୍ସଡ ଥେରାପିଗୁଡିକ ପାଇଁ ସରକାରୀସ୍ତରରେ ବିକେନ୍ଦ୍ରୀକରଣର ଆବଶ୍ୟକତା ରହିଛି । ଏଥିସହ ତୃଣମୂଳସ୍ତରରେ ରୋଗ, ରୋଗୀର ଲକ୍ଷଣ ଓ ଅତ୍ୟାଧୁନିକ ଚିକିତ୍ସାଗୁଡିକର ଲାଭ ସମ୍ପର୍କରେ ସଚେତନତା ବୃଦ୍ଧି କରିବାର ବିଶେଷ ଆବଶ୍ୟକତା ରହିଛି । ସେହିଭଳି ଜିଲ୍ଲା ହସ୍ପିଟାଲ ଓ ଆଖପାଖ ଅଞ୍ଚଳଗୁଡ଼ିକରେ ସୁବ୍ୟବସ୍ଥିତ ଡାଇଗ୍ନୋଷ୍ଟିକ ସେଣ୍ଟର ଓ ଚିକିତ୍ସା ବ୍ୟବସ୍ଥା ସ୍ଥାପନ କରିବା ମଧ ଜରୁରୀ ବୋଲି ସେ ମତବ୍ୟକ୍ତ କରିଛନ୍ତି ।



**ତୃଣମୂଳସ୍ତରରେ ଚିକିତ୍ସାକୁ ଗୁରୁତ୍ୱ ଦିଆଯିବା ଜରୁରୀ**

ଡାକ୍ତର ଚିରା ଖାଡ଼ଙ୍ଗା ଅନ୍‌କୋଲୋଜି କ୍ଷେତ୍ରରେ ନିଜର ବିସ୍ତୃତ ଅଭିଜ୍ଞତା ସହିତ ବଢୁଥିବା କର୍କଟ ମାମଲାକୁ ହ୍ରାସ କରିବା ପାଇଁ ବୈଷୟିକ ଅଗ୍ରଗତି ଏବଂ ଏକ ମଜଭୁତ କର୍କଟ ଚିକିତ୍ସା ଭିତ୍ତିଭୂମି ନିର୍ମାଣ କରିବାର ମହତ୍ୱ ଉପରେ ଗୁରୁତ୍ୱ ଦେଇଛନ୍ତି । କର୍କଟ ବିରୋଧରେ ବାସ୍ତବରେ ସ୍ଥିତିକୁ ପରିବର୍ତ୍ତନ କରିବା ପାଇଁ ଆମେ ଏକ ମଜଭୁତ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିର ଆବଶ୍ୟକ କରୁଛୁ । ଆଡ୍‌ଭାନ୍ସଡ ରେଡିଓଥେରାପି ପାଇଁ ବ୍ୟାପକ ପହଞ୍ଚ ସହିତ ସୁସଜ୍ଜିତ କର୍କଟ ଚିକିତ୍ସା ବ୍ୟବସ୍ଥା ସୁନିଶ୍ଚିତ କରି ଆମେ ବହୁମାତ୍ରାରେ କର୍କଟ ମାମଲାକୁ ହ୍ରାସ କରିପାରିବା ଏବଂ ରୋଗୀଙ୍କ ସୁସ୍ଥତାକୁ ଉନ୍ନତ କରିପାରିବା ବୋଲି ସେ କହିଛନ୍ତି ।

ସେହିପରି ଡାକ୍ତର ସଞ୍ଜୟ କୁମାର ମିଶ୍ର ସରକାରଙ୍କ ପଦକ୍ଷେପଗୁଡ଼ିକ ଉପରେ ତଥ୍ୟ ପ୍ରଦାନ କରିଛନ୍ତି । କର୍କଟ ଚିକିତ୍ସା ଭିତିଭୂମି ଓ ଉଚ୍ଚମାନର ସ୍ୱାସ୍ଥ୍ୟସେବାକୁ ଉନ୍ନତ ରାଜ୍ୟ ସରକାର ପ୍ରଶଂସନୀୟ କାର୍ଯ୍ୟ କରିଛନ୍ତି । ତେବେ ସରକାରଙ୍କ ପଦକ୍ଷେପ ଓ କର୍କଟ ଚିକିତ୍ସା କ୍ଷେତ୍ରରେ ବୈଷୟିକ ଅଗ୍ରଗତି ସତ୍ତ୍ୱେ ଏହି ରୋଗର ବଢୁଥିବା ବୋଝକୁ ହ୍ରାସ କରିବା ପାଇଁ ମିଳିତ ପ୍ରଚେଷ୍ଟା ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତବ୍ୟକ୍ତ କରିଛନ୍ତି ।



ନିଜ ଉପରେ ବିଶ୍ୱାସ ନ ଆସିବା ପର୍ଯ୍ୟନ୍ତ ଈଶ୍ୱରଙ୍କ ଅସ୍ତିତ୍ୱକୁ ବିଶ୍ୱାସ କରିହେବ ନାହିଁ।
-ସ୍ୱାମୀ ବିବେକାନନ୍ଦ

ସକାଳ
THE SAKALA

# ଦିଲ୍ଲୀ ଜଳାର୍ଣ୍ଣବରୁ ଶିଖିଲେ ହେଲା!

ଆଧୁନିକ ସଭ୍ୟତାର ମନ୍ତ୍ର ହେଉଛି ବିକାଶ। ବିଶ୍ୱ ଦରବାରରେ ଗୋଟିଏ ଦେଶର ମାନ, ମର୍ଯ୍ୟାଦା, ଗରିମାର ମାପଦଣ୍ଡ ତା'ର ବିକାଶରୁ ନିର୍ଣ୍ଣୟ କରାଯାଉଛି। କିନ୍ତୁ ଏହି ଅପରିମାଣଦର୍ଶୀ ବିକାଶର କୁପ୍ରଭାବ ଯେ ମାନବ ସଭ୍ୟତାକୁ ବିନାଶ ମୁହଁକୁ ଟାଣି ନେଉଛି ତାହାର ଉଦାହରଣ ସମୟେ ସମୟେ ଆମକୁ ପ୍ରକୃତି ଦେଖାଇ ଦେଉଛି। କିଛିଦିନ ତଳେ ବିଶ୍ୱର ଅନ୍ୟତମ ଅତ୍ୟାଧୁନିକ ଓ ଧନାଢ୍ୟ ଦେଶ ଦୁବାଇରେ ଅଭୂତପୂର୍ବ ଜଳାର୍ଣ୍ଣବ ସାରା ବିଶ୍ୱବାସୀଙ୍କୁ ସ୍ତବ୍ଧ କରିଦେଇଥିବା ବେଳେ ସଦ୍ୟତମ ଉଦାହରଣ ଦେଖିବାକୁ ମିଳିଛି ଭାରତର ରାଜଧାନୀ ଦିଲ୍ଲୀରେ। ଗତ ଚବିଶ ଘଣ୍ଟା ମଧ୍ୟରେ ସେଠାରେ ୨୮୮ ମିଲି ମିଟର ବର୍ଷା ହେବା ଫଳରେ ଜନଜୀବନ ବିପନ୍ନ ହୋଇପଡ଼ିଛି। ରାଜଧାନୀ ଏକ କୃତ୍ରିମ ଜଳାଶୟର ଭ୍ରମ ସୃଷ୍ଟି କରୁଛି। ଜଳ ଓ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣଙ୍କର ମୃତ୍ୟୁ ଘଟିଥିବା ସରକାରୀ ଭାବେ କୁହାଯାଇଥିବା ବେଳେ ଅଧିକ ଅଘଟଣ ଟାଳିବା ପାଇଁ ରାଜଧାନୀରେ ବିଦ୍ୟୁତ ସରବରାହ ବନ୍ଦ କରି ଦିଆଯାଇଥିଲା। ବିଗତ ୮୮ ବର୍ଷ ମଧ୍ୟରେ ଏଭଳି ବର୍ଷା ଦିଲ୍ଲୀରେ ଦେଖିବାକୁ ମିଳି ନଥିବା କୁହାଯାଉଛି। ଆଇଏମ୍‌ଡିର ଆକଳନ ଅନୁଯାୟୀ ଦିଲ୍ଲୀରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପହଞ୍ଚିବାକୁ ଆହୁରି ତିନିଚାରିଦିନ ଅଛି। ତା' ପୂର୍ବରୁ ଯଦି ଏଭଳି ଅବସ୍ଥା ସୃଷ୍ଟି ହୋଇଛି ତେବେ ମୌସୁମୀ ଋତୁରେ ରାଜଧାନୀବାସୀ କିଭଳି ଅବସ୍ଥା ଭୋଗିବେ ତାହା ଅନୁମେୟ।

ସବୁଠାରୁ ଉଦ୍‌ବେଗଜନକ ହେଉଛି ଦିଲ୍ଲୀ ଆନ୍ତର୍ଜାତିକ ବିମାନ ବନ୍ଦରର ଟର୍ମିନାଲ୍ ୧ର ଏକ ଅଂଶ ଭାଙ୍ଗି ପଡ଼ି ଜଣଙ୍କ ଜୀବନ ଯାଇଥିବା ବେଳେ ହଜାର ହଜାର ସଂଖ୍ୟାରେ ଗାଡ଼ି ମୋଟର ରାସ୍ତାରେ ଅଟକି ରହିଛି। ଦିଲ୍ଲୀ ବିମାନବନ୍ଦରରେ ଘଟିଥିବା ଅଘଟଣର ପ୍ରଭାବ ସଂସଦରେ ପ୍ରତିଧ୍ୱନିତ ହୋଇଛି। ଏହି ଟର୍ମିନାଲ ନିକଟରେ ସମ୍ପ୍ରସାରିତ ହୋଇ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ସମର୍ପିତ ହୋଇଥିବାରୁ ନିର୍ମାଣର ଗୁଣବତ୍ତା ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ଏହି ଅଘଟଣ ଯୋଗୁଁ ପ୍ରାୟ ୯୦ ବିମାନର ଉଡ଼ାଣ ବାତିଲ୍ କରାଯାଇଛି। ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧା ଭୋଗିଛନ୍ତି। ଏହା ମଧ୍ୟ କେବେ ସ୍ୱାଭାବିକ ହେବ ତାହା ନିଶ୍ଚିତ ହୋଇ ନଥିବାରୁ ଅନ୍ୟ ଟର୍ମିନାଲ୍‌ଗୁଡ଼ିକରେ ଯାତ୍ରୀ ଭିଡ଼ ଅଧିକ ହେବ ଏବଂ ବିମାନ ଚଳାଚଳର ସ୍ୱାଭାବିକ ସମୟ ନିର୍ଘଣ୍ଟ ବିଳମ୍ବିତ ହେବା ଏକପ୍ରକାର ନିଶ୍ଚିତ। ଏଠାରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ହଜାର ହଜାର ଲୋକ ଦୈନିକ ଯାତାୟାତ କରୁଥିବାରୁ ଭାରତର ନିମ୍ନମାନର ନିର୍ମାଣ ଶୈଳୀ, ଗୁଣ ଓ ମାନ ନିଶ୍ଚୟ ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିବ।


ତେବେ ଏଥିପାଇଁ କେବଳ ଅଦୂରଦର୍ଶୀ ବିକାଶ ଯୋଜନାକୁ ହିଁ ଦାୟୀ କରାଯାଇପାରେ। ଭାରତର ଅନ୍ୟତମ ଧନାଢ୍ୟ ମହାନଗରୀ ବାଣିଜ୍ୟ ରାଜଧାନୀ ମୁମ୍ବଇ, କୋଲକତା ଭଳି ସହର ବର୍ଷାରେ କିଭଳି ସ୍ଥିତିକୁ ଚାଲିଯାଏ ତାହା ଆମେ ସମସ୍ତେ ଦେଖିଆସୁଛୁ। ଆମ ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ବର୍ଷା ଦିନେ କିପରି କୃତ୍ରିମ ହ୍ରଦମାନ ଓ ଖୋଲା ଡ୍ରେନ୍‌ମାନଙ୍କରେ ନଈବଢ଼ି ଭଳି ସ୍ଥିତି ସୃଷ୍ଟି ହୁଏ ଏବଂ ଏହାପଛର କାରଣ ମଧ୍ୟ ଅଜଣା ନୁହେଁ।

ସମୟ ସହିତ ଜନଜୀବନ ଅଧିକ ଚଳଚଞ୍ଚଳ ହୋଇପଡ଼ିଛି। ତା' ସହିତ ତାଳ ଦେଇ ଟ୍ରାଫିକ୍ ମଧ୍ୟ ବ୍ୟସ୍ତବହୁଳ ହେବାରେ ଲାଗିଛି। ତେଣୁ ଓଭରବ୍ରିଜ୍, ଫ୍ଲାଏଓଭରମାନ ବର୍ତ୍ତମାନ ସମୟର ସହିରୀ ଗମନାଗମନ ଓ ପରିବହନ କ୍ଷେତ୍ରରେ ସବୁଠାରୁ ବଡ଼ ଆବଶ୍ୟକତା ପାଲଟି ଯାଇଛି। କିନ୍ତୁ ଏହିସବୁ ନିର୍ମାଣ ହିଁ ବର୍ଷା ଦିନେ ବର୍ଷାଜଳପ୍ରବାହର ସ୍ୱାଭାବିକତା ଦିଗରେ ପ୍ରତିବନ୍ଧକ ସୃଷ୍ଟି କରୁଛି। କେବଳ ସେତିକି ନୁହେଁ, ରାସ୍ତା ଉପରେ ଜଳପ୍ଲାବନ ଯୋଗୁଁ ଖାଲ ଢିପ ନ ଜାଣିପାରି ଅନେକ ଧନଜୀବନ ହାନି ଘଟୁଛି। ଗତ ସପ୍ତାହରେ ରାଜଧାନୀ ଭୁବନେଶ୍ୱରରେ ପୁଣି ଏଭଳି ଏକ ପରିସ୍ଥିତିରେ ନାଳରେ ଭାସି ଯାଇ ଜଣେ ଶିଶୁର ଜୀବନଦୀପ ଲିଭିଯାଇଛି ଏବଂ ଏଭଳି ଘଟଣାମାନ ପ୍ରାୟ ପ୍ରତିବର୍ଷ ଘଟୁଛି। ଗୋଟିଏ ପଟେ ଅଦୂରଦର୍ଶୀ ନିର୍ମାଣ ଓ ଜବରଦଖଲ ଏବଂ ଅନ୍ୟପକ୍ଷରେ ମୁକୁଳା ନାଳକୁ ବନ୍ଦ କରିବାରେ କର୍ତ୍ତୃପକ୍ଷଙ୍କ ଅବହେଳା କାରଣରୁ ସଭ୍ୟ ସମାଜରେ ଏଭଳି ଦୁଃଖଦ ଘଟଣାମାନ ଘଟିବାରେ ଲାଗିଛି।

ପରିତାପର ବିଷୟ ହେଉଛି ଥରେ ଏଭଳି ଘଟଣା ଘଟିଲେ ଗତାନୁଗତିକ ଢଙ୍ଗରେ ଉଦ୍‌ବେଗ ପ୍ରକାଶ ପାଉଛି, ନାମକୁ ମାତ୍ର ସମୀକ୍ଷା ହେଉଛି ଏବଂ ଲୋକ ଦେଖାଣିଆ ତାଗିଦମାନ ଗଣମାଧ୍ୟମରେ ପ୍ରକାଶ ପାଉଛି। କିନ୍ତୁ ସ୍ଥିତିରେ ତ କିଛି ପରିବର୍ତ୍ତନ ହେଉ ନାହିଁ ବରଂ ଅଧିକରୁ ଅଧିକ ବିଗିଡ଼ିବାରେ ଲାଗିଛି। ଅଘଟଣ ପାଇଁ ଯଦି ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହୁଅନ୍ତା ତେବେ ବୋଧହୁଏ ସମସ୍ୟାର କିଛି ପରିମାଣରେ ସମାଧାନ ହୋଇପାରନ୍ତା ଏବଂ ସ୍ଥିତିରେ ସୁଧାର ଆସିପାରନ୍ତା। ବିଶେଷକରି ସହରମାନଙ୍କରେ ବର୍ଷା ଜଳ ନିଷ୍କାସନର ମୁଖ୍ୟ ରାସ୍ତା ବଡ଼ ବଡ଼ ଡ୍ରେନ୍‌ଗୁଡ଼ିକର ଉଭୟ ପାର୍ଶ୍ୱରେ ହଜାର ହଜାର ସଂଖ୍ୟାରେ ବସ୍ତି ଆଉ ଝୁମ୍ପୁଡ଼ି ମାଡ଼ି ବସିଥିବାର ଲକ୍ଷ୍ୟ କରାଯାଏ। ଏଥିରେ ସ୍ଥାନୀୟ କୁଜି ନେତା ତଥା ବାହୁବଳୀମାନଙ୍କର ଖୋଲାଖୋଲି ପ୍ରଭାବ ରହୁଛି। ଫଳରେ ନଳା ନର୍ଦ୍ଦମାଗୁଡ଼ିକ ବର୍ଷା ଜଳରେ ଉଛୁଳିବାରୁ ଜନଜୀବନ ହାନିର ଆଶଙ୍କା ବଢ଼ି ଯାଉଛି। ରାଜଧାନୀ ଭୁବନେଶ୍ୱରର ପ୍ରାୟ ସମସ୍ତ କେନାଲ୍ ଓ ଖୋଲା ଡ୍ରେନ୍ ବର୍ତ୍ତମାନ ବେଆଇନ ଭାବେ ଗଢ଼ି ଉଠିଥିବା ବସ୍ତି ଓ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ କବ୍‌ଜାରେ ରହିଛି। ଦୀର୍ଘବର୍ଷ ଧରି ଏହି ସ୍ଥିତି ଲାଗି ରହିଛି। ଏହାସହିତ ଜଳବାୟୁ ବିପର୍ଯ୍ୟୟ ଓ ବର୍ଷା ବିପ୍ରାତ ଯୋଗୁଁ ଜଳବନ୍ଦୀ ପରିସ୍ଥିତି ବହୁ ଜାଗାରେ ସୃଷ୍ଟି ହେଉଛି। ଏମ୍‌ଏଲ୍‌ଏ, ଏମ୍‌ପି ଓ ମ୍ୟୁନିସିପାଲିଟି ୱାର୍ଡ ମେମ୍ବରମାନଙ୍କର ଉଭୟ ଅବହେଳା ଓ ସଂରକ୍ଷଣ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି କରିଛି।

ପ୍ରତିବର୍ଷ ମୌସୁମୀ ପୂର୍ବରୁ ରାଜଧାନୀରେ ନାଳନର୍ଦ୍ଦମା ସଫା ପାଇଁ କର୍ତ୍ତୃପକ୍ଷ ଉଚ୍ଚସ୍ତରୀୟ ବୈଠକ ଆୟୋଜନ କରନ୍ତି ଏବଂ ତଦନୁଯାୟୀ ନିର୍ଦ୍ଦେଶ ମଧ୍ୟ ଦିଅନ୍ତି। କିନ୍ତୁ ସେହି ନିର୍ଦ୍ଦେଶର କେତେ ଅନୁପାଳନ ହେଉଛି ତାହା ତଦାରଖ ହେଉ ନଥିବାରୁ ଧର୍ମକୁ ଆଖିଠାର ଭଳି କାଁ ଭାଁ ନାଳ ସଫେଇ ହୁଏ ଏବଂ ସବୁ କାମ କାଗଜପତ୍ରରେ ସମ୍ପୂର୍ଣ୍ଣ ହୁଏ। ଅନେକ ସ୍ଥାନରେ ନାଳରୁ ବାହାର କରାଯାଉଥିବା ମାଟି ଗୋଡ଼ି ଆବର୍ଜନା ଇତ୍ୟାଦି ସ୍ଥାନାନ୍ତର ନ ହୋଇ ସେହି ପାଖରେ ପଡ଼ି ରହୁଥିବାରୁ ବର୍ଷାରେ ଧୋଇ ହୋଇଯାଇ ପୁଣି ସେହି ନାଳକୁ ହିଁ ପୋତି ପକାଏ। ଏହି ପ୍ରହସନର ପରମ୍ପରା ବହୁ ପୁରୁଣା। ଏହା କେବଳ ରାଜଧାନୀ ନୁହେଁ, ବରଂ ରାଜ୍ୟର ସବୁ ବଡ଼ ସହରରେ ଦେଖିବାକୁ ମିଳେ। ଏହାଛଡ଼ା ଏବେ ପ୍ଲାଷ୍ଟିକ୍ ବୋତଲ, ଜରି ମୁଣା ଆଦିର ଗଦା ଗଦା ଆବର୍ଜନା ପାଣି ନିଷ୍କାସନ ଦିଗରେ ବଡ଼ ଅନ୍ତରାୟ ସୃଷ୍ଟି କରିଛି। ପଲିଥିନ ନିଷେଧ କେବଳ କାଗଜକଲମରେ ସୀମିତ ଥିବାରୁ ସହରାଞ୍ଚଳରେ ଏସବୁର ସଂଖ୍ୟା ଦିନକୁ ଦିନ ଉଦ୍‌ବେଗଜନକ ଭାବେ ବଢ଼ିବାରେ ଲାଗିଛି। ଏହା ମଧ୍ୟ ବର୍ଷା ଦିନେ ପରିବେଶ ପ୍ରଦୂଷଣକୁ ଆହୁରି ଉତ୍କଟ କରୁଛି। ତେଣୁ ସହରକୁ ସ୍ୱଚ୍ଛ, ସୁନ୍ଦର କରିବା ପାଇଁ ସମାବେଶୀ ଦୂରଦୃଷ୍ଟିପୂର୍ଣ୍ଣ ବିକାଶ ଯୋଜନା ସହିତ ଏକ ପଲିଥିନ ମୁକ୍ତ ପରିବେଶର ପରିକଳ୍ପନା ନିହାତି ଜରୁରୀ।

# ଓଡ଼ିଶାର ପ୍ରାଚୀନ ନାଗ ସଂସ୍କୃତି



ପଣ୍ଡିତ ଡ. ଅନ୍ତର୍ଯ୍ୟାମୀ ମିଶ୍ର
ଢେଙ୍କାନାଳ, ମୋ: ୮୮୯୫୨୩୦୭୨୨

ପ୍ରାଚୀନ ଭାରତରେ ନାଗ ସଂସ୍କୃତିର ପ୍ରାଧାନ୍ୟ ରହିଥିଲା। ସେହି ସମୟର ଭାରତର ଉତ୍ତର-ପଶ୍ଚିମ ଦିଗରେ ତକ୍ଷଶିଳାନଗରୀ ତକ୍ଷକ ବଂଶୀୟ ରାଜାମାନଙ୍କ ରାଜଧାନୀ ରୂପେ ପ୍ରସିଦ୍ଧି ଲାଭ କରିଥିଲା। ଏହି ନଗରୀରେ ଏକ ବିଶ୍ୱପ୍ରସିଦ୍ଧ ବିଶ୍ୱବିଦ୍ୟାଳୟ ଥିଲା ଯେଉଁଥିରେ ଦେଶବିଦେଶରୁ ଶହଶହ ଛାତ୍ର ଆସି ଅଧ୍ୟୟନ କରୁଥିଲେ। ତଦନୁରୂପ ଭାରତର ପୂର୍ବ-ଦକ୍ଷିଣ ଦିଗରେ ପୁଣ୍ୟତୋୟା ବ୍ରାହ୍ମଣୀ ନଦୀ କୂଳରେ ଅବସ୍ଥିତ 'ନାଗନା' ନଗରୀ ନାଗ ଉପାସନା ନିମିତ୍ତ ପ୍ରସିଦ୍ଧି ଲାଭ କରିଥିଲା। ଏଠାରେ କୁଳିକ ବଂଶର ନାଗରାଜାମାନେ ରାଜତ୍ୱ କରୁଥିଲେ। ଖ୍ରୀଷ୍ଟପୂର୍ବ କାଳରୁ 'ନାଗନା' ଏକ ବିଶାଳ ସାମ୍ରାଜ୍ୟର ମର୍ଯ୍ୟାଦା ବିମଣ୍ଡିତ ଥିଲା। ଏହି ନଗରୀର କିୟତ୍ ଦୂରରେ ରୂପାବଳିଆ ପର୍ବତରେ ନାଗରାଜାମାନଙ୍କ ଦୁର୍ଗ ଥିଲା। ସେହି ପ୍ରାଚୀନ ଗିରିଦୁର୍ଗର ଭଗ୍ନାବଶେଷ ଓ ବାମ୍ଫୀ ପ୍ରଭୃତି ଏବେ ମଧ୍ୟ ପରିଦୃଷ୍ଟ ହୁଏ। କୁଳିକ ବଂଶର ରାଜଧାନୀ ନାଗନାନଗରୀ ଥିଲେ ହେଁ ଶତ୍ରୁ କବଳରୁ ରକ୍ଷା ପାଇବା ନିମିତ୍ତ ସେମାନେ ନିକଟସ୍ଥ ରୂପାବଳିଆ ପର୍ବତରେ ଗିରିଦୁର୍ଗ ନିର୍ମାଣ କରିଥିଲେ।

ନାଗନାନଗରୀର ରାଜାମାନେ 'ନାଗନାଥ' ଓ 'ନାଗନାମୀ'ଙ୍କର ଉପାସନା କରୁଥିଲେ। ନାଗନାଥଙ୍କର ମନ୍ଦିର ଭାଙ୍ଗିଯିବାରୁ ଦ୍ୱାଦଶ ଶତାବ୍ଦୀରେ ତୃତୀୟ ଅନଙ୍ଗ ଭୀମଦେବ ସେଠାରେ ବର୍ତ୍ତମାନର ଭବ୍ୟ ମନ୍ଦିରଟି ନିର୍ମାଣ କରିଛନ୍ତି। ମନ୍ଦିର ସମ୍ମୁଖରେ ଗୋଟିଏ ପ୍ରାଚୀନ ବାମ୍ଫୀ ରହିଛି। ଏହି ବାମ୍ଫୀରେ ଏକାଦଶ ରୁଦ୍ରଙ୍କ ଚିତ୍ର ଖୋଦିତ। ଦେବୀ ନାଗନାମୀ ତ୍ରିଫଣା ବିଶିଷ୍ଟ ନାଗମାତା ମୂର୍ତ୍ତି। ଦେବୀଙ୍କ ମନ୍ଦିରଟି ଭାଙ୍ଗିଯାଇଛି। ସଂପ୍ରତି ଦେବୀ ନାଗନାଇଁ ନାମରେ ଗ୍ରାମଦେବତୀ ଭାବରେ ପୂଜିତ। ବ୍ରାହ୍ମଣୀ ନଦୀ ଗତିପଥ ପରିବର୍ତ୍ତନ କରିଦେବା ଫଳରେ ନାଗସଂସ୍କୃତିର ପ୍ରାଚୀନ ନାଗନାନଗରୀ ଧ୍ୱଂସ ପାଇଗଲା ତଥା ନାଗନାଥଙ୍କ ପ୍ରାଚୀନ ମନ୍ଦିର, ନାଗନାମୀଙ୍କ ପ୍ରାଚୀନ ମନ୍ଦିର ଓ କୁଳିକ ରାଜନ୍ୟବର୍ଗଙ୍କ ରାଜପ୍ରାସାଦ ମଧ୍ୟ ଧ୍ୱଂସ ହୋଇଗଲା। ତାପରେ ନାଗରାଜାମାନେ ରୂପାବଳିଆ ଗିରିଦୁର୍ଗରେ ନିବାସ କଲେ। ପ୍ରାଚୀନ ନଗରୀଟି ବଡ଼ନାଗନା ଓ ସାନନାଗନା ନାମରେ ଦୁଇଟି ଗ୍ରାମରେ ପରିଚିହ୍ନିତ ହେଲା। ସେହି ସ୍ଥାନଠାରୁ ବ୍ରାହ୍ମଣୀନଦୀ ପର୍ଯ୍ୟନ୍ତ ସୁବିସ୍ତୃତ ପ୍ରାନ୍ତର ଦେଖିଲେ ହୃଦବୋଧ ହୁଏ ଯେ ଏଠାରେ ମାଟିତଳେ ଗୋଟିଏ ସଭ୍ୟତା ଲୁଚି ରହିଛି। ସ୍ୱର୍ଗୀୟ ବିମଳକିଶୋର ମିଶ୍ର ଓଡ଼ିଶା ସରକାରଙ୍କ ସଂସ୍କୃତି ନିର୍ଦ୍ଦେଶକ ଥିବା ବେଳେ ଏହି ପ୍ରାଚୀନ ସ୍ଥଳ ପରିଦର୍ଶନ ପୂର୍ବକ ଭୂଖନନ ଓ ସର୍ବେକ୍ଷଣ ନିମିତ୍ତ ସୁପାରିସ କରିଥିଲେ। ତାହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇପାରିନାହିଁ।

କୁଳିକବଂଶର ରାଜନ୍ୟବୃନ୍ଦ ବିଶାଳ ନାଗ ସାମ୍ରାଜ୍ୟର ସୁରକ୍ଷା ନିମିତ୍ତ ନାଗନାନଗରୀର ପୂର୍ବ ଦିଗରେ ପ୍ରାୟ ୨୫ କିମି ଦୂରରେ ଗଁଦିଆ ସନ୍ନିକଟ ବଣିଆପଡ଼ା ଗ୍ରାମର ଅନତି ଦୂରରେ ଅନ୍ୟ ଗୋଟିଏ ଗିରିଦୁର୍ଗ ପ୍ରତିଷ୍ଠା କରିଥିଲେ। ଏହି ଗିରିଦୁର୍ଗଟି ଉପରଗଡ଼ ଓ ତଳଗଡ଼ - ଏହିପରି ଦୁଇଭାଗରେ ବିଭକ୍ତ ଥିଲା। ଗିରିଦୁର୍ଗଟି ଧ୍ୱଂସ ପାଇଥିଲେ ହେଁ ଉଭୟଗଡ଼ର ସନ୍ଧି ସ୍ଥାନରେ ଗୋଟିଏ ସମତଳ ପ୍ରସ୍ତର ପ୍ରାନ୍ତର ରହିଅଛି। ଇତିମଧ୍ୟରେ ଏହି ପ୍ରାଚୀନ ଗିରିଦୁର୍ଗର ବହୁ ପ୍ରସ୍ତର ସ୍ଥାନାନ୍ତରିତ ହୋଇସାରିଛି। ବର୍ତ୍ତମାନ ତଳଗଡ଼ରେ ଗୋଟିଏ ବଡ଼ ପଥର ବାମ୍ଫୀ ଓ ଅନେକ ଛୋଟ କୂଅ ପରିଦୃଷ୍ଟ ହୁଏ। ବାହାର ପ୍ରାଚୀର ସୀମାରେ ଗୋଟିଏ ମଣ୍ଡପରେ ଏକ ଦେବୀମୂର୍ତ୍ତି ଗଡ଼ଚଣ୍ଡୀ ରୂପେ ବିରାଜିତା। ଦେବୀଙ୍କ ଶରୀର ନିମ୍ନଭାଗ ସର୍ପାକୃତି ଏବଂ ଊର୍ଦ୍ଧ୍ୱଦେଶ ନାରୀମୂର୍ତ୍ତି। ମସ୍ତକରେ ସପ୍ତସର୍ପ ଫଣା ଛତ୍ରପ୍ରାୟ ଶୋଭିତ। ବାମ ହସ୍ତରେ କୁମ୍ଭ ଏବଂ ଅନ୍ୟ ହସ୍ତରେ କୁମ୍ଭ ସଦୃଶ ଅନ୍ୟ ଏକ ପାତ୍ର ରହିଅଛି। ଏହା ନାଗମାତା ଇଳାଦେବୀଙ୍କ ମୂର୍ତ୍ତି। ସ୍ଥାନୀୟ ଲୋକେ ଏହି ଦେବୀଙ୍କୁ ଅନନ୍ତେଶ୍ୱରୀ ନାମରେ ପୂଜା କରୁଛନ୍ତି। ଏହି ନାଗମାତା ଥିଲେ ଗିରିଦୁର୍ଗର ଇଷ୍ଟଦେବୀ ଓ ନାଗରାଜାଙ୍କର କୁଳଦେବୀ।

କୁଳିକବଂଶର ନାଗସାମ୍ରାଜ୍ୟ ପଶ୍ଚିମରେ ଅନୁଗୋଳର ତଳମୂଳ ପର୍ଯ୍ୟନ୍ତ ସୁବିସ୍ତୃତ ଥିଲା। ତଳମୂଳରେ ଗୋଟିଏ ଦଶଖମ୍ବ ମଣ୍ଡପରେ ସପ୍ତଫଣାବିଶିଷ୍ଟ ନାଗଦେବତା ପୂଜା ପାଉଥିଲେ। ପରେ ଏହି ନାଗଦେବତା ହିନ୍ଦୋଳର ଚିତଳପୁର ଗ୍ରାମକୁ ସ୍ଥାନାନ୍ତରିତ ହୋଇଥିଲେ। ଚିତଳପୁରରେ ମଧ୍ୟ ଦଶଖମ୍ବ ମଣ୍ଡପଟିଏ ରହିଛି। ଏହି ଚିତଳପୁରରୁ ପ୍ରତ୍ନତତ୍ତ୍ୱବିତ୍ ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁ କୁଳିକ ବଂଶ ରାଜା ବୀର ପ୍ରଚଣ୍ଡଦେବଙ୍କର ତାମ୍ରପତ୍ର ପାଇଥିଲେ, ଯାହା ବର୍ତ୍ତମାନ ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ ଅଛି।

ନାଗସାମ୍ରାଜ୍ୟର ପତନ ପରେ ଗଙ୍ଗବଂଶର ତୃତୀୟ ଅନଙ୍ଗଭୀମ ନାଗନାଠାରେ ନାଗନାଥ ମନ୍ଦିର ନିର୍ମାଣ କରିବା ସହିତ ତଳମୂଳ ଓ ଚିତଳପୁରରେ ପୂଜା ପାଉଥିବା ସପ୍ତଫଣା ବିଶିଷ୍ଟ ନାଗ ଦେବତାଙ୍କୁ ବଜ୍ରଲେପ ଦ୍ୱାରା ବଳଦେବ ମୂର୍ତ୍ତିରେ ରୂପାନ୍ତରିତ କରିଥିଲେ। ସେହି ବଳଦେବ ସଂପ୍ରତି ଢେଙ୍କାନାଳର ଇଷ୍ଟ ଦେବ ଭାବରେ ଢେଙ୍କାନାଳ ସହରରେ ଭବ୍ୟ ମନ୍ଦିରରେ ପୂଜିତ। ଢେଙ୍କାନାଳର ବଳଦେବଙ୍କ ମୂର୍ତ୍ତି ଦର୍ଶନ କଲେ ସପ୍ତଫଣା ଢାଞ୍ଚା ସ୍ପଷ୍ଟ ଦୃଶ୍ୟମାନ ହୁଏ। ଅନଙ୍ଗଭୀମ ଦେବ ନାଗନା ରାଜ୍ୟକୁ ଗଙ୍ଗ ସାମ୍ରାଜ୍ୟରେ ମିଶାଇ ଦେଇଥିଲେ। ତଦୀୟ ପୁତ୍ର ପ୍ରଥମ ନରସିଂହ ଦେବ ୧୨୪୬ ଖ୍ରୀଷ୍ଟାବ୍ଦରେ କପିଳାସ ମନ୍ଦିର ନିର୍ମାଣ କଲେ ଏବଂ ନାଗନା ରାଜ୍ୟକୁ କପିଳାସଠାକୁରଙ୍କ ସେବାରେ ସମର୍ପଣ କଲେ। ଏହା ନରସିଂହ ଦେବଙ୍କ ଦ୍ୱାରା କପିଳାସ ମନ୍ଦିରସ୍ଥିତ ଦଧିନଉତି ଶିଳାଲେଖରେ ଉଦ୍‌ଘୋଷିତ।

ତୃତୀୟ ଅନଙ୍ଗଭୀମ ଦେବଙ୍କ ଦ୍ୱାରା ନିର୍ମିତ ନାଗନାଥ ମନ୍ଦିରଟି ପଞ୍ଚରଥ ଶୈଳୀର। ଏହାର ଉଚ୍ଚତା ୪୫ ଫୁଟ। ମନ୍ଦିରଟି ଜଗମୋହନ, ଭୋଗମଣ୍ଡପ ଓ ଗର୍ଭଗୃହ, ଏ ଭଳି ତିନିଭାଗରେ ବିଭକ୍ତ। ଗର୍ଭଗୃହରେ ସ୍ୱୟଂଭୂ ଜ୍ୟୋତିର୍ଲିଙ୍ଗ ନାଗନାଥେଶ୍ୱର ବିରାଜିତ। ଜଗମୋହନରେ ଦୁଇଗୋଟି ବୃଷଭ ବିରାଜିତ। ପ୍ରଥମଟି ମନ୍ଦିର ନିର୍ମାଣ ସମୟର ଏବଂ ଦ୍ୱିତୀୟଟି ପରବର୍ତ୍ତୀ କାଳର। ଦ୍ୱିତୀୟ ବୃଷଭର ନିମ୍ନ ଭାଗରେ ପ୍ରାଚୀନ ଓଡ଼ିଆ ଅକ୍ଷରରେ ଗୋଟିଏ ଫକ୍ତି ଶିଳାଲେଖ ଉତ୍କୀର୍ଣ୍ଣ ହୋଇଛି। ଏହାର ପାଠୋଦ୍ଧାର କରିଛନ୍ତି ଲିପିତତ୍ତ୍ୱବିତ୍ ଡ. ସୁବ୍ରତ କୁମାର ଆଚାର୍ଯ୍ୟ। ଏହି ପାଠୋଦ୍ଧାର ହେଲା : '(ନାଗନା)ଥେଶ୍ୱର (ରା)-ୟ ପ୍ରୀତୟେ ନୀଳାମ୍ବର'। ଏହାର ଲିପି ସପ୍ତଦଶ ଶତାବ୍ଦୀର ଓଡ଼ିଆ ଲିପି। ସପ୍ତଦଶ ଶତାବ୍ଦୀରେ ଢେଙ୍କାନାଳର ରାଜା ନୀଳାମ୍ବର ରାୟ ସିଂହ ଭ୍ରମରବର ଏହି ବୃଷଭଟି ସ୍ଥାପନା କରିଥିଲେ। ମୁଖ୍ୟମନ୍ଦିର କାନ୍ଥରେ ଭୈରବ ଓ ଚାମୁଣ୍ଡା ମୂର୍ତ୍ତି ଥିବାରୁ ଏହି ପୀଠ ଏକଦା ତନ୍ତ୍ରପୀଠ ଥିବାର ହୃଦବୋଧ ହୁଏ। ମନ୍ଦିରର ପାର୍ଶ୍ୱଦେବତା ହେଉଛନ୍ତି ଗଣେଶ, କାର୍ତ୍ତିକେୟ ଓ ପାର୍ବତୀ। ଅନଙ୍ଗଭୀମ ଦେବ ନାଗନାଥେଶ୍ୱରଙ୍କ ତିନି ଧୂପ ଓ ପାଞ୍ଚ ଅବକାଶ ତଥା ବାର୍ଷିକ ପର୍ବପର୍ବାଣି ନିମିତ୍ତ ଭୂସମ୍ପତ୍ତି ଖଞ୍ଜା କରିଯାଇଛନ୍ତି। ମନ୍ଦିରର ବାର୍ଷିକ ଯାନିଯାତ୍ରା ଓ ପର୍ବପର୍ବାଣି ମଧ୍ୟରେ ଶିବରାତ୍ରି, ପଣାସଂକ୍ରାନ୍ତି, ଶିବବିବାହ ଓ ଶୀତଳଷଷ୍ଠୀ, ବଡ଼ଓଷା, କାର୍ତ୍ତିକ ପୂର୍ଣ୍ଣିମା, ପୁଷ୍ୟାଭିଷେକ ଓ ମକର ସଂକ୍ରାନ୍ତି ପ୍ରଧାନ। ଦେବୀ ନାଗନାମୀଙ୍କ ପୀଠରେ ପଣାସଂକ୍ରାନ୍ତିରେ ପିଠିଫୋଡ଼ା ଯାତ୍ରା ଅନୁଷ୍ଠିତ ହୁଏ। ମନ୍ଦିରଟି ବର୍ତ୍ତମାନ ଢେଙ୍କାନାଳର ଦେବୋତ୍ତର ବିଭାଗ ଦ୍ୱାରା ପରିଚାଳିତ। ମୁଖ୍ୟ ମନ୍ଦିରର ସ୍ଥିତି ଦେଖିଲେ ଏହା ଚାରିପାଞ୍ଚ ଫୁଟ ଦବିଯିବା କଥା ସହଜରେ ଜାଣିହୁଏ। ଅନୁମିତ ହୁଏ, ପ୍ରାଚୀନ ନାଗନାନଗରୀ ଭୂସ୍ଖଳନ ଯୋଗୁଁ ଧ୍ୱସ୍ତବିଧ୍ୱସ୍ତ ହୋଇଥିବ ଏବଂ ମନ୍ଦିରଟି ପୁନଃ ନିର୍ମିତ ହେବା ପରେ ମଧ୍ୟ ଭୂସ୍ଖଳନ ଯୋଗୁଁ ଦବିଯାଇଥିବ। ପ୍ରତ୍ନତତ୍ତ୍ୱ ବିଭାଗ ଅଦ୍ୟାବଧି ଏହି ପ୍ରାଚୀନ ମନ୍ଦିରର ସଂରକ୍ଷଣ ନିମିତ୍ତ ପଦକ୍ଷେପ ନେଇନାହାନ୍ତି।

ନାଗନାନଗରୀ ପ୍ରାଚୀନ ଯୁଗରୁ ଗୋଟିଏ ତୀର୍ଥ ଭାବରେ ପ୍ରସିଦ୍ଧ ଲାଭ କରିଥିଲା। ଭାରତର ସକଳ ପ୍ରାନ୍ତରରୁ ଯାତ୍ରୀ ଓ ଭକ୍ତଗଣ ଏଠାକୁ ଆସି ସ୍ନାନ, ଦାନ, ପିଣ୍ଡୋତ୍ସର୍ଗ ଓ ଅନ୍ୟାନ୍ୟ ଧର୍ମକାର୍ଯ୍ୟ କରୁଥିଲେ। ପଣ୍ଡିତ ନଗେନ୍ଦ୍ରନାଥ ମହାପାତ୍ର ନିଜର 'ସେବକାଳର କଥା' ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି ଯେ ନାଗନା ତୀର୍ଥରେ ମହାପ୍ରସାଦ ଭୋଗ ପ୍ରଚଳନ ଥିଲା। ଓଡ଼ିଶାର ବହୁ ପଣ୍ଡିତଙ୍କ ମତ ନାଗନାଥ ହେଉଛନ୍ତି ଦ୍ୱାଦଶ ଜ୍ୟୋତିର୍ଲିଙ୍ଗର ଅନ୍ତର୍ଭୁକ୍ତ। 'ଉତ୍କଳେ ନାଗନାଥଃ' ଏହି ଉକ୍ତିରୁ ନାଗନାଥ ଶିବ ବହୁ ପ୍ରାଚୀନ କାଳରୁ ପ୍ରସିଦ୍ଧ ଲାଭ କରିଥିବାର ଅନୁମିତ ହୁଏ। ପ୍ରାଚୀନ ଢେଙ୍କାନାଳ ଇତିହାସରେ ମଧ୍ୟ ଉଲ୍ଲେଖ ରହିଛି ପୁରାଣ ପ୍ରସିଦ୍ଧ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମଧ୍ୟରେ ଏହି ନାଗନାଥ ପରିଗଣିତ। ନାଗନାଥଙ୍କର ଅବସ୍ଥିତି ସଂପର୍କରେ କୁହାଯାଇଛି, 'ନାଗେଶ ଦାରୁକାବନେ'। ଯେଉଁ ପର୍ବତର ପାଦଦେଶରେ ନାଗନାଥ ମନ୍ଦିର ଅବସ୍ଥିତ, ତାହା ହିଁ ପୁରାଣ ବର୍ଣ୍ଣିତ ଦାରୁକାବନ। କିନ୍ତୁ ଅନେକ ଗୁଜୁରାଟର ଦ୍ୱାରକାନଗରୀ ନିକଟରେ ଷୋଡ଼ଶ ଶତାବ୍ଦୀରେ ପ୍ରତିଷ୍ଠିତ ନାଗେଶଙ୍କୁ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗଙ୍କ ମଧ୍ୟରେ ଅନ୍ୟତମ ବୋଲି ବିବେଚନା କରୁଛନ୍ତି। ବିଜ୍ଞ ପ୍ରାଜ୍ଞଙ୍କ ମତରେ ଚତୁର୍ଥ-ପଞ୍ଚମ ଶତାବ୍ଦୀରୁ ଓଡ଼ିଶାର ନାଗନାନଗରୀରେ ନାଗନାଥ ବା ନାଗେଶ ପୂଜା ପାଇ ଆସୁଛନ୍ତି ତଥା ଦ୍ୱାରକା ସନ୍ନିକଟ ନାଗନାଥଙ୍କଠାରୁ ଓଡ଼ିଶାର ନାଗନାଥ ଏକହଜାର ବର୍ଷରୁ ଅଧିକ ପ୍ରାଚୀନ। ଶୈବାଚାର୍ଯ୍ୟ ନଗୁଳୀଶଙ୍କ ଆବିର୍ଭାବ ସମୟ ଅର୍ଥାତ ଚତୁର୍ଥ ଶତାବ୍ଦୀଠାରୁ ଓଡ଼ିଶାର ନାଗନାଥ ପୀଠ ପ୍ରସିଦ୍ଧିଲାଭ କରିଛି। ଏଠାରେ ନାଗ ସଂସ୍କୃତି ସହିତ ଶୈବ ସଂସ୍କୃତିର ମଧୁର ସମନ୍ୱୟ ସଂଘଟିତ ହୋଇଛି। ନାଗରାଜାମାନେ ନାଗଦେବୀ ନାଗନାମୀଙ୍କ ସହିତ ନାଗନାଥେଶ୍ୱରଙ୍କର ଉପାସନା ପୂର୍ବକ ଶୈବ ସଂସ୍କୃତି ସହିତ ନାଗ ସଂସ୍କୃତିର ସମନ୍ୱୟ ଘଟାଇଥିଲେ। ନାଗନାସ୍ଥିତ ରୂପାବଳିଆ ପର୍ବତଠାରୁ ବ୍ରାହ୍ମଣୀ ନଦୀ ପର୍ଯ୍ୟନ୍ତ ସୁବିସ୍ତୃତ ତୀର୍ଥ ଭୂମିରେ ବିଶାଳ ଦାରୁକବନ ରହିଥିବାର ପ୍ରମାଣ ପ୍ରାଚୀନ ଶାସ୍ତ୍ରରେ ମଧ୍ୟ ପରିଦୃଷ୍ଟ ହୁଏ। ଏହି ବନରେ ଦାରୁକାସୁର ନିବାସ କରି ଲୋକଙ୍କ ଉପରେ ଅତ୍ୟାଚାର କରୁଥିଲା। ନାଗବଂଶୀୟ କ୍ଷତ୍ରିୟମାନେ ଶିବଙ୍କର ଭକ୍ତ ଥିଲେ। ସେମାନଙ୍କ ପ୍ରାର୍ଥନାରେ ଶିବ ନାଗନାଥ ରୂପରେ ଦାରୁକବନରେ ଆବିର୍ଭାବ ହୋଇ ଦାରୁକାସୁରକୁ ବଧ କରିଥିଲେ। ସେହିଦିନଠାରୁ ନାଗରାଜାମାନେ ଦାରୁକବନରେ ନାଗନାଥଙ୍କର ଉପାସନା ଆରମ୍ଭ କରିଥିଲେ।

ମୋ ମତରେ, ଭାରତର ବିଭିନ୍ନ ସ୍ଥାନରେ ଯେଉଁ ବାରଗୋଟି ଜ୍ୟୋତିର୍ଲିଙ୍ଗ ଆବିର୍ଭାବ ହୋଇଥିଲେ ତନ୍ମଧ୍ୟରେ ନାଗନାର ନାଗନାଗେଶ୍ୱର ଅନ୍ୟତମ। ଦ୍ୱାରକା ନିକଟବର୍ତ୍ତୀ ନାଗେଶଙ୍କ ଅବସ୍ଥିତି ଦାରୁକବନ ମଧ୍ୟରେ ନୁହେଁ ଏବଂ ସେ ଷୋଡ଼ଶ ଶତାବ୍ଦୀରେ ସ୍ଥାପିତ। ବର୍ତ୍ତମାନ ପଶ୍ଚିମ ଭାରତବାସୀ ଦ୍ୱାରକା ସନ୍ନିକଟ ନାଗେଶଙ୍କୁ ଜ୍ୟୋତିର୍ଲିଙ୍ଗ ରୂପେ ଚିହ୍ନିତ କରୁଥିଲେ ହେଁ ପ୍ରକୃତରେ ବ୍ରାହ୍ମଣୀ ତଟସ୍ଥ ପ୍ରାଚୀନ ନଗନାଥ ହିଁ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗଙ୍କ ମଧ୍ୟରେ ଅନ୍ୟତମ। ଦ୍ୱାରକା ସନ୍ନିକଟ ନାଗନାଥ ଓ ବ୍ରାହ୍ମଣୀ ତଟସ୍ଥ ନାଗନାଥ ଉଭୟ ଶିବଲିଙ୍ଗ ଦର୍ଶନ କଲେ ହୃଦବୋଧ ହୁଏ ବ୍ରାହ୍ମଣୀ ତଟସ୍ଥ ନାଗନାଥ ଜ୍ୟୋତିର୍ମୟ ଓ ସମୁଜ୍ଜ୍ୱଳ। ଜଗଦ୍ଗୁରୁ ଆଦି ଶଙ୍କରାଚାର୍ଯ୍ୟ ବ୍ରାହ୍ମଣୀ ତଟସ୍ଥ ନାଗନା ଆସି ନାଗନାଥେଶ୍ୱରଙ୍କୁ ଦର୍ଶନ କରିଥିଲେ। ତତ୍କାଳୀନ ନାଗନାନଗରୀ ଓ ନାଗନାଥଙ୍କ ଦର୍ଶନ ପୂର୍ବକ ସେ ସ୍ତୁତିଗାନ କରିଥିଲେ:-

**ଯାମ୍ୟେ ସଦଙ୍ଗେ ନଗରେତି ରମ୍ୟେ, ବିଭୂଷିତାଙ୍ଗମ୍ ବିବିଧୈଶ୍ଚ ଭୋଗୈଃ। ସଦ୍ଭୁକ୍ତି ମୁକ୍ତି ପ୍ରଦନୀଶମେକମ୍, ଶ୍ରୀ ନାଗନାଥଂ ଶରଣଂ ପ୍ରପଦ୍ୟେ।**

ଉଲ୍ଲେଖଯୋଗ୍ୟ ଯେ ଜଗଦ୍ଗୁରୁ ଶଙ୍କରାଚାର୍ଯ୍ୟ ଅଷ୍ଟମ-ନବମ ଶତାବ୍ଦୀରେ ନାଗନାନଗରୀ ଓ ନାଗନାଥଙ୍କୁ ଦର୍ଶନ କରିଥିଲେ। ସେହି ସମୟରେ ଦ୍ୱାରକା ନିକଟରେ ନାଗନାଥ ପ୍ରତିଷ୍ଠିତ ହୋଇନଥିଲେ। ଶଙ୍କରାଚାର୍ଯ୍ୟ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଅନ୍ତର୍ଭୁକ୍ତ ନାଗନାଥଙ୍କୁ ଦର୍ଶନ କରିବାକୁ 'ନାଗନା' କୁ ଆସିଥିଲେ। ସେହି ସମୟରେ 'ନାଗନା' ଗୋଟିଏ ରମଣୀୟ ତୀର୍ଥନଗରୀ ଭାବରେ ପ୍ରସିଦ୍ଧିଲାଭ କରିଥିଲା ବୋଲି ତାଙ୍କ ସ୍ତୁତିରୁ ସୁସ୍ପଷ୍ଟ।

ବ୍ରାହ୍ମଣୀତଟସ୍ଥ ନାଗନା ଏକ ପ୍ରାଚୀନ ତୀର୍ଥ ହେଲେ ହେଁ ଅଦ୍ୟାବଧି ତାହା ପର୍ଯ୍ୟଟନ ସ୍ଥଳୀ ଭାବରେ ଘୋଷିତ ହୋଇନାହିଁ ତଥା ନାଗନାଥ ମନ୍ଦିର ଦ୍ୱାଦଶ ଶତାବ୍ଦୀର କୀର୍ତ୍ତି ହୋଇଥିଲେ ହେଁ ପ୍ରତ୍ନତତ୍ତ୍ୱ ବିଭାଗ ଏହାକୁ ସଂରକ୍ଷିତ ପ୍ରତ୍ନକୀର୍ତ୍ତିର ମାନ୍ୟତା ଦେଇ ନାହାନ୍ତି। ତତ୍କାଳୀନ ସଂସ୍କୃତି ନିର୍ଦ୍ଦେଶକ ସ୍ୱର୍ଗୀୟ ବିମଳ କିଶୋର ମିଶ୍ର ଏହି ପୀଠଟିକୁ ୧୯୬୭ ଜୁନ୍ ୧୭ ତାରିଖରେ ପରିଦର୍ଶନ ପୂର୍ବକ ପ୍ରତ୍ନତାତ୍ତ୍ୱିକ ସଂରକ୍ଷଣ, ଉତ୍‌ଖନନ ଓ ସର୍ବେକ୍ଷଣ ନିମିତ୍ତ ସୁପାରିସ କରିଥିଲେ ହେଁ ତାହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇନାହିଁ। ଏହି ଅଞ୍ଚଳରେ ଥିବା କପିଳାସ ମନ୍ଦିର, ଯୋରନ୍ଦା ମହିମାଗାଦୀ ମନ୍ଦିର, କରମୂଳର ପୌଢ଼େଶ୍ୱର ଓ ଗଣେଶଖୋଲା ତଥା ନାଗନାଥ ମନ୍ଦିରକୁ ନେଇ ପର୍ଯ୍ୟଟନ ବିଭାଗ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିପାରିଲେ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରରେ ନୂତନ ସମ୍ଭାବନାର ଦ୍ୱାର ଉନ୍ମୁକ୍ତ ହୋଇପାରିବ।

## ଲୋକମତ

### ରାଜପଥ କଡ଼ର ବାଲି ସମସ୍ୟା

କଟକ-ଭୁବନେଶ୍ୱର ମଧ୍ୟ ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥରେ ପ୍ରତିଦିନ କିଛି ନା କିଛି ଦୁର୍ଘଟଣା ଘଟୁଛି। ରାସ୍ତାକଡ଼ରେ ଜମା ହୋଇ ହୋଇ ରହୁଥିବା ବାଲି ଏହି ଦୁର୍ଘଟଣା ପଛର ଅନ୍ୟତମ କାରଣ। ବାଲି ବୋଝେଇ କରି ଯାଉଥିବା ଟ୍ରକରୁ ବାଲି ପଡ଼ି ରାସ୍ତାରେ ଗଦା ହୋଇ ରହୁଛି। ଏହା ଉପରେ ପୁଲିସର ନିୟନ୍ତ୍ରଣ ନଥିବା ବେଳେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ରାସ୍ତାରୁ ବାଲି ସଫା କରିବାରେ ଅବହେଳା ପ୍ରଦର୍ଶନ କରିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ନିୟମ ଅନୁସାରେ ଟ୍ରକରେ ଶୁଖିଲା ବାଲି ଜରିପାଲ ଘୋଡ଼ାଇ ପରିବହନ କରିବାକୁ ହେବ। କିନ୍ତୁ ଏବେ ପାଣିମିଶା ବାଲି ପରିବହନ ହେଉଥିବା ଦେଖିବାକୁ ମିଳୁଛି। ପ୍ରତିଦିନ ରାତିରେ ହଜାର ହଜାର ବାଲି ବୋଝେଇ ଟ୍ରକ ଯାଉଥିବାରୁ ସକାଳୁ ରାସ୍ତା ଉପରେ ବାଲି ଗଦା ହୋଇ ରହୁଛି। ଖରା ବାଜି ବାଲି ଶୁଖିବା ପରେ ତାହା ଉପରେ ଗାଡ଼ି ଯିବାରୁ ବହୁ ସମୟରେ ଚକ ଖସୁଛି। ବିଶେଷକରି ଦୁଇଚକିଆ ଗାଡ଼ି ଏହି ବାଲି ଯୋଗୁଁ ଅଧିକ ଦୁର୍ଘଟଣାର ଶିକାର ହେଉଛନ୍ତି।

**ପୁଷ୍ପମିତ୍ର ମହାପାତ୍ର, କଟକ**

### ଭୟଙ୍କର ହେବ ଜଳସଙ୍କଟ

ନଦୀଘେରା କଟକ ସହରର ବର୍ଷସାରା ପାଣିରେ ଉଛୁଳୁଥିବା ପୋଖରୀଗୁଡ଼ିକର ଜଳସ୍ତର ଏବେ ଖସୁଥିବା ସୂଚନା ମିଳିଛି। ତେଣୁ ଭବିଷ୍ୟତରେ କଟକ ସହର ଉତ୍କଟ ଜଳସଙ୍କଟର ସମ୍ମୁଖୀନ ହେବାର ଆଶଙ୍କା ସୃଷ୍ଟି ହୋଇଛି। ସହରର ପରିବେଶ ପାଇଁ ଏହା ବଡ଼ ବିପଦ। ବର୍ଷାଜଳ ସଂରକ୍ଷଣ, ଉତ୍ତାପ ନିୟନ୍ତ୍ରଣଠୁ ଆରମ୍ଭ କରି ଭୂତଳ ଜଳର ପୁନଃଚକ୍ରଣ ପର୍ଯ୍ୟନ୍ତ ଅନେକ କ୍ଷେତ୍ରରେ ଜଳାଶୟ ପ୍ରମୁଖ ଭୂମିକା ନିର୍ବାହ କରେ। ଏଇଥିପାଇଁ ବସତି ପାଖରେ ପୋଖରୀ ଖୋଳିବା ପରମ୍ପରା ବହୁ କାଳରୁ ଚଳି ଆସିଛି। କିନ୍ତୁ ସଂସ୍କୃତିସମ୍ପନ୍ନ କଟକ ସହରର ଜଳାଶୟର ଅବସ୍ଥା ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ଜେଲ ପୋଖରୀ ଭଳି କିଛି ଜଳାଶୟ ବିଲୁପ୍ତ ହୋଇଥିବା ବେଳେ ଅନେକ ପୋଖରୀ ବିଭିନ୍ନ ଆଳରେ ପୋତି ଦିଆଯାଇଛି। ପୁନରୁଦ୍ଧାର ଅଭାବରୁ ଅନେକ ଜଳାଶୟ ମଧ୍ୟ ବିଲୁପ୍ତ ହେବାକୁ ବସିଲାଣି। ସିଏମସି ରିପୋର୍ଟ ଆଧାରରେ କଟକ ସହରରେ ୨୩୧ଟି ଘରୋଇ ପୋଖରୀ ଅଛି। ଏହାବ୍ୟତୀତ ସହରରେ ଅନେକ ପ୍ରାକୃତିକ ଜଳାଶୟ ଓ ଚନ୍ଦନ ପୋଖରୀ ଭଳି ସରକାରୀ ସଂସ୍ଥା ଦ୍ୱାରା ପରିଚାଳିତ ଜଳାଶୟ ମଧ୍ୟ ରହିଛି। ଏହାମଧ୍ୟରୁ ସିଏମସି ମାତ୍ର ୪ଟି ପୋଖରୀ ସଫା କରିଛି। ପୋଖରୀ, ଆର୍ଦ୍ରଭୂମି ରହିଲେ ବର୍ଷାଜଳ ନଦୀ ଦ୍ୱାରା ସମୁଦ୍ରକୁ ବୋହି ନଯାଇ ସଂରକ୍ଷିତ ହୋଇରହିଥାଏ। ଏହି ଜଳ ଧୀରେ ଧୀରେ ମାଟିରେ ଅବଶୋଷିତ ହୋଇ ଭୂତାଳ ଜଳ ପୁନଃଚକ୍ରଣ ପାଇଁ ସହାୟକ ହୋଇଥାଏ। ସେହିପରି ଆର୍ଦ୍ରଭୂମି ବନ୍ୟା, ବାତ୍ୟା ନିୟନ୍ତ୍ରଣରେ ସହାୟତା କରିଥାଏ। ଅପରପକ୍ଷରେ ଜଳାଶୟଗୁଡ଼ିକ ଶୁଖି ଯାଉଥିବା ଓ ପୋତି ହୋଇଯାଉଥିବା କାରଣରୁ କଟକ ସହରରେ ଭୂତଳ ଜଳସ୍ତର ବାର୍ଷିକ ୧୭ ପ୍ରତିଶତ ହିସାବରେ କମିବାରେ ଲାଗିଛି। ତିନି ଦଶନ୍ଧି ପୂର୍ବରୁ ସହରରେ ୩୦/୩୫ ଫୁଟ ତଳେ ପାଣି ମିଳୁଥିବା ବେଳେ ଏବେ ଜଳସ୍ତର ୩ଶହ ଫୁଟକୁ ଖସିଗଲାଣି। ଜଳାଶୟ ହ୍ରାସ ସହରର ତାପମାତ୍ରା ବୃଦ୍ଧିର ଅନ୍ୟତମ କାରଣ। ଜଳାଶୟର ପୁନରୁଦ୍ଧାର, ଆର୍ଦ୍ରଭୂମିର ସୁରକ୍ଷା ସହିତ ବ୍ୟାପକ ଚାରାରୋପଣ ହିଁ ଏକମାତ୍ର ସମାଧାନ।

**ଶ୍ୟାମସୁନ୍ଦର ସାମଲ**
**କଟକ, ମୋ: ୯୭୭୮୭୩୫୯୨୬**

### କେନ୍ଦୁଝରରେ ମେଗା ଷ୍ଟିଲ୍‌ପ୍ଲାଣ୍ଟ ଦାବି

କେନ୍ଦୁଝରବାସୀଙ୍କର ମୁଖ୍ୟ ଦାବି ମେଗା ଷ୍ଟିଲ୍‌ପ୍ଲାଣ୍ଟ ପ୍ରତିଷ୍ଠା, ଯାହା ଆଜି ଯାଏଁ ଅଣଦେଖା ହୋଇ ଆସୁଛି। କେନ୍ଦୁଝର ତା'ର ରତ୍ନଭଣ୍ଡାରକୁ ଉନ୍ମୁକ୍ତ କରି ଦେଇ ଆସିଛି ରାଜ୍ୟର ବିକାଶ ପାଇଁ। ମାତ୍ର ପ୍ରତିଦାନରେ ପାଇଛି କେବଳ ପ୍ରଦୂଷଣ ଆଉ ଅବହେଳା। ଏବେ ଅନୁରୋଧ ଯେ ସରକାର କେନ୍ଦୁଝରବାସୀଙ୍କର ଏହି ସ୍ୱର୍ଣ୍ଣକାତର ଦାବିକୁ ଗ୍ରହଣ କରି କେନ୍ଦୁଝରରେ ମେଗାଷ୍ଟିଲ୍ ପ୍ଲାଣ୍ଟିଏ ପ୍ରତିଷ୍ଠା ଦିଗରେ ଯତ୍ନଶୀଳ ହେବେ।

**ପ୍ର. ଜଗନ୍ନାଥ ଦାଶ, ସ୍ୱାମ୍‌ପାଟଣା, କେନ୍ଦୁଝର,**
**ମୋ: ୭୯୭୮୨୨୦୭୯୬**

### ଖାଦ୍ୟ ନଷ୍ଟ ହ୍ରାସ ପାଇଁ 'ଆପ୍'

କ୍ଷେତର ଅମଳଠାରୁ ଖାଇବା ଟେବୁଲ ପର୍ଯ୍ୟନ୍ତ ସବୁସ୍ତରର ନଷ୍ଟକୁ ମିଶାଇଲେ ଦେଖାଯାଉଛି ଯେ ମୋଟ ଖାଦ୍ୟର ହାରାହାରି ୬୦ ଶତାଂଶ ଖାଦ୍ୟ ନଷ୍ଟ ହେଉଛି। ଖାଇବା ଥାଳିରେ ପାଖାପାଖି ୨୦ ଶତାଂଶ ଖାଦ୍ୟ ନଷ୍ଟ ହୋଇଥାଏ। ଖାଦ୍ୟ ନଷ୍ଟ ଦ୍ୱାରା ବିଶ୍ୱର ଅନେକ ଲୋକ ଭୋକିଲା ରହିବା ସହିତ ପରିବେଶ ପ୍ରଭାବିତ ହୋଇଥାଏ। ଏ ବିଷୟରେ ପରିବାରର ପ୍ରତ୍ୟେକ ସଦସ୍ୟ ସଚେତନ ହେବା ଦରକାର। ଖାଇବା ପୂର୍ବରୁ କ'ଣ ଖାଇବେ ଏବଂ କେତେ ପରିମାଣର ଖାଇବେ ଯୋଜନା କଲେ ଖାଦ୍ୟ ନଷ୍ଟ ଭଳି ଏକ ଗୁରୁତର ସମସ୍ୟାକୁ କମ୍ କରାଯାଇପାରିବ। ସାଧାରଣତଃ ଭୋଜିଭାତରେ ସର୍ବାଧିକ ଖାଦ୍ୟ ନଷ୍ଟ ହୋଇଥାଏ। ବିବାହ, ବ୍ରତ ସମ୍ବନ୍ଧୀୟ ସମାରୋହଗୁଡ଼ିକରେ ସଠିକ୍ ଅତିଥିଙ୍କର ସଂଖ୍ୟା, ଖାଦ୍ୟ ରୁଚି ଇତ୍ୟାଦି ନିରୂପଣ ହୋଇପାରି ନ ଥାଏ। ଏତଦ୍‌ବ୍ୟତୀତ କେତେକ ଭୋଜିରେ ୩୦ ରୁ ୪୦ ପ୍ରକାରର ଖାଦ୍ୟ (ଷ୍ଟାଟର ଠାରୁ ଆରମ୍ଭ କରି ଡେସର୍ଟ ପର୍ଯ୍ୟନ୍ତ) ସମସ୍ତଙ୍କ ପାଇଁ ପ୍ରସ୍ତୁତ ହୋଇଥାଏ। ଉଦାହରଣ ସ୍ୱରୂପ ନିମନ୍ତ୍ରଣ କଲା ବେଳେ ପ୍ରତି ପରିବାରରୁ ୪ ଜଣଙ୍କର ହିସାବ କରି ସବୁ ପ୍ରକାରର ଖାଦ୍ୟ ବିଶେଷ କରି ଆମିଷ, ନିରାମିଷ, ମିଷ୍ଟାନ୍ନ ଇତ୍ୟାଦି ଖାଦ୍ୟ ସମସ୍ତଙ୍କ ପାଇଁ ପ୍ରସ୍ତୁତ କରାଯାଇଥାଏ। କିନ୍ତୁ ଭୋଜିକୁ ଅତିଥି କୌଣସି କାରଣବଶତଃ ଆସିନପାରିବା ଅଥବା ଉକ୍ତ ପରିବାରରୁ କମ୍ ସଂଖ୍ୟାରେ ଲୋକ ଯୋଗଦେବା, ୧୦ ବର୍ଷରୁ କମ୍ ଶିଶୁ ଯୋଗ ଦେବା, କିଛି ଖାଦ୍ୟ ପଦାର୍ଥ କମ୍ ଖର୍ଚ୍ଚ ହେବା ଇତ୍ୟାଦି ଦ୍ୱାରା ଅଧିକାଂଶ ଖାଦ୍ୟ ନଷ୍ଟ ହୋଇଥାଏ। ଭୋଜିରେ ଅଧିକ ପ୍ରକାର ଖାଦ୍ୟ ପ୍ରସ୍ତୁତି ଫଳରେ ଆମେ କ'ଣ ଖାଇବା ବା କ'ଣ ନଖାଇବା ତାହାକୁ ନେଇ ଦ୍ୱନ୍ଦ୍ୱରେ ପଡୁ। ବେଳେବେଳେ ଲୋଭରେ ପଡ଼ି ସବୁପ୍ରକାର ଖାଦ୍ୟକୁ ଥାଳିରେ ଭରି ଖାଇ ନପାରି ନଷ୍ଟ କରୁ। ତେଣୁ ଭୋଜିଭାତଗୁଡ଼ିକରେ କମ୍ ପ୍ରକାର ଖାଦ୍ୟ (୮ ରୁ ୧୦ ପ୍ରକାର) ପରିବେଷଣ କରାଯାଇ ପାରିଲେ ଖାଦ୍ୟ ନଷ୍ଟ ହେବାର କମ୍ ସମ୍ଭାବନା ରହିବ। ଅଧିକନ୍ତୁ, ଏଥିପାଇଁ ଏକ ଆପ୍ ବିକଶିତ କରାଯାଇ ପାରିଲେ ଉକ୍ତ ସମସ୍ୟାର କିଛି ମାତ୍ରାରେ ସମାଧାନ ହୋଇପାରିବ। ଏହି ଆପ୍ ମାଧ୍ୟମରେ କର୍ତ୍ତା, ସମାରୋହରେ ଯୋଗଦେବାକୁ ଥିବା ନିମନ୍ତ୍ରିତ ଅତିଥିଙ୍କର ପରିବାର ସଦସ୍ୟ (ଶିଶୁ, ଅନ୍ୟ ସଦସ୍ୟ, ବାହନ ଚାଳକ ଆଦି)ମାନଙ୍କର ସଂଖ୍ୟା ବିଷୟରେ ଅବଗତ ହୋଇପାରିବେ। ଆହୁରି ମଧ୍ୟ ପ୍ରତ୍ୟେକ ନିମନ୍ତ୍ରିତ ଅତିଥିଙ୍କ ଖାଦ୍ୟ ରୁଚି ବିଷୟରେ ଧାରଣା ସୃଷ୍ଟି ହୋଇପାରିବ। ଉକ୍ତ ଆପ୍ ଲିଙ୍କ୍‌କୁ ନିମନ୍ତ୍ରଣ ପତ୍ରରେ ଉଲ୍ଲେଖ କରି ଅତିଥିଙ୍କୁ ନିମନ୍ତ୍ରଣ କରିବା ସମୟରେ ଆପ୍ ବିଷୟରେ ଅବଗତ କରାଯାଇ ପାରିବ କିମ୍ବା ଡିଜିଟାଲ୍ କାଡ୍‌ର୍ ମାଧ୍ୟମରେ ଅତିଥିଙ୍କୁ ନିମନ୍ତ୍ରଣ ଓ ଆପ୍ ଲିଙ୍କ୍ ପ୍ରଦାନ କରାଯାଇପାରିବ। ଭୋଜିକୁ ଦୁଇଦିନ ଥିବା ପର୍ଯ୍ୟନ୍ତ ଅତିଥିମାନେ ଏହି ଆପ୍ ପୂରଣ/ପରିବର୍ତ୍ତନ କରିବାର ସୁଯୋଗ ପାଇବେ। ଅତିଥି ଆପ୍ ମାଧ୍ୟମରେ ତଥ୍ୟ ପ୍ରଦାନ କରି ନପାରିଲେ ଫୋନ୍ ମାଧ୍ୟମରେ ପ୍ରଦାନ କରିପାରିବେ। ଏହି ଆପ୍‌ରେ ବରଯାତ୍ରୀଙ୍କର ତଥ୍ୟ ମଧ୍ୟ ଉଲ୍ଲେଖ କରାଯାଇପାରିବ। ଯଦିଓ ଏହା ଶତପ୍ରତିଶତ ସଠିକ୍ ହୋଇନପାରେ, କିନ୍ତୁ କର୍ତ୍ତା ଅତିଥିମାନଙ୍କ ଆନୁମାନିକ ସଂଖ୍ୟା ଏବଂ ସେମାନଙ୍କର ପସନ୍ଦର ଖାଦ୍ୟ ଇତ୍ୟାଦିକୁ ପୂର୍ବାନୁମାନ କରି ସେହି ମୁତାବକ ପଦକ୍ଷେପ ନେଇପାରିବେ। ଅନ୍ୟ ଏକ ଉପାୟ ହେଲା ଆପ୍‌ର ତଥ୍ୟକୁ ଭିତ୍ତି କରି ପ୍ରତ୍ୟେକ ଅତିଥିଙ୍କୁ ଟୋକନ୍ ପ୍ରଦାନ କରାଯାଇ ଖାଦ୍ୟ ପ୍ୟାକେଟ୍ ମଧ୍ୟ ବଣ୍ଟନ କରାଯାଇ ପାରିବ। ଏହିପରି, ଆମେ ଖାଦ୍ୟ ନଷ୍ଟ ନକରି ପ୍ରତ୍ୟକ୍ଷ/ପରୋକ୍ଷ ଭାବରେ କିଛି ଭୋକିଲା ଲୋକଙ୍କ ଭୋକ ମେଣ୍ଟାଇ ପାରିବା ଏବଂ ଜୈବ ବିବିଧତାକୁ ରକ୍ଷା କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରିବା।

**ନବ୍‌ନିତ୍ ପାଣିଗ୍ରାହି**
**ରାୟଗଡ଼ା, ମୋ: ୯୮୬୧୧୩୮୮୩୬**

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

### ଗଡ଼ା ଚାଲିଛି ତିନି ରଥ...

## ବେଦୀ ଚତୁଃପାର୍ଶ୍ୱରେ ଚାଲିଛି ପଟା ବାଡ଼ିଆ



ପୁରୀ, ୨୮।୬(ସମିସ): ରଥଯାତ୍ରା ପାଇଁ ପ୍ରଶାସନିକ ପ୍ରସ୍ତୁତି ଜୋର୍ ଧରିଲାଣି। ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ସରିଆସୁଛି। ଶୁକ୍ରବାର ତିନିରଥର ବେଦି ଚାରିପାର୍ଶ୍ୱରେ ପଟା ବାଡ଼ିଆ କାମ ଜାରି ରହିଛି। ପ୍ରତ୍ୟେକ ରଥର ବେଦୀ ନିର୍ମାଣ ପାଇଁ ଗରଗରା ମଝିରେ ୫ଟି ଲେଖାଏଁ ଜଗତପୃଷ୍ଠ ଶ୍ରେଣୀ ପକାଯାଇଛି। ତିନିରଥର ପ୍ରଭା ନିର୍ମାଣ ଚାଲିଛି। ପ୍ରଭା ନିର୍ମାଣ ସରିବା ପରେ ଅନୁକୂଳ କରାଯାଇ ସେଥିରେ ରୂପ ଖୋଦେଇ କରାଯିବ। ପ୍ରଭାର ଉପରି ଭାଗରେ ରାହୁମୁଣ୍ଡ ଏବଂ ଦୁଇପାର୍ଶ୍ୱରେ ମଗର ମୁଣ୍ଡ ରହିବ। ମଝିରେ ରୂପ ଚିତ୍ର କରାଯିବ। ରୂପକାରମାନେ ଅସୁୟାରୀ ପଟାରେ ନର ବିରାଳ, ଗଜ ବିରାଳ ଓ ସିଂହ ବିରାଳ ଖୋଦେଇ ଜାରି ରଖିଛନ୍ତି। ଏଥିସହ ତିନିରଥ କଳସରେ ପାଖୁଡ଼ା ସଂଯୋଗ ଶେଷ ହୋଇ ସିଲ୍‌ଭର ପାତ ଫିଟିଙ୍ଗ କରାଯାଉଛି। ରୂପକାର ସେବକମାନେ ଖୋଦେଇ ଶେଷ କରିଥିବା ନାଟ ଗୋଡ଼ରେ ରଙ୍ଗ ପାଇଁ ଚିତ୍ରକାର ସେବକଙ୍କୁ ଯୋଗାଇ ଦେଇଛନ୍ତି। ଶେଷ ଦୁଇ ଦୁଇଟି ନାଟ ଗୋଡ଼ରେ ଖୋଦେଇ ରୂପର ପଲିସ କାର୍ଯ୍ୟ ସହ ରୂପରେ ଅଳଙ୍କାର ପକା କାର୍ଯ୍ୟ ଜାରି ରଖିଛନ୍ତି। ଚିତ୍ରକାର ସେବକମାନେ କୋଣଗୁଜ, ପଟା ଗୁଜରେ ରଙ୍ଗ ସହ ନାଟ ଗୋଡ଼ରେ ପ୍ରାଇମର ଦେବା ପରେ ରୂପଗୁଡ଼ିକର ରଙ୍ଗ କାର୍ଯ୍ୟ କରୁଛନ୍ତି। ଏଥିସହ ପାର୍ଶ୍ୱ ଦେବଦେବୀ, ନର୍ତ୍ତକୀ, ଶିଖର ଡମ୍ବରୁ ଇତ୍ୟାଦିରେ ରଙ୍ଗ କାର୍ଯ୍ୟ ସହ ରଥ ବାହ୍ୟ ଅଂଶଗୁଡିକରେ ରଙ୍ଗ କାର୍ଯ୍ୟ ଜାରି ରଖିଛନ୍ତି। ଦରଜୀ ସେବକମାନେ ତିନି ରଥର ବତା କନାରେ ଲେସ୍ ଫିଟିଙ୍ଗ ସହ ଦ୍ୱାର ବେଢ଼ା ଏବଂ ଚନ୍ଦ୍ରଶାଳୀ ପାଇଁ କନା କଟିଙ୍ଗ ଶେଷ କରି ସେଥିରେ ସିଲ୍‌ଭର ଲେସ ଷ୍ଟିଚିଙ୍ଗ କରିଛନ୍ତି। ଦୋଳ ବେଦୀ ପରିସର ଅସ୍ଥାୟୀ କମାରଶାଳରେ କମାର ସେବକମାନେ କଳସ କଣ୍ଟା, ଦୁଆର ବେଢ଼ା ପାଇଁ କଣ୍ଟା ନିର୍ମାଣ ସହ ଗଣ୍ଠି କଣ୍ଟା ତିଆରି କରୁଛନ୍ତି।

# ମଧ୍ୟାହ୍ନଭୋଜନରେ ପାଣିଆ ଡାଲିରୁ ପରିବା ଗାଏବ୍

ଭୁବନେଶ୍ୱର, ୨୮।୬(ସମିସ):



**ଖର୍ଚ୍ଚକୁ ନିଅଣ୍ଟ ଅନୁଦାନ**

ହୁ' ହୁ' ହୋଇ ବଢୁଛି ପରିବା ଦର। ଆଳୁ କେଜି ୩୫, ପିଆଜ କେଜି ୪୫ ଟପିଥିବା ବେଳେ ଟମାଟୋ କିଲୋ ୭୦ରୁ ଖସୁନି। ବାଇଗଣ ଓ ଅନ୍ୟ ପରିବା ବି ପଛରେ ପଡ଼ିନାହାନ୍ତି। ବାଇଗଣ କେଜି ୬୦ ଛୁଇଁଥିବା ବେଳେ କଖାରୁ ୨୦ ଓ ଅମୃତଭଣ୍ଡା କିଲୋ ୩୦ ଉପରେ। ଡାଲି କଥା ନ କହିଲେ ଭଲ। ହରଡ଼ ୧୮୦ ଟଙ୍କା ପାର୍ ହେବାକୁ ବସିଥିବା ବେଳେ ମୁଗଡ଼ାଲି କେଜି ୧୩୦ ଟଙ୍କା। ଏହି ଦରବୃଦ୍ଧିର ସିଧାସଳଖ ପ୍ରଭାବ ଏବେ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନଭୋଜନ ଥାଳି ଉପରେ ପଡ଼ିଛି। ପରିବା ଦର ଆକାଶଛୁଆଁ ହେବା ଦିନରୁ ଛାତ୍ରଛାତ୍ରୀଙ୍କ ଥାଳିରେ ପାଣିଆ ଡାଲିରୁ ସବୁଜ ପରିବା ଗାୟବ ହୋଇଗଲାଣି। ଏପରି ଅବସ୍ଥାରେ ମଧ୍ୟାହ୍ନଭୋଜନ ପ୍ରସ୍ତୁତିକୁ ନେଇ ଶିକ୍ଷକ/ଶିକ୍ଷୟିତ୍ରୀ ଚିନ୍ତାରେ।

ବିଦ୍ୟାଳୟରେ ଦିଆଯାଉଥିବା ମଧ୍ୟାହ୍ନ ଭୋଜନ ପାଇଁ ପ୍ରାଥମିକ ବା ପ୍ରଥମରୁ ପଞ୍ଚମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପିଛା ୫ଟଙ୍କା ୯୦ ପଇସା ଅନୁଦାନ ଦିଆଯାଉଛି। ସେହିପରି ଉଚ୍ଚ ପ୍ରାଥମିକ ବା ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ୮ ଟଙ୍କା ୧୦ ପଇସା ପ୍ରଦାନ କରାଯାଉଛି। କିନ୍ତୁ ଏ ମହରଗ ସମୟରେ ପିଲା ପିଛା ଯେତିକି ଅନୁଦାନ ଦିଆଯାଉଛି, ତାହା ନଖଟ ପଡୁଛି। ପରିବା ଓ ଡାଲି ବାଦ୍ ତେଲ, ଲୁଣ, ହଳଦୀଠାରୁ ଆରମ୍ଭ କରି ପରିବା, ଅଣ୍ଡା, ସୋୟାବିନ୍ ଓ ଜାଳେଣି ଖର୍ଚ୍ଚ ବି ରହିଛି। ତେଣୁ କେମିତି ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯିବ, ତାହାକୁ ନେଇ ପ୍ରଧାନ ଶିକ୍ଷକ ଓ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଭାଳେଣୀ ପଡ଼ିଛି। ଯେଉଁଠି ଯେତେ ଅଧିକ ପିଲା ଅଛନ୍ତି, ସେହି ବିଦ୍ୟାଳୟରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ସେତେ ଅଧିକ ଚିନ୍ତା। ପରିବା ଦର ନିୟନ୍ତ୍ରଣ ମଧ୍ୟରେ ନ ରହିଲେ, ଆଗକୁ ମଧ୍ୟାହ୍ନ ଭୋଜନ ଦେବା କାଠିକର ହୋଇପଡ଼ିବ ବୋଲି ଶିକ୍ଷକମାନେ ମତବ୍ୟକ୍ତ କରିଛନ୍ତି।

### ଡିଜି-ଗଭ୍ ପୋର୍ଟାଲ ଅଚଳ

## ବିଦ୍ୟାଳୟକୁ ମିଳୁନି କୌଣସି ଅନୁଦାନ

ଭୁବନେଶ୍ୱର, ୨୭।୬ (ସମିସ): ବିଦ୍ୟାଳୟକୁ ବିଭିନ୍ନ ଅନୁଦାନ ପ୍ରଦାନ କରିବାର ମାଧ୍ୟମ ଡିଜି-ଗଭ୍ ପୋର୍ଟାଲ ଅଚଳ ହୋଇଯାଇଛି। ଫଳରେ ବିଦ୍ୟାଳୟକୁ କୌଣସି ପାଣ୍ଠି ମିଳିପାରୁନି। ବିଦ୍ୟାଳୟ ଉନ୍ନତୀକରଣ କାର୍ଯ୍ୟ ଠପ୍ ହୋଇଯାଇଛି। ପିଲାଙ୍କ ଖେଳକୁଦ ପାଇଁ ସରଞ୍ଜାମ, ବିଦ୍ୟାଳୟର ନିରାପତ୍ତା ଓ ସୁରକ୍ଷା ପରି ବହୁ ଆନୁସଙ୍ଗିକ କାର୍ଯ୍ୟ ହୋଇପାରୁନି। ଜରୁରୀ ପରିସ୍ଥିତିରେ ଶିକ୍ଷକମାନେ ଧାର ଆଣି କାର୍ଯ୍ୟ ତୁଲାଉଛନ୍ତି। ଗତ ୯ ତାରିଖରୁ ପୋର୍ଟାଲ ଅଚଳ ହୋଇଯାଇଛି। ଏହାକୁ ଠିକ୍ କରିବା ଦାୟିତ୍ୱ ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା)ର ହୋଇଥିବା ବେଳେ ଏଯାଏଁ ଠିକ୍ କରାଯାଇ ନଥିବାରୁ ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି।

ଡିଜି-ଗଭ୍ ପୋର୍ଟାଲରେ ସ୍କୁଲକୁ ସମସ୍ତ ଅନୁଦାନ ପ୍ରଦାନ କରାଯାଉଛି। କମ୍ପୋଜିଟ୍ ଅନୁଦାନ, ଖେଳ ଅନୁଦାନ, ବିଦ୍ୟାଳୟର ନିରାପତ୍ତା ଓ ସୁରକ୍ଷା, ଏଫ୍‌ଏଲ୍‌ଏନ୍, ଇକୋ ଆଣ୍ଡ ୟୁଥ୍ କ୍ଲବ୍, ଛାତ୍ରଛାତ୍ରୀଙ୍କ ପୋଷାକ ପାଇଁ ଅନୁଦାନ ପରି ବିଭିନ୍ନ ଅନୁଦାନ ମିଳିପାରୁନି। ଫଳରେ ବିଦ୍ୟାଳୟର ଉନ୍ନତୀକରଣ ପାଇଁ କୌଣସି କାର୍ଯ୍ୟ ହୋଇପାରୁନି। ଏପରିକି ବିଦ୍ୟାଳୟରେ ଲାଇଟ୍, ବଲ୍, ପଙ୍ଖା ଖରାପ ହେଲେ ମଧ୍ୟ ସଜାଡ଼ିବାକୁ ଅନୁଦାନ ନାହିଁ। ଏଣୁ ବାକିରେ କାମ କରୁଛନ୍ତି ଶିକ୍ଷକ ଶିକ୍ଷୟିତ୍ରୀ। ଏହି ପୋର୍ଟାଲ ମାଧ୍ୟମରେ କନିଷ୍ଠ ଶିକ୍ଷକ, ଖେଳ ଶିକ୍ଷକ ଓ ଏକ୍ସ କ୍ୟାଡର୍ ଶିକ୍ଷକଙ୍କୁ ଏହି ପୋର୍ଟାଲ ମାଧ୍ୟମରେ ପାରିଶ୍ରମିକ ମଧ୍ୟ ଦିଆଯାଉଛି। ଏହା ଅଚଳ ହେବା ପରେ କନିଷ୍ଠ ଶିକ୍ଷକମାନେ ବକେୟା ଦରମା ପାଇ ପାରୁନାହାନ୍ତି। କନିଷ୍ଠ ଶିକ୍ଷକଙ୍କ ଦରମା ବୃଦ୍ଧି ହେବା ସହ ୨୦୨୩ ଜାନୁଆରୀରୁ ପିଛିଲା ଭାବେ ଲାଗୁ କରାଯାଇଥିଲା। ଏହି ଅର୍ଥରାଶି ଗତ ଏପ୍ରିଲ ଶେଷ ପୂର୍ବରୁ ସରକାର ପ୍ରଦାନ କରିଥିଲେ। ହେଲେ ଏହା ପରେ ପରେ ବିଦ୍ୟାଳୟ ଛୁଟି ହୋଇଥିବାରୁ ସମସ୍ତ ଶିକ୍ଷକଙ୍କୁ ବକେୟା ଦରମା ମିଳିପାରିନଥିଲା। ସମ୍ପ୍ରତି ପୋର୍ଟାଲ ଅଚଳ ଥିବାରୁ କେବେ ଟଙ୍କା ମିଳିବ ସେ ନେଇ ସନ୍ଦିହାନ ଅଛନ୍ତି ଶିକ୍ଷକ ଶିକ୍ଷୟିତ୍ରୀ।

**ଉନ୍ନତୀକରଣ କାର୍ଯ୍ୟ ଠପ୍, ବାକିରେ ଚାଲୁଛି ଜରୁରୀ କାମ**

**କନିଷ୍ଠ ଶିକ୍ଷକ ପାଉନାହାନ୍ତି ବର୍ଦ୍ଧିତ ବକେୟା ଦରମା**

**ଓସେପା କର୍ଣ୍ଣପାତ କରୁନଥିବା ଅଭିଯୋଗ**

## ଲାଞ୍ଚ ନେଇ ଡମପଡ଼ା ତହସିଲ ରାଜସ୍ୱ ସହାୟକ ଗିରଫ

କଟକ, ୨୮।୬ (ସମିସ): କଟକ ଜିଲ୍ଲା ଡମପଡ଼ା ତହସିଲ ଅଫିସର୍ ବରିଷ୍ଠ ସହକାରୀ ରାଜସ୍ୱ ସହାୟକ ପ୍ରଶାନ୍ତ କୁମାର ରାଉତ ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଜଣେ ବ୍ୟକ୍ତିଙ୍କଠାରୁ ମ୍ୟୁଟେସନ୍ କେସ୍ ବାବଦରେ ଶ୍ରୀ ରାଉତ ୩ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଶୁକ୍ରବାର ଭିଜିଲାନ୍ସ ଟିମ୍ ଡମପଡ଼ା ତହସିଲରେ ପୂର୍ବ ଯୋଜନା ମୁତାବକ ଛକି ରହିଥିଲେ। ଅଭିଯୋଗକାରୀଙ୍କଠାରୁ ଶ୍ରୀ ରାଉତ ମୋଟ ୧୨ ହଜାର ୫୦୦ ଟଙ୍କା ଲାଞ୍ଚ ଦାବି କରିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୩ହଜାର ଟଙ୍କା ଦେବା ପାଇଁ ସ୍ଥିର ହୋଇଥିଲା। ସମ୍ପୃକ୍ତ ସହକାରୀ ରାଜସ୍ୱ ସହାୟକ ଗ୍ରହଣ କରୁଥିବା ଲାଞ୍ଚ ରଙ୍ଗବୋଳା ୩ ହଜାର ଟଙ୍କା ଜବତ କରିଥିଲେ। ଅନ୍ୟପଟରେ ଶ୍ରୀ ରାଉତଙ୍କ ଆୟବହିର୍ଭୂତ ସମ୍ପତ୍ତି ଠୁଳ ନେଇ ବାଙ୍କୀ ତହସିଲ ଅନ୍ତର୍ଗତ ସରକାରୀ କ୍ୱାର୍ଟର ଓ ବାଙ୍କୀ ନୂଆଗାଁସ୍ଥିତ ତାଙ୍କ ପୈତୃକ ଘରେ ଭିଜିଲାନ୍ସର ଚଢ଼ଉ ଜାରି ରହିଛି। ଶ୍ରୀ ରାଉତଙ୍କୁ ଭିଜିଲାନ୍ସ ଗିରଫ କରିବା ସହ କଟକ ଭିଜିଲାନ୍ସ ଡିଭିଜନରେ ଦୁର୍ନୀତି ନିବାରଣ ଆଇନ ୨୦୧୮ ର ଧାରା ୭ ଅନୁସାରେ ଏକ ମାମଲା ରୁଜୁ କରିଛି।

### ଛାତ୍ର ସଂସଦ ନିର୍ବାଚନ ପାଇଁ ସରକାର ଦେଲେଣି ସଙ୍କେତ

## ଉତ୍ସାହିତ ଛାତ୍ରଛାତ୍ରୀ, କୁଣ୍ଠକୁଣ୍ଠ କର୍ତ୍ତୃପକ୍ଷ

ଭୁବନେଶ୍ୱର, ୨୮।୬(ସମିସ): ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନକୁ ନେଇ ତତ୍ପର ନୂଆ ସରକାର। ଏହାର ଗୁରୁତ୍ୱ ଓ ଯଥାର୍ଥତାକୁ ଉପଲବ୍ଧ କରି ବିଚାରବିମର୍ଶ ଆରମ୍ଭ କରିଛନ୍ତି ରାଜ୍ୟ ସରକାର। ବିଭିନ୍ନ ଦିଗକୁ ନେଇ ଉଚ୍ଚ ଶିକ୍ଷା ବିଭାଗ ତର୍ଜମା ଚଲାଇଛି। ହେଲେ ଏଯାଏଁ ଆସିନି ଚୂଡ଼ାନ୍ତ ରୂପରେଖ। ଛାତ୍ର ସଂସଦ ନିର୍ବାଚନ କରିବାକୁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସକାରାତ୍ମକ ମନୋଭାବ ପରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ନିର୍ବାଚନୀ ଉଷ୍ମତା ପରିଲକ୍ଷିତ ହୋଇଛି। ବିଭିନ୍ନ ଛାତ୍ର ସଂଗଠନ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ କଲେଣି। ହେଲେ ନିର୍ବାଚନ ପରିଚାଳନା କରିବାକୁ କୁଣ୍ଠକୁଣ୍ଠ ହେଉଛନ୍ତି କର୍ତ୍ତୃପକ୍ଷ। ପୁଣି କ୍ୟାମ୍ପସକୁ ହିଂସା ଫେରିବ ବୋଲି ଆଶଙ୍କା କରୁଛନ୍ତି।

ଛାତ୍ର ସଂସଦ ନିର୍ବାଚନ ପାଇଁ ଅଧିକାଂଶ ଛାତ୍ର ସଙ୍ଗଠନ ଆଗ୍ରହ ପ୍ରକାଶ କରୁଥିବାବେଳେ ନିର୍ବାଚନ ସପକ୍ଷରେ ନାହାନ୍ତି ବହୁ କୁଳପତି ଓ ଅଧ୍ୟକ୍ଷ। ସେମାନଙ୍କ କହିବା ଅନୁଯାୟୀ, ସଂଖ୍ୟାଧିକ ଉଚ୍ଚ ଶିକ୍ଷାନୁଷ୍ଠାନରେ ନିୟମିତ ଅଧ୍ୟକ୍ଷ ନାହାନ୍ତି। ଭାରପ୍ରାପ୍ତ ଅଧ୍ୟକ୍ଷମାନେ କଲେଜ ପରିଚାଳନା କରୁଛନ୍ତି। ସେହିପରି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ବ୍ୟାପକ ଅଧ୍ୟାପକ ପଦ ମଧ୍ୟ ଖାଲି ପଡ଼ିଛି। ବହୁ ଅଣଶିକ୍ଷକ ପଦବୀ ମଧ୍ୟ ଖାଲି ପଡ଼ିଛି। ଠିକା ଓ ଅତିଥି ଅଧ୍ୟାପକମାନେ ପାଠପଢ଼ାରେ ନିୟୋଜନ ଥିଲେ ମଧ୍ୟ ନିର୍ବାଚନ ପରିଚାଳନାରେ ସେମାନେ ଅଂଶଗ୍ରହଣ କରିବେନି। ନିର୍ବାଚନ ହେଲେ ବିଭିନ୍ନ ଛାତ୍ର ଗୋଷ୍ଠୀଙ୍କୁ ନିୟନ୍ତ୍ରଣ କରିବା କଲେଜ କର୍ତ୍ତୃପକ୍ଷଙ୍କ ଲାଗି ସମସ୍ୟା ସୃଷ୍ଟି ହେଉଛି। ସେମିଷ୍ଟାର ପରୀକ୍ଷା ମଧ୍ୟ ଏହି ସମୟରେ ହେଉଥିବାରୁ ନିର୍ବାଚନ ହେଲେ ବ୍ୟାଘାତ ହେବାର ଆଶଙ୍କା ରହିଛି। ତେଣୁ ଭିତ୍ତିଭୂମିର ବିକାଶ ନକରି ଛାତ୍ର ସଂସଦ ନିର୍ବାଚନ କଲେ ସମ୍ଭାବ୍ୟ ହିଂସାକାଣ୍ଡକୁ କଲେଜ କର୍ତ୍ତୃପକ୍ଷ ନିୟନ୍ତ୍ରଣ କରିବା ସମ୍ଭବପର ନୁହେଁ ବୋଲି କହିଛନ୍ତି। ଜଣେ ଅଧ୍ୟକ୍ଷ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ନିର୍ବାଚନ ହେଲେ ହିଁ ଗଣ୍ଡଗୋଳ ଉପୁଜୁଛି ଓ କଲେଜର ଶୈକ୍ଷିକ ବାତାବରଣ ନଷ୍ଟ ହେଉଛି। ଛାତ୍ର ସଂସଦ ନିର୍ବାଚନ କରିବାକୁ ଲିଙ୍ଗଡୋ କମିଶନ ଯେଉଁ ସୁପାରିଶ କରିଥିଲେ ହିଂସା ତାର ପରିପନ୍ଥୀ। ଏଣୁ କଲେଜ ନିର୍ବାଚନ ପରିଚାଳନା କରିବା ଏକ ଆହ୍ୱାନ ବୋଲି ସେ କହିଛନ୍ତି। ଜଣେ କୁଳପତି କହିଛନ୍ତି, ସରକାରଙ୍କ ନିଷ୍ପତ୍ତିକୁ ସେମାନେ କାର୍ଯ୍ୟକାରୀ କରିବେ। ହେଲେ ନିର୍ବାଚନ ପାଇଁ ଶୈକ୍ଷିକ ବାତାବରଣ ଯେପରି ସୁରକ୍ଷିତ ରହିବ ସେନେଇ ସରକାର ସମସ୍ତ ବନ୍ଦୋବସ୍ତ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

## ଟ୍ରାକ୍ଟର୍-ସ୍କୁଟି ଧକ୍କା; ୨ ମହିଳା ମୃତ

ସୁନ୍ଦରଗଡ଼, ୨୮।୬ (ସମିସ): ଶୁକ୍ରବାର ଅପରାହ୍ଣରେ ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ଡୁମେରବାହାଲ ବୁଲାଣି ରାସ୍ତାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଟ୍ରାକ୍ଟର ଓ ସ୍କୁଟି ମୁହାଁମୁହିଁ ଧକ୍କା ହେବାରୁ ସ୍କୁଟି ଆରୋହୀ ଦୁଇ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ସୁବଳୟା ଗ୍ରାମର ଆରତୀ ନାଏକ (୪୦) ଓ ସୁକଲମା ପଟେଲ (୩୫)। ଅପରାହ୍ଣ ପ୍ରାୟ ସାଢ଼େ ୩ଟାରେ ଆରତୀ ଓ ସୁକଲମା ସ୍କୁଟି ଯୋଗେ ନିଜ ଘରକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଟ୍ରାକ୍ଟର ସହ ମୁହାମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲେ। ମାତ୍ର ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଛନ୍ତି। ପୁଲିସ ଦୁଇ ମୃତଦେହ ଜବତ କରି ଡାକ୍ତରଖାନା ଶବାଗାରରେ ସଂରକ୍ଷିତ ରଖାଇଛି। ଶନିବାର ବ୍ୟବଚ୍ଛେଦ ହେବ ବୋଲି ପୁଲିସ କହିଛି।

### କଳବଳ କଲାଣି ଡିପ୍‌ଥେରିଆ

## ଆଖି ବୁଜିଲେ ଆଉ ଦୁଇ ଶିଶୁ

ରାୟଗଡ଼ା/ନାରାୟଣପାଟଣା/ଭୁବନେଶ୍ୱର, ୨୮।୬ (ସମିସ): ରାଜ୍ୟରେ ଛୋଟ ପିଲାଙ୍କ ଉପରେ ସ୍ୱାସ୍ଥ୍ୟ ସଂକଟ ବଢ଼ିବାରେ ଲାଗିଛି। ରୋଗ ସଂକ୍ରମଣ ନିୟନ୍ତ୍ରଣରେ ଅଛି ବୋଲି ସ୍ୱାସ୍ଥ୍ୟ ବିଭାଗ ଦାବି କରୁଥିବା ବେଳେ ଭୟ କିନ୍ତୁ ଦୂର ହେଉ ନାହିଁ। ପରିସ୍ଥିତିକୁ ଦେଖି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟର ଟିମ୍ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଶେଷଜ୍ଞ ଆଜି ରାୟଗଡ଼ାରେ ପହଞ୍ଚିଛନ୍ତି। ଆସନ୍ତା କାଲି ସେମାନେ କାଶିପୁର ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିବେ। ପରେ ଅନ୍ୟ ପ୍ରଭାବିତ ଜିଲ୍ଲା ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ସୂଚନା ଅନୁସାରେ ଆଜି ଆଉ ଦୁଇ ଶିଶୁ ପ୍ରାଣ ହରାଇଛନ୍ତି। କୋରାପୁଟ ଜିଲ୍ଲା ନାରାୟଣପାଟଣାରେ ଜଣେ ଏବଂ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜରେ ଆଉ ଜଣେ ପ୍ରାଣ ହରାଇଛି। ଡିପଥେରିଆ ସଂକ୍ରମଣ ପାଇଁ ସେମାନଙ୍କ ମୃତ୍ୟୁ ହୋଇଥିବା କୁହାଯାଉଥିବା ବେଳେ ଏ ନେଇ ସ୍ୱାସ୍ଥ୍ୟ ବିଭାଗ କିଛି ସ୍ପଷ୍ଟ କରି ନାହିଁ। ମୃତ ଶିଶୁଙ୍କ ପରିବାର ଲୋକେ କହିଛନ୍ତି ଯେ ତାଙ୍କ ପିଲାକୁ ପ୍ରଥମେ ଜ୍ୱର ହୋଇଥିଲା ଏବଂ ପରେ ତଣ୍ଟି ଫୁଲିବା ଆରମ୍ଭ କରିଥିଲା। ତା' ପରେ ପିଲାଟି ଗୁରୁତର ହୋଇପଡିଥିଲା। ସେପଟେ କଳାହାଣ୍ଡିରେ ବି ଡିପଥେରିଆ ସଂକ୍ରମଣ ଆରମ୍ଭ ହୋଇଥିବା ଅଭିଯୋଗ ଆସିଛି। ରାୟଗଡ଼ାରେ ଡିପଥେରିଆକୁ ନେଇ ଏବେବି ଆତଙ୍କ ଲାଗି ରହିଛି। କାଶିପୁରକୁ କଣ୍ଟେନମେଣ୍ଟ ଘୋଷଣା କରାଇଛି। ଉପରୋକ୍ତ ଜିଲ୍ଲାରେ ସ୍ୱାସ୍ଥ୍ୟ ବିଭାଗ ଟିମ୍ ପହଞ୍ଚି ସେହିପରି କୋରାପୁଟ ଜିଲ୍ଲା ଦେବୀଘାଟ ପଞ୍ଚାୟତ ପଡେଇଗୁଡ଼ା ଗ୍ରାମରେ ଦୁଇ ଜଣ ବ୍ୟକ୍ତି ଆନ୍ଥ୍ରାକ୍ସରେ ପ୍ରାଣ ହରାଇଥିବା ଜଣାପଡିଛି। ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିଳକଣ୍ଠ ମିଶ୍ର କହିଛନ୍ତି, ସଦ୍ୟତମ ମୃତ୍ୟୁ ଡିପଥେରିଆ ପାଇଁ ହୋଇଛି କି ନାହିଁ ତାହା ପରୀକ୍ଷା ରିପୋର୍ଟ ଆସିବା ପରେ ସ୍ପଷ୍ଟ ହୋଇପାରିବ। ସମ୍ପୃକ୍ତ ଶିଶୁର ତୁରନ୍ତ ଚିକିତ୍ସା ଆରମ୍ଭ ହୋଇଥିଲା। କିନ୍ତୁ ଶିଶୁ ବହୁ ବିଳମ୍ବରେ ଆସିଥିବାରୁ ତାଙ୍କର ଜୀବନ ରକ୍ଷା ସମ୍ଭବ ହୋଇନଥିଲା। ସମ୍ପୃକ୍ତ ଶିଶୁ ନିମୋନିଆରେ ସଂକ୍ରମିତ ଥିବା ବେଳେ ଅନ୍ୟ ଜଣେ ରକ୍ତ ଶିକୁଳୀ ପୀଡିତ ଥିଲେ। ସଂକ୍ରମିତ ଅଞ୍ଚଳରେ ଯାହା ବ୍ୟବସ୍ଥା କରିବା କଥା ତାହା କରାଯାଇଛି।

ଓଡିଶାରେ ସ୍ୱାସ୍ଥ୍ୟ ସଂକଟକୁ ଦୃଷ୍ଟିରେ ରଖି ଆଜି କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରାଳୟର ୫ ଜଣିଆ ଟିମ୍ ରାୟଗଡ଼ାରେ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଛନ୍ତି। ସେମାନେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ବିଶେଷଜ୍ଞଙ୍କ ସହ ମିଶି ଡିପଥେରିଆର କାରଣ ଖୋଜିବା ସହିତ ସ୍ଥିତିର ସମୀକ୍ଷା କରି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟକୁ ରିପୋର୍ଟ ପ୍ରଦାନ କରିବେ। ରାୟଗଡ଼ା ସିଡିଏମ୍‌ଓ ଡାକ୍ତର ଲାଲମୋହନ ରାଉତରାୟ କହିଛନ୍ତି, ଆମେ କେନ୍ଦ୍ରୀୟ ଟିମ୍‌କୁ ସହାୟତା କରୁଛୁ। ସେମାନେ ସ୍ଥିତି ଯାଞ୍ଚ କରିବା ସହିତ ରିପୋର୍ଟ ପ୍ରସ୍ତୁତ କରିବେ। ଆସନ୍ତାକାଲି ଏହି ଟିମ୍ ମନୁଷପଦର ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି ବୋଲି ସେ କହିଛନ୍ତି। ଡିପଥେରିଆ ଓଡିଶାର ଏକ ନୂଆ ରୋଗ କହିଲେ ଅତ୍ୟୁକ୍ତି ହେବ ନାହିଁ। ଗତବର୍ଷ ମହାରାଷ୍ଟ୍ରରେ ଏହା ଉଗ୍ର ରୂପ ଧାରଣ କରିଥିଲା। ଏବେ କିନ୍ତୁ ଚାରି ଜିଲ୍ଲାରେ ଡିପଥେରିଆ ମାରାତ୍ମକ ସ୍ଥିତିରେ ରହିଛି।

**ପହଞ୍ଚିଲେ ୫ ଜଣିଆ କେନ୍ଦ୍ରୀୟ ଟିମ୍**

**ରିପୋର୍ଟ ଅପେକ୍ଷାରେ ସ୍ୱାସ୍ଥ୍ୟ ବିଭାଗ**

### କୃଷି ସଚିବଙ୍କ କଡ଼ା ନିର୍ଦ୍ଦେଶ

## କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ଅଧିକାରୀ ଆସିପାରିବେନି ରାଜ୍ୟ ମୁଖ୍ୟାଳୟ


ଭୁବନେଶ୍ୱର, ୨୮।୬(ସମିସ): କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ବିଭିନ୍ନ ଜିଲ୍ଲା ବା କ୍ଷେତ୍ର ଅଧିକାରୀମାନେ ରାଜ୍ୟ ମୁଖ୍ୟାଳୟକୁ ଆସିପାରିବେ ନାହିଁ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ଆଜି ଏପରି କଡ଼ା ନିର୍ଦ୍ଦେଶ ଜାରି କରିଛନ୍ତି। ସେ କହିଛନ୍ତି ଯେ ଆମେ ଏକ ପ୍ରଭାବଶାଳୀ ଢଙ୍ଗରେ ପ୍ରତ୍ୟେକ ଆବେଦନର ଶୀଘ୍ର ସମାଧାନ ପାଇଁ ଚେଷ୍ଟା କରୁଛୁ। ମାତ୍ର କିଛି ଅଧିକାରୀ ବଦଳି ମାମଲା ସମ୍ବନ୍ଧରେ ରାଜ୍ୟ ମୁଖ୍ୟାଳୟକୁ ବାରମ୍ବାର ଗସ୍ତ କରୁଛନ୍ତି। ଏହା ପୂର୍ବ ନିର୍ଦ୍ଦେଶର ଘୋର୍ ଉଲ୍ଲଂଘନ କରୁଛି। ତେଣୁ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ କୌଣସି ଜିଲ୍ଲାର ଅଧିକାରୀଙ୍କୁ ଭୁବନେଶ୍ୱର ଆସିବାକୁ ଅନୁମତି ଦିଆଯିବ ନାହିଁ ବୋଲି ସେ କହିଛନ୍ତି।

ଖରିଫ ଫସଲ ଋତୁ ଆଗେଇ ଆସୁଥିବାରୁ ସେବା କ୍ଷେତ୍ରରେ ଚାଷୀଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ନିଜ ନିଜ ଷ୍ଟେସନରେ କ୍ଷେତ୍ର ଅଧିକାରୀଙ୍କ ଉପସ୍ଥିତି ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହାକୁ ବିଭାଗର ଅଧିକାରୀମାନେ ନିଶ୍ଚିତ ଭାବେ ଧ୍ୟାନ ଦେବା ଜରୁରୀ। ବଦଳି ମାମଲାରେ କୌଣସି ବାହ୍ୟ ପ୍ରଭାବ ବା ଚାପ ପ୍ରୟୋଗ ନ କରିବାକୁ ଡ. ପାଢ଼ୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏପରି କରିବା ଦ୍ୱାରା ସେମାନେ ସମ୍ପୃକ୍ତ ସରକାରୀ ସେବା ଆଚରଣ ନିୟମର କବଳରୁ ବର୍ତ୍ତି ପାରିବେ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି।

### ■ କର୍ମଚାରୀ ରାଜ୍ୟ ବୀମା ନିଗମ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

## 'ସ୍ୱାସ୍ଥ୍ୟ, ଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଇଏସ୍‌ଆଇ ସହାୟତା କରେ'

ଭୁବନେଶ୍ୱର, ୨୮।୬(ସମିସ): କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସଆଇସି) ପକ୍ଷରୁ ଏହାର ଆଞ୍ଚଳିକ କାର୍ଯ୍ୟାଳୟ ପ୍ରେକ୍ଷାଳୟ ପରିସରରେ 'ଇଏସଆଇ ସ୍କିମ୍ ଓ ଆଧାର ସଂଯୋଗୀକରଣର ଗୁରୁତ୍ୱ ଓ ଉପାଦେୟତା' ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ୟାଙ୍କ ଖାତା, ବିଭିନ୍ନ ବୀମା ତଥା ଅନ୍ୟାନ୍ୟ ଯୋଜନାରେ ବିଶେଷକରି ବୀମା କ୍ଷେତ୍ରରେ ଆଧାର ସଂଯୋଗୀକରଣର ଗୁରୁତ୍ୱ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। କର୍ମଚାରୀମାନଙ୍କ ପାଇଁ ଇଏସ୍‌ଆଇସି ପକ୍ଷରୁ ଥିବା ବିଭିନ୍ନ ଯୋଜନା ଓ ତା'ର ଉପାଦେୟତା ସମ୍ପର୍କରେ ବୁଝାଯାଇଥିଲା। ସଚେତନତା ଅଭାବରୁ କର୍ମଚାରୀମାନେ ଇଏସ୍‌ଆଇସିରେ ନିଜର ସେବା ବିଷୟରେ ଦାବି ନକରି ପାରି ଅଧିକ ଖର୍ଚ୍ଚାନ୍ତ ହୁଅନ୍ତି। ତେଣୁ ଇଏସଆଇସିରେ ପଞ୍ଜୀକୃତ ପ୍ରତିଟି ଉପଭୋକ୍ତାଙ୍କୁ ତାଙ୍କର ସମସ୍ତ ପ୍ରାପ୍ୟ ପ୍ରଦାନର ସୁବ୍ୟବସ୍ଥା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା।



କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଇଏସଆଇସି ମଡେଲ ହସ୍ପିଟାଲ, ରାଉରକେଲାର ଡାକ୍ତର ଜୟନ୍ତୀ ବେହେରା ଯୋଗଦେଇ ଇଏସ୍‌ଆଇ ସ୍କିମ୍ ସ୍ୱାସ୍ଥ୍ୟ, ଶିକ୍ଷା ଆଦି ଅନେକ କ୍ଷେତ୍ରରେ ଲୋକଙ୍କ ସହାୟତା କରେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ସୁକାନ୍ତ ଚନ୍ଦ୍ର ଦାସ ଅଧ୍ୟକ୍ଷତା କରି ଇଏସଆଇର ସ୍କିମ୍‌ର ସୃଷ୍ଟି, ଏହାର ଉପକାରିତା ଓ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ସ୍ଥିତି ଉପରେ ଆଲୋଚନା କରିଥିଲେ। ଏଥିସହ ଆଗକୁ ଏହି ସ୍କିମ୍‌ରେ ଏକ କୋଟି ଲୋକଙ୍କୁ ଅନ୍ତର୍ଭୁକ୍ତ କରାଯିବାର ଲକ୍ଷ୍ୟ ରହିଛି ବୋଲି ମତ ପ୍ରକାଶ କରିଥିଲେ। ଏଥିସହ ଏହାର ପଞ୍ଜୀକରଣ ଉପରେ ମଧ୍ୟ ଆଲୋଚନା କରିଥିଲେ। ସୁଚରିତା ଓ ଶ୍ୱେତାଲିନ ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ଖସୁଛି ହୀରାକୁଦ ଜଳସ୍ତର

ସମ୍ବଲପୁର, ୨୮।୬(ସମିସ): ହୀରାକୁଦ ଜଳଭଣ୍ଡାରର ଜଳସ୍ତର କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି। ବିଳମ୍ବିତ ମୌସୁମୀ ସାଙ୍ଗକୁ ଉପରମୁଣ୍ଡରେ ଛତିଶଗଡ଼ ପାଣି ଛାଡୁନଥିବାରୁ ଏପରି ସ୍ଥିତି ଦେଖାଦେଇଛି। ହୀରାକୁଦର ଜଳଧାରଣାର କ୍ଷମତା ୬୩୦ ଫୁଟ୍ ରହିଥିବା ବେଳେ ଆଜି ମିଳିଥିବା ରିପୋର୍ଟ ଅନୁସାରେ, ଏହା ୬୦୦ ଫୁଟ୍ ରହିଛି। ୩୦ଫୁଟ ଜଳସ୍ତର ହ୍ରାସ ପାଇଛି। ଜଳଭଣ୍ଡାର ଚତୁଃପାର୍ଶ୍ୱ ଏବେ ଶୁଖିଲା ପଡ଼ିଛି। ଅଣମୌସୁମୀ ସମୟରେ ଉପରମୁଣ୍ଡରେ ଥିବା ଡ୍ୟାମ୍ ଗେଟ୍‌କୁ ଛତିଶଗଡ଼ ବନ୍ଦ କରିଦେଇଥିଲା। ତେଣୁ ମହାନଦୀ ଶୁଖିଲା ହୋଇଯାଇଥିଲା। ଏହି କାରଣରୁ ଜଳଭଣ୍ଡାର ଟାଙ୍ଗରା ଦେଖାଯାଉଥିବା ବେଳେ ଉପରମୁଣ୍ଡରେ ତଟବର୍ତ୍ତୀ ଗ୍ରାମବାସୀ ପାଣି ପାଇଁ ଜଳଭଣ୍ଡାର ଭିତରକୁ ଯାଉଛନ୍ତି।


**ବର୍ଷା ହେବାରେ ବିଳମ୍ବ, ଛତିଶଗଡ଼ ଅଟକାଇଛି ପାଣି**



ଚଳିତବର୍ଷ ମେ' ପହିଲା ସୁଦ୍ଧା ଜଳସ୍ତର ଭଲ ରହିଥିଲା। ଜୁନ୍ ୧୫ ପରେ ସାଧାରଣ ମୌସୁମୀ ମଧ୍ୟ ଆସି ଯାଇଥାଏ। ତେଣୁ ଜଳଭଣ୍ଡାର କର୍ତ୍ତୃପକ୍ଷ ନିୟମ ଅନୁସାରେ ଜଳ ନିଷ୍କାସନ କରନ୍ତି। ଫଳରେ ସପ୍ତାହକ ମଧ୍ୟରେ ଜଳସ୍ତର ହ୍ରାସ ପାଇଛି। ଜୁନ୍ ୨୦ ତାରିଖଠାରୁ ସମ୍ବଲପୁର ଡିଷ୍ଟ୍ରିବ୍ୟୁଟାରୀ, ଶାସନ କେନାଲରେ ପାଣି ଛଡ଼ା ଯାଇଛି। ଜୁଲାଇ ୧ ତାରିଖଠାରୁ ବରଗଡ଼ କେନାଲରେ ପାଣି ଛଡ଼ାଯିବ। ତେଣୁ ଜଳଭଣ୍ଡାରରେ ଆହୁରି ପାଣିର ଆବଶ୍ୟକତା ରହିଛି।

ଜଳଭଣ୍ଡାରକୁ ୧୦୧୬ କ୍ୟୁସେକ୍ ଜଳ ପ୍ରବେଶ କରୁଥିବା ବେଳେ ସମପରିମାଣ ଜଳ ନିଷ୍କାସନ ହେଉଛି। ଚାଷ ପାଇଁ କେନାଲଗୁଡ଼ିକରେ ୭୨୫ କ୍ୟୁସେକ୍ ପାଣି ଛଡ଼ାଯାଉଛି। ହୀରାକୁଦ ନଦୀବନ୍ଧର ସର୍ବନିମ୍ନ ଚଳନ୍ତି ଜଳସ୍ତର (ଡେଡ୍ ଷ୍ଟୋରେଜ ଲେଭେଲ-ଡିଏସଏଲ) ୫୯୦ ଫୁଟ ରହିଛି। ଏବେ ପଟୁ ପୋତି ହୋଇଯିବାରୁ ଜଳସ୍ତର ୬୦୦ ଫୁଟ ତଳକୁ ଗଲା ବେଳେ ସ୍ଥିତି ସଙ୍ଗୀନ ହୋଇଯାଉଛି। ମୌସୁମୀ ଆସିଲେ ଜଳସ୍ତର ବୃଦ୍ଧି ହୋଇ ସ୍ଥିତି ସୁଧରିଯିବ ବୋଲି ଆଶା କରାଯାଉଛି।

ଅନ୍ୟପଟେ ଛତିଶଗଡ଼ରେ ବର୍ଷା ହେବା ଯୋଗୁଁ କଲମା ଓ କେଲୋ ଡ୍ୟାମ ଆଂଶିକ ଭାବେ ଖୋଲି ଦେଇଛି। କଲମା ଡ୍ୟାମରେ ମୋଟ ୨୦ ଗେଟ ଖୋଲା ଯାଇଥିବା ସୂଚନା ମିଳିଛି। ହେଲେ ହୀରାକୁଦ ଜଳଭଣ୍ଡାରକୁ ପାଣି ପହଞ୍ଚି ପାରିବ ନାହିଁ। ଜଳଭଣ୍ଡାର ମୁଖ୍ୟଯନ୍ତ୍ରୀ ଆନନ୍ଦ ଚନ୍ଦ୍ର ସାହୁ କହିଛନ୍ତି ଯେ ଜଳଭଣ୍ଡାରରେ ଏବେ ରୁଲକର୍ଭ ଅନୁସାରେ ଜଳ ରହିଛି। ମୌସୁମୀ ସମୟରେ ଛତିଶଗଡ଼ ବ୍ୟାରେଜ୍‌ରୁ ପାଣି ଛାଡ଼ିବା ସମୟରେ ଛାଡ଼ିନଥାଏ। ତେଣୁ ସମସ୍ୟା ରହିଛି। ବିଜୁଳି ଉତ୍ପାଦନରେ ସେଭଳି ପ୍ରଭାବ ପଡ଼ିବ ନାହିଁ।



■ ଅତିରିକ୍ତ ଏସ୍‌ପିଙ୍କ କ୍ୱାର୍ଟର୍ସରୁ ଚୋରି ଘଟଣା

## ୪ ବର୍ଷ ପୂରିବା ଆଗରୁ ଆଉ ଜଣେ ଗିରଫ

ଭୁବନେଶ୍ୱର, ୨୮ ।୬ (ସମିସ): ଅତିରିକ୍ତ ଏସପିଙ୍କ କ୍ୱାଟରରୁ ଚୋରି ଘଟଣାକୁ ୪ ବର୍ଷ ପୂରଣ ହେବା ଆଗରୁ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି କ୍ୟାପିଟାଲ୍ ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛି ସଡ଼କ ବସ୍ତିର ବିଦେଶୀ ଦଲେଇ (୨୮) । ପୁଲିସ ସୂଚନା ଅନୁସାରେ, ତତ୍କାଳୀନ ଅତିରିକ୍ତ ଏସ୍‌ପି ପିକେ ଦାସ ୟୁନିଟ୍-୬ ସ୍ଥିତ କ୍ୱାର୍ଟର୍ସ ନମ୍ବର- ଆଇଭିଆର ୧୨୭ ରେ ରହୁଥିଲେ । ୨୦୨୦ ମସିହା ସେପ୍ଟେମ୍ବର ମାସରେ ତାଙ୍କର ପଦୋନ୍ନତି ତଥା କଟକକୁ ବଦଳି ହୋଇଯିବାରୁ ସେ କଟକ ପଳାଇଥିଲେ । ହେଲେ କ୍ୱାର୍ଟର୍ସକୁ ସାଧାରଣ ପ୍ରଶାସନ ବିଭାଗକୁ ସମ୍ପୂର୍ଣ୍ଣ ହସ୍ତାନ୍ତର ହେବା ପର୍ଯ୍ୟନ୍ତ ଏଏସ୍‌ଆଇ ଶ୍ରୀନିବାସ ସାହୁ ଓ ଯାଦବ ସାହୁଙ୍କୁ ଜିମା ଦେଇଥିଲେ । ସେ ଯିବାର ପରଦିନ ଅର୍ଥାତ ସେପ୍ଟେମ୍ବର ମାସ ୧୩ ତାରିଖ ମଧ୍ୟାହ୍ନ ୧୨ ଟାରେ ଦୁଇ ପୁଲିସ କର୍ମଚାରୀ ଘରକୁ ତାଲା ପକାଇ ଖାଇବାକୁ ଯାଇଥିଲେ । କ୍ୱାର୍ଟର୍ସରେ କେହି ନ ଥିବାର ସୁଯୋଗ ନେଇ ବିଦେଶୀ ଓ ତା'ର ଦୁଇ ସହଯୋଗୀ ସରକାରୀ ଆବାସର ଡ୍ରଇଂରୁମ୍ ଝରକା ରେଲିଂ ଭାଙ୍ଗି ଘର ଭିତରେ ପଶିବା ସହିତ ଗାଧୁଆ ଘର ଓ ରୋଷେଇ ଘରେ ଲାଗିଥିବା ପାଣିଟ୍ୟାପ ଏବଂ ଷ୍ଟିଲ୍ ପାଣି ପାଇପ୍ ତାଡ଼ି ନେଇଥିଲେ । ଏଥିସହିତ ବେସିନ୍ ସମେତ ଅନ୍ୟାନ୍ୟ ଆସବାବପତ୍ର ସବୁକୁ ଭାଙ୍ଗି ଦେଇଥିଲେ । ଏନେଇ ଏଏସ୍‌ଆଇ ଶ୍ରୀନିବାସ ସାହୁ କ୍ୟାପିଟାଲ୍ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରିଥିଲା । ପୂର୍ବରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ତା ନିକଟରୁ ଚୋରି ସାମଗ୍ରୀ ସବୁକୁ ଜବତ କରିଥିଲା ପୁଲିସ । ଶୁକ୍ରବାର ବିଦେଶୀକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ । ବିଦେଶୀ ନାମରେ ପୂର୍ବରୁ ମଧ୍ୟ କ୍ୟାପିଟାଲ ଥାନାରେ ମୋଟ ୧୯ ଟି ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା ।

## ଗଞ୍ଜେଇ କାରବାର ଅଭିଯୋଗ; ମହିଳା ଗିରଫ

ଭୁବନେଶ୍ୱର, ୨୮ ।୬ (ସମିସ): କନ୍ଧମାଳରୁ ଗଞ୍ଜେଇ ଆଣି ଭୁବନେଶ୍ୱରରେ ବିକ୍ରି କରୁଥିବା ଜଣେ ମହିଳାଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ । ଗିରଫ ମହିଳା ହେଲେ କନ୍ଧମାଳ ଜିଲ୍ଲା ଗୋଛାପଡ଼ା ଥାନା ମୁସୁଳିପଙ୍ଗା ଗାଁର ଲିଲିମା ବଗର୍ତ୍ତି (୩୫) । ପୁଲିସ ସୂଚନା ଅନୁସାରେ, ସିଆର୍‌ପି ଛକରେ ଜଣେ ମହିଳା ଗଞ୍ଜେଇ ଭର୍ତ୍ତି ବସ୍ତା ଧରି ଛିଡ଼ା ହୋଇଥିବା ନେଇ ନୂଆପଲ୍ଲୀ ଥାନା ପୁଲିସକୁ ଖବର ମିଳିଥିଲା । ଥାନାର ଏକ ସ୍ୱତନ୍ତ୍ର ଟିମ୍ ସେଠାରେ ଚଢ଼ଉ କରି ଲିଲିମାଙ୍କୁ କାବୁ କରିବା ସହିତ ଗଞ୍ଜେଇ ଭର୍ତ୍ତି ବସ୍ତା ଜବତ କରିଥିଲା । ବସ୍ତା ଭିତରୁ ୧୦ କିଲୋ ୨୦୦ ଗ୍ରାମ ଓଜନର ଗଞ୍ଜେଇ ମିଳିଥିଲା । ଲିଲିମା ସାଲିଆସାହି ଅଞ୍ଚଳରେ ଗଞ୍ଜେଇ ବିକ୍ରି କରିବ ବୋଲି ବସ୍ ଯୋଗେ କନ୍ଧମାଳରୁ ଗଞ୍ଜେଇ ଆଣି ସିଆରପି ଛକକୁ ଆସିଥିଲା । ସେ ଅଟୋକୁ ଅପେକ୍ଷା କରିଥିବା ବେଳେ ପୁଲିସ ତାକୁ ମାଡ଼ି ବସିଥିଲା । ଏନେଇ ନୂଆପଲ୍ଲୀ ଥାନା ପୁଲିସ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା ରୁଜୁକରି ଲିଲିମାଙ୍କୁ କୋର୍ଟ ଚାଲାଣ କରିଛି ।

## ବ୍ୟାଙ୍କ୍ ଡକାୟତଙ୍କୁ କାବୁକଲା ପୁଲିସ !

ଭୁବନେଶ୍ୱର, ୨୮ ।୬ (ସମିସ): ଶୁକ୍ରବାର ମଧ୍ୟାହ୍ନ ସମୟ ପ୍ରାୟ ୧୨ ଟା । ମୁହଁରେ ରୁମାଲ ବାନ୍ଧି ତିନିଜଣ ବନ୍ଧୁକଧାରୀ କୋଳଥିଆ ସ୍ଥିତ ୟୁନିଅନ୍ ବ୍ୟାଙ୍କ୍‌ରେ ପଶିଥିଲେ । ହଠାତ୍ କେହି କିଛି ବୁଝିବା ଆଗରୁ ବ୍ୟାଙ୍କ୍ କର୍ମଚାରୀ ଓ ଗ୍ରାହକଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଭୟଭୀତ କରାଇଥିଲେ । ଉଦ୍ଦେଶ୍ୟ ଥିଲା ବ୍ୟାଙ୍କ୍‌ରେ ଥିବା ଟଙ୍କା ଓ ସୁନା ଲୁଟିବା । ସେହି ସମୟରେ ବାଜିଲା ବ୍ୟାଙ୍କ୍ ସାଇରନ । ଆଉ କାଳ ବିଳମ୍ବ ନ କରି ସାଇରନ ବାଜିବାର କେଇ ମିନିଟ ଭିତରେ ବ୍ୟାଙ୍କରେ ପହଞ୍ଚିଥିଲେ ଖଣ୍ଡଗିରି




ଥାନା ଅଧିକାରୀ ଅଭିମନ୍ୟୁ ଦାସ ଓ ଅନ୍ୟ ପୁଲିସ କର୍ମଚାରୀ । ବ୍ୟାଙ୍କ ଭିତରେ ପଶି ଅତି ଚତୁରତାର ସହ ୩ ଜଣ ଦୁର୍ବୃତ୍ତଙ୍କୁ କାବୁ କରି ନେଇଥିଲେ । ବ୍ୟାଙ୍କ୍ ଡକାୟତି ରୋକିବାକୁ କମିସନରେଟ୍ ପୁଲିସ ପକ୍ଷରୁ ଏଭଳି ମକ୍‌ଡ୍ରିଲ କରାଯାଇଥିଲା । ଲୋକମାନଙ୍କୁ ସଚେତନ କରିବା ତଥା ବ୍ୟାଙ୍କ କର୍ମଚାରୀ ଓ ପୁଲିସର ରେସ୍‌ପନ୍ସ ସମୟକୁ ପରିଖିବା ଲାଗି ଏଭଳି ମକ୍‌ଡ୍ରିଲ ଆୟୋଜନ କରାଯାଇଥିଲା । ଭୁବନେଶ୍ୱର ଡିସିପି ପ୍ରତୀକ ସିଂହଙ୍କ ନିର୍ଦ୍ଦେଶ ମୁତାବକ ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଜିଲ୍ଲା ଅନ୍ତର୍ଗତ ୯ ଟି ଥାନା ଅଧୀନରେ ଥିବା ଥିବା ମୋଟ ୧୮ ଟି ବ୍ୟାଙ୍କରେ ମକ୍ ଡ୍ରିଲ ଅଭ୍ୟାସ କରାଯାଇଥିଲା । ହଠାତ୍ ଯଦି କୌଣସି ବ୍ୟାଙ୍କରେ କିଛି ବି ଅଘଟଣ ଘଟେ କିମ୍ବା କୌଣସି ବ୍ୟାଙ୍କରେ ଡକାୟତି ଭଳି ବଡ଼ଧରଣର ଅପରାଧ ହୁଏ ତେବେ ପୁଲିସର ପ୍ରତିକ୍ରିୟା କିପରି ହେବା ଦରକାର ଓ ପୁଲିସ କେତେ ଶୀଘ୍ର ଘଟଣା ସ୍ଥଳରେ ପହଞ୍ଚିବା ଦରକାର ସେନେଇ ଅଭ୍ୟାସ କରାଯାଇଥିଲା । ଏଥିସହିତ ଏହି ଅଘଟଣ ସମୟରେ ଉପସ୍ଥିତ ବ୍ୟାଙ୍କ୍ କର୍ମଚାରୀମାନେ କ'ଣ କରିବା ଉଚିତ୍ ଓ ବ୍ୟାଙ୍କର ଆଲାର୍ମିଂ ସିଷ୍ଟମ୍ କାମ କରୁଛି କି ନାହିଁ ପରଖିଥିଲା ପୁଲିସ ।

# ବିଏମ୍‌ସି କରିବ ସବୁଜ ବର୍ଜ୍ୟ ପ୍ରୋସେସିଂ ପ୍ଲାଣ୍ଟ

ଭୁବନେଶ୍ୱର, ୨୮ ।୬(ସମିସ): ପରିମଳ ଯୋଜନା ନେଇ ଶୁକ୍ରବାର ଅନୁଷ୍ଠିତ ବିଏମ୍‌ସିର କର୍ପୋରେସନ ବୈଠକରେ ପ୍ରକ୍ରିୟାକରଣକୁ ଗୁରୁତ୍ୱ ଦିଆଯାଇଛି । ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ଉତ୍ପାଦନ ହୋଇଥିବା ସବୁଜ ବର୍ଜ୍ୟବସ୍ତୁଗଡ଼ିକର ପ୍ରକ୍ରିୟାକରଣ ନିମନ୍ତେ ଏକ ପ୍ରକଳ୍ପ (ସବୁଜ ବର୍ଜ୍ୟବସ୍ତୁ ପ୍ରୋସେସିଂ ପ୍ଲାଣ୍ଟ) ସ୍ଥାପନା ନିମନ୍ତେ ପ୍ରସ୍ତାବ ଅଛି । ବର୍ଜ୍ୟବସ୍ତୁଗୁଡିକୁ ବାୟୋମାସ ବ୍ରିକେଟ (ଜୈବିକ ବର୍ଜ୍ୟ ଇନ୍ଧନ ଗୁଳା) ରେ ପରିଣତ କରାଯିବ । ଏଗୁଡ଼ିକୁ ପରବର୍ତ୍ତୀ ସମୟରେ ବିଭିନ୍ନ ପ୍ରକାରର କଳକାରଖାନାରେ ବିକଳ୍ପ ଇନ୍ଧନ ଭାବେ ବ୍ୟବହାର କରାଯାଇପାରିବ । ଟେଣ୍ଡର ପଦ୍ଧତି ମାଧ୍ୟମରେ ଏକ ଏଜେନ୍ସି ନିୟୋଜିତ କରାଯାଇ ଏହି ସବୁଜ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ପ୍ରକଳ୍ପର ସ୍ଥାପନା ସହିତ ଏହାର ରକ୍ଷଣାବେକ୍ଷଣ ୩ ବର୍ଷ ସମୟ ସୀମା ପର୍ଯ୍ୟନ୍ତ କରାଯିବା ନିମନ୍ତେ ପ୍ରସ୍ତାବିତ ଅଛି । ମନ୍ଦିରଗୁଡ଼ିକରୁ ବାହାରୁଥିବା ଆବର୍ଜନା ଗୁଡ଼ିକର ପ୍ରକ୍ରିୟାକରଣ ନିମନ୍ତେ ଏକ ପ୍ଲାଣ୍ଟର ସ୍ଥାପନା ନିମନ୍ତେ ପ୍ରସ୍ତାବିତ ଅଛି । ପ୍ଲାଣ୍ଟଟି ବିଭିନ୍ନ ପଦ୍ଧତି ଯଥା ପାଉଡର୍ ମିକ୍ସିଙ୍ଗ, ପଲ୍‌ଭରାଇଜର, ଗ୍ରାଇଣ୍ଡର୍, ଡ୍ରାଇଏର୍ ଆଦି ମେସିନରେ ବ୍ୟବହୃତ ଫୁଲଗୁଡ଼ିକୁ ପ୍ରକ୍ରିୟାକରଣ କରି ସେଥିରୁ ଧୂପକାଠି ପ୍ରସ୍ତୁତ କରିବାରେ ସକ୍ଷମ ହେବେ । ସ୍ୱଚ୍ଛ ସର୍ବେକ୍ଷଣ, ୨୦୨୪ର ଥିମ୍ ଅନୁଯାୟୀ ପ୍ରତ୍ୟେକ ସହରରେ ବର୍ଜ୍ୟ ହ୍ରାସ, ପୁନଃବିନିଯୋଗ, ପୁନଃଚକ୍ରଣ ପରିପ୍ରେକ୍ଷୀରେ ଏକ ଅଭିଜ୍ଞ ଏଜେନ୍ସିକୁ ନିୟୋଜିତ କରାଯିବା ପାଇଁ ପ୍ରସ୍ତାବ ରହିଛି । ଆର୍‌ଆର୍‌ଆର୍ କେନ୍ଦ୍ରଗୁଡ଼ିକର ଡିଜାଇନ ।

କଳକାରଖାନାରେ ଇନ୍ଧନ ଭାବେ ବ୍ୟବହାର ହେବ ବର୍ଜ୍ୟଗୁଳା

ମନ୍ଦିର ଆବର୍ଜନାରୁ ପ୍ରସ୍ତୁତ ହେବ ଧୂପକାଠି

ସଫେଇ କର୍ମଚାରୀଙ୍କ ପାଇଁ ହେବ ତାଲିମ ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ



ସଚେତନତା ଅଭିଯାନ ମାଧ୍ୟମରେ ନାଗରିକ, ଅନୁଷ୍ଠାନ, ଛାତ୍ରଛାତ୍ରୀଙ୍କୁ ପରିବେଶ ନିରନ୍ତର ବର୍ଜ୍ୟ ପରିଚାଳନା ଅଭ୍ୟାସରେ ନିୟୋଜିତ କରାଯିବ । ଆପାର୍ଟମେଣ୍ଟ, ଗେଟେଡ୍ କମ୍ୟୁନିଟି ଏବଂ କଲୋନୀଗୁଡ଼ିକରୁ ସଂଗ୍ରହ ହେଉଥିବା କପଡ଼ା ସାମଗ୍ରୀଗୁଡ଼ିକୁ ସଫା କରାଇ ଏହାକୁ ପୁନଃବଣ୍ଟନର ଯୋଜନା ରହିଛି । ଆବଶ୍ୟକତା ଅନୁଯାୟୀ ଆର୍‌ଆର୍‌ଆର୍ ପାଇଁ କିଓସ୍କ ଡିଜାଇନ ଏବଂ ଆର୍‌ଆର୍‌ଆର୍ କେନ୍ଦ୍ର ସହିତ ଜଡ଼ିତ ବ୍ରାଣ୍ଡିଙ୍ଗ କରାଯିବ ।

ବିଏମ୍‌ସି ଅନ୍ତର୍ଗତ ବିଭିନ୍ନ ୱାର୍ଡରେ ପରିମଳ ବ୍ୟବସ୍ଥା ସୁଚାରୁ ରୂପେ ବଜାୟ ରଖିବା ନିମନ୍ତେ ନିୟୋଜିତ ଏଜେନ୍ସିଗୁଡ଼ିକରେ ନିୟୋଜିତ ସଫେଇ କର୍ମଚାରୀମାନଙ୍କୁ ଉତ୍ସାହିତ କରିବା ତଥା ପ୍ରେରଣା ଯୋଗାଇବା ପାଇଁ ନିୟମିତ ତାଲିମ ପ୍ରଦାନ କରିବା ଏବଂ ନିର୍ଦ୍ଦିଷ୍ଟ କାର୍ଯ୍ୟକୁ ଦକ୍ଷତାର ସହିତ କାର୍ଯ୍ୟକାରୀ କରିବା ପାଇଁ ଏକ ପାରଦର୍ଶିତା ଏବଂ ଅଭିଜ୍ଞ ଏଜେନସି ଯାହାକି ଭାରତ ସରକାରଙ୍କ ଗୃହ ଏବଂ ନଗର ମନ୍ତ୍ରାଳୟ ଦ୍ୱାରା ଶୁଚିବଦ୍ଧ ହୋଇଥିବ । ଇଓଆଇ ମାଧ୍ୟମରେ ନିୟୋଜିତ କରାଯିବା ନିମନ୍ତେ ପ୍ରସ୍ତାବ ଅଛି । ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ବିଭିନ୍ନ ପରିମଳ କର୍ମଚାରୀମାନଙ୍କର କାର୍ଯ୍ୟଦକ୍ଷତା କ୍ରମାଗତ ଉନ୍ନତି, ପ୍ରେରଣା ଏବଂ କାର୍ଯ୍ୟ କରିବାର ଉତ୍ସାହ ବଳବତ୍ତର ରଖୁଥିବା ତଥା ପ୍ରୋତ୍ସାହନ ଯୋଗାଇବା ପାଇଁ ପରିମଳ ବ୍ୟବସ୍ଥା ଏନ୍‌ଫୋର୍ସମେଣ୍ଟ ଆକ୍ଟିଭିଟି ମାଧ୍ୟମରେ ସଂଗୃହିତ ଜରିମାନା ଅର୍ଥର ୫୦ ପ୍ରତିଶତ ରାଶି ପରିମଳ କର୍ମଚାରୀମାନଙ୍କର ପ୍ରୋତ୍ସାହନ ବାବଦକୁ ସଂରକ୍ଷିତ କରାଯିବା ନିମନ୍ତେ ପ୍ରସ୍ତାବ ରହିଛି ।

## ପୁଲିସ ପଢ଼ିଲେ 'ସାପ' ପାଠ



ଭୁବନେଶ୍ୱର, ୨୮ ।୬(ସମିସ): ବିଜୁ ପଟ୍ଟନାୟକ ରାଜ୍ୟ ପୁଲିସ ଏକାଡେମୀରେ ସବ୍ ଇନ୍ସପେକ୍ଟର ଏବଂ ଡିଏସ୍‌ପି କ୍ୟାଡେଟ୍‌ମାନଙ୍କୁ ସାପ କାମୁଡ଼ିବା ପରେ ପ୍ରାଥମିକ ଚିକିତ୍ସା ବିଷୟରେ ଶିକ୍ଷା ଦିଆଯାଇଛି । ସ୍ନେକ୍ ହେଲ୍ପ ତରଫରୁ ଆଜି ସକାଳ ସାଢ଼େ ୫ ଟାରୁ ୩୫୦ ଜଣ କ୍ୟାଡେଟ୍ ସବ ଇନ୍ସପେକ୍ଟର ଏବଂ ୫ ଜଣ କ୍ୟାଡେଟ୍ ଡିଏସପିଙ୍କୁ ଦୀର୍ଘ ଦେଢ଼ ଘଣ୍ଟା ଧରି ପ୍ରଶିକ୍ଷଣ ଦିଆ ଯାଇଥିଲା । ସ୍ନେକ୍ ହେଲ୍ପ ଲାଇନର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ ପୁଲିସ ଏକାଡେମୀ ଷ୍ଟାଡିୟମ୍‌ରେ ଏକାଡେମୀର ଅନ୍ୟ ଅଧିକାରୀମାନଙ୍କ ଉପସ୍ଥିତିରେ ଏହି ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ସ୍ନେକ ହେଲ୍ପ ଲାଇନ୍ ସଦସ୍ୟ ଆଶିଷ ବେହେରା ଏବଂ ରାଜେଶ୍ ସୂତାର ଏଇ ପ୍ରଶିକ୍ଷଣରେ ସହଯୋଗିତା କରିଥିଲେ । ଓଡ଼ିଶାରେ ଦେଖା ଯାଉଥିବା ବିଷଧର ଏବଂ ବିଷହୀନ ସାପଙ୍କୁ ଚିହ୍ନିବା ଏବଂ ସେମାନଙ୍କର ଓଡ଼ିଆ ନାମ ଜାଣିବା ପାଇଁ ସ୍ନେକ୍ ହେଲ୍ପ ଲାଇନ ଆଣ୍ଡ୍ରଏଡ ଆପ୍ ଏବଂ ୱେବ୍ ସାଇଟ୍‌ର ସହାୟତା ନେବା ପାଇଁ ଅନୁରୋଧ କରିଥିଲେ ଶୁଭେନ୍ଦୁ । ଦୁଇ ଦୁଇ ଜଣ କ୍ୟାଡେଟ୍‌ଙ୍କୁ ଡାକି ସାପ କାମୁଡ଼ିବା ପରେ ରକ୍ତ ସଞ୍ଚାଳନ ସମ୍ପୂର୍ଣ୍ଣ ବନ୍ଦ ନ କରି, କମ୍ କରିବା ପାଇଁ କିପରି କ୍ରେପ୍ "ବ୍ୟାଣ୍ଡେଜ ବା ଗାମୁଛାକୁ କ୍ଷତ ସ୍ଥାନ ଉପରକୁ ଗୁଡ଼େଇ ଗୁଡ଼େଇ ବନ୍ଧାଯିବ, ସେନେଇ ମକ ଡ୍ରିଲ ମଧ୍ୟ କରାଯାଇଥିଲା ।

କ୍ୟାଡେଟ୍‌ମାନେ ପଚାରିଥିବା ବିଭିନ୍ନ ପ୍ରଶ୍ନର ଯଥୋଚିତ ଉତ୍ତର ରଖିଥିଲେ ଶୁଭେନ୍ଦୁ । ଏତଦ୍ ବ୍ୟତୀତ ଆଜିକାଲି ସାପକୁ ଅସ୍ତ୍ର ଭାବରେ ବ୍ୟବହାର କରି ସଂଗଠିତ ହୋଇଥିବା ଅପରାଧ ବିଷୟରେ ମଧ୍ୟ କ୍ୟାଡେଟ୍‌ମାନଙ୍କୁ ଅବଗତ କରାଯାଇଥିଲା । ସୁବର୍ଣ୍ଣପୁର ଜିଲ୍ଲାର ବୀରମହାରାଜପୁର ଥାନାରେ ସାପ ଧରାଳିଙ୍କୁ ସାପ କାମୁଡିବା ଦୁର୍ଘଟଣା, ଗଞ୍ଜାମ ଜିଲ୍ଲାରେ କବିସୂର୍ଯ୍ୟନଗର ଥାନା ଅଧୀନରେ ସାପକୁ ବ୍ୟବହାର କରି ହୋଇଥବା ଡବଲ ମର୍ଡର, ନୟାଗଡ଼ ଜିଲ୍ଲାର ଓଡ଼ଗାଁ ଥାନା ଅଧୀନରେ ଘରେ ସାପ ଛାଡ଼ି ଭୟଭୀତ କରେଇ ହୋଇଥିବା ନାବାଳିକା ଦୁଷ୍କର୍ମ ଆଦି ଚାଞ୍ଚଲ୍ୟ କର ଘଟଣା ବିଷୟରେ ମଧ୍ୟ ଆଲୋଚନା କରା ଯାଇଥିଲା ।

## ଦୁଇ ବ୍ରାଉନ୍‌ସୁଗର୍ ବେପାରୀ ଗିରଫ

ଭୁବନେଶ୍ୱର, ୨୮ ।୬(ସମିସ): ବାଲେଶ୍ୱରରୁ ବ୍ରାଉନ୍‌ସୁଗର ଆଣି ରାଜଧାନୀରେ ବିକ୍ରି କରୁଥିବା ୨ ଜଣ ନିଶାଦ୍ରବ୍ୟ ବେପାରୀଙ୍କୁ ଗିରଫ କରିଛି ସ୍ପେଶାଲ କ୍ରାଇମ ୟୁନିଟ୍ । ସେମାନଙ୍କ ନିକଟରୁ ୧୫୦ ଗ୍ରାମ୍‌ର ବ୍ରାଉନ୍‌ସୁଗର ଏବଂ ବାଇକ୍‌କୁ ଜବତ କରାଯାଇଛି । ଏନେଇ ସ୍ପେଶାଲ କ୍ରାଇମ୍ ୟୁନିଟ୍ ଏକ ଏନ୍‌ଡିପିଏସ୍ ମାମଲା କରି ୨ବେପାରୀଙ୍କୁ ଜେଲ୍ ପଠାଇଛି । ଗିରଫ ଅଭିଯୁକ୍ତ ହେଲେ ବାଲେଶ୍ୱର ଜିଲ୍ଲା ସହଦେବଖୁଣ୍ଟା ଥାନା ଅଧୀନ ଅରଡ଼ା ବଜାରର ସେକ୍ ଆଲମ୍ ଓ ରାମ ସୋରେନ୍ । ଅଭିଯୁକ୍ତଦ୍ୱୟ କିଛିଦିନ ହେବ ରାଜଧାନୀକୁ ଧଳାଜହର ଚାଲାଣ କରୁଥିବା ସ୍ପେଶାଲ କ୍ରାଇମ ୟୁନିଟ ଜାଣିବାକୁ ପାଇଥିଲେ । ଏହି ସୂଚନାକୁ ଆଧାର କରି ଅଭିଯୁକ୍ତଙ୍କୁ ଧରିବା ଲାଗି ପୁଲିସ ଜାଲ ବିଛାଇଥିଲା । ସେମାନେ ବାଲେଶ୍ୱରରୁ ମଟରସାଇକଲ ଯୋଗେ ଧଳାଜହର ଆଣି ଭୁବନେଶ୍ୱରରେ ବିକ୍ରି କରୁଥିଲେ । ଗୁରୁବାର ଅଭିଯୁକ୍ତଦ୍ୱୟ ଜଣେ ଜଣେ ମହିଳାଙ୍କୁ ଧଳାଜହର ଦେବାକୁ ଆସିଥିବା ବେଳେ ପୋଖରିପୁଟ ଓଭରବ୍ରିଜ ନିକଟରେ ଜଗି ରହିଥିବା ସ୍ପେଶାଲ କ୍ରାଇମ ୟୁନିଟ ସେମାନଙ୍କୁ କାବୁ କରିଥିଲା । ଯାଞ୍ଚ କରିବା ପରେ ସେମାନଙ୍କ ନିକଟରୁ ଧଳାଜହର ମିଳିଥିଲା । ପରେ ସେମାନଙ୍କୁ ହେପାଜତକୁ ନେଇ ଜେରା କରିଥିଲା । ସେମାନଙ୍କ ସହିତ ଆଉ କେଉଁମାନଙ୍କର ସମ୍ପୃକ୍ତି ଅଛନ୍ତି, ସେନେଇ ପୁଲିସ ଖୋଳତାଡ଼ କରିଥିଲା । ସେମାନଙ୍କ ବୟାନକୁ ଆଧାର କରି ପୁଲିସ ମାମଲାର ତଦନ୍ତ ଜାରିରଖିଛି ।

୧୫ ଲକ୍ଷର ଧଳାଜହର ଜବତକଲା ସ୍ପେଶାଲ୍ କ୍ରାଇମ୍ ୟୁନିଟ୍

ବାଲେଶ୍ୱରରୁ ଆଣି ରାଜଧାନୀରେ କରୁଥିଲେ ବିକ୍ରି

## ଦୁଷ୍କର୍ମକାରୀ ବାପାକୁ ଆଜୀବନ ଜେଲ୍

ପୀଡ଼ିତାଙ୍କୁ ୫ଲକ୍ଷ କ୍ଷତିପୂରଣ ଦେବାକୁ କୋର୍ଟଙ୍କ ନିର୍ଦ୍ଦେଶ

ପ୍ରତିବାଦ କରିବାରୁ ପତ୍ନୀ ଓ ଝିଅକୁ ଘରୁ ବିଦା କରିଥିଲେ

ଭୁବନେଶ୍ୱର, ୨୮ ।୬(ସମିସ): ଦୁଷ୍କର୍ମକାରୀ ବାପାକୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି ଭୁବନେଶ୍ୱର ଫାଷ୍ଟଟ୍ରାକ ସ୍ପେଶାଲ କୋର୍ଟ (ପୋକସୋ) ର ବିଚାରପତି । ଏଥିସହ ତାଙ୍କୁ ୫ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଜରିମାନା ଅନାଦେୟ ହେଲେ ଅଧିକ ୩ମାସ ସଜା ଭୋଗିବାକୁ କୁହାଯାଇଛି । ୧୩ଜଣ ସାକ୍ଷୀ ଏବଂ ୬୦ରୁ ଅଧିକ ଦସ୍ତାବିଜ୍ ଆଧାରରେ ବିଚାରପତି ସରୋଜ କୁମାର ସାହୁ ଏହି ରାୟ ଶୁଣାଇଛନ୍ତି ।


ଅଭିଯୋଗକାରିଣୀ ନିଜ ସ୍ୱାମୀ ଏବଂ ନାବାଳିକା ଝିଅ ସହିତ ବଡ଼ଗଡ଼ ଥାନା ଅଞ୍ଚଳରେ ରୁହନ୍ତି । ଗତ ୨୦୨୧ ସେପ୍ଟେମ୍ବର ୧ତାରିଖ ରାତି ସାଢ଼େ ୧୦ ସମୟରେ ଉଭୟ ମାଆ ଝିଅ ଘରେ ଶୋଇଥିବା ସମୟରେ ଅଭିଯୁକ୍ତ ନାବାଳିକା ଝିଅକୁ ଦୁଷ୍କର୍ମ କରିଥିଲେ । ଏହି ସମୟରେ ପୀଡ଼ିତା ନିଦରୁ ଉଠିପଡ଼ି ଖୁବ ଜୋରରେ ପାଟି କରିବାରୁ ମାଆ ନିଦରୁ ଉଠି ଅଭିଯୁକ୍ତକୁ ଏହି କାର୍ଯ୍ୟକଳାପରୁ ନିବୃତ କରିବା ଲାଗି ପ୍ରୟାସ କରିଥିଲେ । ଏଥିରେ ଉତ୍କ୍ଷିପ୍ତ ହୋଇ ସେ ଉଭୟ ମାଆ ଏବଂ ଝିଅକୁ ମାଡ଼ ମାରିବା ସହିତ ଘରୁ ବାହାର କରିଦେଇଥିଲେ । ଏହି ଘଟଣାରେ ଉଭୟ ମାଆ ଝିଅ ନିଜକୁ ଅସୁରକ୍ଷିତ ମଣିବା ସହିତ ପାଖ ପଡ଼ୋଶୀଙ୍କ ଘରେ ଯାଇ ଆଶ୍ରୟ ନେଇଥିଲେ । ଏହା ଜାଣିପାରି ଅଭିଯୁକ୍ତ ମାଆଝିଅ ରହୁଥିବା ପଡ଼ୋଶୀଙ୍କ ଘର ନିକଟକୁ ଯାଇ ଗେଟକୁ ଖୁବ ଜୋରରେ ବାଡ଼େଇବା ସହିତ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ । ଏହା ଦେଖି ପଡ଼ୋଶୀ ଉଭୟଙ୍କୁ ଘରୁ ବାହାର କରିବା ପରେ ସେ ଉଭୟଙ୍କୁ ପୁଣିଥରେ ମାଡ଼ ମାରିବା ସହିତ ଝିଅର ଡ୍ରେସ ଚିରିଦେଇଥିଲେ । ଅଭିଯୁକ୍ତ ଜଣକ ପୂର୍ବରୁ ମଧ୍ୟ ନିଜ ନାବାଳିକା ଝିଅଙ୍କ ସହିତ ଏହିଭଳି ଆଚରଣ ପ୍ରଦର୍ଶନ କରିଥିଲେ । ଏନେଇ ବଡ଼ଗଡ଼ ଥାନା ପୁଲିସ ଏକ ଦୁଷ୍କର୍ମ ଏବଂ ପୋକସୋ ଆଇନ୍ ଅନୁସାରେ ମାମଲା ରୁଜୁ ହୋଇଥିଲା । ଥାନାର ତତ୍କାଳୀନ ଏସଆଇ ସରିତା ଶତପଥୀ ଏହାର ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିଥିଲେ । ଏହି ମାମଲାକୁ ସରକାରଙ୍କ ତରଫରୁ ସ୍ପେଶାଲ ପବ୍ଲିକ୍ ପ୍ରୋସିକ୍ୟୁଟର ରାଜୀବ ସାସମଲ ଓ ଆଡିସନାଲ ପବ୍ଲିକ ପ୍ରୋସିକ୍ୟୁଟର ବଳରାମ ଦେଓ ପରିଚାଳନା କରିଥିଲେ । ଏହି ମାମଲାରେ ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ରାଶି ପ୍ରଦାନ କରିବାପାଇଁ ମଧ୍ୟ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି ।

ଅପରାଧୀଙ୍କ ଆଶ୍ରୟସ୍ଥଳ ପାଲଟିଛି ଘରୋଇ ସିକ୍ୟୁରିଟି ସଂସ୍ଥା

# ବିନା ପଞ୍ଜୀକରଣରେ ମାଳମାଳ ସିକ୍ୟୁରିଟି ସଂସ୍ଥା

ଭୁବନେଶ୍ୱର, ୨୮ ।୬(ସମିସ): ଘରୋଇ ସିକ୍ୟୁରିଟି ସଂସ୍ଥା ଏବେ ଅତ୍ୟାବଶ୍ୟକ ସେବା ଯୋଗାଉଥିବା ତାଲିକାରେ ସାମିଲ ହୋଇଛି । ଏହାକୁ ନଜରରେ ରଖି ରାଜଧାନୀରେ ଛତୁ ଫୁଟିଲା ପରି ଘରୋଇ ସିକ୍ୟୁରିଟି ସଂସ୍ଥା ଖୋଲୁଛି । ସେଗୁଡ଼ିକ ମଧ୍ୟରୁ ଅନେକ ସଂସ୍ଥା ସବୁ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରିଦେଇଛନ୍ତି । ନା ସେମାନେ ସରକାରଙ୍କ ନିୟମକୁ ପାଳନ କରୁଛନ୍ତ ନା ଗାର୍ଡମାନଙ୍କୁ ଶାରୀରିକ ପ୍ରଶିକ୍ଷଣ ଦେଉଛନ୍ତି । ଏହି ଘରୋଇ ସିକ୍ୟୁରିଟି ସଂସ୍ଥା ଏବେ ଅପରାଧୀଙ୍କ ଆଶ୍ରୟସ୍ଥଳୀ ପାଲଟିଛି । ଏହି ସିକ୍ୟୁରିଟି ସଂସ୍ଥାରେ କାମ କରୁଥିବା ବ୍ୟକ୍ତିଙ୍କ ନାଁରେ ମାଳମାଳ ଅପରାଧିକ ମାମଲା ଥିବା ଜଣାପଡ଼ିଛି । ତେଣୁ ବ୍ୟାଙ୍କ୍‌ରେ ନିୟୋଜିତ ହେଉଥିବା ସିକ୍ୟୁରିଟି ଗାର୍ଡମାନେ ଅଧିକ ଠକେଇ ଏବଂ ଲୁଟପାଟରେ ସାମିଲ ରହିଥିବା ବିଗତ ଦିନମାନଙ୍କରେ ଦେଖିବାକୁ ମିଳିଛି । ସେମାନେ ଅପରାଧୀଙ୍କ ସହ ମିଶି ବ୍ୟାଙ୍କ୍‌ରୁ ଡକାୟତି କରିବା ଏଟିଏମ୍‌ରୁ ଟଙ୍କା ଭରିବା ସମୟରେ ହେରଫେର କରିବା ଆଦି ଅପରାଧରେ ସାମିଲ ଥିବା ଜଣାପଡ଼ିଛି । ଅଧିକାଂଶ ସୁରକ୍ଷା କର୍ମୀଙ୍କୁ କୌଣସି ରଣକୌଶଳ ଶିକ୍ଷା ଦିଆଯାଉ ନ ଥିବାରୁ ଆବଶ୍ୟକସ୍ଥଳେ ସେମାନେ ପରିସ୍ଥିତିକୁ ମୁକାବିଲା କରିବାରେ ବିଫଳ ହେଉଛନ୍ତି ।

କେନ୍ଦ୍ର ଗୃହମନ୍ତ୍ରାଳୟ ପକ୍ଷରୁ ଘରୋଇ ସିକ୍ୟୁରିଟି ସଂସ୍ଥା ଉପରେ ଏକ ମାର୍ଗଦର୍ଶିକା ଜାରି କରାଯାଇଛି । ଏପରି କି ଏହି ମାର୍ଗଦର୍ଶିକାକୁ ସମସ୍ତ ରାଜ୍ୟକୁ ପଠାଇ ଦିଆଯାଇଛି । କେନ୍ଦ୍ର ନିୟମ ଆଧାରରେ ରାଜ୍ୟଗୁଡ଼ିକ ସ୍ୱତନ୍ତ୍ର ମାର୍ଗଦର୍ଶିକା ପ୍ରସ୍ତୁତ କରିବାକୁ କୁହାଯାଇଛି । କିନ୍ତୁ ରାଜ୍ୟରେ ଘରୋଇ ସିକ୍ୟୁରିଟି ସଂସ୍ଥା ଉପରେ କୌଣସି ଅଙ୍କୁଶ ନ ଥିବାରୁ ସେମାନେ ମନମାନୀ କରୁଛନ୍ତି । ପ୍ରଥମ ଏହି ଘରୋଇ ସିକ୍ୟୁରିଟି ସଂସ୍ଥାକୁ କ୍ରାଇମ୍‌ବ୍ରାଞ୍ଚ ନିୟନ୍ତ୍ରଣ କରୁଥିଲା । ପରେ ଏହାକୁ ଷ୍ଟେଟ୍ ସ୍ପେଶାଲ ଆର୍ମି ପୁଲିସ ଫୋର୍ସ କାର୍ଯ୍ୟାଳୟ ନିୟନ୍ତ୍ରଣ କରିଥିଲା । ଏବେ ଏହାକୁ ଗୃହ ବିଭାଗ ନିୟନ୍ତ୍ରଣ କରୁଥିବା ଜଣାପଡ଼ିଛି । ରାଜ୍ୟରେ ପାଖାପାଖି ୧ହଜାର ୫ ଶହରୁ ଅଧିକ ଘରୋଇ ସିକ୍ୟୁରିଟି ସଂସ୍ଥା ପଞ୍ଜିକୃତ ହୋଇଛି । କିନ୍ତୁ ସେମାନଙ୍କୁ ଦିଆଯାଇଥିବା ଏସ୍‌ଓପିକୁ ଠିକ୍ ଠାକ ପାଳନ କରୁଛନ୍ତି କି ନାହିଁ, ତାହା ମଧ୍ୟ ନିୟମିତ ଯାଞ୍ଚ କରାଯାଉନାହିଁ । ଅନେକ ସଂସ୍ଥା ପଞ୍ଜୀକରଣ ସମୟରେ ଅଫିସର ଯେଉଁ ଠିକଣା ଦେଇଥିଲେ ତାହା ବର୍ତ୍ତମାନ ବଦଳି ଗଲାଣି । ନିୟମ ଅନୁସାରେ ଯଦି କେହି ସଂସ୍ଥାର ଅଫିସ ବଦଳାନ୍ତି ସେମାନେ ପୁଣି ଗୃହବିଭାଗକୁ ଏନେଇ ଅବଗତ କରିବାର ନିୟମ ରହିଥିଲେ ମଧ୍ୟ ତାହା ଏବେ କରାଯାଉ ନାହିଁ ।




ପ୍ରଥମେ ଜଣେ ବ୍ୟକ୍ତି ଘରୋଇ ସିକ୍ୟୁରିଟି ସଂସ୍ଥା ଖୋଲିବାକୁ ଚାହୁଁଥିଲେ ଜିଲ୍ଲା ପୁଲିସ ମୁଖ୍ୟଙ୍କ ଠାରୁ ଯାଞ୍ଚ ପ୍ରମାଣପତ୍ର ଆଣିବେ । ଏହାସହ ଗାର୍ଡମାନଙ୍କୁ କିଭଳି ଟ୍ରେନ୍ ଦେବ ସେନେଇ ମଧ୍ୟ ଏକ ଟ୍ରେନିଂ ପାଠ୍ୟକ୍ରମ ପଞ୍ଜୀକରଣ ହେଉଥିବା ସ୍ଥାନରେ ପ୍ରଦାନ କରିବେ । ସେମାନେ ଯେଉଁଠି ପିଲାଙ୍କୁ ଟ୍ରେନ୍ ଦେବେ ଉକ୍ତ ଘରର ସମସ୍ତ ବିବରଣୀ ଗୃହବିଭାଗକୁ ଦେବେ । ଏହାପରେ ସମସ୍ତ ପ୍ରମାଣପତ୍ର ଦେବା ପରେ ଗୃହବିଭାଗ ତାଙ୍କୁ ଘରୋଇ ସିକ୍ୟୁରିଟି ସଂସ୍ଥା ଖୋଲିବା ପାଇଁ ଅନୁମତି ଦେବେ । କିନ୍ତୁ ବର୍ତ୍ତମାନ ଅନେକ ଘରୋଇ ସିକ୍ୟୁରିଟି ସଂସ୍ଥାର ଗାର୍ଡମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦେଉନାହାଁନ୍ତି । ୧୦ଘଣ୍ଟାର ଏକ କ୍ଲାସ୍ ରୁମ୍ ଥିଓରୀ ଏବଂ ୬୦ ଘଣ୍ଟାର ଫିଲ୍ଡ ଟ୍ରେନିଂ ଦିଆଯିବାର ପ୍ରାବଧାନ ରହିଛି । ଜଣେ ଆର୍ମି ବ୍ୟକ୍ତି କିମ୍ବା ଅବସରପ୍ରାପ୍ତ ଆର୍ମି ଅଧିକାରୀ ଏବଂ ଅବସରପ୍ରାପ୍ତ ପୁଲିସ ଅଧିକାରୀ ଏହି ଟ୍ରେନିଂ ଦେବାର ନିୟମ ରହିଛି । ସେହିଭଳି ଯେଉଁମାନେ ସିକ୍ୟୁରିଟି ଗାର୍ଡ ଓ ସୁପରଭାଇରଜ ନିଯୁକ୍ତି ପାଇଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ରହିଛି । ସେମାନଙ୍କୁ ବନ୍ଧୁକ ଚାଳନା, ଆର୍ମି ଟ୍ରେନିଂ ଭଳି ଡ୍ରିଲ୍ କରାଯିବା ପାଇଁ ବ୍ୟବସ୍ଥା ରହିଛି । କିନ୍ତୁ ଏହି ନିୟମକୁ କୌଣସି ସଂସ୍ଥା ଏହାକୁ ପାଳନ କରୁ ନ ଥିବାରୁ ପରବର୍ତ୍ତୀ ସମୟରେ ସୁରକ୍ଷା ଦାୟିତ୍ୱ ତୁଲାଇବାରେ ସେମାନେ ଅସଫଳ ହେଉଛନ୍ତି ।

ଗାର୍ଡଙ୍କୁ ଦିଆଯାଉନି ଶାରୀରିକ ପ୍ରଶିକ୍ଷଣ, ବନ୍ଧୁକଚାଳନା ଶିକ୍ଷା

ସିକ୍ୟୁରିଟି ଗାର୍ଡଙ୍କ ନାଁରେ ରହିଛି ଅପରାଧିକ ମାମଲା

## ପ୍ରେମରେ ବିଫଳ ହେବାରୁ ପ୍ରେମିକାର ମାଆଙ୍କୁ ଆକ୍ରମଣ

ଭୁବନେଶ୍ୱର, ୨୮ ।୬ (ସମିସ): ଏକତରଫା ପ୍ରେମ କରି ବିଫଳ ହେବାପରେ ଯୁବତୀଙ୍କ ମାଆଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି ଖଣ୍ଡଗିରି ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛି ସୁବାସ ନଗର ବସ୍ତିର ରଞ୍ଜିତ ରାଉତ (୩୮) । ପୁଲିସ ସୂଚନା ଅନୁସାରେ, ରଞ୍ଜିତ ସ୍ଥାନୀୟ ଅଞ୍ଚଳର ଜଣେ ଯୁବତୀଙ୍କୁ ଏକତରଫା ପ୍ରେମ କରିବା ସହିତ ବିବାହ କରିବା ଲାଗି ମନେ ମନେ ସ୍ଥିର କରିଥିଲା । ହେଲେ ରଞ୍ଜିତ ବିବାହିତ ହୋଇଥିବାରୁ ଯୁବତୀଙ୍କ ମାଆ ତାଙ୍କ ଠାରୁ ଦୂରେଇ ରହିବା ଲାଗି କହିଥିଲେ । ଏହା ଭିତରେ ଯୁବତୀଙ୍କୁ ବିଭିନ୍ନ ସ୍ଥାନରୁ ଦେଖିବା ନିମନ୍ତେ ଅତିଥିମାନେ ଆସୁଥିବା ବେଳେ ରଞ୍ଜିତ ତାଙ୍କ ଘରେ ପହଞ୍ଚି ବିବାହ ପ୍ରସ୍ତାବ ସବୁକୁ ଭାଙ୍ଗି ଦେଉଥିଲା ଓ ପରିବାର ସଦସ୍ୟ ତଥା ଅତିଥିମାନଙ୍କୁ ନାନା ପ୍ରକାର ଧମକଚମକ ଦେଉଥିଲା । ଗତ ୨୬ ତାରିଖ ଦିନ ବର ଘର ପକ୍ଷରୁ କିଛି ଅତିଥି ଯୁବତୀଙ୍କୁ ଦେଖିବା ଲାଗି ତାଙ୍କ ଘରକୁ ଆସିଥିବା ବେଳେ ରଞ୍ଜିତ ସେଠାରେ ପହଞ୍ଚି ସମସ୍ତଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ଆରମ୍ଭ କରିଦେଇଥିଲା । ଏହା ଦେଖି ଯୁବତୀ ଓ ତାଙ୍କ ମାଆ ବିରୋଧ କରିବାରୁ ରଞ୍ଜିତ ଉତ୍କ୍ଷିପ୍ତ ହୋଇ ପାଖରେ ଥିବା ଏକ ପ୍ଲାଷ୍ଟିକ୍ ପାଇପରେ ତାଙ୍କ ମାଆଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲା । ଫଳରେ ଯୁବତୀଙ୍କ ମାଆ ଗୁରୁତର ଆହତ ହୋଇଥିଲେ । ଏନେଇ ଖଣ୍ଡଗିରି ଥାନାରେ ଅଭିଯୋଗ ହେବାପରେ ପୁଲିସ ଏକ ମାମଲା ରୁଜୁ କରିବା ସହ ରଞ୍ଜିତକୁ ଗିରଫ କରିଥିଲା ।



## ଚୌଦ୍ୱାର ପୌର ପରିଷଦ ବୈଠକ

# ପଙ୍କୋଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିଷ୍ପତ୍ତି

ଚୌଦ୍ୱାର,୨୮ା୬(ସମିସ)



ଚୌଦ୍ୱାର ପୌର ପରିଷଦର ବୈଠକ ଅନୁଷ୍ଠିତ ହୋଇଯାଇଛି। ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ଅଧ୍ୟକ୍ଷତାରେ ପୌରସଭା ଗୃହରେ ଅନୁଷ୍ଠିତ ଏହି ବୈଠକର ପ୍ରାରମ୍ଭରେ ନୂତନ ପୌରାଧିକାରୀ ଦେବୀପ୍ରସାଦ ରାଉତଙ୍କୁ ପରିଷଦ ତରଫରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବର୍ଷାଋତୁ ଆରମ୍ଭ ହୋଇଯାଇଥିବାରୁ ୱାର୍ଡ ଗୁଡିକରେ ପରିମଳ ବ୍ୟବସ୍ଥା, ଡ୍ରେନଗୁଡିକରୁ ପଙ୍କ ଉଦ୍ଧାର ଓ ମୁକୁଳାଥିବା ଡ୍ରେନ ଗୁଡିକ ଉପରେ ସ୍ଲାବ ପକାଇବା କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ କରିବା ସହିତ ମଶା ନିବାରଣ ପାଇଁ ବୈଠକରେ ସ୍ଥିର କରାଯାଇଥିଲା। ପୌରପାଳିକାର ପରିମଳ ବିଭାଗ ତୁରନ୍ତ ଡ୍ରେନ ଗୁଡ଼ିକରୁ ପଙ୍କୋଦ୍ଧାର କାର୍ଯ୍ୟ ଆରମ୍ଭ କରିବା ସହ ବିଭିନ୍ନ ୱାର୍ଡରେ ଥିବା ମୁକୁଳା ଡ୍ରେନରେ ନୂତନ ସ୍ଲାବ ପକାଇବାର ବ୍ୟବସ୍ଥା କରିବା ପାଇଁ ନିର୍ବାହୀ ଅଧିକାରୀ ପୌରଯନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ୱାର୍ଡ ଗୁଡିକରେ ଜଳୁ ନ ଥିବା ଷ୍ଟ୍ରିଟ୍ ଲାଇଟ ଗୁଡ଼ିକୁ ସଜାଡ଼ିବା ସହିତ ନୂତନ ଲାଇଟ ଲଗାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥି ସହିତ ୨ଟି ନୂତନ ମଶାଧୂଆଁ ମେସିନ୍ ଓ ଗୋଟିଏ ମୋବାଇଲ ଟଏଲେଟ ଭ୍ୟାନ୍ କିଣାଯିବା ସହିତ କାର୍ଯ୍ୟରତ ସ୍ୱଚ୍ଛସାଥି ଓ ସ୍ୱଚ୍ଛ ସୁପରଭାଇଜରଙ୍କ ବେତନ ୨ହଜାର ଟଙ୍କା ବୃଦ୍ଧି କରାଯିବା ସ୍ଥିରିକୃତ ହୋଇଥିଲା। ଗାନ୍ଧୀଛକସ୍ଥିତ ପୌର ଟାଉନ୍‌ହଲକୁ ଶୀତତାପ ନିୟନ୍ତ୍ରିତ କରିବା ଓ ନୂତନ ଅଡିଓ ସିଷ୍ଟମ୍‌ର ବ୍ୟବସ୍ଥା, ୨ଟି କଲ୍ୟାଣ ମଣ୍ଡପର ନବିକରଣ, ପୌରାଞ୍ଚଳରେ ଥିବା ସର୍ବସାଧାରଣ ପାଇଖାନା ଗୁଡ଼ିକର ମରାମତି ଏବଂ ପୁନରୁଦ୍ଧାର, ୧୧କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପକୁ ଟେଣ୍ଡର କରାଯାଇ ମାସକ ମଧ୍ୟରେ କାର୍ଯ୍ୟାରମ୍ଭ କରାଯିବା ଆଦି ସମ୍ପର୍କରେ ନିଷ୍ପତ୍ତି ନିଆଯାଇଥିଲା। ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ପୌରଯନ୍ତ୍ରୀ ପତିତପାବନ ପଟ୍ଟନାୟକ, ଜେଇ ସଞ୍ଜୟ ସାମଲ, ଶୁଭଶ୍ରୀ ବେହେରା, ଶୁଭଶ୍ରୀ ନାୟକ, ସମସ୍ତ କାଉନ୍‌ସିଲର, ମୁଖ୍ୟ କିରାଣୀ ମହାଦେବ ଜେନା, ପୂର୍ଣ୍ଣଚନ୍ଦ୍ର ପାଣିଙ୍କ ସମେତ ସମସ୍ତ ପୌର କର୍ମଚାରୀ ବୈଠକରେ ଯୋଗଦେଇଥିଲେ।

## ବନ କାର୍ଯ୍ୟାଳୟରେ ଖତ ଖାଉଛି ଜବତ ଗାଡ଼ି



**ଟାଙ୍ଗୀ,୨୮ ା୬(ସମିସ):** ଆଇନ ବ୍ୟବସ୍ଥା ବିଳମ୍ବିତ ପାଇଁ ଅନେକ କେସ ସମାଧାନ ନ ହୋଇପାରିବା ଯୋଗୁ ଅନେକ ଗାଡ଼ି ଖତ ଖାଉଛି। ଯାହାଫଳରେ ଗାଡ଼ି ମାଲିକ ସମାଧାନର ବାଟକୁ ଅନେଇ ବସିଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ଟାଙ୍ଗୀ ଚୌଦ୍ୱାର ବ୍ଲକ କହ୍ନେଇପୁର ପଞ୍ଚାୟତ ଭଗତପୁରସ୍ଥିତ ବନପାଳଙ୍କ ଅଫିସରେ। କିଛି ଅସାଧୁ ବ୍ୟକ୍ତି ତାଙ୍କ ନିଜ ଗାଡି ହେଉ କି ଭଡାଗାଡି ମାଧ୍ୟମରେ ଚୋରାରେ ମୂଲ୍ୟବାନ ଗଛ, ଗୋଡ଼ି, ମହରମ, ପଥର ଆଦି ବ୍ୟବସାୟ କରନ୍ତି। ବନପାଳଙ୍କ ଦ୍ୱାରା ବିଭିନ୍ନ ଗାଡ଼ି ଯଥା ଟ୍ରକ, ହାଇୱା, ଟାଟା ଏସି, ଟ୍ରାକ୍ଟର ଓ ଜେସିବ ଜବତହୋଇ ଦୀର୍ଘଦିନ ଧରି ପଡ଼ିରହିଛି। ଉକ୍ତ ଗାଡ଼ିଗୁଡ଼ିକ ଖତଖାଇ ଗଛ ଉଠିଥିବା ଦେଖିବାକୁ ମିଳିଛି। ଉକ୍ତ ଗାଡ଼ି ଓ ମାଲିକମାନଙ୍କ ନାମରେ କେସ ଚାଲିଛି। କେସ ସମାଧାନ ହେଲେ ଗାଡ଼ି ଛଡାଯିବ ବୋଲି ସ୍ଥାନୀୟ ବନପାଳ ସୂଚନା ପ୍ରଦାନ କରିଛନ୍ତି। ଉକ୍ତ କେସ ଶୀଘ୍ର ସମାଧାନ ହୋଇପାରିଲେ ଉକ୍ତ ସ୍ଥାନରୁ ଗାଡ଼ି ହଟିବା ସହ ନୂତନ ଜବତ ଗାଡ଼ି ରଖିବାକୁ ସ୍ଥାନ ମିଳିପାରିବ ବୋଲି ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି।

## ବିଧାୟକଙ୍କ ଜନଶୁଣାଣି ଶିବିର



**ମାହାଙ୍ଗା,୨୮ା୬(ସମିସ):** କଟକ ଜିଲ୍ଲା ମାହାଙ୍ଗା ବ୍ଲକର ଶ୍ରୀକୃଷ୍ଣପୁର ପଞ୍ଚାୟତରେ ସରକାରୀ ଯୋଜନାର ସଫଳ ରୂପାୟନ ହୋଇପାରୁ ନ ଥିବାରୁ, ବହୁ ଗରିବ ପରିବାର ସେମାନଙ୍କ ନ୍ୟାଯ୍ୟ ଦାବିରୁ ବଞ୍ଚିତ ହେଉଛନ୍ତି। ଏହି ପଞ୍ଚାୟତର ୧୨ଟି ୱାର୍ଡରୁ ଶହ ଶହ ସାଧାରଣ ଜନତାଙ୍କ ଉପସ୍ଥିତିରେ ବିଧାୟକ ସାରଦା ପ୍ରଧାନ ବିଭିନ୍ନ ଅଭିଯୋଗ ଶୁଣିଥିଲେ। ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ ପଡ଼ିଥିବା ଗରିବ ପରିବାରଗୁଡିକୁ ଖାଉଟି କାର୍ଡ ଯୋଗାଇଦେବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। କଚାଘରେ ରହୁଥିବା ଗରିବ ପରିବାରଗୁଡିକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ପାଇଁ ପ୍ରଶାସନକୁ ସେ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମାଞ୍ଚଳର କଚ୍ଚା ରାସ୍ତାକୁ କଂକ୍ରିଟ ସଡ଼କରେ ପରିଣତ କରାଯିବାକୁ ସରକାରୀସ୍ତରରେ ପଦକ୍ଷେପ ନେବାକୁ ନିଷ୍ପତ୍ତି ନିଆଯାଇଥିଲା। ପ୍ରତି ପରିବାରକୁ ତୁରନ୍ତ ପିଇବା ପାଣି ଯୋଗାଇଦେବାକୁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ବାର୍ଦ୍ଧକ୍ୟ ବିଧବା ବିକଳାଙ୍ଗ ଭତ୍ତା ପାଇଁ ଆବେଦନ କରିଥିବା ହିତାଧିକାରୀଙ୍କୁ କିପରି ଚୟନ କରାଯିବ, ସେ ଦିଗରେ ବ୍ଲକ ପ୍ରଶାସନ ତତ୍ପରତା ଦେଖାଉ ବୋଲି ବିଧାୟକ କହିଥିଲେ। ଶ୍ରୀକୃଷ୍ଣପୁର ପଞ୍ଚାୟତର ସମସ୍ତ ଚାଷ ଜମିକୁ କିପରି ପାଣି ପହଞ୍ଚିବ ଏବଂ କୃଷି ଓ କୃଷକର ଉନ୍ନତି ହୋଇପାରିବ ସେ ଦିଗରେ ପଦକ୍ଷେପ ନେବାକୁ ପ୍ରଶାସନିକ ଅଧିକାରୀଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅଜୟ ନାୟକ, ମନୋରଞ୍ଜନ ବିଶ୍ୱାଳ, ସୁରେନ୍ଦ୍ର ମହାନ୍ତି, ଗୌତମ ଶତପଥୀ, ଯାଜ୍ଞସେନୀ ଜେନା, ଭକ୍ତ ଚରଣ ସ୍ୱାଇଁ, ଅଖିଳେଶ ମହାନ୍ତି, ଅସିତ ସାମଲ, ଚିତ୍ତ ରଞ୍ଜନ ସାହୁ, ଅଶୋକ ବିଶ୍ୱାଳ, ମୃତ୍ୟୁଞ୍ଜୟ ବିଶ୍ୱାଳ, ସରୋଜ ବେହେରା ଭାଗ ନେଇଥିଲେ।

## ନିଶା ନିବାରଣ ସଚେତନତା ଓ ବକ୍ତୃତା ପ୍ରତିଯୋଗିତା

**ମାହାଙ୍ଗା,୨୮ା୬(ସମିସ):** ମାହାଙ୍ଗା ବ୍ଲକ କୁଣ୍ଡି ଗ୍ରାମପଞ୍ଚାୟତ ବରିଷ୍ଠ ନାଗରିକ ସେବା ସଂଘ ନନ୍ଦକିଶୋରପୁର ପକ୍ଷରୁ ନିଶା ନିବାରଣ ସଚେତନତା ଓ ବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତା




ସେବା ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସେବା ସଂଘର ସଭାପତି କ୍ଷୀରୋଦଚନ୍ଦ୍ର ପତିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥିଭାବେ ମାହାଙ୍ଗା ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ବେହେରା, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଶାନ୍ତିଲତା ଦେବୀ, ମୁଖ୍ୟବକ୍ତାଭାବେ ୟୁପିଏମଇ ପ୍ରଧାନଶିକ୍ଷକ ଭାରତଭୂଷଣ ଦାସ, ଅନ୍ୟତମ ଅତିଥିଭାବେ ସିଆରସିସି କାର୍ତ୍ତିକଚନ୍ଦ୍ର ବେହେରା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଭୂତି ଭୂଷଣ ଦାସ ନିଶା ନିବାରଣ ସଂପର୍କରେ ଆଲୋଚନା କରିଥିଲେ। ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇଥିବା କୁଣ୍ଡି ଓ ଜଗନ୍ନାଥପୁର ହାଇସ୍କୁଲର କୃତୀ ଛାତ୍ରଛାତ୍ରୀ ସୁପ୍ରିୟା ସାହୁ ପ୍ରଥମ, ପ୍ରିୟଂଶୀ ନାୟକ ଦ୍ୱିତୀୟ ଓ ଶଶିକାନ୍ତ ମହାନ୍ତି ତୃତୀୟ ସ୍ଥାନ ଅଧିକାର କରିଥିବାରୁ ଅତିଥିମାନେ ସେମାନଙ୍କୁ ପୁଷ୍ପଗୁଚ୍ଛ, ଟ୍ରଫି, ପ୍ରମାଣପତ୍ର ଓ ଜୀବନ ପୁସ୍ତିକା ଦେଇ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ସେବା ସଂଘର ସାଧାରଣ ସଂପାଦକ କବି ଧନେଶ୍ୱର ପ୍ରଧାନ ବିବରଣୀ ଓ ଧନ୍ୟବାଦ ଅର୍ପଣ କରିଥିଲେ। ସେବା ସଂଘର ସଦସ୍ୟ ସୁରେନ୍ଦ୍ରନାଥ ପଣ୍ଡା, ରୂପାକର ସ୍ୱାଇଁ, ପ୍ରିୟନାଥ ପ୍ରହରାଜ ଓ ଏକାଦଶୀ ଜେନାଙ୍କ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସେହିପରି ସମସ୍ତ ଅତିଥିମାନଙ୍କୁ ସେବା ସଂଘ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## ଶିଶୁଆ ପଞ୍ଚାୟତରେ 'ଏକ୍ ପେଡ୍ ମା'କେ ନାମ୍' କାର୍ଯ୍ୟକ୍ରମ



**ସାଲେପୁର,୨୮ ା୬(ସମିସ):** ଶିଶୁଆ ପଞ୍ଚାୟତ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଆହ୍ୱାନ କ୍ରମେ 'ଏକ୍ ପେଡ୍ ମା' କେ ନାମ' ତଥା ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜେପି ନେତା ହିମାଂଶୁ ମହାନ୍ତିଙ୍କ ନେତୃତ୍ୱରେ ଶତାଧିକ ମହିଳା ସାମିଲ ହୋଇଥିଲେ। ଶତାଧିକ ମହିଳା ଏକତ୍ରିତ ହୋଇ ବିଭିନ୍ନ କିସମର ଚାରାରୋପଣ କରିବା ସହ ପରିବେଶ ସଂରକ୍ଷଣ ଦିଗରେ ଲୋକମାନଙ୍କୁ ସଚେତନତା କରାଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବିଜେପି ନେତା ହିମାଂଶୁ ମହାନ୍ତି ଯୋଗଦେଇ ଚାରାରୋପଣ କରିବା ସହ ଚାରାରୋପଣ ଦ୍ୱାରା ପରିବେଶ ସନ୍ତୁଳନ ବଜାୟ ରହିବା ସହ ପ୍ରାକୃତିକ ବିପର୍ଯ୍ୟୟ ରୋକାଯାଇପାରିବ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଧ୍ରୁବଚରଣ ମହାନ୍ତି, ଆଇନ୍‌ଜୀବୀ ରାଜୀବ ଷଡ଼ଙ୍ଗୀ, ନାରାୟଣ ପ୍ରସାଦ ଆଚାର୍ଯ୍ୟ, ଶଶିକାନ୍ତ ମହାନ୍ତି, ବିଜେପି କଟକ ଜିଲ୍ଲା ସୋସିଆଲ ମିଡ଼ିଆ ସଦସ୍ୟା ବିଜୟଲକ୍ଷ୍ମୀ ଦାଶଙ୍କ ସମେତ ବହୁ ମହିଳା ସାମିଲ ହୋଇ ଚାରାରୋପଣ କରିଥିଲେ।

## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ



**ନିଶ୍ଚିନ୍ତକୋଇଲି,୨୮ା୬(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ୨୭ନଂ ଜୋନ୍‌ର ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟା ଗୀତାଞ୍ଜଳି ପଣ୍ଡାଙ୍କ ଶ୍ୱଶୁର ଅଗଣୀ ଚରଣ ପଣ୍ଡା (୮୭)ଙ୍କ କେରିଲୋ ପଞ୍ଚାୟତ ହାଣ୍ଡିଭଙ୍ଗା ବାସଭବନରେ ପରଲୋକ ହୋଇଛି। କିଛିଦିନ ହେବ ସେ ଚିକିତ୍ସାଧୀନ ଥିଲେ। ସ୍ୱର୍ଗତ ପଣ୍ଡା ସ୍ଥାନୀୟ ଅଞ୍ଚଳର ଜଣେ ଧର୍ମପରାୟଣ ଓ ପରୋପକାରୀ ହୋଇଥିବାରୁ ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ଅକ୍ଷୟ ପଣ୍ଡା, ମହେନ୍ଦ୍ର ପଣ୍ଡାଙ୍କ ସମେତ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ। ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଗଭୀର ଶୋକ ବ୍ୟକ୍ତ କରି ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେଇଛନ୍ତି। ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ମନୋଜ ସେଠୀ, ଜିଲ୍ଲାପରିଷଦ ସଭ୍ୟ ଭୂପତିଭୂଷଣ ଷଣ୍ଢ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଗିରିଶ ରଞ୍ଜନ ମହାପାତ୍ର, ସରପଞ୍ଚ ପ୍ରତିନିଧି ଅଜିତ୍ ନାୟକ, ସମିତିସଭ୍ୟ ପ୍ରତିନିଧି ବୈକୁଣ୍ଠ ନାଥ ସିଂଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ୍ୟ ଶ୍ମଶାନରେ ଶେଷ କୃତ୍ୟ ସମ୍ପନ୍ନ ହୋଇଥିଲା। ଜ୍ୟେଷ୍ଠ ପୁତ୍ର ଆରଏମସି କର୍ମଚାରୀ ବ୍ରଜମୋହନ ପଣ୍ଡା ମୁଖାଗ୍ନି ଦେଇଥିଲେ।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନୂତନ ଅଧୀକ୍ଷକଙ୍କ ଦାୟିତ୍ୱ ଗ୍ରହଣ



**କଟକ,୨୮ା୬(ସମିସ):** କଟକ ସଦର ଅନ୍ତର୍ଗତ ବେଣ୍ଟକାର ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଅଧୀକ୍ଷକ ଭାବେ ଡ. ପ୍ରଶାନ୍ତ କୁମାର ସାମଲ ଦାୟିତ୍ୱ ଗ୍ରହଣ କରିଛନ୍ତି। ଜଗତସିଂହପୁର ଜିଲ୍ଲାର ମୂଳ ବାସିନ୍ଦା ଡ. ସାମଲ ପୂର୍ବରୁ କୋରାପୁଟ ଜିଲ୍ଲାର ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଭାବେ କାର୍ଯ୍ୟରତ ଥିଲେ। ସେଠାରୁ ବଦଳି ହୋଇ କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରେ ଯୋଗଦେଇ ଯକ୍ଷ୍ମା ରୋଗ ନିରାକରଣ ବିଭାଗର ଦାୟିତ୍ୱ ନିର୍ବାହ କରୁଥିବାବେଳେ ବଦଳି ହୋଇ ବେଣ୍ଟକାରସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକ୍ଷକ ଭାବେ ଭାରପ୍ରାପ୍ତ ଅଧିକ୍ଷକ ଭାବେ ଦାୟିତ୍ୱ ନିର୍ବାହ କରୁଥିବା ଡ. ବସନ୍ତ କୁମାର ସାହୁଙ୍କ ଠାରୁ କାର୍ଯ୍ୟଭାର ଗ୍ରହଣ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରକୁ ସୁବ୍ୟବସ୍ଥିତ କରିବା ସହ ଅଭାବ ଅସୁବିଧାକୁ ଦୂର କରିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ମାଧ୍ୟମରେ ରାଜ୍ୟ ସରକାରଙ୍କୁ ଅବଗତ କରାଇବେ ବୋଲି ପ୍ରତିକ୍ରିୟାରେ କହିଛନ୍ତି। ଏହି ଅବସରରେ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଓ କର୍ମଚାରୀମାନେ ନୂତନ ଅଧୀକ୍ଷକ ଡ. ସାମଲଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ



**ନିଶ୍ଚିନ୍ତକୋଇଲି,୨୮ା୬(ସମିସ):** କୋଲଣପୁର ପଞ୍ଚାୟତ କୁଳିଆ ଗ୍ରାମର ଆରଏମସି କର୍ମଚାରୀ ଶ୍ୟାମସୁନ୍ଦର ଦାଶଙ୍କ ପତ୍ନୀ ଧର୍ମପ୍ରାଣା ମହିଳା ସୁଶାନ୍ତି ଦାଶ (୫୯)ଙ୍କ ବାସଭବନରେ ହୃଦଘାତଜନିତ ପରଲୋକ ହୋଇଛି। ମୃତ୍ୟୁଶଯ୍ୟା ନିକଟରେ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ବହୁ ଆରଏମସି କର୍ମଚାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁତ୍ର ରାଜେଶ କୁମାର ଦାସ ମୁଖାଗ୍ନି ଦେଇଥିଲେ।

## ବିଡି କଲେଜ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା



**ନିଶ୍ଚିନ୍ତକୋଇଲି,୨୮ା୬(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ ପଞ୍ଚାୟତ ବାଣୀନଗର ଠାରେ ଥିବା ବଲ୍ଲଭୀଦେବୀ ମାଧ୍ୟମିକ ବିଦ୍ୟାଳୟ ଓ ଡ଼ିଗ୍ରୀ କଲେଜ ପକ୍ଷରୁ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଡିଗ୍ରୀ କଲେଜ ଅଧ୍ୟକ୍ଷା ଡ. ପୁଷ୍ପିତା ଜେନାଙ୍କ ପୌରହିତ୍ୟରେ ଏଥିରେ +୨ ଅଧ୍ୟକ୍ଷା ନିବେଦିତା ଦାଶ, ଅଧ୍ୟାପକ ସୂର୍ଯ୍ୟମଣୀ ସ୍ୱାଇଁ, ଅଧ୍ୟାପକ ସୁବ୍ରତ କୁମାର ସ୍ୱାଇଁ, କାର୍ଯ୍ୟାଳୟ ମୁଖ୍ୟ ସହକାରୀ ଅଶୋକ ରାଉତ, ବଟକୃଷ୍ଣ ରାଉତ, ଡିଇଓ ଜ୍ୟୋତିରଂଜନ ରଥ ପ୍ରମୁଖ ଯୋଗ ଦେଇ ବିଧାୟକଙ୍କୁ ଶୁଭେଚ୍ଛା ଜଣାଇବା ସହିତ କଲେଜର ବିଭିନ୍ନ ସମସ୍ୟା ସଂକ୍ରାନ୍ତରେ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ପଞ୍ଚାୟତ ପ୍ରହଲ୍ଲାଦ କଲେଜ ପକ୍ଷରୁ ଅଧ୍ୟାପକ ନିରଞ୍ଜନ ଶତପଥୀଙ୍କ ପୌରହିତ୍ୟରେ ମଧ୍ୟ ବିଧାୟକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

## କେନାଲ ବନ୍ଧ ରାସ୍ତା ଶୋଚନୀୟ

### ପିଚୁ କରିବାକୁ ଅଞ୍ଚଳବାସୀଙ୍କ ଦାବି



**ନିଶ୍ଚିନ୍ତକୋଇଲି,୨୮ା୬(ସମିସ):** କେନ୍ଦୁପାଟଣା ଜଳସେଚନ ବିଭାଗ ଅଧୀନରେ ଥିବା ୮-ଏ (୨)ର ଉପଶାଖା କେନାଲ ବନ୍ଧ ତଥା ସାହାରେଇ ଠାକୁରାଣୀ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଟିକିଏ ବର୍ଷା ହେଲେ ଏହି ରାସ୍ତା ପାଲଟିଥିବା ଖାଲଖମାରେ ବର୍ଷା ଜଳ ଭର୍ତ୍ତି ହୋଇ ରହିବା ସହିତ କର୍ଦ୍ଦମାକ୍ତରେ ପରିପୂର୍ଣ୍ଣ ହେଉଛି। ଫଳରେ ଯାତାୟାତ ପାଇଁ ବାଟୋଇମାନେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ମାତ୍ର ୪ଶହ ମିଟର ରାସ୍ତାକୁ ପିଚୁ କରିବା ପାଇଁ ବହୁବାର ବିଭାଗୀୟ ଅଧିକାରୀଙ୍କ ନିକଟରେ ସ୍ଥାନୀୟ ଅଞ୍ଚଳର ବାସିନ୍ଦା ଦାବି କରିଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଲୋକମାନଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଦୁଇ ବର୍ଷ ତଳେ ଏହି କେନାଲ ବନ୍ଧ ରାସ୍ତାକୁ ମାଟି ପକାଇ ଓସାରିଆ କରାଯିବା ସହ ପିଚୁ କରିବା ନିମନ୍ତେ କଳା ମେଟାଲ ପକାଯାଇ ରୋଲିଂ ମଧ୍ୟ ହୋଇଥିଲା। କିଛିଦିନ ପରେ ଉକ୍ତ ରାସ୍ତାକୁ ପିଚୁ କରାଯିବା କଥା ହେଲେ ବିଭାଗୀୟ ଅବହେଳା ଯୋଗୁଁ ଏହାକୁ ପିଚୁ କରା ନ ଯିବାରୁ ଏଥିରେ ପଡ଼ିଥିବା ମେଟାଲଗୁଡ଼ିକ ବାହାରି ରାସ୍ତା ସାରା ଖାଲଖମାରେ ପରିପୂର୍ଣ୍ଣ ହୋଇଗଲାଣି। ବର୍ଷା ଋତୁ ଆସିଲେ ଏହି ରାସ୍ତା ଦେଇ ଯାତାୟାତ ସମ୍ଭବପର ହେବ ନାହିଁ ବୋଲି ଲୋକମାନେ ପ୍ରକାଶ କରିଛନ୍ତି। ଉକ୍ତ ରାସ୍ତାଟି ନିଶ୍ଚିନ୍ତକୋଇଲି ତହସିଲ, ବ୍ଲକ, ସାପ୍ତାହିକ ହାଟ, ବଜାର, ବଲ୍ଲଭୀଦେବୀ କଲେଜ ଶକ୍ତିଶ୍ୱର ପୀଠ ଏପରିକି ଅନେକ ସ୍ଥାନକୁ ଯାତାୟତ କରିବା ନିମନ୍ତେ ଏକ ମୁଖ୍ୟ ସଂଯୋଗୀକରଣ ରାସ୍ତା ଅଟେ। ଉକ୍ତ ରାସ୍ତାକୁ ପିଚୁ ରାସ୍ତାରେ ପରିଣତ କରିବା ପାଇଁ ଜିଗ୍ନୀପୁର ଓ ନତକାଇ ପଞ୍ଚାୟତବାସୀ ଦାବି କରିଛନ୍ତି।

## ସାଲେପୁର ପଞ୍ଚାୟତ ସମିତିର ଅଷ୍ଟମ ଅଧିବେଶନ

# ଚାଷ ଜମିରେ ଜଳସେଚନ ଉପରେ ଗୁରୁତ୍ୱ

ସାଲେପୁର,୨୮ ା୬(ସମିସ)

ସାଲେପୁର ପଞ୍ଚାୟତସମିତିର ଅଷ୍ଟମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ସାଲେପୁରର ବିକାଶଧାରାକୁ ସେ ଜାରି ରଖିବେ ବୋଲି ପ୍ରକାଶ କରିଥିଲେ। ପ୍ରଥମେ ବିଧାୟକ ଶ୍ରୀ ବେହେରା ସାଲେପୁର ବ୍ଲକ୍ ପରିସରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ସମିତି ଅଧିବେଶନରେ ଯୋଗଦେଇଥିଲେ। ଏଥିରେ ସାଲେପୁର ଅଞ୍ଚଳର ସମସ୍ତ ସରକାରୀ ବିଭାଗର ଅଧିକାରୀମାନେ ଯୋଗଦେଇଥିବାବେଳେ ୩୫ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ୪ଟି ଜିଲ୍ଲା ପରିଷଦ ସଦସ୍ୟ ଯୋଗଦେଇଥିଲେ। ବିଶେଷ କରି ଆଗକୁ ବର୍ଷାଦିନ ଆସୁଥିବାରୁ ନଦୀ ଓ କେନାଲବନ୍ଧ ମରାମତି, ଚାଷ ଜମିରେ ଜଳସେଚନ, ବର୍ଷାଦିନେ କିପରି ପ୍ରାଣୀଧନଙ୍କ ଚିକିତ୍ସା କରାଯିବ, ବିଦ୍ୟୁତ୍, ସ୍ୱାସ୍ଥ୍ୟ ସମସ୍ୟା, ଉଦ୍ୟାନ କୃଷି ଉପରେ ଆଲୋଚନା କରାଯାଇଥିଲା। ବିଶେଷ କରି ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ କିଭଳି ପଞ୍ଚାୟତ ଗୁଡିକରେ କାର୍ଯ୍ୟ କରାଯିବ, ସେ ଦିଗରେ ଗୁରୁତ୍ୱ ଆରୋପ କରିଥିଲେ। ସେହିପରି ବାର୍ଦ୍ଧକ୍ୟ ଭତ୍ତା, ଦିବ୍ୟାଙ୍ଗ ଭତ୍ତା, ପାନୀୟଜଳ ପରିମଳ ସମେତ ରାଜ୍ୟ ସରକାରଙ୍କ ଯୋଜନାକୁ କିଭଳି ଲୋକମାନଙ୍କ ନିକଟରେ ପହଞ୍ଚାଯାଇପାରିବ, ସେନେଇ ଆଲୋଚନା କରାଯାଇଥିଲା।



ଅଧିବେଶନ ବୈଠକରେ ମଧ୍ୟକଚ୍ଛ ପଞ୍ଚାୟତର ସରପଞ୍ଚ ଏହି ବ୍ଲକ୍‌ରେ ସରକାରୀ ଯୋଜନା ଧିମା ଗତିରେ କାର୍ଯ୍ୟକାରୀ ହେଉଥିବାରୁ ଅସନ୍ତୋଷ ପ୍ରକାଶ କରିବା ସହ ପଞ୍ଚାୟତ ସମିତିକୁ ବିଭିନ୍ନ ସମସ୍ୟା ନେଇ ଆସୁଥିବା ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗ ଲୋକମାନଙ୍କ ପାଇଁ ଅଭ୍ୟର୍ଥନା କକ୍ଷ ନ ଥିବାରୁ ସେମାନେ ଖରାତରାରେ ଅପେକ୍ଷା କରୁଥିବାରୁ ସେମାନଙ୍କ ପାଇଁ ଅଭ୍ୟର୍ଥନା ଗୃହ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ। ସେହିପରି କେନାଲରେ ପାଣି ଆସିବା ପୂର୍ବରୁ କାଡ଼ା କେନାଲ ଗୁଡିକୁ ଜଳସେଚନ ବିଭାଗ ପକ୍ଷରୁ ସଫେଇ କରାଯାଇ କିଭଳି ଚାଷ ଜମିରେ ଜଳସେଚନ କରାଯିବ, ସେ ଦିଗରେ ମଧ୍ୟ ସେ ଅଧିବେଶନରେ ଉପସ୍ଥାପନ କରିଥିଲେ। ସେହିପରି ବିଭିନ୍ନ ପଞ୍ଚାୟତରେ ବହୁ ପ୍ରଭାବଶାଳୀ ବ୍ୟକ୍ତି ସରକାରୀ ଜମିକୁ ଜବରଦଖଲ କରି ନିଜ କବ୍‌ଜାରେ ରଖିଥିବାବେଳେ ସେସବୁ ଜମିକୁ ତୁରନ୍ତ ଜବରଦଖଲମୁକ୍ତ କରିବା ପାଇଁ ପଞ୍ଚାୟତ ପ୍ରତିନିଧିମାନେ ପ୍ରସ୍ତାବ ରଖିଥିବାବେଳେ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରାଯିବ ବୋଲି ଆଲୋଚନା ହୋଇଥିଲା। ବୈଠକରେ ସାଲେପୁର ବିଡିଓ ଖଗେଶ୍ୱର ପାତ୍ର, ତହସିଲଦାର ଜୟନ୍ତ ଜୟସିଂ, ଏବିଡିଓ ସୂର୍ଯ୍ୟକାନ୍ତ ରାଉତ, ସିଡିପିଓ ସୁଷମା ମହାପାତ୍ର, ସାଲେପୁର ଆଦର୍ଶ ଥାନାଧିକାରୀ ମନୋଜ ସ୍ୱାଇଁ, ସାଲେପୁର ବ୍ଲକ୍ ଉପାଧ୍ୟକ୍ଷ ପୁଷ୍ପାଞ୍ଜଳି ବିଶ୍ୱାଳଙ୍କ ସମେତ ବିଭାଗୀୟ ଅଧିକାରୀ ଯୋଗଦେଇଥିବାବେଳେ ଜିଲ୍ଲାପରିଷଦ ସଭ୍ୟା ନମିତା ସେଠୀ, ରଞ୍ଜିତା ସେଠୀ, ହରପ୍ରସନ୍ନ ବେହେରା, ସୁନୀତା ମଲ୍ଲିକ, ସରପଞ୍ଚ ଜ୍ଞାନରଞ୍ଜନ ପଟ୍ଟନାୟକ, ପବିତ୍ର ସାମଲ, ପ୍ରଭାତ ପାତ୍ର, ରଶ୍ମିତା ଦାସ, ମାଣିକ ବେହେରା, ସମିତିସଭ୍ୟା ଗୌତମୀ ମଲ୍ଲିକ, ପୁଷ୍ପିତା ଭୂୟାଁ, ମାନସ ରଞ୍ଜନ ଦାଶ ଏବଂ ବହୁ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଭାଗ ନେଇଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୯୫ ● ପାଉଣ୍ଡ ୧୦୫.୭୫
- ୟୁରୋ ୮୯.୫୨ ● ୟେନ୍ ୦.୫୧

**ସୁନା, ରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୬,୩୦୦ (ନୂଆଦିଲ୍ଲୀ)
- ରୁପା : ୯୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୯,୦୩୨.୦୦
- ନିଫ୍ଟି ୨୪,୦୧୦.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



## ବରପାଲିରେ ଭୋଲଟାସ୍‌ର ପ୍ରଥମ ବ୍ରାଣ୍ଡ ଶପ୍ ଉଦ୍‌ଘାଟିତ




**ଭୁବନେଶ୍ୱର,୨୮।୬(ସମିସ):** ଭୋଲଟାସ୍ ଲିମିଟେଡ୍ ପକ୍ଷରୁ ବରପାଲିରେ ଏହାର ପ୍ରଥମ ବ୍ରାଣ୍ଡ ଶପ୍ 'ନିୟୁ ପାତ୍ର ନିଡ୍ସ' ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟରେ କମ୍ପାନୀରେ ଏହା ୨୩ ତମ ବ୍ରାଣ୍ଡ ଶପ୍। ଭୋଲଟାସ୍‌ର ଦେଶବ୍ୟାପୀ ୩୦୦ରୁ ଅଧିକ ଏକ୍ସକ୍ଲୁଶିଭ୍ ବ୍ରାଣ୍ଡ ଆଉଟ୍‌ଲେଟ୍ (ଇବିଓ) ରହିଛି। ବରପାଲିସ୍ଥିତ ବ୍ରାଣ୍ଡ ଶପ୍‌ରେ ନୂଆ ରେଞ୍ଜର ଭୋଲଟାସ୍ ଓ ଭୋଲ୍‌ଟାସ୍ ବେକୋ ଉତ୍ପାଦ, ଏସି, ୱାଟର ହିଟର, ଏୟାର କୁଲର, ବାଣିଜ୍ୟିକ ରେଫ୍ରିଜରେଟର, ୱାଟର ଡିସ୍‌ପେନ୍‌ସର, ୱାଟର କୁଲର, ୱାଶିଂ ମେସିନ୍, ମାଇକ୍ରୋୱେଭ୍‌ସ ଏବଂ ଡିସ୍‌ୱାଶର ଆଦି ରହିଛି। ଏହି ଅବସରରେ ଭୋଲଟାସ୍ ଲିମିଟେଡ୍‌ର ଏମ୍‌ଡି ତଥା ସିଇଓ ପ୍ରଦୀପ ବକ୍ସି କହିଛନ୍ତି ଯେ, ପ୍ରଥମ ଭୋଲଟାସ୍‌ର ବ୍ରାଣ୍ଡ ଶପ୍ ଖୋଲି ଆମେ ଆନନ୍ଦିତ। ଆମେ ଆମର ଗ୍ରାହକମାନଙ୍କର ଦୈନିକ ଆବଶ୍ୟକତା ପୂରଣ କରିବା ଲାଗି କ୍ରମାଗତ ଭାବେ ସମସ୍ତ ପ୍ରକାର ଅତ୍ୟାଧୁନିକ ଟେକ୍ନୋଲୋଜି ବିଶିଷ୍ଟ ଉତ୍ପାଦ ଯୋଗାଇ ଦେଉଛୁ।

## ନିର୍ବାଚନ ପରେ ହୁ-ହୁ ବଢୁଛି ବଜାର ଦର | ମହଙ୍ଗା ବିସ୍ଫୋରଣ

### ଟାରିଫ୍‌ରେ ୨୫% ବୃଦ୍ଧି କଲେ ଟେଲିକମ୍ ଅପରେଟର

**ଭୁବନେଶ୍ୱର, ୨୮।୬ (ସମିସ):** ନିର୍ବାଚନ ସରିବାର ମାସଟିଏ ବି ହୋଇନାହିଁ। ଦରଦାମ ବୃଦ୍ଧି ଛାଟରେ ସାଧାରଣ ଖାଉଟି ଅତିଷ୍ଠ ହେଲେଣି। ମହଙ୍ଗା ବିସ୍ଫୋରଣରେ ପ୍ରତ୍ୟେକ ବର୍ଗର ଲୋକମାନେ ତ୍ରାହି ତ୍ରାହି ଡ଼ାକ ଡ଼ାକିଲେଣି। ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ବୃଦ୍ଧିରେ ଗରିବ ଓ ମଧ୍ୟବିତ୍ତ ଲୋକଙ୍କ ବଜେଟ୍‌କୁ ବିଗାଡ଼ି ଦେଇଛି। ତେଜରାତି ସାମଗ୍ରୀଠାରୁ ଆରମ୍ଭ କରି ପନିପରିବା ଯାଏ ସବୁର ଦର ହୁ ହୁ ହୋଇ ବୃଦ୍ଧି ପାଇବାରେ ଲାଗିଛି। ଏହି ସମୟରେ "ବେଢି ଉପରେ କୋରଡା ମାଡ଼' ପରି ଟେଲିକମ୍ ଅପରେଟରମାନେ ଟାରିଫ୍ ବଢ଼ାଇଛନ୍ତି। ରେଲିଆନ୍ସ ଜିଓ ଓ ଏୟାରଟେଲ୍ ୨୫% ପର୍ଯ୍ୟନ୍ତ ଟାରିଫ୍ ବୃଦ୍ଧି କରିଥିବାବେଳେ ଭୋଡ଼ାଫୋନ-ଆଇଡ଼ିଆ ଖୁବ୍ ଶୀଘ୍ର ଟାରିଫ୍ ବଢ଼ାଇବ ବୋଲି ସୂଚନା ମିଳିଛି।

ନିର୍ବାଚନ ପରେ ମୂଲ୍ୟବୃଦ୍ଧି ଏକ ସାଧାରଣ ଘଟଣାରେ ପରିଣତ ହୋଇଛି। ମାତ୍ର ଚଳିତ ବର୍ଷ ନିର୍ବାଚନ ପରେ ବଜାର ଯେପରି ଉଚ୍ଚା ହୋଇଛି ଓ ଦରଦାମ ହୁହୁ ହୋଇ ବଢ଼ିବାରେ ଲାଗିଛି ତାହା ସବୁ ବର୍ଗକୁ ପ୍ରଭାବିତ କରିଛି। ଡାଲି, ଚାଉଳ, ଅଟା, ଖାଇବା ତେଲ ଭଳି ତେଜରାତି ସାମଗ୍ରୀ ସହ ପନିପରିବା ଦର ବଢ଼ି ଚାଲିଛି। ପନିପରିବା ତ ଦୁର୍ମୂଲ୍ୟ ହୋଇଛି; ତେଜରାତି ସାମଗ୍ରୀର ମୂଲ୍ୟ ୧୦%ରୁ ୩୦% ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ପ୍ରତି ମାସରେ ଦୁଇ ଦୁଇ ଥର ତେଜରାତି ସାମଗ୍ରୀର ଦର ବଢୁଛି। ଗତ ସପ୍ତାହରେ ଖୁଚୁରା ବଜାରରେ ଚାଉଳ, ଅଟା, ସୁଜି ଏବଂ ମଇଦା ଦର କିଲୋ ପିଛା ୧୦-୧୫ ଟଙ୍କା ବୃଦ୍ଧି ହୋଇଥିଲା। ଏବେ ଡ଼ାଲି ବି ମହଙ୍ଗା ହେଲାଣି । ଉଭୟ ଖୁଚୁରା ଓ ପାଇକାରୀ ବଜାରରେ ହରଡ଼, ବିରି, ମୁଗ ଆଉ ମସୁର ଡାଲି ଖାଉଟିଙ୍କୁ ବ୍ୟତିବ୍ୟସ୍ତ କରିଛି। ହରଡ ଡାଲି କିଲୋ ପିଛା ୧୮୦ରୁ ୧୯୦ ଟଙ୍କାକୁ ବୃଦ୍ଧି ପାଇଥିବାବେଳେ ଅଟା କିଲୋ ପିଛା ୫୦ ଟଙ୍କା ଛୁଇଁଲାଣି। ସେହିପରି ଉଷୁନା ଚାଉଳ କିଲୋ ପିଛା ୪୦ ରୁ ୪୮ ଟଙ୍କା ସ୍ତରକୁ ବୃଦ୍ଧି ପାଇଛି। ପନିପରିବା ବଜାରରେ ତ ଅବସ୍ଥା ସଙ୍ଗୀନ। ଆଳୁ ଓ ପିଆଜ ମୂଲ୍ୟ ବୃଦ୍ଧି ସାଧାରଣ ଲୋକଙ୍କ ପାଇଁ କଷ୍ଟକର ହୋଇଛି। ଆଳୁ କିଲୋ ପିଛା ୩୫ ଟଙ୍କା ଏବଂ ପିଆଜ ୪୫-୫୦ ଟଙ୍କା ଛୁଇଁଛି। ସବୁ ପନିପରିବା ଦର କିଲୋ ପିଛା ହାରାହାରି ୮୦ ଟଙ୍କା ଉପରେ ରହିଛି। ଟମାଟୋ ଦର ଶହେ ଛୁଇଁବାକୁ ବସିଲାଣି। ବର୍ଷା ଆରମ୍ଭରୁ ଏହି ସ୍ଥିତି ଉପୁଜିଥିବାବେଳେ ଆଗକୁ ପରିସ୍ଥିତି ଅଣାୟତ୍ତ ହୋଇପାରେ ବୋଲି ଖାଉଟି ଆଶଙ୍କା କଲେଣି। ଏପରି ସ୍ଥିତିରେ ଟେଲିକମ୍ ଅପରେଟରଙ୍କ ଟାରିଫ୍ ବୃଦ୍ଧି ଖାଉଟିଙ୍କ ବୋଝ ଉପରେ ନଳିତାବିଡ଼ା ହୋଇଛି। ଗୁରୁବାର ରିଲାଏନ୍ସ ଜିଓ ଟାରିଫ୍ ୧୫-୨୫% ଯାଏ ବୃଦ୍ଧି କରିଛି। ଜିଓର ୮୪ ଦିନିଆ ୬୬୬ ଟଙ୍କିଆ ପ୍ଲାନ୍ ଏବେ ୭୯୯ ଟଙ୍କାକୁ ବୃଦ୍ଧି ଘଟିଛି। ସେହିପରି ଶୁକ୍ରବାର ଏୟାରଟେଲ୍ ମଧ୍ୟ ଟାରିଫ୍ ମୂଲ୍ୟ ୧୦-୨୧% ଯାଏ ବଢ଼ାଇଦେଇଛି। ଏୟାରଟେଲ୍‌ର ୮୪ ଦିନିଆ ୭୧୯ ଟଙ୍କିଆ ପ୍ଲାନ୍ ଏବେ ୮୫୯ ଟଙ୍କା ହୋଇଛି।






**ଟାରିଫ୍‌ର ମୂଲ୍ୟ ୨୫% ଯାଏ ବଢ଼ାଇଲେ ରିଲାଏନ୍ସ ଜିଓ, ଏୟାରଟେଲ୍, ଭୋଡ଼ାଫୋନ୍**

## ସେଣ୍ଟ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟର ଛାତ୍ର ସଂସଦ ସମାବର୍ତ୍ତନ ଉତ୍ସବ



**କଟକ, ୨୮।୬(ସମିସ):**

କଟକ ବାରବାଟୀ ଷ୍ଟାଡିୟମ ପରିସରରେ ଥିବା ସେଣ୍ଟ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟର ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ଛାତ୍ର ସଂସଦର ସମାବର୍ତ୍ତନ ଉତ୍ସବ ଓସିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ପୁଲିସ କମିଶନର ସ୍ୱସ୍ତିକ ପଣ୍ଡା ସମ୍ମାନିତ ଅତିଥି ରୂପେ ବିଦ୍ୟାଳୟର ଏମ୍‌ଡି ପ୍ରଭୁ ଚରଣ ମହାନ୍ତି ଓ ସେଣ୍ଟ ଜାଭିୟର୍ସ ଗ୍ରୁପ ଅଫ ସ୍କୁଲର ସିଇଓ ମୁକେଶ ସରାଫ ଉପସ୍ଥିତ ରହି ଚାରଗୋଟି ହାଉସର ନୂତନ ଦଳପତି ମାନଙ୍କୁ ବିଦ୍ୟାଳୟର ଉନ୍ନତି ପାଇଁ ସବୁମତେ ଚେଷ୍ଟା କରିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଡଃ ପ୍ରିୟଦର୍ଶୀ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ର ମୁଖ୍ୟ ଭାବେ ଆୟୁଷ ବେହେରା, ଛାତ୍ରୀ ମୁଖ୍ୟ ଭାବେ ନନ୍ଦିନୀ ଉପାଧ୍ୟାୟଙ୍କ ସମେତ ସେକ୍ରେଟାରୀ ଓ କ୍ୟାପଟେନମାନଙ୍କୁ ବଛାଯାଇ ବ୍ୟାଚ ଓ ସାସ ପ୍ରଦାନ କରାଯାଇଥିଲା। ଚାରିଗୋଟି ଗୃହ ଦଳପତିଙ୍କ ବ୍ୟତିତ ଲିଟେରାରୀ ସେକ୍ରେଟାରୀ, ସ୍ପୋର୍ଟସ ସେକ୍ରେଟାରୀ, ଏଜୁକେଶନ ସେକ୍ରେଟାରୀ, କଲ୍ଚରାଲ ସେକ୍ରେଟାରୀ ମାନଙ୍କୁ ମଧ୍ୟ ବଛା ଯାଇଥିଲା। ବିଦ୍ୟାଳୟର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଆର୍ଟ ଏଣ୍ଡ କ୍ରାଫ୍ଟ କ୍ଲବ, ଏନଭାୟରମେଣ୍ଟ କ୍ଲବ୍, ହେଲଥ କ୍ଲବ୍ ଏବଂ ବିୟୁଟିଫିକେସନ କ୍ଲବର ସେକ୍ରେଟାରୀ ମାନଙ୍କୁ ମଧ୍ୟ ନିର୍ବାଚିତ କରାଯାଇଥିଲା ଓଆସନ୍ତା ଜୁଲାଇ ପହିଲାରୁ ସେମାନେ କାର୍ଯ୍ୟଭାର ସମ୍ଭାଳିବେ ବୋଲି ଜାଭିୟର୍ସ ଗ୍ରୁପ୍‌ର ଅନ୍ୟତମ ନିର୍ଦ୍ଦେଶକ ସମ୍ୟକ୍ ମହାନ୍ତି ସୂଚନା ଦେଇଛନ୍ତି।

## ଇନ୍ଧନ ସଞ୍ଚୟକାରୀ ବାଣିଜ୍ୟିକ ଯାନ ଟାୟାର 'ମିଶେଲିନ୍ ଏକ୍ସ' ବଜାରରେ

**ନୂଆଦିଲ୍ଲୀ,୨୮।୬:** ବିଶ୍ୱରେ ଟାୟାର ପ୍ରଯୁକ୍ତି କ୍ଷେତ୍ରରେ ଅଗ୍ରଣୀ ମିସେଲିନ୍ ତାହାର ସର୍ବାଧିକ ଇନ୍ଧନ ସଞ୍ଚୟକାରୀ ଟ୍ରକ ଓ ବସ୍ ଟାୟାର ମିଶେଲିନ୍ ଏକ୍ସ ମଲ୍‌ଟି ଏନର୍ଜି ଜେଡ+ ଭାରତୀୟ ବଜାରରେ ପ୍ରବେଶ ସମ୍ପର୍କରେ ଘୋଷଣା କରିଛି। ଭାରତ ନିର୍ମିତ ଏହି ସର୍ବାଧୁନିକ ଟାୟାର ଭାରତୀୟ ସଡ଼କ ଏବଂ ଭାର ସ୍ଥିତିକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ କରାଯାଇଛି ଏବଂ ଏଥିରେ ଭାରତୀୟ ଫ୍ଲିଟ୍ ମାଲିକମାନଙ୍କର ଇନ୍ଧନ ସଞ୍ଚୟକାରୀ ଟାୟାର ନିମନ୍ତେ ବର୍ଦ୍ଧିତ ଦାବିକୁ ମଧ୍ୟ ବିଚାରକୁ ନିଆଯାଇଛି। ମିଶେଲିନ୍ ଏକ୍ସ ମଲ୍‌ଟି ଏନର୍ଜି ଜେଡ+ ଟାୟାର ପ୍ରଯୁକ୍ତିରେ ଏକ ଉଲ୍ଲେଖନୀୟ ଅଗ୍ରଗତିର ପ୍ରତିନିଧିତ୍ୱ କରୁଛି ଯାହା ଶିଳ୍ପର ସର୍ବନିମ୍ନ ରୋଲିଂ ପ୍ରତିରୋଧୀ ସାମର୍ଥ୍ୟ ପ୍ରଦାନ କରୁଛି ଏବଂ ତଦ୍ୱାରା ୧୫% ପର୍ଯ୍ୟନ୍ତ ଇନ୍ଧନ ସଞ୍ଚୟ କରୁଛି। ଏହି ଟ୍ୟୁବଲେସ୍ ଟ୍ରକ ଟାୟାରର ଆକାର ୨୯୫/୮୦ଆର୍ ୨୨.୫ ରହିଛି ମିଶେଲିନ୍ ଏକ୍ସ ମଲ୍‌ଟି ଏନର୍ଜି ଜେଡ ର ଉନ୍ନତ ସଂସ୍କରଣ ହୋଇଛି ଏବଂ ଏହା ଅଙ୍ଗାରକାମ୍ଳ ନିର୍ଗମନକୁ ୮ ଟନ୍‌ଅଞ୍ଚ ପର୍ଯ୍ୟନ୍ତ ହ୍ରାସ କରିବାରେ ସହାୟତା କରିବାକୁ ଡିଜାଇନ କରାଯାଇଥିବା ଶାନ୍ତନୁ ଦେଶପାଣ୍ଡେ, ମ୍ୟାନେଜିଂ ଡାଇରେକ୍ଟର, ମିଶେଲିନ୍ ଇଣ୍ଡିଆ କହିଛନ୍ତି।



### ସିଆଇଆଇ 'ଫାର୍ମ ୨ ଫୋର୍କ'ର ୧୦ମ ସଂସ୍କରଣରେ କୃଷି

## ରପ୍ତାନିରେ ଉନ୍ନତିର ସମ୍ଭାବନା ଉପରେ ଆଲୋକପାତ

**ଭୁବନେଶ୍ୱର,୨୮।୬(ସମିସ)**




କନଫେଡେରେସନ ଅଫ ଇଣ୍ଡିଆନ ଇଣ୍ଡଷ୍ଟ୍ରି (ସିଆଇଆଇ) ପକ୍ଷରୁ ସିଆଇଆଇ ଫାର୍ମ ୨ ଫୋର୍କର ୧୦ମ ସଂସ୍କରଣ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଧିବେଶନରେ ରାଜ୍ୟର କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ ସାମଗ୍ରୀର ରପ୍ତାନି ବୃଦ୍ଧିର ସୁଯୋଗ ଉପରେ ଆଲୋକପାତ କରାଯାଇଛି। ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ ହୋଇଥିବାରୁ ଅଂଶୀଦାରମାନେ ରପ୍ତାନିରେ ସୁଯୋଗର ଫାଇଦା ଉଠାଇପାରିବେ ଏବଂ ଏଥିରେ ଥିବା ସମ୍ଭାବନା ଓ ଆହ୍ୱାନଗୁଡ଼ିକ ଉପରେ ଆଲୋଚନା କରିପାରିବେ। କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ସିଆଇଆଇ ଇଆର ସରକାରୀ ଶିଳ୍ପ, ଏଗ୍ରି ଆଣ୍ଡ ଫୁଡ ପ୍ରୋସେସିଂ ଫୋରମର ଅଧ୍ୟକ୍ଷ ତଥା ଆଇଟିସି ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବି ସୁମନ୍ତ ଓଡ଼ିଶାରେ ଧାନ, ଗହମ ଓ ଅର୍ଗାନିକ ମସଲାର ରପ୍ତାନୀକୁ ନେଇ ବ୍ୟାପକ ସମ୍ଭାବନା ଥିବା କହିଛନ୍ତି। ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଓଡ଼ିଶାରେ ଧାନ ଚାଷରେ ସାର ବ୍ୟବହାର ପରିମାଣ କମ୍ ରହିଛି। ଏଭଳି ସ୍ଥଳେ ଚାଷୀମାନେ 'ଫୁଡ୍ ସେଫ୍' ଧାନ ଚାଷ କରିବା ଉପରେ ଧ୍ୟାନଦେଲେ ତାହାକୁ ରପ୍ତାନି କରାଯାଇପାରିବ ଯାହାର ଅନ୍ତର୍ଜାତୀୟ ବଜାରରେ ବିପୁଳ ଚାହିଦା ରହିଛି। ରାଜ୍ୟର ପାଣିପାଗ ଅର୍ଗାନିକ୍ ଚାଷକୁ ବେଶ ସୁହାଉଛି। ଅର୍ଗାନିକ ମସଲା ଚାଷ କରି ତାହାକୁ ରପ୍ତାନି କରାଯାଇପାରିବ ଯାହାର ୟୁରୋପର ବିପୁଳ ଚାହିଦା ରହିଛି ବୋଲି ସେ କହିଛନ୍ତି।

ସିଆଇଆଇ ପୂର୍ବାଞ୍ଚଳର ଅଧ୍ୟକ୍ଷ ତଥା ଆରଏସବି ଟ୍ରାନ୍ସମିସନସ (ଆଇ) ଲିମିଟେଡର ଉପାଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଶୁଭେନ୍ଦ୍ର କୁମାର ବେହେରା କହିଛନ୍ତି, ଆମେ ଯେତେବେଳେ ରପ୍ତାନି ପାଇଁ ଚିନ୍ତା କରୁଛୁ, ଆମର ଗୁଣବତ୍ତା ସ୍ତର ଅନ୍ତର୍ଜାତୀୟ ସ୍ତରରେ ଗ୍ରହଣୀୟ ହେବା ଉଚିତ। ନଚେତ୍ ବିଶ୍ୱ ବଜାରରେ କୃଷି ଉତ୍ପାଦ ରପ୍ତାନି କରିବା କଷ୍ଟକର ହୋଇଯାଏ। ବାଂଲାଦେଶ ଡେପୁଟି ହାଇ କମିସନର ଅନ୍ଦାଲିବ ଇଲିଆସ୍ ବିଶିଷ୍ଟ ବକ୍ତା ଭାବେ ଯୋଗ ଦେଇ ଭାରତ ଓ ବାଂଲାଦେଶ ମଧ୍ୟରେ ରେଳ ଓ ଜଳପଥରେ ପରିବହନ ସଂଯୋଗ ସ୍ଥାପନକୁ ନେଇ ରହିଥିବା ସମ୍ଭାବନା ଉପରେ ଆଲୋକପାତ କରିଥିଲେ। ଏହି ସମାରୋହରେ ମତବ୍ୟକ୍ତ କରି ସିଆଇଆଇ ଓଡ଼ିଶା ପରିଷଦର ଅଧ୍ୟକ୍ଷ ତଥା ସୁରେନ୍ଦ୍ର ମାଇନିଂ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ୍ ଲିମିଟେଡର ଅଧ୍ୟକ୍ଷ ଡା. ପ୍ରଦୀପ୍ତ ମହାନ୍ତି କହିଛନ୍ତି ଯେ ରାଜ୍ୟର ୬୦ ପ୍ରତିଶତ ଶ୍ରମ ଶକ୍ତି କୃଷି କ୍ଷେତ୍ର ଉପରେ ନିର୍ଭରଶୀଳ ଥିବା ବେଳେ କୃଷକମାନଙ୍କ ଆୟ ବଢ଼ାଇବା ଏକ ଆହ୍ୱାନ ହୋଇରହିଛି। ଓଡ଼ିଶା ହେଉଛି ଦେଶର ଏକ ପ୍ରମୁଖ ଧାନ ଉତ୍ପାଦନ କରୁଥିବା ରାଜ୍ୟ। ଏହା ସହିତ ଏଠାରେ ଫଳ, ପନିବରିବା ଏବଂ ଚିଙ୍ଗୁଡ଼ି ମଧ୍ୟ ବିପୁଳ ପରିମାଣରେ ଉତ୍ପାଦନ ହେଉଛି। ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଉପାଧ୍ୟକ୍ଷ ତଥା ବେଦାନ୍ତ ଲିମିଟେଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁନିଲ ଗୁପ୍ତା କାର୍ଯ୍ୟକ୍ରମର ସମାପନ କରିଥିଲେ।

## ନୂତନ ୱାନ୍‌ପ୍ଲସ୍ ସିଇ୪ ଲାଇଟ୍ ୫ଜିର ଶୁଭାରମ୍ଭ

**ବେଙ୍ଗାଲୁରୁ,୨୮।୬:** ୱାନପ୍ଲସ ଆଜି ଭାରତରେ ନୂଆ ୱାନପ୍ଲସ ନର୍ଡ଼ ସିଇ୪ ଲାଇଟ୍ ୫ଜିକୁ ଉନ୍ମୋଚନ କରିଛି। ୫,୫୦୦ ଏମଏଏଚ ଉଚ୍ଚ କ୍ଷମତା ବିଶିଷ୍ଟ ବ୍ୟାଟେରୀ, ୮୦ୱାଟ ସୁପରଭୋକ୍ ଫାଷ୍ଟ ଚାର୍ଜିଂ, ୧୨୦ଏଚଜେଡ ସୁପର-ଉଜ୍ଜ୍ୱଳ ୨,୧୦୦ ନିଟ୍ ଆମଲେଡ ଡିସପ୍ଲେ, ଆକ୍ୱା ଟଚ୍ ଏବଂ ଓଆଇଏସ୍ ସହିତ ସୋନି ଲିଟିଆ ୬୦୦ କ୍ୟାମେରା ବିଶିଷ୍ଟ ୱାନପ୍ଲସ୍ ନୋର୍ଡ ନର୍ଡ଼ ସିଇ୪ ଲାଇଟ୍ ୫ଜି ଏକ ଫ୍ଲାଗସିପ୍-ପ୍ରତିଦ୍ୱନ୍ଦ୍ୱୀ ଦୀର୍ଘସ୍ଥାୟୀ ଅନୁଭୂତି ପ୍ରଦାନ କରୁଛି ଯାହା ସମସ୍ତ ଆଶାଠାରୁ ଅଧିକ। ୱାନପ୍ଲସର ସଭାପତି ତଥା ସିଓଓ କିଣ୍ଡର ଲିଉ କହିଛନ୍ତି।

## ରିଲାଏନ୍ସ ନିପ୍ପନ ଲାଇଫ୍ ଇନସ୍ୟୁରାନ୍ସ ପକ୍ଷରୁ ୩୪୬ କୋଟିର ବୋନସ୍ ଘୋଷଣା

**ମୁମ୍ବଇ,୨୮।୬:** ରିଲାଏନ୍ସ ନିପ୍ପନ ଲାଇଫ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ଼ (ଆରଏନଏଲଆଇସି) ଆର୍ଥିକ ବର୍ଷ ୨୪ରେ ଏହାର ଅଂଶ ଗ୍ରହଣକାରୀ ବୀମା ଧାରକ ମାନଙ୍କ ପାଇଁ ୩୪୬ କୋଟି ଟଙ୍କାର ସମୁଦାୟ ବୋନସ ଘୋଷଣା କରିଛି। ଆର୍ଥିକ ବର୍ଷ ୨୪ ପାଇଁ କମ୍ପାନୀ ଏକ ବିରାଟ ଆର୍ଥିକ ସଫଳତାକୁ ନିମ୍ନମତେ ପ୍ରଦର୍ଶିତ କରିଛି- ବ୍ୟକ୍ତିଗତ ନୂତନ ବ୍ୟବସାୟିକ ପ୍ରିମିୟମରେ ୧୦ ପ୍ରତିଶତ ବୃଦ୍ଧି। ଏୟୁଏମରେ ୧୬ ପ୍ରତିଶତ ବୃଦ୍ଧି ଏବଂ ୧୩ତମ ମାସିକ ଦୃଢ଼ ଅଭିବୃଦ୍ଧି ୮୨.୫ ପ୍ରତିଶତ କମ୍ପାନୀ ୧୯୮ କୋଟି ଟଙ୍କାର କର ପୂର୍ବାଂଶ ଲାଭର ଘୋଷଣା କରିଛି ଯାହାକି ଆର୍ଥିକ ବର୍ଷ ୨୩ ଠାରୁ ୮୪ ପ୍ରତିଶତ ବୃଦ୍ଧିକୁ ପ୍ରତିନିଧିତ୍ୱ କରୁଛି। ଏହି ଘୋଷଣା ମୁତାବକ, ମାର୍ଚ୍ଚ ୩୧, ୨୦୨୪ ପର୍ଯ୍ୟନ୍ତ ଯେଉଁମାନେ ଏହି ପଲିସିରେ ଅଂଶଗ୍ରହଣ କରିଥିଲେ ସେମାନେ ସମସ୍ତେ ଘୋଷିତ ଏହି ବୋନଓ ଦ୍ୱାରା ଯୋଗ୍ୟ ପଲିସିଧାରୀ ଭାବେ ଲାଭବାନ ହୋଇପାରିବେ ବୋଲି ଆଶୀଷ ଭୋରା, ଇଡ଼ି ଆଣ୍ଡ ସିଇଓ, ରିଲାଏନ୍ସ ନିପ୍ପନ ଲାଇଫ ଇନସୁରାନ୍ସ କହିଛନ୍ତି।

### ପୂର୍ଣ୍ଣାଙ୍ଗ ବଜେଟ ଆଣିବେ ନିର୍ମଳା

## ବଜେଟରେ ଅଣ-ଟିକସ ରାଜସ୍ୱରେ ବୃଦ୍ଧି ବଡ଼ ଆହ୍ୱାନ

**ନୂଆଦିଲ୍ଲୀ,୨୮।୬(ଏଜେନ୍ସି)**




**ଆୟକର ସ୍ଲାବ୍ ଯୁକ୍ତିସଙ୍ଗତ କରିବା କଠିନ ହେବ**

**ଅର୍ଥନୈତିକ ଏଜେଣ୍ଡା ଉପରେ ରହିବ ଗୁରୁତ୍ୱ**

**ଆର୍ଥିକ ଅଭିବୃଦ୍ଧିକୁ ଦେବେ ଜୋର**

କେନ୍ଦ୍ରର ନରେନ୍ଦ୍ର ମୋଦିଙ୍କ ନୂତନ ସରକାରରେ ନିର୍ମଳା ସୀତାରମଣ ପୁଣି ଥରେ ଅର୍ଥ ମନ୍ତ୍ରଣାଳୟର ଦାୟିତ୍ୱ ଗ୍ରହଣ କରିଛନ୍ତି। ଆସନ୍ତା ମାସରେ ନୂତନ ସରକାରର ପ୍ରଥମ ବଜେଟ୍ ଉପସ୍ଥାପନ କରୁଥିବାବେଳେ ନିର୍ମଳା ସୀତାରମଣ ସରକାରଙ୍କ ଆର୍ଥିକ ଏଜେଣ୍ଡା ଉପସ୍ଥାପନ କରିପାରିବେ। ମୁଦ୍ରାସ୍ଫୀତି ଉପରେ କୌଣସି ପ୍ରଭାବ ନ ଦେଇ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାକୁ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ। ଏହା ସହିତ ମେଣ୍ଟ ସରକାରର ପ୍ରତିବନ୍ଧକକୁ ଦୃଷ୍ଟିରେ ରଖି ସରକାରଙ୍କୁ ରାଜସ୍ୱ ଉତ୍ସ ଖୋଜିବାକୁ ପଡ଼ିବ। ଯେହେତୁ ପୂର୍ବ ଅବଧିରେ ସରକାରଙ୍କ ଆର୍ଥିକ ଏଜେଣ୍ଡାକୁ ଆଗେଇ ନେବାରେ ନିର୍ମଳା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ତେଣୁ ଚଳିତଥର ମଧ୍ୟ ତାଙ୍କ ଉପରେ ସେହି ଭାର ଆଉ ଟିକେ ଅଧିକ ରହିବ। ସୀତାରମଣଙ୍କ ଆର୍ଥିକ ଏଜେଣ୍ଡାରେ ଭାରତକୁ ୫ ଟ୍ରିଲିୟନ୍ ଡଲାରର ଅର୍ଥ ବ୍ୟବସ୍ଥାରେ ପରିଣତ କରିବା ଏବଂ ୨୦୪୭ ପର୍ଯ୍ୟନ୍ତ ଦେଶକୁ ଏକ ବିକଶିତ ଭାରତରେ ପରିଣତ କରିବା ପାଇଁ ସଂସ୍କାର କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ପଡିବ। ବଜେଟରେ ଦେଶର ଅଣ-ଟିକସ ରାଜସ୍ୱରେ ବୃଦ୍ଧି ଅର୍ଥମନ୍ତ୍ରୀଙ୍କ ଆଗରେ ବଡ଼ ଆହ୍ୱାନ ଭାବେ ଉଭା ହେବ। ଏହା ସହିତ ଆୟକର ସ୍ଲାବ୍ ତର୍କ ସଙ୍ଗତ କରିବା ସରକାରଙ୍କ ପାଇଁ କଠିନ ପାଠ ହେବ। ମୋଦୀ ସରକାରଙ୍କ ତୃତୀୟ କାର୍ଯ୍ୟକାଳର ପ୍ରମୁଖ ପ୍ରାଥମିକତା ମଧ୍ୟରେ କୃଷି କ୍ଷେତ୍ରରେ ଚାପ କମ୍ କରିବା, ନିଯୁକ୍ତି ସୃଷ୍ଟି, ପୁଞ୍ଜି ବ୍ୟୟର ଗତି ବଜାୟ ରଖିବାକୁ ହେବ।

ଟିକସ ରାଜସ୍ୱ ବୃଦ୍ଧି ସତ୍ତ୍ୱେ ଦେଶରେ ଅଣ-ଟିକସ ସୂତ୍ରରୁ ରାଜସ୍ୱ ସଂଗ୍ରହ ସରକାରଙ୍କ୍ ଆଗରେ ବଡ଼ ଆହ୍ୱାନ ଭାବେ ମୁଣ୍ଡ ଟେକିବ। ଏହାର କାରଣ ହେଉଛି ରଣନ .ତିକ ବିନିଯୋଗ ପ୍ରାୟ ନଗଣ୍ୟ। ସିଫି କର୍ପୋରେସନ୍, ଏନ୍‌ଏମ୍‌ଡିସି ଷ୍ଟିଲ୍ ଲିମିଟେଡ୍, ବିଇଏମ୍‌ଏଲ୍, ପିଡିଆଇଏଲ୍ ଏବଂ ଏଚ୍‌ଏଲ୍‌ଏଲ୍ ଲାଇଫ୍ କେୟାର ସହିତ ଅନେକ କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡିକର ରଣନୀତିକ ବିକ୍ରୟ ପ୍ରକ୍ରିୟା ଚାଲିଛି। ଅପରପକ୍ଷେ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ସଂସ୍କାର ସାମ୍ନାରେ କେନ୍ଦ୍ର ସରକାର ମଧ୍ୟ ବହୁ ବିରୋଧର ସମ୍ମୁଖୀନ ହେଉଛନ୍ତି। ଏହା କେତେକ ସରକାରୀ କ୍ଷେତ୍ରର ବ୍ୟାଙ୍କ ସହିତ ବୀମା କମ୍ପାନୀଗୁଡିକର ଘରୋଇକରଣ ନୀତିକୁ ଆଗକୁ ବଢ଼ାଇନେବାରେ ବିଫଳ ହୋଇଛି। ଟିକସ ରାଜସ୍ୱ ଦୃଷ୍ଟିରୁ ମାସିକ ଦ୍ରବ୍ୟ ଏବଂ ସେବା କର (ଜିଏସ୍‌ଟି) ସଂଗ୍ରହ ବେଶ ଭଲ ରହିଥିଲେ ସୁଦ୍ଧା କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ନେତୃତ୍ୱରେ ଜିଏସଟି ପରିଷଦକୁ ଟିକସ ହାର ଏବଂ ସ୍ଲାବ୍‌ର ସମାନ୍ତରଣ ସହିତ ଜିଏସ୍‌ଟି ୨.୦ ଆରମ୍ଭ କରିବାକୁ କଠିନ ପରିଶ୍ରମ କରିବାକୁ ପଡିବ। ଏହାବ୍ୟତୀତ ବଜେଟରେ ସରକାର ବେତନଭୋଗୀଙ୍କ ଲାଗି କିଛି ଆଖିଦୃଶିଆ ଘୋଷଣଶ କରିପାରନ୍ତି। ଯେପରିକି ଆୟକର କ୍ଷେତ୍ରରେ ସ୍ଲାବ୍‌ରେ ବୃଦ୍ଧି କରି ଅର୍ଥମନ୍ତ୍ରୀ ଚାକିରିଆଙ୍କୁ ସନ୍ତୁଷ୍ଟ କରିବା ସମ୍ଭାବନା ରହିଛି।

## ଚାର୍ଟାର୍ଡ ଆକାଉଟାଣ୍ଟ ଜାତୀୟ ସମ୍ମିଳନୀ



**ଭୁବନେଶ୍ୱର, ୨୮।୬(ସିମସ):** ଭାରତୀୟ ଚାର୍ଟାର୍ଡ ଆକାଉଟାଣ୍ଟର କଟକ ଶାଖା ପକ୍ଷରୁ ଦୁଇ ଦିନିଆ ଜାତୀୟ ସମ୍ମିଳନୀ ପାହାଲ ସ୍ଥିତ ପାଲହାଇଟ୍ ମନ୍ତ୍ରାର ସମ୍ମିଳନୀ କକ୍ଷରେ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହାକୁ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଭାରତୀୟ ତୈଳ ନିଗମର ଅର୍ଥ ନିର୍ଦ୍ଦେଶକ ଅଙ୍କ ଜୈନ, ଭାରତୀୟ ଚାର୍ଟାର୍ଡ ଆକାଉଟାଣ୍ଟ ସଂଘର ସଭାପତି ରଞ୍ଜିତ କୁମାର ଅଗ୍ରୱାଲ, କାର୍ଯ୍ୟକ୍ରମ ନିର୍ଦ୍ଦେଶକ ସୁଶୀଲ କୁମାର ଗୋୟଲ, ପୂର୍ବାଞ୍ଚଳ ପରିଷଦର ସଭାପତି ସଞ୍ଜୀବ ସାଙ୍ଘି, କଟକ ଶାଖାର ସଭାପତି ରତ୍ନା ରଚିତା ମହାନ୍ତି, ଆୟୋଜକ କମିଟିର ସଭାପତି ସୌର୍ଯ୍ୟ ପ୍ରକାଶ ମହାପାତ୍ର, କଟକ ଶାଖାର ସମ୍ପାଦକ ଶିବା ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ। ଓଡିଶା ଓ ଅନ୍ୟରାଜ୍ୟର ପ୍ରାୟ ୬୦୦ରୁ ଊର୍ଦ୍ଧ୍ୱ ଚାର୍ଟାର୍ଡ ଆକାଉଟାଣ୍ଟ ଯୋଗଦେଇଛନ୍ତି। ଦୁଇଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀରେ ଆୟକର ଆଇନ, ଦ୍ରବ୍ୟ ଓ ସେବା ଆଇନ, କମ୍ପାନୀ ଆଇନ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଆଇନ, ଅଡିଟର ନୂତନ ପ୍ରଣାଳୀ, କୃତ୍ରିମ ବୁଦ୍ଧିମତା(ଏଆଇ)ର ଉପଯୋଗ, ବର୍ତ୍ତମାନର ଶାୟାର ବଜାର କାରବାର ଉପରେ ଆଲୋଚନା କରାଯାଇଥିଲା।

ଖେଳ ଦୁନିଆ
ସକାଳ THE SAKALA
www.sakalaepaper.com

## ମହିଳା କ୍ରିକେଟ୍: ଦ.ଆଫ୍ରିକା ବିପକ୍ଷ ଏକମାତ୍ର ଟେଷ୍ଟ

# ଦିନକରେ ଭାରତର ରେକର୍ଡ ୫୨୫ ରନ୍




ଚେନ୍ନଇ, ୨୮ ।୬ (ଏଜେନ୍ସି)

ସ୍ଥାନୀୟ ଏମ୍.ଏ. ଚିଦାମ୍ବରମ ଷ୍ଟାଡିୟମରେ ଶୁକ୍ରବାରଠାରୁ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଓ ଭାରତୀୟ ମହିଳା କ୍ରିକେଟ୍ ଦଳ ମଧ୍ୟରେ ଏକମାତ୍ର ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି। ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଘରୋଇ ଭାରତୀୟ ମହିଳା କ୍ରିକେଟ୍ ଦଳ ପ୍ରଥମ ଦିବସରେ ବିଧ୍ୱଂସୀ ବ୍ୟାଟିଂ କରି ଏକାଧିକ ରେକର୍ଡ ସୃଷ୍ଟି କରିଛି। ଦୁଇ ଓପନର୍ ଶେଫାଳି ବର୍ମାଙ୍କ ଦ୍ୱିଶତକ ଓ ସ୍ମୃତି ମନ୍ଧାନାଙ୍କ ଦ୍ରୁତ ଶତକୀୟ ପାଳି ବଳରେ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ଭାରତ ୯୮ ଓଭରରେ ୪ ୱିକେଟ୍ ହରାଇ ୫୨୫ ରନ ସଂଗ୍ରହ କରିଛି।

ଶେଫାଳି ୧୯୭ ବଲ୍ ଖେଳି ୧୦୪ରୁ ଊର୍ଦ୍ଧ୍ୱ ଷ୍ଟ୍ରାଇକ ରେଟ୍‌ରେ ୨୦୫ ରନ କରି ଆଉଟ୍ ହୋଇଛନ୍ତି। ଶେଫାଳି ତାଙ୍କ ଦ୍ୱିଶତକ ୧୯୪ ବଲରେ ପୂରଣ କରିଥିଲେ। ଏଥିସହ ମହିଳା ଟେଷ୍ଟ କ୍ରିକେଟ୍‌ରେ ଦ୍ରୁତତମ ଦ୍ୱିଶତକ ହାସଲକାରୀ ବ୍ୟାଟର୍ ହୋଇଛନ୍ତି। ସେହିଭଳି ଅନ୍ୟତମ ଓପନର୍ ମନ୍ଧାନା ୧୪୯ ରନ କରି ଦେଢ଼ଶତକରୁ ବଞ୍ଚିତ ହୋଇଛନ୍ତି। ଖେଳ ଶେଷବେଳକୁ ଅଧିନାୟିକା ହରମନପ୍ରୀତ୍ କୌର ୪୨ ଓ ୱିକେଟ୍‌ରକ୍ଷକ ରିଚା ଘୋଷ ୪୩ ରନ କରି ଅପରାଜିତ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜେମିମା ରୋଡ୍ରିଗ୍ସେଜ ୫୫ ଓ ଶୁଭ ସତୀଶ ୧୫ ରନ କରି ଆଉଟ୍ ହୋଇଥିଲେ। ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ୍ ଦଳର ଡେଲମୀ ଟକରଙ୍କୁ ସର୍ବାଧିକ ୨ଟି ୱିକେଟ୍ ମିଳିଛି। ଭାରତ ନିକଟରେ ଆହୁରି ୬ ୱିକେଟ୍ ବଳକା ରହିଥିବାରୁ ଏକ ବଡ଼ ସ୍କୋର ଦିଗରେ ଅଗ୍ରସର ହେଉଛି। ସେହିଭଳି ଭାରତ ମହିଳା ଟେଷ୍ଟ କ୍ରିକେଟ୍‌ରେ ସର୍ବାଧିକ ଦଳଗତ ସ୍କୋର କରିବାର ମଧ୍ୟ ସୁଯୋଗ ସୃଷ୍ଟି ହୋଇଛି। ଚଳିତ ବର୍ଷ ପ୍ରାରମ୍ଭରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଅଷ୍ଟ୍ରେଲିଆ ମହିଳା ଦଳ ଏକ ପାଳିରେ ୯ ୱିକେଟ୍‌ରେ ୫୭୫ ରନ କରି ଏହି ରେକର୍ଡର ଅଧିକାରୀ ରହିଛି।

### ୧୯୪ ବଲରେ ଶେଫାଳିଙ୍କ ଦ୍ୱିଶତକ

### ଓପନିଂ ଯୋଡ଼ିରେ ୨୯୨ ରନ ଭାଗୀଦାରି

ଭାରତ ପାଇଁ ଓପନିଂ ଯୋଡ଼ିରେ ଶେଫାଳି ଓ ମନ୍ଧାନା ୩୧୨ ବଲରେ ୨୯୨ ରନ ଭାଗୀଦାରି ଗଢ଼ି ଏକ ଦୃଢ଼ ମୂଳଦୁଆ ପକାଇଥିଲେ। ମହିଳା ଟେଷ୍ଟରେ କୌଣସି ୱିକେଟ୍‌ରେ ଏହା ୨ୟ ସର୍ବାଧିକ ଭାଗୀଦାରିର ରେକର୍ଡ ହୋଇଛି। ୧୯୮୭ରେ ଇଂଲଣ୍ଡ ବିପକ୍ଷରେ ଅଷ୍ଟ୍ରେଲିଆର ଡେନିସ ଆନେଟ୍ସ ଓ ଲିଣ୍ଡସେ ରିଲର୍ ଯୋଡ଼ି ୩ୟ ୱିକେଟରେ ୩୦୯ ରନ ସଂଗ୍ରହ କରିଥିଲେ। ମନ୍ଧାନାଙ୍କୁ ୧୪୯ ରନରେ ଆଉଟ୍ କରି ଦକ୍ଷିଣ ଆଫ୍ରିକାର ଅଫ୍ ସ୍ପିନର ଡେଲମି ଟକର୍ ଏହି ଯୋଡ଼ି ଭାଙ୍ଗିଥିଲେ। ମନ୍ଧାନା ତାଙ୍କ ପାଳିରେ ୨୭ଟି ଚୌକା ଓ ଗୋଟିଏ ଛକା ମାରିଥିଲେ। ସେହିଭଳି ଶେଫାଳି ଦ୍ୱିଶତକ ହାସଲ କରିବା ପରେ ୨୦୫ ରନରେ ଦୁର୍ଭାଗ୍ୟଜନକ ଭାବେ ରନଆଉଟ୍ ହୋଇଯାଇଥିଲେ। ଶେଫାଳିଙ୍କ ପାଳିରେ ୨୩ ଚୌକା ଓ ୮ ବିଶାଳ ଛକା ଦେଖିବାକୁ ମିଳିଥିଲା। ମହିଳା ଟେଷ୍ଟର ଗୋଟିଏ ଦିବସରେ ଏହା ସର୍ବାଧିକ ବ୍ୟକ୍ତିଗତ ସ୍କୋର ହେବାର ରେକର୍ଡ ହୋଇଛି। ପୂର୍ବରୁ ୧୯୩୪-୩୫ରେ ଇଂଲଣ୍ଡର ଏଇଜାବେଥ୍ ସ୍ନୋବଲ୍ ନ୍ୟୁଜିଲାଣ୍ଡ ବିପକ୍ଷରେ ଗୋଟିଏ ଦିନରେ ୧୮୯ ରନ କରିଥିଲେ। ଯାହା ଦୀର୍ଘ ୮୯ ବର୍ଷ ଧରି ମହିଳା କ୍ରିକେଟ୍‌ରେ ଗୋଟିଏ ଦିନରେ ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋରର ରେକର୍ଡ ଭାବେ ରହିଥିଲା।




### ମହିଳା କ୍ରିକେଟ୍‌ରେ ସର୍ବାଧିକ ଦଳଗତ ସ୍କୋର

| ଦଳ | ରନ | ପ୍ରତିପକ୍ଷ | ସିଜନ |
|---|---|---|---|
| ଅଷ୍ଟ୍ରେଲିଆ | ୫୭୫/୯ (ଘୋ.) | ଦ.ଆଫ୍ରିକା | ୨୦୨୩/୨୪ |
| ଅଷ୍ଟ୍ରେଲିଆ | ୫୬୯/୯ (ଘୋ) | ଇଂଲଣ୍ଡ | ୧୯୯୮ |
| ଅଷ୍ଟ୍ରେଲିଆ | ୫୨୫/୧୦ | ଭାରତ | ୧୯୮୩/୮୪ |
| ଭାରତ | ୫୨୫/୪ | ଦ.ଆଫ୍ରିକା | ୨୦୨୪ |
| ନ୍ୟୁଜିଲାଣ୍ଡ | ୫୧୭/୮ (ଘୋ) | ଇଂଲଣ୍ଡ | ୧୯୯୬ |
| ଇଂଲଣ୍ଡ | ୫୦୩/୫ (ଘୋ) | ନ୍ୟୁଜିଲାଣ୍ଡ | ୧୯୩୪/୩୫ |

### ଗୋଟିଏ ଦିନରେ ସର୍ବାଧିକ ରନ

| ରନ | ମ୍ୟାଚ୍ | ବର୍ଷ |
|---|---|---|
| ୫୨୫ | ଭାରତ (୫୨୫/୪, ୯୮ ଓଭର) ବନାମ ଦ. ଆଫ୍ରିକା | ୨୦୦୪ |
| ୪୭୫ | ନ୍ୟୁଜିଲାଣ୍ଡ (୪୪ ରନ) ବନାମ ଇଂଲଣ୍ଡ (୪୩୧/୪) | ୧୯୩୫ |
| ୪୪୯ | ଅଷ୍ଟ୍ରେଲିଆ (୨୦୪/୫) ବନାମ ଇଂଲଣ୍ଡ (୨୪୫/୯) | ୨୦୨୨ |
| ୪୧୦ | ଭାରତ (୪୧୦/୭) ବନାମ ଇଂଲଣ୍ଡ | ୨୦୨୩ |

### ରେକର୍ଡ ପୃଷ୍ଠାରେ ଚେନ୍ନଇ ଟେଷ୍ଟ

**୨ୟ:** ଦ୍ୱିତୀୟ ଭାରତୀୟ ଭାବେ ଶେଫାଳି ମହିଳା ଟେଷ୍ଟ କ୍ରିକେଟ୍‌ରେ ଦ୍ୱିଶତକ ହାସଲ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ପୂର୍ବରୁ ୨୦୦୨ରେ ପ୍ରଥମ ଭାରତୀୟ ମହିଳା କ୍ରିକେଟର୍ ଭାବେ ମିତାଲି ରାଜ ଇଂଲଣ୍ଡ ବିପକ୍ଷରେ ୨୧୪ ରନ କରିଥିଲେ।

**୧୧୩ ବଲ୍:** ଶେଫାଳି ଶତକ ପୂରଣ କରିବାକୁ ୧୧୩ ବଲର ସହାୟତା ନେଇଥିଲେ। ମହିଳା ଟେଷ୍ଟ କ୍ରିକେଟ୍‌ରେ ଏହା ଦ୍ରୁତତମ ଟେଷ୍ଟ ଶତକ ହେବାର ନୂଆ ରେକର୍ଡ ହୋଇଛି। ଇଂଲଣ୍ଡର ସ୍ୱର୍ଗୀୟ କ୍ରିକେଟର୍ ଜେନେଟ୍ ବ୍ରିଟିନ ୧୯୮୪ରେ ୧୩୭ ରନରେ ଶତକ କରି ୪୦ ବର୍ଷ ହେବ ଏହି ରେକର୍ଡର ଅଧିକାରୀ ରହିଥିଲେ।

**୧୯୪ ବଲ୍:** ଶେଫାଳି ୧୯୪ ବଲରେ ତାଙ୍କ ଦ୍ୱିଶତକ ପୂରଣ କରିଥିଲେ। ଏଥିସହ ସେ ମହିଳା ଟେଷ୍ଟ କ୍ରିକେଟ୍‌ରେ ଦ୍ରୁତତମ ଦ୍ୱିଶତକ ହାସଲକାରୀ ବ୍ୟାଟର୍ ହୋଇଛନ୍ତି। ଚଳିତ ବର୍ଷ ପ୍ରାରମ୍ଭରେ ଅଷ୍ଟ୍ରେଲିଆର ଆନ୍ନାବେଲ ସଦରଲାଣ୍ଡ ୨୪୮ ବଲରେ ଦ୍ୱିଶତକ ହାସଲ କରି ରେକର୍ଡ କରିଥିଲେ।

**୨୦୫ ରନ:** ଶେଫାଳି ୨୦୫ ରନ ସହ ମହିଳା ଟେଷ୍ଟରେ ଭାରତୀୟ ଭାବେ ଦ୍ୱିତୀୟ ସର୍ବୋଚ୍ଚ ସ୍କୋର କରିଛନ୍ତି। ୨୦୦୨ରେ ମିତାଲି ଇଂଲଣ୍ଡ ବିପକ୍ଷରେ ୨୧୪ ରନ କରିଥିଲେ।

**୨୯୨ ରନ:** ଶେଫାଳି ଓ ମନ୍ଧାନା ଓପନିଂ ୱିକେଟ୍ ଯୋଡ଼ିରେ ୨୯୨ ରନ କରିଥିଲେ। ମହିଳା ଟେଷ୍ଟ କ୍ରିକେଟ୍‌ରେ ଏହା ଯେକୌଣସି ୱିକେଟ୍‌ରେ ୨ୟ ସର୍ବୋଚ୍ଚ ଭାଗୀଦାରି। ୧୯୮୭ରେ ଇଂଲଣ୍ଡ ବିପକ୍ଷରେ ଅଷ୍ଟ୍ରେଲିଆର ଡେନିସ ଆନେଟ୍ସ ଓ ଲିଣ୍ଡସେ ରିଲର୍ ଯୋଡ଼ି ୩ୟ ୱିକେଟରେ ୩୦୯ ରନ କରିଥିଲେ। ଯାହା ବିଶ୍ୱରେକର୍ଡ ହୋଇରହିଛି।

**୨୯୨ ରନ:** ଭାରତ ପାଇଁ ମଧ୍ୟ ମହିଳା ଟେଷ୍ଟ କ୍ରିକେଟ୍‌ରେ ଏହା ଯେକୌଣସି ୱିକେଟ୍‌ରେ ସର୍ବୋଚ୍ଚ ଭାଗୀଦାରି। ପୂର୍ବରୁ ପୁନମ ରାଉତ ଓ ଥୀରଶ କାମିନି ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟରେ ୨୭୫ ରନ ଭାଗୀଦାରି ଗଢ଼ି ରେକର୍ଡ କରିଥିଲେ।

**୫୦୦ ରନ:** ମନ୍ଧାନା ତାଙ୍କ ୧୪୯ ରନର ପାଳିରେ ଟେଷ୍ଟ କ୍ରିକେଟ୍‌ରେ ୫୦୦ ରନ ପୂରଣ କରିଛନ୍ତି। ମିତାଲି ରାଜଙ୍କ ପରେ ୨ୟ ଭାରତୀୟ ଭାବେ ମହିଳା କ୍ରିକେଟ୍‌ର ୩ଟି ଯାକ ଫର୍ମାଟ୍‌ରେ ୫୦୦ କିମ୍ବା ଏହାଠାରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି।
**୩ୟ:** ମନ୍ଧାନାଙ୍କ ଏହା ୨ୟ ଟେଷ୍ଟ ଶତକ ଥିଲା। ଏଥିସହ ସେ ୩ୟ ଭାରତୀୟ ମହିଳା କ୍ରିକେଟର୍ ଭାବେ ଟେଷ୍ଟରେ ଏକାଧିକ ଶତକ ହାସଲ କରିଛନ୍ତି। ପୂର୍ବରୁ ସନ୍ଧ୍ୟା ଅଗ୍ରୱାଲ ୪ ଓ ହେମଲତା କାଲା ୨ଟି ଶତକ ଟେଷ୍ଟରେ ହାସଲ କରିଥିଲେ।

---

### ଜାତୀୟ ଆନ୍ତଃରାଜ୍ୟ ବରିଷ୍ଠ ଆଥ୍‌ଲେଟିକ ଚାମ୍ପିଅନସିପ୍

## ଅନିମେଶଙ୍କୁ ରୌପ୍ୟ, ଶ୍ରାବଣୀ ୪ର୍ଥ



**ଭୁବନେଶ୍ୱର, ୨୮ ।୬ (ସମିସ):** ହରିୟାଣାର ପଞ୍ଚକୁଲାଠାରେ ଚାଲିଥିବା ଜାତୀୟ ଆନ୍ତଃରାଜ୍ୟ ବରିଷ୍ଠ ଆଥ୍‌ଲେଟିକ୍ ଚାମ୍ପିଅନସିପ୍‌ର ୬୩ତମ ସଂସ୍କରଣର ୧୦୦ ମିଟର ରେସ୍‌ରେ ଓଡ଼ିଶାକୁ ମିଶ୍ରିତ ଫଳାଫଳ ମିଳିଛି। ପୁରୁଷ ୧୦୦ ମିଟରରେ ଓଡ଼ିଶାର ଅନିମେଶ କୁଜୁର ୧୦.୪୬ ସେକେଣ୍ଡ ସହ ୨ୟ ସ୍ଥାନରେ ରହି ରୌପ୍ୟ ପଦକ ଜିତିଛନ୍ତି। ଏଥିରେ ପଞ୍ଜାବର ଗୁରୀନ୍ଦରବୀର ସିଂହ (୧୦.୩୨) ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ସେହିଭଳି ଆସାମର ଅମ୍ଳାନ ବୋରଗୋହେଁ (୧୦.୪୯ ସେକେଣ୍ଡ) ୩ୟ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ। ଫାଇନାଲରେ ପ୍ରବେଶ କରିଥିବା ଆଉ ୨ ଜଣ ଓଡ଼ିଆ ଧାବକ ଲାଲୁ ପ୍ରସାଦ ଭୋଇ (୧୦.୬୬) ଓ ଦଣ୍ଡପତି ଜୟରାମ (୧୦.୭୩) ଯଥାକ୍ରମେ ୫ମ ଓ ୭ମ ସ୍ଥାନରେ ରହି ନିରାଶ କରିଥିଲେ।

ସେହିଭଳି ମହିଳା ୧୦୦ ମିଟରରେ ଭେଟେରାନ ଶ୍ରାବଣୀ ନନ୍ଦ ୪ର୍ଥ ସ୍ଥାନରେ ରହି ଅଳ୍ପକେ ପୋଡିୟମ ଫିନିଶ କରିବାରୁ ବଞ୍ଚିତ ହୋଇଛନ୍ତି। ଶ୍ରାବଣୀ (୧୧.୮୭ ସେକେଣ୍ଡ)ଙ୍କୁ ପଛରେ ପକାଇ ତେଲେଙ୍ଗାନାର ନିତ୍ୟା ଗାନ୍ଧେ (୧୧.୮୬ ସେକେଣ୍ଡ) କାଂସ୍ୟ ପଦକ ହାତେଇ ନେଇଥିଲେ। ଏଥିରେ କର୍ଣ୍ଣାଟକର ଏସ୍ଏସ୍ ସ୍ନେହା (୧୧.୬୨) ଓ ତାମିଲନାଡୁର ଗିରିଧାରାଣୀ ଭିକୁମାର (୧୧.୭୭ ସେକେଣ୍ଡ) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଥିଲେ।

ପୁରୁଷ ୧୫୦୦ ମିଟର ଦୌଡ଼ରେ ଓଡ଼ିଶାର ଅଶୋକ ଦଣ୍ଡସେନା ଫାଇନାଲରେ ସର୍ବନିମ୍ନ ୧୦ମ ସ୍ଥାନରେ ରହି ନିରାଶ କରିଛନ୍ତି। ଦଣ୍ଡସେନା ୩ ମିନିଟ୍ ୫୫.୩୪ ସେକେଣ୍ଡରେ ରେସ୍ ଶେଷ କରିଥିଲେ। ହରିୟାଣାର ପରଭେଜ ଖାନ (୩:୪୨.୯୫) ଏଥିରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିଭଳି ମହିଳା ୧୫୦୦ ମିଟରରେ ଓଡ଼ିଶାର ଲକ୍ଷ୍ମୀପ୍ରିୟା କିଶାନ ୧୨ତମ ସ୍ଥାନ ହାସଲ କରିଥିଲେ। ସେହିଭଳି ଗତକାଲି ପ୍ୟାରିସ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିଥିବା ହରିୟାଣାର ମହିଳା ଧାବିକା କିରଣ ପହଲ ୪୦୦ ମିଟର ରେସରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଫାଇନାଲରେ କିରଣ ୫୦.୯୨ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନରେ ରହିଥିଲେ। ପୁରୁଷ ୪୦୦ ମିଟରରେ ମହମ୍ମଦ ଆନସ (୪୫.୯୨୬ ସେକେଣ୍ଡ) ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

## ଆହାନଙ୍କୁ ଯୁଗଳ ଟାଇଟଲ



**ଭୁବନେଶ୍ୱର,୨୮ ।୬(ସମିସ):** କୋଲକାତାର ସାଉଥ କ୍ଲବରେ ଜୁନ୍ ୨୪ରୁ ୨୮ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଥିବା ସର୍ବ ଭାରତୀୟ ଚାମ୍ପିଅନସିପ୍ ସିରିଜ ଟେନିସ ଟୁର୍ଣ୍ଣାମେଣ୍ଟର ଓଡ଼ିଶାର ଆହାନ ମିଶ୍ର ଯୁଗଳ ପ୍ରତିଯୋଗିତାରେ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଛନ୍ତି। ୧୬ ବର୍ଷରୁ କମ୍ ବାଳକ ପ୍ରତିଯୋଗିତାରେ ଆହନ ଓ ପଶ୍ଚିମବଙ୍ଗର ସଂକଳ୍ପ ସାହାଣୀ ଫାଇନାଲ ମୁକାବିଲାରେ ଅନ୍ୟତମ ଓଡ଼ିଶା ଯୋଡି ସ୍ୱୟମ ସାହୁ ଓ ଆୟୁଷ ପଟ୍ଟନାୟକଙ୍କୁ ୬-୦, ୬-୨ ସେଟ୍‌ରେ ପରାସ୍ତ କରି ବାଜି ମାରିଛନ୍ତି। ସେହିପରି ସେ ୧୪ ବର୍ଷରୁ କମ୍ ଏକକ ପ୍ରତିଯୋଗିତାରେ ଫାଇନାଲ ମ୍ୟାଚ୍‌ରେ ସଂକଳ୍ପଙ୍କଠାରୁ ୬-୧, ୪-୬, ୪-୬ ସେଟ୍‌ରେ ପରାସ୍ତ ହୋଇ ରନର୍ସଅପ୍ ହୋଇଛନ୍ତି। ସେ ୧୬ ବର୍ଷରୁ କମ୍ ବାଳକ ଏକକ ଫାଇନାଲରେ ସଂକଳ୍ପଙ୍କଠାରୁ ୪-୬, ୬-୩ ସେଟ୍‌ରେ ପରାସ୍ତ ହୋଇ ଉପ- ବିଜେତା ବିବେଚିତ ହୋଇଛନ୍ତି।

---

### ୱିମ୍ବଲଡନ୍ ଟେନିସ୍ ଡ୍ର ଘୋଷିତ

## ମିଓମୀରଙ୍କୁ ପ୍ରଥମ ରାଉଣ୍ଡରେ ଭେଟିବେ ନାଗଲ

**ଲଣ୍ଡନ,୨୮ ।୬(ଏଜେନ୍ସି):** ପହିଲାରୁ ଆରମ୍ଭ ହେବାକୁ ଯାଉଥିବା ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ୱିମ୍ବଲଡନ ଟେନିସ ଟୁର୍ଣ୍ଣାମେଣ୍ଟ ଡ୍ର ଘୋଷିତ ହୋଇଛି। ଭାରତର ଶ୍ରେଷ୍ଠ ଏକକ ଖେଳାଳି ସୁମିତ ନାଗଲ ପ୍ରଥମ ରାଉଣ୍ଡରେ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ। ଏଟିପି ମାନ୍ୟତାର ୭୨ ନଂ ସ୍ଥାନରେ ରହିଥିବା ନାଗଲ ପ୍ରଥମ ରାଉଣ୍ଡରେ ୫୩ ନଂ ଖେଳାଳି ସର୍ବିଆର ମିଓମୀର କେକ୍‌ମାନୋଭିକଙ୍କୁ ଭେଟିବେ। ଯଦି ନାଗଲ ଅଗ୍ରଗତି କରନ୍ତି ତେବେ ତୃତୀୟ ରାଉଣ୍ଡରେ ଟପ୍ ସିଡ୍ ତଥା ବିଶ୍ୱର ୧ ନଂ ଖେଳାଳି ଇଟାଲୀର ଜାନିକ ସିନରଙ୍କୁ ଭେଟିବାର ଯଥେଷ୍ଟ ସମ୍ଭାବନା ରହିଛି। ଦୁହେଁ ଏହି ଥରେମାତ୍ର ପରସ୍ପରକୁ ଏପର୍ଯ୍ୟନ୍ତ ଭେଟିଛନ୍ତି। ପୂର୍ବରୁ କେକ୍‌ମାନୋଭିକ୍ ୪ ବର୍ଷ ତଳେ ଜର୍ମାନୀର କୋଲୋଙ୍ଗରେ ଅନୁଷ୍ଠିତ ଏଟିପି ୨୫୦ ଇଭେଣ୍ଟରେ ନାଗଲଙ୍କୁ ପରାସ୍ତ କରିଥିଲେ।

ସେହିପରି ସର୍ବିଆର ନୋଭାକ ଜୋକୋଭିଚ୍ ପ୍ରଥମ ରାଉଣ୍ଡରେ ଚେକ ଗଣରାଜ୍ୟର ଭିଟ୍ କୋପ୍ରିଭାଙ୍କୁ ଭେଟିବେ। ସେହିପରି ଜାନିକ ସିନର ପ୍ରଥମ ରାଉଣ୍ଡରେ ଜର୍ମାନୀ ୟାନିକ ହାଫମ୍ୟାନଙ୍କୁ ଭେଟିବେ। ମହିଳା ଏକକରେ ଟପ ସିଡ୍ ପୋଲାଣ୍ଡର ଇଗା ସ୍ୱିଆଟେକ ପ୍ରଥମ ରାଉଣ୍ଡରେ ଆମେରିକରା ସୋଫିଆ କେନିନ୍, ଦ୍ୱିତୀୟ ସିଡ୍ ଆମେରିକାର କୋକୋ ଗଫ୍ ନିଜ ଦେଶର କାରୋଲିନ୍ ଡୋଲେହାଇଡ୍‌ଙ୍କୁ ପ୍ରଥମ ରାଉଣ୍ଡରେ ଭେଟିବେ।

### ବୁଧବାର ବୋପାନ୍ନା-ଏବଡେନଙ୍କ ଅଭିଯାନ

ପୁରୁଷ ଯୁଗଳରେ ଦ୍ୱିତୀୟ ସିଡ୍ ମାନ୍ୟତା ପାଇଥିବା ଭାରତର ରୋହନ ବୋପାନ୍ନା ଓ ତାଙ୍କ ଅଷ୍ଟ୍ରେଲିଆ ସାଥି ମାଥ୍ୟୁ ଏବଡେନ ବୁଧବାର ୱିମ୍ବଲଡନ ଅଭିଯାନ ଆରମ୍ଭ କରିବେ। ପ୍ରଥମ ରାଉଣ୍ଡରେ ଏହି ଯୋଡି ଫ୍ରାନ୍ସର ଅଣସିଡ୍ ଜିଓଭାନୀ ଏମ୍‌ପେସି ପେରିକାର୍ଡ ଓ ଆଡ୍ରିଆନ ମାନ୍ନାରିନୋଙ୍କୁ ଭେଟିବେ। ଅନ୍ୟତମ ଭରାତୀୟ ଖେଳାଳି ୟୁକି ଭାମ୍ବ୍ରୀ ଓ ଫ୍ରାନ୍ସର ଅଲବାନୋ ଓଲିଭେଟି କାଜାଖସ୍ତାନର ଆଲେକଜାଣ୍ଡର ବଲବିକ୍ ଓ ଆଲେକଜାଣ୍ଡର ଶେଭଚୋଙ୍କୋଙ୍କୁ ଭେଟିବେ। ସେହିପରି ନାଗଲ ଓ ଏନ୍ ଶ୍ରୀରାମ ବାଲଜୀ ମଧ୍ୟ ବୁଧବାର ଯୁଗଳ ଅଭିଯାନ ଆରମ୍ଭ କରିବେ। ନାଗଲ ଓ ସର୍ବିଆର ଡୁସାନ ଲାଜୋଭିକ ପ୍ରଥମ ରାଉଣ୍ଡରେ ସ୍ପେନ୍‌ର ପେଡ୍ରୋ ମାର୍ଟିନେଜ ଓ ଜାଉମେ ମୁନାରଙ୍କୁ ଭେଟିବେ। ସେହିପରି ବାଲାଜୀ ଓ ବ୍ରିଟେନର ଲୁକ ଜନସନ ପ୍ରଥମ ରାଉଣ୍ଡରେ ମେଟ୍ ପାଭିକ୍ ଓ ସାଲଭାଡୋରର ମାର୍ସେଲୋ ଆରେଭେଲୋଙ୍କୁ ଭେଟିବେ।

### କୋପା ଆମେରିକା ଫୁଟବଲ

## ବିଜୟ ସହ କ୍ୱାର୍ଟରର ନିକଟତର ଉରୁଗ୍ୱେ

**ନ୍ୟୁ ଜର୍ସି,୨୮ ।୬(ଏଜେନ୍ସି):** ଚଳିତ କୋପା ଆମେରିକା ଫୁଟବଲ ଟୁର୍ଣ୍ଣାମେଣ୍ଟର ଅନ୍ୟତମ ସଫଳତମ ଦେଶ ଉରୁଗ୍ୱେ କ୍ୱାର୍ଟର ଫାଇନାଲର ନିକଟତର ହୋଇଛି। ଟୁର୍ଣ୍ଣାମେଣ୍ଟରେ ୧୫ଥର ଟାଇଟଲ ହାସଲ କରିଥିବା ଉରୁଗ୍ୱେ ଶୁକ୍ରବାର ଅନୁଷ୍ଠିତ ଗ୍ରୁପ୍ ସି' ମୁକାବିଲାରେ ୫-୦ ଗୋଲ ବୃହତ୍ ବ୍ୟବଧାନରେ ବଲିଭିଆକୁ ପରାସ୍ତ କରି ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିବା ନିଶ୍ଚିତ କରିଛି। ଉରୁଗ୍ୱେ ଏଥିସହ ୨ଟି ମ୍ୟାଚ୍ ଖେଳି ୨ଟି ବିଜୟ ସହ ୬ ପଏଣ୍ଟ ହାସଲ କରି ଗ୍ରୁପ ସି' ଶୀର୍ଷରେ ରହିବା ସହ କ୍ୱାର୍ଟରକୁ ଉଠିଛି। ଅନ୍ୟପଟେ ବଲିଭିଆ ୨ଟି ମ୍ୟାଚ୍ ଖେଳି ୨ଟି ପରାଜୟ ସହ ପଏଣ୍ଟ ତାଲିକାରେ ଖାତା ଖୋଲି ନପାରି ଚତୁର୍ଥ ତଥା ନିମ୍ନତମ ସ୍ଥାନରେ ରହି କ୍ୱାର୍ଟର ଦୌଡ଼ରୁ ଏକ ପ୍ରକାର ବାଦ୍ ପଡିଛି। ଏହାପୂର୍ବରୁ ଉରୁଗ୍ୱେ ତା'ର ପ୍ରଥମ ମ୍ୟାଚ୍‌ରେ ୩-୧ ଗୋଲରେ ପାନାମାକୁ ପରାସ୍ତ କରିଥିଲା। ଉରୁଗ୍ୱେ ଏବେ ତା'ର ତୃତୀୟ ତଥା ଅନ୍ତିମ ଗ୍ରୁପ୍ ମ୍ୟାଚ୍‌ରେ ୨ ତାରିଖ ମଙ୍ଗଳବାର ଆମେରିକାକୁ ଭେଟିବ। ସେହିପରି ବଲିଭିଆ ତା'ର ପ୍ରଥମ ମ୍ୟାଚ୍‌ରେ ୦-୨ ଗୋଲରେ ଆମେରିକାଠାରୁ ପରାସ୍ତ ହୋଇଥିଲା। ସେହିପରି ଏହି ଦଳ ଅନ୍ତିମ ତଥା ତୃତୀୟ ଗ୍ରୁପ୍ ମ୍ୟାଚ୍‌ରେ ମଙ୍ଗଳବାର ପାନାମାକୁ ଭେଟିବ।

ସ୍ଥାନୀୟ ମେଟ୍‌ଲାଇଫ୍ ଷ୍ଟାଡିୟମରେ ଖେଳାଯାଇଥିବା ସମ୍ପୂର୍ଣ୍ଣ ଏହି ଏକପାଖିଆ ମୁକାବିଲାରେ ଉରୁଗ୍ୱେ ଖେଳାଳି ବଲିଭିଆର ରକ୍ଷଣଭାଗକୁ ଭେଦ କରି ଗୋଟିଏ ପରେ ଗୋଟିଏ



ଗୋଲ ସ୍କୋର କରିଥିଲେ। ସଟ୍, ସଟ୍ ଅନ୍ ଟାର୍ଗେଟରେ ଉରୁଗ୍ୱେର ମୁକାବିଲା କରିପାରି ନଥିଲା ବଲିଭିଆ। ୬୦ ପ୍ରତିଶତ ସମୟ ବଲ ଉରୁଗ୍ୱେ ଖେଳାଳି ବଲ୍‌କୁ ନିଜ ଅକ୍ତିଆରରେ ରଖିଥିଲେ। ସେହିପରି ପାସ୍ ଓ ପାସ୍ ଆକ୍ୟୁରେସିରେ ବଲିଭିଆ ଯଥେଷ୍ଟ ପଛରେ ରହିଥିଲା। ମ୍ୟାଚ୍‌ର ଅଷ୍ଟମ ମିନିଟ୍‌ରେ ଫାକୁଣ୍ଡୋ ପେଲିଷ୍ଟ୍ରି, ୨୧ତମ ମିନିଟ୍‌ରେ ଡାରୱିନ୍ ନୁନେଜ, ୭୭ତମ ମିନିଟ୍‌ରେ ମାକ୍ସିମିଲିଆନୋ ଆରାଉଜୋ, ୮୧ତମ ମିନିଟ୍‌ରେ ଫେଡେରିକୋ ଭାଲଭେର୍ଡେ ଓ ୮୯ତମ ମିନିଟ୍‌ରେ ରୋଡ୍ରିଗୋ ବେଣ୍ଟାନକୁର ଗୋଲ ସ୍କୋର କରିଥିଲେ। ବଲିଭିଆ ତରଫରୁ ଗୋଟିଏ ହେଲେ ବି ଗୋଲ ସ୍କୋର ହୋଇପାରି ନଥିଲା।

### ଆମେରିକାକୁ ହରାଇଲା ପାନାମା

ଗ୍ରୁପ୍ ସି'ରେ ଶୁକ୍ରବାର ଅନୁଷ୍ଠିତ ଅନ୍ୟଏକ ମୁକାବିଲାରେ ପାନାମା ୨-୧ ଗୋଲରେ ଆୟୋଜକ ଆମେରିକାକୁ ପରାସ୍ତ କରିଛି। ଆଟଲାଣ୍ଟାର ମର୍ସିଡିଜ ବେଞ୍ଜ୍ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମୁକାବିଲାରେ ୨୨ତମ ମିନିଟ୍‌ରେ ଫୋଲାରିନ୍ ବାଲୋଗୁନ୍ ୨୨ତମ ମିନିଟ୍‌ରେ ଗୋଲ ଦେଇ ଆମେରିକାକୁ ଅଗ୍ରଣୀ କରାଇଥିଲେ। ଏହାପରେ ପାନାମା ତରଫରୁ ୨୬ତମ ମିନିଟ୍‌ରେ ସେସାର ବ୍ଲାକମ୍ୟାନ ଓ ୮୩ତମ ମିନିଟ୍‌ରେ ଜୋସ୍ ଫାଜାର୍ଡୋ ଗୋଲ ଦେଇ ପାନାମକୁ ଜିତାଇଥିଲେ। ଏଥିସହ ଉଭୟ ପାନାମ ଓ ଆମେରିକା ୨ଟି ଲେକାଏ ମ୍ୟାଚ୍ ଖେଳି ଗୋଟିଏ ବିଜୟ ଓ ପରାଜୟ ସହ ୩ ଲେଖାଏ ପଏଣ୍ଟ ହାସଲ କରିଛନ୍ତି। ଗୋଲ ବ୍ୟବଧାନରେ ଆଗରେ ରହି ଆମେରିକା ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ପାନାମା ତୃତୀୟ ସ୍ଥାନରେ ରହିଛି। ଏହି ମ୍ୟାଚ୍‌ରେ ପାନାମା ସମ୍ପୂର୍ଣ୍ଣ ରୂପେ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ପାନାମା ସଟ୍, ସଟ୍ ଅନ୍ ଟାର୍ଗେଟ, ବଲ ପଜେସନ, ପାସ୍ ଓ ପାସ୍ ଆକ୍ୟୁରେସିରେ ଆମେରିକାକୁ ଯଥେଷ୍ଟ ପଛରେ ପକାଇଥିଲା। ଏହାପୂର୍ବରୁ ପାନାମା ୧-୩ ଗୋଲରେ ଉରୁଗ୍ୱେଠାରୁ ପରାସ୍ତ ହୋଇଥିଲା। ପାନାମା ତା'ର ପରବର୍ତ୍ତୀ ମୁକାବିଲାରେ ମଙ୍ଗଳବାର ବଲିଭିଆକୁ ଭେଟିବ। ସେହିପରି ଆମେରିକା ତା'ର ତୃତୀୟ ତଥା ଅନ୍ତିମ ମୁକାବିଲାରେ ମଙ୍ଗଳବାର ଉରୁଗ୍ୱେକୁ ଭେଟିବ। ପ୍ରଥମ ମ୍ୟାଚ୍‌ରେ ଆମେରିକା ୨-୦ ଗୋଲରେ ବଲିଭିଆକୁ ପରାସ୍ତ କରିଥିଲା।



# ବଣ ରାଇଜରେ ସଭା



ଦେବେନ୍ଦ୍ର କର

ଦିନେ ଏକ ସଙ୍ଗରେ ଠେକୁଆ, ହରିଣ, ବିଲୁଆ ଆଉ ନେଉଳ ଭେଟ ହେଇଗଲେ । ଠେକୁଆ କହିଲା, ଚାଲ ବନ୍ଧୁମାନେ, ଆମେ ସମସ୍ତେ ଏକାଠି ହୋଇ ସଭା କରିବା । ପରସ୍ପରର ଦୁଃଖ ବୁଝିବା ଆଉ ଆମ ସୁରକ୍ଷା ଦିଗରେ କି କି ଉପାୟମାନ ଆପଣେଇବା ଉଚିତ, ସେ ବିଷୟରେ ଆଲୋଚନା କରିବା । ହରିଣ ଆଉ ନେଉଳ କହିଲ, ହଁ, ତୁମେ ଠିକ୍ କହିଲ, ଆମେ ଏକାଠି ହେଲେ ସମସ୍ତେ ସମସ୍ତଙ୍କୁ ଜାଣିବା ଆଉ ପରସ୍ପରର ସୁବିଧା ଅସୁବିଧା ବିଷୟରେ କଥା ହୋଇପାରିବା । ବିଲୁଆ କହିଲା, ଚାଲ ଆମେ ସମସ୍ତଙ୍କୁ ଏକାଠି କରିବା । ଯେ ଯାହାର ସାଙ୍ଗ ଅଛନ୍ତି ଡାକି ଆଣ, ମୁଁ ଯାଉଛି ସିଂହ ରାଜାକୁ ଡାକିବାକୁ । ଆଉ ସ୍ଥାନ ମୁଁ କହୁଚି ଶୁଣ, ଝରଣା ପାଖ ବୁଢ଼ା ବରଗଛ । ଗୋଟିଏ ନିଷ୍ପତ୍ତି ନେବା ପରେ ସମସ୍ତେ ଚାଲିଲେ ଏଥର ସଭା ଆୟୋଜନ କରିବାକୁ । ଚାରି ସାଙ୍ଗଙ୍କ କଥା ରଖି ସମସ୍ତେ ଆସିଲେ । ମଞ୍ଚ ଉପରେ ବସିଲେ ସିଂହ ଆଉ ବାଘ । ହାତୀ, ଗଣ୍ଡା ଆଉ ବାର୍‌ହାଙ୍କ ଦେଖା ନ ଥିଲା ବିଲୁଆ ଗଲା ପୁଣି ସେମାନଙ୍କୁ ଡାକିବା ପାଇଁ । ପେଚା, କୁଆ, ବଣି, ଶାଗୁଣା ବରଗଛ ଉପରେ ଉପସ୍ଥିତ ରହିଲେ । ଆରମ୍ଭ ହେଲା କାର୍ଯ୍ୟକ୍ରମ । ସମସ୍ତେ ନିଜ ନିଜ ଦୁଃଖ ସମସ୍ୟା ରଖିଲେ । ସିଂହ କହିଲା ଆମେ ମିଳିମିଶି ଚଳିବା । ପରସ୍ପରର ଦୁଃଖସୁଖରେ ସାହା ହେବା । ବାଘ କହିଲା, ଅନ୍ୟ ଜଙ୍ଗଲ ଜୀବଜନ୍ତୁ ଯେମିତି ଆମ ଜଙ୍ଗଲକୁ ଦଖଲ ନ କରନ୍ତି ସେଥିପାଇଁ ଚେଷ୍ଟା କରିବା । ଏଣୁ ଆମର ଏକତା ସଦାସର୍ବଦା ବଜାଇ ରଖିବାକୁ ହେବ, ଅନ୍ୟଥା ଆମ ବଞ୍ଚିବା ମୁସ୍କିଲ ହେଇଯିବ । ଶିକାରୀ ଜଙ୍ଗଲକୁ ପ୍ରବେଶ କରିବା ମାତ୍ରେ ଜଣେ ଅନ୍ୟ ଜଣଙ୍କୁ ଖବର ଦେଇ ସଜାଗ କରିଦେବ । ଏମିତି ଅନେକ କଥା ଆଲୋଚନା ପରେ ସେଦିନର ସଭା ସରିଲା । ଦିନ ପରେ ଦିନ ବିତିଲା, ହେଲେ ବଣ ରାଇଜରେ ଆଉ ସଭା ବସି ପାରିଲା ନାହିଁ । ଯେ ଯାହାର ବାଟରେ ଯିଏ ଖାଇପିଇ ବୁଲିଲେ । ଏକାଠି ହେବା କଥା କାହାରି ମନକୁ ଆସିଲା ନାହିଁ ।

ଦିନେ ଜଙ୍ଗଲ ପାଖ ଗାଁରେ କୌଣସି ପୂଜାର ଆୟୋଜନ ହୋଉଥାଏ । ଅଳ୍ପ ଅଳ୍ପ ଶବ୍ଦ ଜଙ୍ଗଲ ଆଡ଼କୁ ଶୁଭୁଥାଏ । ହରିଣ ନେଉଳକୁ କହିଲା ଦେଖ, ଏ ମଣିଷମାନେ କେମିତି ପୂଜା ଆୟୋଜନ କରିଛନ୍ତି । ନେଉଳ କହିଲା, ସେମାନେ କେତେକେତେ ଦେବାଦେବୀଙ୍କୁ ପୂଜା କରୁଛନ୍ତି ଯେ ତା'ର କଳନା କରିହେବନି । ସେଇବାଟ ଦେଇ ବିଲୁଆ ଯାଉଥିଲା । ଅଟକି ଯାଇ କହିଲା, କ'ଣ ବନ୍ଧୁମାନେ ଗାଁର ପୂଜା ଆୟୋଜନ ବିଷୟରେ କଥା ହେଉଛ । ହରିଣ କହିଲା, ହଁ ବିଲୁଆ ଭାଇ । ହେଲେ ଆମେ କାହାକୁ ପୂଜା କରିବା ଆମର ଭଗବାନ କିଏ । ନେଉଳ କହିଲା, ଚାଲ ସଭା ଡକେଇବା ଆଉ ଏଇ କଥା ଉଠେଇବା । ତିନିଜଣ ଲାଗି ପଡ଼ିଲେ କାମରେ, ଯେତେ ଯିଏ ଯେଉଁଠି ଦେଖା ହେଲେ ସଭାକୁ ଡାକିଲେ । ସିଂହ ମହାରାଜ ଆସି ସଭା ମଞ୍ଚରେ ଆସନ ଗ୍ରହଣ କଲେ, ତାଙ୍କ ପରେ ପରେ ବାଘ ବି ପହଞ୍ଚିଲେ । ସଭା ଆରମ୍ଭରୁ ବିଲୁଆ ପ୍ରଶ୍ନ କଲା ଭାଇମାନେ, ଆଜିର ଏଇ ସଭା ଡକେଇବାର ମୂଳ କାରଣ ଆମେ ଜାଣିବାକୁ ଚାହୁଁଚୁ ଆମ ଈଶ୍ୱର କିଏ ? ଆଉ ଆମେ କାହାକୁ ପୂଜିବା । ହାତୀ କହିଲା, ମୁଁ ଦେଖିଚି ମଣିଷମାନେ ମାଟି ଆଉ ପଥରର ମୂର୍ତ୍ତି ଗଢ଼ି ପୂଜା କରୁଛନ୍ତି । ଗଧ କହିଲା ମୁଁ ବହୁତ ଦିନ ତଳେ ପାଖ ଗାଁର ଜଣେ ମାଲିକ ପାଖରେ ଥିଲି, ସେଇଠି ଦେଖିଚି ସେମାନେ ଠାକୁର ଫଟୋ ପୂଜା କରୁଥିବାର । ଜିରାଫ୍ କହିଲା ତାହା ତ ଠିକ୍ ହେଲେ ବର୍ତ୍ତମାନ ଆମେ କାହାକୁ ପୂଜା କରିବା ଆଉ କିଏ ହେବେ ଆମ ଭଗବାନ । କେହି କିଛି ନିଷ୍କର୍ଷରେ ପହଞ୍ଚି ପାରିଲେ ନାହିଁ । ସିଂହ ମହାରାଜ ବାଘ ସହିତ କଥା ହୋଇ କହିଲେ ଶୁଣ । ଆମେ ସମସ୍ତେ ପିଲାଟି ବେଳରୁ ଏଇଠି ବଢ଼ିଚୁ । ଏଇ ବଣ ଆମ ପାଳନକର୍ତ୍ତା ଆଉ ରକ୍ଷାକର୍ତ୍ତା । ଆମ ପେଟ ପାଇଁ ଖାଦ୍ୟ ଦେଉଚି ଆଉ ମୁଣ୍ଡ ଗୁଞ୍ଜିବାକୁ ବାସସ୍ଥାନ । ଏଣୁ ବଣ ଆମ ଲାଗି ଆଜିଠାରୁ ମନ୍ଦିର । ଗଛଲତା, ଝରଣା, ପାହାଡ଼ ପର୍ବତ, ନଦୀ ପୁଷ୍କରିଣୀ ବଣର ପାର୍ଶ୍ୱ ଦେବାଦେବୀ । ଏବେଠାରୁ ଆମେ ତାଙ୍କୁ ପୂଜିବା ଆଉ ତାଙ୍କର ଯତ୍ନ ନେବା । ହାତୀ ଆଉ ଭାଲୁ ଏକ ସଙ୍ଗରେ କହିଉଠିଲେ ମହାରାଜ, ଯାହା କହିଲେ ତାହା ସମ୍ପୂର୍ଣ୍ଣ ଠିକ୍ । ବଣ ଆମର ଈଶ୍ୱର ଆଉ ଏହାର ଯତ୍ନ ସୁରକ୍ଷା ଦିଗରେ ଆମେ ସଭିଏଁ ଏକମନରେ ଆଗେଇ ଆସିବା । ସମସ୍ତଙ୍କର ସହମତି କ୍ରମେ ଦିନେ ପୂଜା ଆୟୋଜନ ହେଲା ଭୋଜିଭାତର ଆସର ଜମିଲା । ସମସ୍ତେ ଏଥର ବରାବର ସଭା ବସେଇଲେ ଆଉ ବଣର ସୁରକ୍ଷା ଦିଗରେ ନୂଆ ନୂଆ ପଦକ୍ଷେପ ଗ୍ରହଣ କରି ଆନନ୍ଦରେ ରହିଲେ । ■


ମଙ୍ଗଳାବାଗ, କଟକ

## କୁନି ତାରକା



ଆରାଧ୍ୟା ଆୟୁଷୀ

## ପଢ଼ାରେ କରନା ହେଳା



ଶିଶିର କୁମାର ପଣ୍ଡା

ରଜ ସରିଗଲା ମଉଜ ସରିଲା
ଇସ୍କୁଲ ଗଲା ଖୋଲି
ଏଥର ଆଗୁଆ ଛୁଟି ପଡ଼ିଥିଲା
ଅଧିକ ଗରମ ବୋଲି ।
ମଉସୁମୀ ଆସି କରିଲା ଶୀତଳ
ଆମ ଏ ତପତ ଧରା
ଆକାଶେ ଖେଳିଲା କଳାକଳା ମେଘ
ଲୁଚିଗଲା କାଇଁ ଖରା ।
ମାମୁଘର ଯାଇ କେତେ ମଜାକଲେ
ଖେଳିଲେ ତାଆସ ଲୁଡୁ
ଏବେ ପଢ଼ିବାର ସମୟ ଆସିଲା
ବୁଝେଇ କହୁଛି ଗୁଡୁ ।
ଖୁସିବାସି କର ମନାନାହିଁ, ହେଲେ
ପଢ଼ାରେ କରନା ହେଳା
ପଢ଼ିବା ବେଳରେ କେବେ ବି ବୁଲନା
ଯାଇକି ଯାତରା, ମେଳା ।
ଆଜି ପାଠ ଆଜି କରି ଦେଉଥିଲେ
ଆଗକୁ ହୁଏନି ଭାରି
ଠିକଣା ବେଳକୁ ପଢ଼ିବାକୁ ଯିବ
ସବୁ କାମ ଦେଇ ସାରି । ■



କୁଆଁସ, ଯାଜପୁର
ମୋ-୮୯୮୧୭୩୭୨୮

## ଶିଶୁ ପ୍ରତିଭା

## କୁନି ଝିଅର କମାଲ୍

### ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ପ୍ରିନ୍ସି

**ପ୍ରତିଭା କେବେ ଲୁଚି ରହେନା । ଆମ ରାଜ୍ୟ ତଥା ଦେଶରେ ଏପରି ଅନେକ ପ୍ରତିଭାଧାରୀ ଅଛନ୍ତି, ଯାହାଙ୍କୁ ଚିହ୍ନି ଆଗକୁ ଆଣିବାର ଆବଶ୍ୟକତା ଅଛି । ଏଭଳି ଜଣେ ପ୍ରତିଭାବାନ୍ ଶିଶୁ କନ୍ୟା ହେଉଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍ ଅଧିନ ହିଞ୍ଜଳ ଗ୍ରାମର ରଶ୍ମିତ୍ ନାୟକ ଓ ଅନିତା ସାମଲଙ୍କ ଝିଅ ଆଶ୍ମିତା ନାୟକ( ପ୍ରିନ୍ସି) । ତୀକ୍ଷ୍ଣ ସ୍ମରଣ ଶକ୍ତି ପାଇଁ ମାତ୍ର ଦୁଇ ବର୍ଷ ବୟସରେ ସେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି ।**

ପ୍ରିନ୍ସିଙ୍କର ଜନ୍ମ ଏପ୍ରିଲ୍ ୧୦, ୨୦୨୨ ମସିହାରେ ହୋଇଥିଲା । ଜନ୍ମ ପରଠାରୁ ସେ ନିଜ ମାମୁଁଘର ବରୀ ବ୍ଲକ୍ ଅଧୀନ ଅଙ୍ଗାଳ ଗ୍ରାମରେ ରହି ଆସୁଛନ୍ତି । ପ୍ରିନ୍ସିଙ୍କ ମା' ଅନିତା ଅଙ୍ଗାଳ କଲେଜରେ ଡେମୋନଷ୍ଟ୍ରେଟର ଭାବେ କାର୍ଯ୍ୟରତ । ପ୍ରିନ୍ସି ମାତ୍ର ଦୁଇ ମାସର ହୋଇଥିବାବେଳେ ଆଧ୍ୟାତ୍ମିକ ସଙ୍ଗୀତ ଶୁଣିବାକୁ ଆଗ୍ରହ ପ୍ରକାଶ କରୁଥିଲେ । ବର୍ଷକର ହେବା ବେଳକୁ ଓଡ଼ିଆ କହିବା ସହିତ ସାଧାରଣ ଜ୍ଞାନ ସମ୍ପର୍କିତ ପ୍ରଶ୍ନଗୁଡ଼ିକ ଉତ୍ତର ନିର୍ଭୁଲ୍ ଭାବେ କହି ଦେଉଥିଲେ । ଏହାବାଦ୍ ଶ୍ଳୋକଗୁଡ଼ିକୁ ମଧ୍ୟ ମନେରଖି ଗାଇ ଦେଉଥିଲେ । ପ୍ରିନ୍ସିଙ୍କ ଏଭଳି ଅସାଧାରଣ ପ୍ରତିଭାକୁ ଦେଖି ପରିବାର ଲୋକେ ତାଙ୍କ ନାମରେ ଏକ ୟୁଟ୍ୟୁବ୍ ଚ୍ୟାନେଲ ଖୋଲିଥିଲେ । ଏହି ୟୁଟ୍ୟୁବ୍ ଚ୍ୟାନେଲରେ ଏବେ ଲକ୍ଷାଧିକ ସବ୍‌ସ୍କ୍ରାଇବର୍ ଅଛନ୍ତି । ଅଜା ଆଈଙ୍କ ଠାରୁ ପ୍ରିନ୍ସି ଅନେକ ପୌରାଣିକ କାହାଣୀ ଶୁଣି ସେଗୁଡ଼ିକୁ ମନେ ରଖିଦିଅନ୍ତି । ଛୋଟ ବେଳୁ ପ୍ରିନ୍ସିଙ୍କ ବୁଦ୍ଧି ଓ ସ୍ମରଣ ଶକ୍ତି ଏମିତି ଥିଲା ଯେ, ଯାହା ଶୁଣୁଥିଲେ ତାହା ମନେ ରଖି ଦେଉଥିଲେ । ପ୍ରିନ୍ସିଙ୍କ ଏଭଳି ବିଚକ୍ଷଣ ପ୍ରତିଭା ଦେଖି ପରିବାର ଲୋକେ ଇଣ୍ଡିଆ ବୁକ୍‌ସ ଅଫ୍ ରେକର୍ଡ ପାଇଁ ଆବେଦନ କରିଥିଲେ । ପ୍ରିନ୍ସିଙ୍କ ଠାରୁ ଇଣ୍ଡିଆ ବୁକ୍ସ ଅଫ୍ ରେକର୍ଡସ୍ କର୍ତ୍ତୃପକ୍ଷ ମୋଟ ୨୨ଟି କ୍ୟାଟେଗୋରିରେ ପରୀକ୍ଷା କରାଇଥିଲେ । ସେ ୧୨ ଟି କ୍ୟାଟେଗୋରିରେ ବେଶ୍ ଭଲ ପ୍ରଦର୍ଶନ କରିଥିଲେ । ଏହାପରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ତାଙ୍କ ନାମ ସ୍ଥାନ ପାଇଥିଲା । ତାଙ୍କର ଏହି ସଫଳତା ପାଇଁ ତାଙ୍କୁ ଏବେ ସବୁଆଡୁ ପ୍ରଶଂସାର ସୁଅ ଛୁଟୁଛି । ପ୍ରିନ୍ସିଙ୍କୁ ଏବେ ବିଭିନ୍ନ ସ୍ଥାନରେ ନିଜର ପ୍ରତିଭା ପ୍ରଦର୍ଶନ କରିବା ପାଇଁ ମଧ୍ୟ ନିମନ୍ତ୍ରଣ ଆସୁଛି ବୋଲି ତାଙ୍କ ପିତାମାତା କହିଛନ୍ତି । ■



\- ଚୈତନ୍ୟ ଜେନା
ବରୀ

## ବରଷା ହେଲେ



ପ୍ରଶାନ୍ତ କୁମାର ସାହୁ

ବରଷା ହେଲେ କୂଅ ପୂରେ ପୋଖରୀ ପୂରେ
ପୂରେ ନଈ ନାଳ,
ବରଷା ହେଲେ ବଗ ହସେ ବଗୁଲୀ ହସେ
ହସେ ଜୀବ କୁଳ ।
ବରଷା ହେଲେ ମାଛ ଡିଏଁ କଙ୍କଡ଼ା ଡିଏଁ
ଡିଏଁ ବେଙ୍ଗ ରାଜା,
ବରଷା ହେଲେ ଡଙ୍ଗା ଭାସେ କାଗଜ ଭାସେ
ଭାସେ ମେଘ ରାଜା ।
ବରଷା ହେଲେ ଘାସ ହୁଏ ଚାଷ ହୁଏ
ହୁଏ ମଞ୍ଜି ଗଜା,
ବରଷା ହେଲେ ମୁଢ଼ି ଲୋଡ଼ା ନଡ଼ିଆ ଲୋଡ଼ା,
ଲୋଡ଼ା ବାରମଜା ।
ବରଷା ହେଲେ ବନ୍ଧ ଭାଙ୍ଗେ ସାହସ ଭାଙ୍ଗେ,
ଭାଙ୍ଗେ ମନୋବଳ,
ବରଷା ହେଲେ ବନ୍ୟା ଆସେ ବେମାର ଆସେ,
ଆସେ ନାନା ଜ୍ୱର ।
ବରଷା ହେଲେ ଚୁଡ଼ା ରଖ ଚାଉଳ ରଖ
ରଖ କିରୋସିନି,
ବରଷା ହେଲେ ମନ ଦିଅ ଧ୍ୟାନ ଦିଅ
ସରକାର ବାଣୀ । ■




ଇନ୍ଦିପୁର, ଢେଙ୍କାନାଳ
ମୋ- ୯୭୭୭୦୯୦୦୫୬

## ପରଜାପତି



ମନୀଷା ପଣ୍ଡା

ପରଜାପତି ଲୋ ପରଜାପତି,
ବଗିଚାରେ ଉଡ଼ି ବୁଲୁ ତୁ ନିତି ।
ସକାଳ ପାହିଲେ ଦେଖେ ମୁଁ ତତେ,
ନାନା ରଙ୍ଗେ ସଜ ହୋଇଛୁ କେତେ ।
ଟିକି ଡେଣା ମେଲି ଖୁସିରେ ଖେଳୁ,
ଫୁଲରୁ ଫୁଲକୁ ଉଡ଼ି ତୁ ବୁଲୁ ।
ପରାଗ ସଙ୍ଗମ ତୋହରି କାମ,
ପାନ କରୁ ମଧୁ ଅମୃତ ସମ ।
ଯୂଇ ଜାଇ ହେନା ମଧୁମାଳତୀ,
ସୁରଭିରେ ମୋହେ ତୋର ପୀରତି ।
ନବ ରବି କରେ ତୁ ଖେଳୁ ଦୋଳି,
ଲୁଚି ଦେଖେ ତୋତେ ପଛରେ ବୁଲି ।
ରୂପ ବିଭବରେ ତୁ ସୁକୁମାର,
ସବୁରି ମନରେ କୋଟି ଆଦର । ■



ଅଙ୍କରାନ୍ତିପୁର, ଢେଙ୍କାନାଳ
ମୋ: ୮୨୪୯୬୮୬୦୯୩

## ପ୍ରହେଳିକା

ଚାରି ଅକ୍ଷରରେ ନାମଟି ତା'ର
ଫୁଲଟିଏ ସିଏ ଗ୍ରୀଷ୍ମ କାଳର
ପ୍ରଥମ ଦ୍ୱିତୀୟ କରିଲେ ଯୋଗ
ଯଶୋଦା ସୁତକୁ ବୁଝାଉଥିବ
ତୃତୀୟ ଚତୁର୍ଥ କଲେ ଏକାଠି
ଦହି ଗୁଡ଼ ସହ ଖାଉ ଚକଟି
ଏବେ କୁହ ଦେଖି ନାମଟି ତା'ର
ନାଳି ଟହ ଟହ ଭାରି ସୁନ୍ଦର ।

ଉତ୍ତର-କୃଷ୍ଣଚୂଡ଼ା



ଫସରା ଫାଟିଲେ ଚାଳରେ ବସି
ରାବୁଥାଏ ସିଏ ଆନନ୍ଦେ ହସି
ପକ୍ଷୀଟିଏ ସିଏ କଳା ରଙ୍ଗର
ମଣିଷ ପରି ସେ ଭାରି ଚତୁର
ପଚା ଶଢ଼ା ମାଂସ ସରାଗେ ଖାଏ
ପରିବେଶ ସଫା ରଖଇ ସିଏ
ଧାନ ଶୁଖୁଥିଲେ ଚୋରେଇ ଖାଏ
କହି ପାରିବକି ତା'ନାମ କିଏ ।

ଉତ୍ତର-କାଉ

ସଞ୍ଜବେଳ ଅବା ପାହାନ୍ତି ହେଲେ
କିଆ ଗୋହରିରେ ସେ ଗୀତ ବୋଲେ
ପଶୁଟିଏ ସିଏ ଭାରି ଚତୁର
ଦିନ ରାତି ସିଏ ଖୋଜେ ଆହାର
ଫଳମୂଳ ସହ ମାଂସ ବି ଖାଏ
କିଆବୁଦା ତଳେ ଛୁପିକି ରୁହେ
ମଣିଷକୁ ସିଏ ଡରଇ ଭାରି
କହି ପାରିବକି ନାମ ତାହାରି । ■

ଉତ୍ତର-ବିଲୁଆ

\- ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ସକାଳ ଶିଶୁ କୁଇଜ୍-୧୨୪

(୧) ଶନି ଗ୍ରହର ସବୁଠୁ ବଡ଼ ଉପଗ୍ରହର ନାମ କ'ଣ?
ଉତ୍ତର : ______
(୨) ଭାରତର ପ୍ରଥମ ପରମାଣୁ ରିଆକ୍ଟରର ନାମ କ'ଣ?
ଉତ୍ତର : ______
(୩) ଗୋରଖପୁର ସହର କେଉଁ ନଦୀ କୂଳରେ ଅବସ୍ଥିତ?
ଉତ୍ତର : ______
(୪) ବିଶ୍ୱ ମହାସାଗର ଦିବସ କେବେ ପାଳନ କରାଯାଏ?
ଉତ୍ତର : ______
(୫) କ୍ଷୀରର ଶୁଦ୍ଧତା ମାପିବା ପାଇଁ ବ୍ୟବହାର କରାଯାଉଥିବା ଯନ୍ତ୍ରର ନାମ କ'ଣ?
ଉତ୍ତର : ______

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ । ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ ।

### ଗତ ସପ୍ତାହର କୁଇଜ୍ ବିଜେତା


- ଦେବାଶିଷ କର, ଆଙ୍କପଦା, ଭଦ୍ରକ
- ରୋଜାଲିନ୍ ବାରିକ, ସାଲେପୁର
- ଶକ୍ତିପ୍ରସାଦ ରାୟ, ବ୍ରହ୍ମଗିରି, ପୁରୀ

### ଆମର ଯୋଗାଯୋଗ ଠିକଣା

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର,
ଭୁବନେଶ୍ୱର-୭୫୧୦୧୯

## ଛୋଟ ହାତର ଛବି





ଆୟାଂଶ ଆଚାର୍ଯ୍ୟ
ତୃତୀୟ ଶ୍ରେଣୀ
ପୋଦାର ଇଣ୍ଟରନ୍ୟାସନାଲ ସ୍କୁଲ
ପୱାଇ, ମୁମ୍ବାଇ






ନୀହାରିକା ପାତ୍ର
ପଞ୍ଚମ ଶ୍ରେଣୀ
କାହ୍ନୁପୁର ପ୍ରାଥମିକ ବିଦ୍ୟାଳୟ
ମୟୂରଭଞ୍ଜ





ନନ୍ଦିନୀ ଆଇକତ
ଚତୁର୍ଥ ଶ୍ରେଣୀ
ପବ୍ଲିକ୍ ସ୍କୁଲ
ସୁନାବେଡ଼ା





ମେଘା ଟୁଡୁ
ଷଷ୍ଠ ଶ୍ରେଣୀ
ଅତାନଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
ମୟୂରଭଞ୍ଜ



## ଟ୍ରଫି ଲକ୍ଷ୍ୟରେ ଭାରତ-ଦକ୍ଷିଣ ଆଫ୍ରିକା

# ଆଜି ଫାଇନାଲ ଲଢ଼େଇ



**ଟି-୨୦ ବିଶ୍ୱକପ୍**
**ଫାଇନାଲ ମ୍ୟାଚ୍**
**ଆରମ୍ଭ-** ରାତି ୮ଟା , **ସ୍ଥାନ-** ବାର୍ବାଡୋସ୍
- ପ୍ରସାରଣ -
ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ହଟ୍ ଷ୍ଟାର୍

**ବାର୍ବାଡୋସ,୨୮ ।୬(ଏଜେନ୍ସି):** ଆମେରିକା ଓ ୱେଷ୍ଟଇଣ୍ଡିଜରେ ଚାଲିଥିବା ଚଳିତ ଟି-୨୦ ବିଶ୍ୱକପ୍ ୯ମ ସଂସ୍କରଣର ଅନ୍ତିମ ଚରଣରେ ପହଞ୍ଚିଛି। ସ୍ଥାନୀୟ ବ୍ରିଜ୍‌ଟାଉନ୍‌ସ୍ଥିତ କେନସିଂଟନ ଓଭାଲ ଗ୍ରାଉଣ୍ଡରେ ଶନିବାର ଟାଇଟଲ ପାଇଁ ଭାରତ ଓ ଦକ୍ଷିଣ ଆଫ୍ରିକା ଫାଇନାଲ ମୁକାବିଲାରେ ଅବତୀର୍ଣ୍ଣ ହେବେ। ୨୦୦୭ରେ ଅନୁଷ୍ଠିତ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣରେ ଭାରତ ଟାଇଟଲ ଜିତିଥିଲା। ଇତିମଧ୍ୟରେ ୧୭ ବର୍ଷ ବିତିଯାଇଥିଲେ ମଧ୍ୟ ଭାରତ ଆଉ ଚାମ୍ପିଅନ ହୋଇପାରି ନାହିଁ। ସେହିପରି ଦକ୍ଷିଣ ଆଫ୍ରିକା ପ୍ରଥମଥର ପାଇଁ ଫାଇନାଲରେ ପ୍ରବେଶ କରି ପ୍ରଥମ ଟାଇଟଲ ଲକ୍ଷ୍ୟରେ ରହିଛି।

### କୋହଲି, ରୋହିତଙ୍କ ଲାଗି ଶେଷ ସୁଯୋଗ

ଟୁର୍ଣ୍ଣାମେଣ୍ଟରେ ଉଭୟ ଦଳ ଅପରାଜେୟ ରହିଛନ୍ତି। ସାରା ଟୁର୍ଣ୍ଣାମେଣ୍ଟ ଉଭୟ ଦଳ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ଉଭୟ ଦଳରେ ବିଶ୍ୱସ୍ତରୀୟ ଖେଳାଳିମାନେ ରହିଛନ୍ତି। ଅଧିନାୟକ ରୋହିତ ଶର୍ମା ଓ ସୁପରଷ୍ଟାର ବିରାଟ କୋହଲି କ୍ୟାରିୟରର ଅନ୍ତିମ ଟି-୨୦ ବିଶ୍ୱକପ୍ ଖେଳୁଛନ୍ତି ବୋଲି କୁହାଯାଉଛି। ଫଳରେ ଏହି ଦୁଇ ତାରକା ଶେଷଥର ପାଇଁ ଟାଇଟଲ ଜିତିବାର ସୁଯୋଗ ହାତଛଡ଼ା କରିବେ ନାହିଁ। ଏହି ନିର୍ଣ୍ଣାୟକ ମ୍ୟାଚ୍ ଉପରେ ସାରା ବିଶ୍ୱର ନଜର ରହିଛି।

### ଦ୍ରୁତ ବୋଲରଙ୍କୁ ସୁହାଇବ ପିଚ୍

ଫାଇନାଲ ମ୍ୟାଚ୍‌ର ପିଚ୍ ସ୍ପିନରଙ୍କ ଅପେକ୍ଷା ଦ୍ରୁତବୋଲରଙ୍କୁ ଅଧିକ ସୁହାଇବ। ଏଠାରେ ଦ୍ରୁତ ବୋଲର ୨୦.୨୨ ରନ ହାରରେ ୫୯ ଓ ସ୍ପିନର ୨୬.୪୦ ହାରରେ ୩୨ଟି ୱିକେଟ ନେଇଛନ୍ତି। ତେବେ ବ୍ୟାଟରମାନେ ଏଠାରେ ସୁବିଧାଜନକ ସ୍ଥିତି ହାସଲ କରିବେ। ମ୍ୟାଚ୍ ଆରମ୍ଭରେ ଦ୍ରୁତ ବୋଲରମାନେ ବ୍ୟାଟରଙ୍କୁ ସମସ୍ୟାରେ ପକାଇବେ।

### ନିର୍ଣ୍ଣାୟକ ହେବ ଟସ୍

ଏହି ମ୍ୟାଚ୍‌ରେ ଟସ୍‌ର ଗୁରୁତ୍ୱ ରହିବ। ଏଠାରେ ୨୯ଟି ମ୍ୟାଚ୍ ସମ୍ପୂର୍ଣ୍ଣ ଭାବେ ଖେଳାଯାଇଥିବା ବେଳେ ଟସ୍ ଜିତିବା ଦଳ ୧୮ଟିରେ ବିଜୟୀ ହୋଇଛି। ଟସ୍ ଜିତିଥିବା ଦଳ ଏଠାରେ ୧୩ଥର ପ୍ରଥମେ ବ୍ୟାଟିଂ କରି ୧୦ଟିରେ ବିଜୟୀ ହୋଇଛି। ଅନ୍ୟପଟେ ଟସ୍ ଜିତି ୧୯ଥର ପ୍ରଥମେ ବୋଲିଂ କରିଥିବା ଦଳ ମାତ୍ର ୮ଟିରେ ବିଜୟୀ ହୋଇଥିବା ବେଳେ ୯ଟିରେ ପରାସ୍ତ ହୋଇଛନ୍ତି। ଟସ୍ ଜିତିବା ଦଳ ବ୍ୟାଟିଂ କରିବାକୁ ଅଧିକ ପସନ୍ଦ କରିବ। ପ୍ରଥମେ ବ୍ୟାଟିଂ କରିଥିବା ଦଳ ଏଠାରେ ୧୯ ଓ ଚେଜ୍ କରିଥିବା ଦଳ ୧୦ଥର ବିଜୟୀ ହୋଇଛନ୍ତି।

### ପ୍ରଥମଥର ଅପରାଜେୟ ବିଜେତା

ଟି-୨୦ ବିଶ୍ୱକପ୍ ଇତିହାସରେ ପ୍ରଥମଥର ଲାଗି ଏକ ଅପରାଜେୟ ବିଜେତା ଦେଖିବାକୁ ମିଳିବ। ଅର୍ଥାତ୍ ଗୋଟିଏ ହେଲେ ମ୍ୟାଚ୍ ନ ହାରି ଟି-୨୦ ବିଶ୍ୱକପ୍ ଟ୍ରଫି ଜିତିବାରେ ଏହା ପ୍ରଥମ ଘଟଣା ହେବ। ୨୦୦୭ରୁ ଖେଳାଯାଇଥିବା ଟି-୨୦ ବିଶ୍ୱକପ୍‌ର ୮ଟି ସଂସ୍କରଣରେ ଯେଉଁ ଦଳ ଚାମ୍ପିଅନ ହୋଇଛନ୍ତି ସେମାନେ ଅତିକମ୍‌ରେ ଗୋଟିଏ ମ୍ୟାଚରେ ପରାଜୟବରଣ କରିଛନ୍ତି। କିନ୍ତୁ ଚଳିତ ୯ମ ସଂସ୍କରଣରେ ଉଭୟ ଭାରତ ଓ ଦକ୍ଷିଣ ଆଫ୍ରିକା ବର୍ତ୍ତମାନ ସୁଦ୍ଧା ଗୋଟିଏ ହେଲେ ମ୍ୟାଚ୍ ହାରିନାହାନ୍ତି। ତେଣୁ ପ୍ରଥମଥର ଲାଗି ଟି-୨୦ ବିଶ୍ୱକପ୍‌ରେ ଏକ ନୂଆ ଘଟଣା ଦେଖିବାକୁ ମିଳିବ।

### ଖେଳାଳି ତାଲିକା

**ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ହାର୍ଦ୍ଦିକ ପାଣ୍ଡ୍ୟା (ଉପ- ଅଧିନାୟକ), ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ଋଷଭ ପନ୍ତ, ଶିବମ୍ ଦୁବେ, ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ଅର୍ଶଦୀପ ସିଂ, ଯଶପ୍ରୀତ ବୁମ୍‌ରା, ମହମ୍ମଦ ସିରାଜ, ସଞ୍ଜୁ ସାମସନ, ଯଶସ୍ୱୀ ଜୟସ୍ୱାଲ ।

**ଦକ୍ଷିଣ ଆଫ୍ରିକା ଦଳ:** ଆଇଡେନ ମାର୍କରାମ (ଅଧିନାୟକ), ଓଟନିଲ ବାର୍ଟମ୍ୟାନ, ଗେରାଲ୍ଡ କୋଏର୍ଜି, କ୍ୱିଣ୍ଟନ ଡିକକ, ବିଜୋର୍ଣ୍ଣ ଫର୍ଚୁନ, ରିଜା ହେଣ୍ଡ୍ରିକ୍ସ, ମାର୍କୋ ଜାନସେନ, ହେନେରିଚ କ୍ଲାସେନ, କେଶବ ମହାରାଜ, ଡେଭିଡ୍ ମିଲର, ଅନରିଜ ନୋର୍ଜେ, କାଗିସୋ ରାବାଡ଼ା, ରିୟାନ ରିକ୍ଲେଟୋନ, ତାବରେଜ ସାମସି ଓ ଟ୍ରିଷ୍ଟାନ ଷ୍ଟବ୍ସ।

### ଭାରତ ସପକ୍ଷରେ ରେକର୍ଡ

ଭାରତ ଓ ଦକ୍ଷିଣ ଆଫ୍ରିକା ଏପର୍ଯ୍ୟନ୍ତ ୨୬ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି। ଏଥିରେ ଭାରତ ୧୪ଟିରେ ବିଜୟୀ ହୋଇଥିବା ବେଳେ ଦକ୍ଷିଣ ଆଫ୍ରିକା ୧୧ରେ ବାଜି ମାରିଛି। ଗୋଟିଏ ମ୍ୟାଚ୍ ଟାଇ ରହିଛି। ସେହିଭଳି ବାର୍ବାଡୋସରେ ଭାରତ ମାତ୍ର ୩ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ ହାସଲ କରିଥିବା ବେଳେ ୨ଟିରେ ପରାସ୍ତ ହୋଇଛି। ଏଠାରେ ଭାରତ ଗୁରୁବାର ସୁପର-୮ରେ ୪୭ ରନରେ ଆଫଗାନିସ୍ତାନକୁ ହରାଇଥିଲା।

### ୨୫୦ ମିନିଟର ଅତିରିକ୍ତ ସମୟ

ଫାଇନାଲ ମୁକାବିଲାରେ ବର୍ଷା ହେବାର ଆଶଙ୍କା ରହିଛି। ଭାରତ ଓ ଇଂଲଣ୍ଡ ମଧ୍ୟରେ ଅନୁଷ୍ଠିତ ସେମିଫାଇନାଲରେ ବର୍ଷା ଯେମିତି ବାରମ୍ବାର ବାଧା ପହଞ୍ଚାଇଥିଲା ଏଠାରେ ମଧ୍ୟ ସମାନ ସ୍ଥିତି ଉପୁଜିପାରେ। ବର୍ଷା ଲାଗି ଫାଇନାଲ ମ୍ୟାଚ୍ ବାଧାପ୍ରାପ୍ତ ହେଲେ ଆଇସିସି ପକ୍ଷରୁ କୌଣସି ରିଜର୍ଭ ଡେ ବ୍ୟବସ୍ଥା ରଖାଯାଇନାହିଁ। ସେମିଫାଇନାଲ ଭଳି ଅତିରିକ୍ତ ୨୫୦ ମିନିଟ୍‌ର ସମୟ ଫାଇନାଲ ମ୍ୟାଚ ଲାଗି ଆଇସିସି ବନ୍ଦୋବସ୍ତ କରିଛି। ମ୍ୟାଚ୍ ୪ ଘଣ୍ଟା ୧୦ ମିନିଟ୍ ବିଳମ୍ବ ପରେ ଆରମ୍ଭ ହେଲେ ମଧ୍ୟ ସମ୍ପୂର୍ଣ୍ଣ ୨୦ ଓଭର ବିଶିଷ୍ଟ ଖେଳାଯିବ ବୋଲି ଆଇସିସି ପକ୍ଷରୁ କୁହାଯାଇଛି।

### ଫାଇନାଲ ପଥରେ...

**ଭାରତ**

**ଗ୍ରୁପ୍ ପର୍ଯ୍ୟାୟ**
- ଆୟର୍ଲାଣ୍ଡ ବିପକ୍ଷରେ ୮ ୱିକେଟ୍‌ରେ ବିଜୟୀ
- ପାକିସ୍ତାନ ବିପକ୍ଷରେ ୬ ରନରେ ବିଜୟୀ
- ଆମେରିକା ବିପକ୍ଷରେ ୭ ୱିକେଟ୍‌ରେ ବିଜୟୀ
- କାନାଡା ବିପକ୍ଷରେ ମ୍ୟାଚ୍ ବାତିଲ

**ସୁପର୍-୮ ପର୍ଯ୍ୟାୟ**
- ଆଫଗାନିସ୍ତାନ ବିପକ୍ଷରେ ୪୭ ରନରେ ବିଜୟୀ
- ବାଂଲାଦେଶ ବିପକ୍ଷରେ ୫୦ ରନରେ ବିଜୟୀ
- ଅଷ୍ଟ୍ରେଲିଆ ବିପକ୍ଷରେ ୨୪ ରନରେ ବିଜୟୀ

**ସେମିଫାଇନାଲ**
- ଇଂଲଣ୍ଡ ବିପକ୍ଷରେ ୬୮ ରନରେ ବିଜୟୀ

**ଦକ୍ଷିଣ ଆଫ୍ରିକା**

**ଗ୍ରୁପ୍ ପର୍ଯ୍ୟାୟ**
- ଶ୍ରୀଲଙ୍କା ବିପକ୍ଷରେ ୬ ୱିକେଟ୍‌ରେ ବିଜୟୀ
- ନେଦରଲାଣ୍ଡସ ବିପକ୍ଷରେ ୪ ୱିକେଟ୍‌ରେ ବିଜୟୀ
- ବାଂଲାଦେଶ ବିପକ୍ଷରେ ୪ ରନରେ ବିଜୟୀ
- ନେପାଳ ବିପକ୍ଷରେ ୧ ରନରେ ବିଜୟୀ

**ସୁପର୍-୮ ପର୍ଯ୍ୟାୟ**
- ଆମେରିକା ବିପକ୍ଷରେ ୧୮ ରନରେ ବିଜୟୀ
- ଇଂଲଣ୍ଡ ବିପକ୍ଷରେ ୭ ରନରେ ବିଜୟୀ
- ୱେଷ୍ଟଇଣ୍ଡିଜ ବିପକ୍ଷରେ ଡିଏଲ୍‌ଏଲରେ ୩ ୱିକେଟ୍‌ରେ ବିଜୟୀ

**ସେମିଫାଇନାଲ**
- ଆଫଗାନିସ୍ତାନ ବିପକ୍ଷରେ ୯ ୱିକେଟ୍‌ରେ ବିଜୟୀ

## ଦ୍ରାବିଡ୍‌ଙ୍କ ଲାଗି ବିଶ୍ୱକପ୍ ହେବ ବିଦାୟୀ ଭେଟି



**ବାର୍ବାଡୋସ୍,୨୮ ।୬(ଏଜେନ୍ସି):** ଟି-୨୦ ବିଶ୍ୱକପ୍ ଫାଇନାଲ ଖେଳାଯିବା ପରେ ଭାରତୀୟ କ୍ରିକେଟ ଦଳର ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡ୍ କାର୍ଯ୍ୟକାଳ ଶେଷ ହେବ। ଭାରତ ବିଶ୍ୱକପ୍ ଟ୍ରଫି ଜିତି ଦ୍ରାବିଡ୍‌ଙ୍କୁ ଏହି ବହୁମୂଲ୍ୟ ବିଦାୟୀ ଉପହାର ଦେବା ଲକ୍ଷ୍ୟରେ ରହିଛି। ଦ୍ରାବିଡଙ୍କ ତତ୍ତ୍ୱାବଧାନରେ ଭାରତ ଘରୋଇ ପରିବେଶରେ ୨୦୨୩ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ପରାସ୍ତ ହୋଇ ରନର୍ସଅପ୍ ହୋଇଥିଲା। ଏଥର ଭାରତ କିନ୍ତୁ ଏହି ତ୍ରୁଟି ନ ଦୋହରାଇ ବାଜି ମାରିବା ଲକ୍ଷ୍ୟରେ ରହିଛି। ଦ୍ରାବିଡ୍‌ଙ୍କ ତତ୍ତ୍ୱାବଧାନରେ ଭାରତ ୩ଟି ଫର୍ମାଟରେ ଦମ୍‌ଦାର ପ୍ରଦର୍ଶନ କରି ନଂ ୧ ସ୍ଥାନ ଅଧିକାର କରିଛି। ତେବେ ମୋ ପାଇଁ ଭାରତ ଏହି ବିଶ୍ୱକପ୍ ଜିତୁ ବୋଲି ଚାହୁଁ ନଥିବା କଥା ଦ୍ରାବିଡ କହିଛନ୍ତି। କୌଣସି ଜଣେ ବ୍ୟକ୍ତିଙ୍କ ପାଇଁ ବିଶ୍ୱକପ୍ ଟ୍ରଫଇ ଜିତିବାର ଆବଶ୍ୟକତା ନାହିଁ। ବରଂ ଏହା ଦେଶ ଓ ଦଳ ପାଇଁ ଜିତିବାର ଆବଶ୍ୟକତା ରହିଛି ବୋଲି ୫୧ ବର୍ଷୀୟ ଦ୍ରାବିଡ କହିଛନ୍ତି। ଭାରତ ଫାଇନାଲରେ ଦକ୍ଷିଣ ଆଫ୍ରିକୁ ହରାଇ ଦ୍ୱିତୀୟଥର ପାଇଁ ଚାମ୍ପିଅନ ହେବାନେଇ ଦ୍ରାବିଡ ଆଶାବାଦୀ ଅଛନ୍ତି।

## ଥମ୍ପସନ-ହେରା ଅଲିମ୍ପିକ୍ସରୁ ଆଉଟ୍

**ଜାମାଇକା, ୨୮ ।୬ (ଏଜେନ୍ସି):** ଗୋଇଠିରେ ଆଘାତଜନିତ କାରଣରୁ ପାଞ୍ଚଥରର ଅଲିମ୍ପିକ ଚାମ୍ପିଅନ ଜାମାଇକାର ତାରକା ଧାବିକା ଥମ୍ପସନ-ହେରା ଆଗାମୀ ପ୍ୟାରିସ ଅଲିମ୍ପିକ୍ସରୁ ଆଉଟ୍ ହୋଇଛନ୍ତି। ଚଳିତ ମାସ ୯ରେ ନ୍ୟୁୟର୍କ ସିଟି ଗ୍ରାଁପ୍ରି ସମୟରେ ୩୧ ବର୍ଷୀୟା ଥମ୍ପସନ ଆଘାତ ପାଇଥିଲେ। ପ୍ୟାରିସ ଅଲିମ୍ପିକ୍ସରୁ ଓହରିଯାଇଥିବା ନେଇ ଗୁରୁବାର ସେ ସାମାଜିକ ଗଣମାଧ୍ୟମ ଜରିଆରେ ସୂଚନା ଦେଇଛନ୍ତି। ଥମ୍ପସନ ଗତ ୨ଟି (୨୦୧୬ ଓ ୨୦୨୦) ଅଲିମ୍ପିକ୍ସରେ ଉଭୟ ମହିଳା ୧୦୦ ଓ ୨୦୦ ମିଟରରେ ଚାମ୍ପିଅନ ରହିଛନ୍ତି। ଉସେନ ବୋଲ୍ଟଙ୍କ ପରେ ସେ ୨ୟ ଧାବକ ଭାବେ ଥମ୍ପସନ କ୍ରମାଗତ ୨ଟି ଅଲିମ୍ପିକ୍ସ ସଂସ୍କରଣରେ ଉଭୟ ୧୦୦ ଓ ୨୦୦ ମିଟର ରେସରେ ଟାଇଟଲ୍ ଜିତିବାର ସୌଭାଗ୍ୟ ଲାଭ କରିଥିଲେ। ପ୍ୟାରିସରେ ସେ କେବଳ ୧୦୦ ମିଟର ରେସରେ ଭାଗନେଇଥାନ୍ତେ। ତେବେ ଆଘାତ ହୋଇ ବାଦ୍ ପଡ଼ିବା ପରେ ଏବେ ତାଙ୍କର ୧୦୦ ମିଟରରେ ଟାଇଟଲ୍ ବଜାୟ ରଖିବା ସ୍ୱପ୍ନ ଅଧୁରା ରହିଯାଇଛି।

## ୧୧ ବର୍ଷ ପରେ ଆଇସିସି ଟ୍ରଫି ଜିତିବାକୁ ଲକ୍ଷ୍ୟ

**ବାର୍ବାଡସ୍, ୨୮ ।୬ (ଏଜେନ୍ସି):** ଚଳିତ ଟି-୨୦ ବିଶ୍ୱକପ୍ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ଭାରତ ଦୀର୍ଘ ୧୧ ବର୍ଷ ପରେ କୌଣସି ଆଇସିସି ଟ୍ରଫି ଜିତିବା ଲକ୍ଷ୍ୟରେ ରହିଛି। ତେଣୁ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ନିକଟରେ ପୁଣି ଏକ ସୁଯୋଗ ଉପନୀତ ହୋଇଛି। ଭାରତ ଶେଷଥର ଲାଗି ୨୦୧୩ରେ ଆଇସିସି ଚାମ୍ପିଅନ୍ସ ଟ୍ରଫି ଜିତିଥିଲା। ଏହା ହିଁ ଟିମ୍ ଇଣ୍ଡିଆର ଶେଷ ଆଇସିସି ଟ୍ରଫି ବିଜୟ ଥିଲା। ଇତିମଧ୍ୟରେ ଗତ ୧୧ ବର୍ଷ ମଧ୍ୟରେ ଭାରତ ୯ଟି ଆଇସିସି ଇଭେଣ୍ଟର ନକ୍‌ଆଉଟ୍‌ରୁ ହାରି ବିଦାୟ ନେଇଛି। ଏହି ପରାଜୟଧାରାରେ ବ୍ରେକ୍ ଲଗାଇବାକୁ ରୋହିତ୍ ସେନା ଲକ୍ଷ୍ୟ ରଖିଛି।

### ଆଇସିସି ନକ୍‌ଆଉଟ୍ ମ୍ୟାଚରେ ଭାରତ (୨୦୧୪ ପରଠାରୁ)

| ଇଭେଣ୍ଟ | ମ୍ୟାଚ୍ | ଫଳାଫଳ |
|---|---|---|
| ୨୦୧୪ ଟି-୨୦ ବିଶ୍ୱକପ୍ | ଫାଇନାଲ | ଶ୍ରୀଲଙ୍କାଠାରୁ ପରାସ୍ତ |
| ୨୦୧୫ ଦିନିକିଆ ବିଶ୍ୱକପ୍ | ସେମିଫାଇନାଲ | ଅଷ୍ଟ୍ରେଲିଆଠାରୁ ପରାସ୍ତ |
| ୨୦୧୬ ଟି-୨୦ ବିଶ୍ୱକପ୍ | ସେମିଫାଇନାଲ | ୱେଷ୍ଟଇଣ୍ଡିଜଠୁ ପରାସ୍ତ |
| ୨୦୧୭ ଚାମ୍ପିଅନ୍ସ ଟ୍ରଫି | ଫାଇନାଲ | ପାକିସ୍ତାନଠାରୁ ପରାସ୍ତ |
| ୨୦୧୯ ଦିନିକିଆ ବିଶ୍ୱକପ୍ | ସେମିଫାଇନାଲ | ନ୍ୟୁଜିଲାଣ୍ଡଠୁ ପରାସ୍ତ |
| ୨୦୨୧ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ | ଫାଇନାଲ | ନ୍ୟୁଜିଲାଣ୍ଡଠୁ ପରାସ୍ତ |
| ୨୦୨୨ ଟି-୨୦ ବିଶ୍ୱକପ୍ | ସେମିଫାଇନାଲ | ଇଂଲଣ୍ଡଠାରୁ ପରାସ୍ତ |
| ୨୦୨୩ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ | ଫାଇନାଲ | ଅଷ୍ଟ୍ରେଲିଆଠୁ ପରାସ୍ତ |
| ୨୦୨୩ ଦିନିକିଆ ବିଶ୍ୱକପ୍ | ଫାଇନାଲ | ଅଷ୍ଟ୍ରେଲିଆଠାରୁ ପରାସ୍ତ |



### ୟୁରୋକପ୍ ଫୁଟବଲ୍

## ଆଜିଠାରୁ ପ୍ରି-କ୍ୱାର୍ଟର ପର୍ଯ୍ୟାୟ

**ବର୍ଲିନ,୨୮ ।୬(ଏଜେନ୍ସି):** ଜର୍ମାନୀରେ ଚାଲିଥିବା ୟୁରୋକପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ୧୭ତମ ସଂସ୍କରଣର ରାଉଣ୍ଡ ଅଫ୍ ୧୬ ଅର୍ଥାତ ପ୍ରି- କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ସ୍ପଷ୍ଟ ହୋଇଛି। ଶନିବାରଠାରୁ ୟୁରୋପ୍ ମହାଦେଶର ସର୍ବବୃହତ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରି-କ୍ୱାର୍ଟର ପର୍ଯ୍ୟାୟ ଆରମ୍ଭ ହେବ। ଶନିବାର ପ୍ରଥମ ମୁକାବିଲାରେ ସ୍ୱିଜରଲାଣ୍ଡ ଓ ଇଟାଲୀ ପରସ୍ପରକୁ ଭେଟିବେ। ସେହିପରି ଦ୍ୱିତୟ ମୁକାବିଲାରେ ଆୟୋଜକ ଜର୍ମାନୀ ଓ ଡେନମାର୍କ ମୁହାଁମୁହିଁ ହେବେ। ନକ୍‌ଆଉଟରେ ପ୍ରବେଶ କରିଥିବା ଅନ୍ୟ ଦଳଗୁଡିକ ହେଲେ ଇଂଲଣ୍ଡ- ସ୍ଲୋଭାକିଆ, ସ୍ପେନ୍- ଜର୍ଜିଆ, ଫ୍ରାନ୍ସ- ବେଲଜିୟମ, ପର୍ତ୍ତୁଗାଲ- ସ୍ଲୋଭେନିଆ, ରୋମାନିଆ- ନେଦରଲାଣ୍ଡସ ଓ ଅଷ୍ଟ୍ରିଆ- ତୁର୍କୀ।

### ଇଟାଲୀ, ଜର୍ମାନୀ ଫେବରାଇଟ୍

ସ୍ୱିଜରଲାଣ୍ଡ ବିପକ୍ଷରେ ଡିଫେଣ୍ଡିଂ ଚାମ୍ପିଅନ ଇଟାଲୀ ଫେବରାଇଟ୍ ବିବେଚିତ ହେଉଛି। ଗ୍ରୁପ୍ ଏ'ରେ ସ୍ୱିଜରଲାଣ୍ଡ ୩ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ ଓ ଦୁଇଟି ଡ୍ର ସହ ୫ ପଏଣ୍ଟ ହାସଲ କରି ଦ୍ୱିତୀୟସ୍ଥାନରେ ରହି ଅଗ୍ରଗତି କରିଛି। ସେହିପରି ଗ୍ରୁପ୍ ବି'ରେ ଇଟାଲୀ ୩ଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ, ଡ୍ର ଓ ପରାଜୟ ସହ ୪ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହି ପ୍ରି-କ୍ୱାର୍ଟରକୁ ଉଠିଛି। ପୂର୍ବରୁ ଇଟାଲୀ ଓ ସ୍ୱିଜରଲାଣ୍ଡ ୬୦ଥର ଭେଟିଛନ୍ତି। ଏଥିରେ ଇଟାଲୀ ୨୯ଥର ଓ ସ୍ୱିଜରଲାଣ୍ଡ ୭ଥର ବିଜୟୀ ହୋଇଛି ଓ ୨୪ଟି ମ୍ୟାଚ୍ ଡ୍ର ରହିଛି। ଦ୍ୱିତୀୟ ମୁକାବିଲାରେ ଡେନମାର୍କ ବିପକ୍ଷରେ ଜର୍ମାନୀ ଫେବରାଇଟ୍ ବିବେଚିତ ହେଉଛି। ଗ୍ରୁପ୍ ଏ'ରେ ଜର୍ମାନୀ ୩ ମ୍ୟାଚ୍ ଖେଳି ୨ ବିଜୟ, ୧ ଡ୍ର ସହ ୭ ପଏଣ୍ଟ ପାଇ ଶୀର୍ଷ ସ୍ଥାନରେ ରହି ରାଉଣ୍ଡ ଅଫ୍-୧୬କୁ ଉଠିଛି। ସେହିପରି ଗ୍ରୁପ୍ ସି'ରେ ଡେନମାର୍କ ୩ଟି ଯାକ ମ୍ୟାଚ୍ ଡ୍ର ରଖି ୩ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହି ଅଗ୍ରଗତି କରିଛି। ଜର୍ମାନୀ ଓ ଡେନମାର୍କ ପରସ୍ପରକୁ ୨୯ଥର ଭେଟିଛନ୍ତି। ଏଥିରେ ଜର୍ମାନୀ ୧୫ଥର ଓ ଡେନମାର୍କ ୫ଥର ବିଜୟୀ ହୋଇଥିବା ବେଳେ ୮ଟି ମ୍ୟାଚ୍ ଡ୍ର ରହିଛି।

### ଆଜିର ୟୁରୋକପ୍ ମୁକାବିଲା

- ସ୍ୱିଜରଲାଣ୍ଡ-ଇଟାଲୀ । ସ୍ଥାନ:ବର୍ଲିନ । ସମୟ: ରାତି ୯.୩୦
- ଜର୍ମାନୀ- ଡେନମାର୍କ । ସ୍ଥାନ: ଡର୍ଟମଣ୍ଡ। ସମୟ: ରାତି ୧୨.୩୦

ପ୍ରସାରଣ -: ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ

### କାଲିଠାରୁ ବାରବାଟୀରେ ଓସିଏଲ୍

# ଉଦ୍‌ଘାଟନୀରେ ଟାଇଗର୍ସଙ୍କୁ ଭେଟିବ ଲାୟନ୍ସ



**ଭୁବନେଶ୍ୱର, ୨୮ ।୬ (ସମିସ):** ଓଡ଼ିଶା କ୍ରିକେଟ୍‌ପ୍ରେମୀଙ୍କ ଲାଗି ଖୁସି ଖବର। ରବିବାର (ଜୁନ ୩୦)ଠାରୁ ବାରବାଟୀ ଷ୍ଟାଡିୟମରେ ଓଡ଼ିଶା କ୍ରିକେଟ୍ ଲିଗ୍ (ଓସିଏଲ୍) ଆରମ୍ଭ ହେବାକୁ ଯାଉଛି। ୬ ଗୋଟି ଦଳ ମଧ୍ୟରେ ଟ୍ରଫି ପାଇଁ ଲଢ଼େଇ ହେବ। ଜୁଲାଇ ୧୭ରେ ଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି ଆୟୋଜକ ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ପକ୍ଷରୁ ଶୁକ୍ରବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।

ଓସିଏଲ୍‌ର ଚଳିତ ସଂସ୍କରଣରେ ଅଂଶଗ୍ରହଣ କରିବାକୁ ଥିବା ୬ଟି ଦଳକୁ ଯଥାକ୍ରମେ ଓଡ଼ିଶା ଲାୟନ୍ସ, ଓଡ଼ିଶା ଟାଇଗର୍ସ, ଓଡ଼ିଶା ଜାଗୁଅର୍ସ, ଓଡ଼ିଶା ପୁମାସ୍, ଓଡ଼ିଶା ପାନ୍ଥର୍ସ ଓ ଓଡ଼ିଶା ଚିତାସ୍ ନାମରେ ନାମିତ କରାଯାଇଛି। ଶାନ୍ତନୁ ମିଶ୍ର ଓଡ଼ିଶା ଜାଗୁଅର୍ସର, ସନ୍ଦୀପ ପଟ୍ଟନାୟକ ପାନ୍ଥର୍ସର, ସୂର୍ଯ୍ୟକାନ୍ତ ପ୍ରଧାନ ଲାୟନ୍ସର, ବିପ୍ଳବ ସାମନ୍ତରାୟ ଚିତାସ୍‌ର, କାର୍ତ୍ତିକ ବିଶ୍ୱାଳ ପୁମାସ୍‌ର ଓ ରାକେଶ ପଟ୍ଟନାୟକଙ୍କୁ ଓଡ଼ିଶା ଟାଇଗର୍ସର ନେତୃତ୍ୱ ଭାର ପ୍ରଦାନ କରାଯାଇଛି। ଡବଲ୍-ଲେଗ୍ ଫର୍ମାଟ୍‌ରେ ମ୍ୟାଚ୍ ଖେଳାଯିବ। ଅର୍ଥାତ୍ ପ୍ରତି ଦଳ ପରସ୍ପର ବିପକ୍ଷରେ ଦୁଇଥର ଲେଖାଏ ଖେଳିବେ। ଏହାପରେ ଶ୍ରେଷ୍ଠ ୪ଟି ଦଳ ସେମିଫାଇନାଲକୁ ପ୍ରବେଶ କରିବେ। ଜୁଲାଇ ୧୪ ଓ ୧୫ରେ ଯଥାକ୍ରମେ ଦୁଇଟି ଯାକ ସେମିଫାଇନାଲ ଏବଂ ୧୭ରେ ଫାଇନାଲ ଖେଳାଯିବ। ଫାଇନାଲକୁ ମିଶାଇ ପ୍ରତିଯୋଗିତାରେ ମୋଟ୍ ୩୩ ମ୍ୟାଚ୍ ଅନୁଷ୍ଠିତ ହେବ। ସମସ୍ତ ମ୍ୟାଚ୍ ବାରବାଟୀ ଷ୍ଟାଡିୟମରେ ହିଁ ଅନୁଷ୍ଠିତ ହେବ। ଦିନକୁ ୩ଟି ମ୍ୟାଚ୍ ଯଥାକ୍ରମେ ସକାଳ ୯ଟା ୩୦, ଅପରାହ୍ଣ ୨ଟା ଓ ସନ୍ଧ୍ୟା ୬ଟା ୩୦ରେ ଫ୍ଲଡ୍ ଲାଇଟ୍‌ରେ ମ୍ୟାଚ୍ ଖେଳାଯିବ ବୋଲି ଜଣାପଡ଼ିଛି। ଏମ୍‌ଜିଏମ୍ ମିନେରାଲ୍ସ ଓସିଏଲ୍-୨୦୨୪ର ପ୍ରାୟୋଜକ ରହିଛି। ପ୍ରତ୍ୟେକ ମ୍ୟାଚର ଶ୍ରେଷ୍ଠ ଖେଳାଳି (୫ ହଜାର ଟଙ୍କା), ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି (୩୦ ହଜାର ଟଙ୍କା), ପ୍ରତିଯୋଗିତାର ଶ୍ରେଷ୍ଠ ବୋଲର ଓ ବ୍ୟାଟର୍ (୨୦ ହଜାର ଟଙ୍କା)ଙ୍କୁ ଆର୍ଥିକ ପୁରସ୍କାର ଏମ୍‌ଜିଏମ୍ ପକ୍ଷରୁ ପ୍ରଦାନ କରାଯିବ। ସର୍ବାଧିକ ରନ ସ୍କୋରର ଓ ୱିକେଟ୍ ହାସଲକାରୀଙ୍କୁ ରେଡ୍ ଓ ଗ୍ରୀନ କ୍ୟାପ୍ ଦିଆଯିବ।

ସେହିଭଳି ଆଇପିଏଲ୍‌ରେ ଲାଗୁ ହୋଇଥିବା 'ଇମ୍ପାକ୍ଟ ପ୍ଲେୟର ରୁଲ୍' ଓ ଡିସିସନ ରିଭ୍ୟୁ ସିଷ୍ଟମ ନିୟମ ମଧ୍ୟ ଓସିଏଲ୍‌ରେ ଦେଖିବାକୁ ମିଳିବ। ସମସ୍ତ ମ୍ୟାଚର ସିଧାର ପ୍ରସାରଣ ବ୍ୟବସ୍ଥା ଓସିଏ ପକ୍ଷରୁ ବନ୍ଦୋବସ୍ତ କରାଯାଇଛି। ଓସିଏ ୟୁଟ୍ୟୁବ ଚ୍ୟାନେଲ ଓ ଫେସବୁକ୍ ପେଜ୍‌ରେ ମ୍ୟାଚର ସିଧା ପ୍ରସାରଣ ପ୍ରଶଂସକ ଦେଖିପାରିବେ। ଶୁକ୍ରବାର ଓସିଏ କନଫରେନ୍ସ ହଲ୍‌ରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଓସିଏ ଉପସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା, ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ ସିଇଓ ସୁବ୍ରତ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ।

### ରବିବାର ଖେଳସୂଚୀ

୧- ଓଡ଼ିଶା ଲାୟନ୍ସ-ଓଡ଼ିଶା ଟାଇଗର୍ସ, ସକାଳ ୯ଟା ୩୦
୨- ଓଡ଼ିଶା ଜାଗୁଅର୍ସ-ଓଡ଼ିଶା ଚିତାସ୍, ଅପରାହ୍ଣ ୨ଟା
୩- ଓଡ଼ିଶା ପୁମାସ୍-ଓଡ଼ିଶା ପାନ୍ଥର୍ସ, ସନ୍ଧ୍ୟା ୬ଟା ୩୦

ପ୍ରସାରଣ -: ଓସିଏ ୟୁଟ୍ୟୁବ୍ ଓ ଫେସ୍‌ବୁକ୍ ପେଜ୍

### ଦଳ ଓ ଅଧିନାୟକ

| | |
|---|---|
| ଓଡ଼ିଶା ଚିତାସ୍ | ବିପ୍ଳବ ସାମନ୍ତରାୟ |
| ଓଡ଼ିଶା ଲାୟନ୍ସ | ସୂର୍ଯ୍ୟକାନ୍ତ ପ୍ରଧାନ |
| ଓଡ଼ିଶା ଜାଗୁଅର୍ସ | ଶାନ୍ତନୁ ମିଶ୍ର |
| ଓଡ଼ିଶା ପାନ୍ଥର୍ସ | ସନ୍ଦୀପ ପଟ୍ଟନାୟକ |
| ଓଡ଼ିଶା ଟାଇଗର୍ସ | ରାକେଶ ପଟ୍ଟନାୟକ |
| ଓଡ଼ିଶା ପୁମାସ୍ | କାର୍ତ୍ତିକ ବିଶ୍ୱାଳ |

### ସଂକ୍ଷେପରେ ଓସିଏଲ୍- ୨୦୨୪

- ଜୁନ ୩୦ରୁ ଆରମ୍ଭ, ଜୁଲାଇ ୧୭ରେ ଫାଇନାଲ
- ୬ ଦଳ ମଧ୍ୟରେ ଡବଲ୍-ଲେଗ୍ ଫର୍ମାଟ୍
- ବାରବାଟୀରେ ଖେଳାଯିବ ସମସ୍ତ ମ୍ୟାଚ୍
- ପ୍ରତ୍ୟେକ ମ୍ୟାଚର ଶ୍ରେଷ୍ଠ ଖେଳାଳି- ୫ ହଜାର ଟଙ୍କା
- ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ- ୩୦ ହଜାର ଟଙ୍କା

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA